Split by PDF Splitter

ORISSA STATE ARCHIVES

ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୨ ସଂଖ୍ୟା ... ସନ ୧୯୦୯ ମସିହା ... ତା ୨୯ ପୌଷ ୧୩ ୧୯୦୨ ସାଲ ... { ଅଗ୍ରିମ ... ଟ ୩ | ପଶ୍ଚାଦେୟ ... ଟ ୩୮ }

ବିଜ୍ଞାପନ ।

... ଚନ୍ଦ୍ରିକା ।

... ସନ ୧୩୦୭ ଓ ୧୩୦୮ ... ୧୯୦୦ ଓ ୧୯୦୧ ମୁଦ୍ରିତ ... ଦ୍ୱାରା ପ୍ରକାଶିତ ହୋଇ ...

... ୧ ।

... ୫ ୨ ୧୨

... ଡାକମାସୁଲ ୫ ୦ /

... ଦେଲେ ... ସେମାନେ ...

... ପଠାଯିବ ।

ଶ୍ରୀ ଗୌରୀଶଙ୍କର ରାୟ

ସେକ୍ରେଟରୀ

... ଗତ ... ସନ ୧୮୯୫ ସାଲ ... ନୂତନବର୍ଷରେ ... ଯାହାଙ୍କ କୃପାରେ ... ଭ୍ରମଣ କରୁଅଛି ... ଚରଣରେ ପ୍ରେମ ଓ ... ଦେଇ ... ନବବର୍ଷରେ ପ୍ରଥମ ... ଗ୍ରାହକ, ଅନୁଗ୍ରାହକ, ... ବନ୍ଧୁମାନଙ୍କର ଅଶେଷ ମଙ୍ଗଳ ... ନବବର୍ଷ ସେମାନଙ୍କୁ ନବ ...

ଯୁଦ୍ଧ ପ୍ରଦାନ କରୁ ଏବଂ ଅମ୍ଭମାନଙ୍କ ପ୍ରତି ସେଉ ... ଜାହା ସ୍ଥିର ରହୁ ! ସେମାନଙ୍କ ସାହାଯ୍ୟ ଓ ... ଅମ୍ଭେମାନେ ... ମାତୃସେବାରେ ଅଭିବାଞ୍ଛିତ ... ବାକୁ ସମର୍ଥ ହେବାକୁ ... ମଙ୍ଗଳ ... ବାଦ ଦେଉଅଛୁଁ ।

ସରକାରୀ ରିପୋର୍ଟରୁ ପ୍ରକାଶ ଯେ ... ଲାରେ ... ଧାନ ଫସଲ ହୋଇ ... ଯାହା ହୋଇଅଛି ତାହା ଗତ ପାଞ୍ଚବର୍ଷର ଫସଲରୁ ଅଧିକ ଏବଂ ମୋଟରେ ... ଊଣା ନୁହେ । ... ଗତବର୍ଷଠାରୁ ଧାନ ... ଏବଂ ସେଠାରେ ଫସଲ ... ହୋଇଅଛି ... ଅନ୍ୟତଃ ... ଦେଶାନ୍ତରକୁ ରପ୍ତାନୀ ହୋଇ ପାରନ୍ତି ।

ଉତ୍ତର ପଶ୍ଚିମ ଓ ଦକ୍ଷିଣ ବମ୍ବେଇ ଅଞ୍ଚଳରେ ଦୁର୍ଭିକ୍ଷ ବୃଦ୍ଧିରେ ଅଛି ଓ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ... ଅଧିକ ... ବର୍ତ୍ତମାନ ପ୍ରାୟ ... ଲକ୍ଷ ... ହୋଇଅଛି । ଏମାନଙ୍କ ସାହାଯ୍ୟ ... ପ୍ରାୟ ... ଲକ୍ଷ ଟଙ୍କା ... ରେ ଏ ସାଲ ଜାନୁଆରୀ ଶେଷ ଅର୍ଥାତ୍ ଆଗାମୀ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ... ଟଙ୍କା ... ହୋଇ-

ଯିବ । ଏହେତୁ ମହାମାନ୍ୟ ବଡ଼ଲାଟ ସାହେବ ... ପୂର୍ବତ ... ସହାୟ ... ଗବର୍ଣ୍ଣମେଣ୍ଟମାନଙ୍କୁ ଆଦେଶ କରିଅଛନ୍ତି ।

ଯୁଦ୍ଧ, ଦୁର୍ଭିକ୍ଷ ... ସମ୍ବାଦ ଏବେ ... ସେ ... ସର୍ବସାଧାରଣ ... ସମ୍ବାଦ ... ତାହାଙ୍କୁ ... ଅତଏବ ସରକାରୀ ... ଇଣ୍ଡିଆନ୍ ଗବର୍ଣ୍ଣମେଣ୍ଟ ... ଦ୍ୱାରା ... ଜଣାଇଦେଇଅଛନ୍ତି ଯେ କଲିକତା ଓ ... ମାନ୍ଦ୍ରାଜ ଏବଂ ରଙ୍ଗୁନ ... ଅର୍ଥାତ୍ 'ରଏଟର' ତାରସମ୍ବାଦ ... ଅତ୍ୟନ୍ତ ... ସମ୍ବାଦ ପଠାଇବାର ... ସେମାନେ ... ତାରସମ୍ବାଦ ... କରିବେ ...

... ଅନ୍ତର୍ଗତ ... ୫୦୦୦ ... ଟଙ୍କା ... ଜମା ହେବ ... ଏବଂ ... ଚିକିତ୍ସାଳୟରେ ... ହେବା ... ପ୍ରସ୍ତ-

Digitized by srujanika@gmail.com

Split by PDF Splitter

ପୋଷଣରେ ବ୍ୟସ୍ତ ହେବ ଏବଂ ତହିଁର ନାମ ହୃଷ୍ଟଚରଣ ପାଣ୍ଡି ହେବ । ମାନ୍ୟବର ବାବୁଙ୍କର ଦାତାଙ୍କୁ ଧନ୍ୟବାଦ ଦେଇ ଏ ବିଷୟ କଲିକତା ଗେଜେଟରେ ପ୍ରକାଶ କରିଅଛନ୍ତି ।

ଗଞ୍ଜାମ ଜିଲ୍ଲା ଷ୍ଟେସନ ରଘୁନାଥପୁରରେ ଉତ୍କଳମନୋରଞ୍ଜିନୀ ନାମକ ଗୋଟିଏ ସମାଜ ସଂସ୍ଥାପିତ ହୋଇଅଛି । ସମାଜର ଜଣେ ସଭ୍ୟଙ୍କ ପକ୍ଷରୁ ପ୍ରକାଶ ଯେ ତାଲୁକା ଲୋକେଲବୋର୍ଡ଼ ସେହି ଗ୍ରାମର ମିଡିଲସ୍କୁଲ ଉଠାଇ ଦେବାର ପ୍ରସ୍ତାବ କରିଥିଲେ ମାତ୍ର ସଭାର ଆବେଦନପତ୍ରାନୁସାରେ ଡିଷ୍ଟ୍ରିକ୍ଟବୋର୍ଡର ଡାଇରେକ୍ଟର ମହାଶୟ ବିଦ୍ୟାଳୟଟି ସେଠାରେ ଚଳାଇ ରଖିବାର ବନ୍ଦୋବସ୍ତ କରିଦେଇଅଛନ୍ତି । ସମାଜର ଗୃହ ନ ଥିବାରୁ ମହାରାଜା ଶ୍ରୀବୃନ୍ଦାବନ ଚନ୍ଦ୍ର ହରିଚନ୍ଦନ ଜଗଦେବ ବାହାଦୁର ଗୋଟିଏ ଗୃହ ନିର୍ମାଣ କରିଦେବାକୁ ଅଙ୍ଗୀକାର କରି ଏଥିମଧ୍ୟରେ କାର୍ଯ୍ୟାରମ୍ଭରେ ପ୍ରବୃତ୍ତ ହୋଇଅଛନ୍ତି । କଥିତ ଅଛି ଏହି ଶୁଭକାର୍ଯ୍ୟରେ କେହି ବାଧା ଘଟାଇବାକୁ ଚେଷ୍ଟା କରିଥିଲେ । ମାତ୍ର ରାଜା ! ହେବାବସ୍ତୁ ତହିଁରେ କର୍ଣ୍ଣପାତ କଲେ ନାହିଁ । ସମାଜର ହିତୈଷୀମାନେ ଅଂଶ ଦେବାରେ ବ୍ୟସ୍ତ ନ ହୋଇ କାର୍ଯ୍ୟ ଦେଖିଲେ ସେ ଲୋକଙ୍କ ଭ୍ରମ ଦୂର ହେବ ।

ବମେଇର ଏକ ତାରସମାଚାରୁ ଅବଗତ ହେବା ଅବଶେଷ ହେଲୁଁ ଯେ ପୁନାର ଜାତି ଗାଇ ନ୍ୟସ୍ତ ଯେଉଁମାନେ ନ ଜନା ବଗ୍ଗରେ ପ୍ରାୟ ଦୁଇବର୍ଷ ହେଲା ସ୍ୱଜାତିର ବନ୍ଦୀ ସ୍ୱରୂପ ଭଏଦ ହୋଇ ଶେଷରେ ବେଲଗାଁଓଠାରେ ନଜରବନ୍ଦରେ ରହିଥିଲେ ସେମାନେ ମୁକ୍ତି ଲାଭ କରି ଅଛନ୍ତି । ଗତ ମାସ ତା ୨୬ ରିଖରେ ବେଲଗାଁଓର କଲେକ୍ଟର ସେମାନଙ୍କୁ ଡକାଇ ଗବର୍ଣ୍ଣମେଣ୍ଟଙ୍କର ଅଦେଶ ଶୁଣାଇ ଦେଇ କହିଲେ ଯେ ସେମାନେ ମୁକ୍ତ ହେଲେ ଏବଂ ସେମାନଙ୍କର ସମ୍ପତ୍ତି ଫେରାଇ ଦିଆଯିବାର ଆଦେଶ ଦିଆଯାଇଅଛି । ଏହି ସମ୍ବାଦ ପ୍ରଚାର ହେବା ମାତ୍ରେ ବ୍ରାହ୍ମଣମାନେ ମାରୁତି ମନ୍ଦିରରେ ଏକ ବୃହତ ସଭା କରି ମହା ଉତ୍ସବରେ ନିଷ୍ଠାନ୍ନ ଭୋଜନ କଲେ । ନାତୁ ଭ୍ରାତୃମାନେ ସପତ୍ନୀକରେ ନିଜ ଗୃହ ପୁନାକୁ ଯାଇଅଛନ୍ତି ଏବଂ ସେଠା ଲୋକଙ୍କର ଆନନ୍ଦର ସୀମା ନାହିଁ । ବମ୍ବେର ଲାଟ ବାହାଦୁର ପଦ ତ୍ୟାଗ ପୂର୍ବେ ତାହାଙ୍କର ଗୋଟିଏ ଅତ୍ୟୁତ୍ତମ କାର୍ଯ୍ୟ କରି ସର୍ବସାଧାରଣଙ୍କର ପ୍ରୀତିଭାଜନ ହୋଇଅଛନ୍ତି । ଦଣ୍ଡ ଦେଇ କ୍ଷମା କରିବା ମହତ୍ତ୍ୱର ପରିଚାୟକ ।

ମିଃ ଉଇନ୍‌ଷ୍ଟନ ଚର୍ଚ୍ଚିଲଙ୍କୁ ବୁଅରମାନେ ବନ୍ଦୀ କରି ପ୍ରିଟୋରିଆ ଜେଲଖାନାରେ ରଖିଥିଲେ । ସେ ବଡ଼ କୌଶଳରେ ପଳାଇ ଆସିଅଛନ୍ତି । ବନ୍ଦୀମାନେ ପଛ ଫେରାଇବା ସମୟରେ ସେ ଚେଷ୍ଟା କରି ସଡ଼କରେ ଲୁଚି ରେଲଷ୍ଟେସନକୁ ଆସିଲେ ପ୍ରଥମ ଷ୍ଟେସନରୁ ବାହାର ଯାଇ କୌଣସିମତେ ଅତି କଷ୍ଟରେ ରେଲରେ ଉଠି କୋଇଲାବସ୍ତା ତଳେ ଲୁଚି ରହିଥିଲେ । ସକାଳ ହେବା ପୂର୍ବରୁ ରେଲରୁ ଓହ୍ଲାଇ ବନଯାଇ ଜଙ୍ଗଲରୁ ରୁଦାରେ ଲୁଚି ରହିଥିଲେ ଆଉ ରେଲ ନ ପାଇବାରୁ ଘଣ୍ଟରେ ଶୋଇବାକୁ ବାଧ ହୋଇଥିଲେ । ବାଟରେ କେବଳ ସଙ୍ଗରେ ଥିବା ଚକୋଲେଟ ଖାଦ୍ୟ ହୋଇଥିଲା । ଶତ୍ରୁ ହବଧ ମିଉଲବର୍ଗଠାରେ ଗୋଟିଏ ରେଲଗାଡ଼ି ପାଇବାରୁ ସେଥିରେ ଚଢ଼ି ଗୋଟିଏ କୋଠରୀର ଗଣ୍ଠିର ତଳେ ସ ୬୦ ଘଣ୍ଟା ପର୍ଯ୍ୟନ୍ତ ଅନାହାରରେ ରହି ଅବଶେଷରେ ଡେଲାଗୋଆବେରେ ପହଞ୍ଚିଥିଲେ । ସେଠାରେ ଶୁଣିଲେ ତାଙ୍କ ମତେ ବହୁ ବୁଅରମାନେ … ଜଣଙ୍କ ମୂଲ୍ୟରେ ଘୋଷଣା କରିଥିଲେ । ଏ ବାରିଷ୍ଟ ସମ୍ମାନ୍ୟ ନିର୍ଭେ ! ଇଂରାଜର … ଜଣିବା … ନୁହେ । ବୁଅର ସେନାର ଅନେକ ଗୁପ୍ତକଥା ଏ ମହାଶୟ ପ୍ରକାଶ କରୁଅଛନ୍ତି ।

ଟ୍ରାନ୍ସଭାଲ ଯୁଦ୍ଧ ସ୍ଥଳରେ ବର୍ତ୍ତମାନ ଯେଉଁ ସୈନ୍ୟଦଳ ଉପସ୍ଥିତ ଅଛନ୍ତି ସେମାନଙ୍କର ସଂଖ୍ୟା ୧୧୬୦୦୦ ଏବଂ ଘୋଡ଼ା ଓ ଖଚ୍ଚରଙ୍କ ସଂଖ୍ୟା ୫୧୦୦୦ ସମସ୍ତଙ୍କର ଚାରିମାସର ଖାଦ୍ୟ ସାମଗ୍ରୀ ସେଠାରେ ପ୍ରସ୍ତୁତ ରଖିବା ପାଇଁ ଇଂଲଣ୍ଡର ଯୁଦ୍ଧ ମହକୁମାରୁ ସ୍ଥିର ହୋଇ ସେ ସବୁ ଜିନିଷ ପଠା ଯାଉଅଛି । ଏତେଗୁଡ଼ିଏ ମନୁଷ୍ୟ ଓ ପଶୁର ଖାଦ୍ୟ ନିମନ୍ତେ କି ପରିମାଣ ଦ୍ରବ୍ୟର ଆବଶ୍ୟକ ତହିଁର ଅନୁମାନ ନିମ୍ନଲିଖିତ ତାଲିକାରୁ ପାଠକମାନେ ପାଇ ପାରିବେ । ଯଥା—ଟିଣରେ ମାଂସ ୧,୬୦,୦୦,୦୦୦ ପାଉଣ୍ଡ, ବିସ୍କୁଟ ସେହି ପରିମାଣ ମଇଦା ଖାଦ୍ୟ ସବୁ ୮୦୦୦୦୦ ପାଉଣ୍ଡ, ଚିନି ୭୦,୦୦,୦୦୦ ପାଉଣ୍ଡ, ଚାହା ୬୦,୦୦୦ ପାଉଣ୍ଡ, ମାଂସ ଓ ଶାକସବଜି ମିଶା ୬୫,୦୦,୦୦୦ ଟିନ । ଛଡ଼ା ଅନ୍ୟାନ୍ୟ ଖାଦ୍ୟ ଓ ଔଷଧର ପଥ ଅଛି । ପଶୁମାନଙ୍କ ନିମନ୍ତେ ୬୫,୦୦୦ ଟନ ଶୁଷ୍କ ଘାସ, ୩୧,୦୦୦ ଟନ ଦାନା ଏବଂ ୩୦,୦୦… ଭୂଷି ଅନ୍ୟାନ୍ୟ ଦ୍ରବ୍ୟ ସଙ୍ଗେ ଚାଲାଣ ହୋଇଅଛି । ଏହି ସମସ୍ତ ଦ୍ରବ୍ୟର ମୂଲ୍ୟ ଏବଂ ଇଂଲଣ୍ଡରୁ ଦକ୍ଷିଣ ଆଫ୍ରିକା ପର୍ଯ୍ୟନ୍ତ ଜାହାଜ ଭଡ଼ା ମନେ କଲେ ଯୁଦ୍ଧ କେତେ ବ୍ୟୟସାଧ୍ୟ ବୁଝିବାକୁ ହେବ । ବିଲାତର ରସଦ ଯୋଗାଇବା ମହକୁମା ଦିନରାତି ଏ ସମସ୍ତ ସଂଗ୍ରହ କରି ପଠାଇବାରେ ବ୍ୟସ୍ତ ଏବଂ ସେମାନଙ୍କର ଦଣ୍ଡେମାତ୍ର ବିଶ୍ରାମ ନାହିଁ ।

ମୁସଲମାନ ଶିକ୍ଷାସମିତି ।

ଉପର ଲିଖିତ ସମିତିର ଚତୁର୍ଦ୍ଦଶ ଅଧିବେଶନ ଗତମାସ ତା ୨୭ ରିଖରେ କଲିକତା ସହରରେ ହୋଇଥିଲା । ସଭା ମଣ୍ଡପ କାସିମ ବଜାରର ମହାରାଜା ମଣୀନ୍ଦ୍ରଚନ୍ଦ୍ର ନନ୍ଦୀଙ୍କର କଲିକତାସ୍ଥ ଉଦ୍ୟାନବାଟୀର ହତା ମଧ୍ୟରେ ପ୍ରସ୍ତୁତ ହୋଇଥିଲା ଏବଂ ତାହା ଅତି ସୁନ୍ଦର ରୂପେ ସୁସଜ୍ଜିତ ହୋଇଥିଲା । ପ୍ରଥମ ଦିବସ ପ୍ରାୟ ଏକ ସହସ୍ର ଲୋକ ଉପସ୍ଥିତ ହୋଇଥିଲେ । ସେମାନଙ୍କର ଅଧିକାଂଶ ପ୍ରତିନିଧି ଏବଂ ସେମାନେ ଭାରତବର୍ଷର ସକଳ ସ୍ଥାନରୁ ଆଗମନ କରିଥିଲେ । ସେମାନଙ୍କର ନାନା ବର୍ଣ୍ଣର ପରିଚ୍ଛଦ ମନୋହର ପଦ୍ଧତିରୁ ଜଣା ଯାଉଥିଲା ଯେ ପ୍ରାୟ ସମସ୍ତେ ସମ୍ଭ୍ରାନ୍ତ ବ୍ୟକ୍ତି । ପ୍ରତିନିଧିମାନଙ୍କର ଅଭ୍ୟର୍ଥନାରେ … ଯତ୍ନର ତ୍ରୁଟି ନ ଥିଲା । ପ୍ରତିନିଧିମାନେ ରେଲ ଷ୍ଟେସନରେ ପହଞ୍ଚିବା ମାତ୍ରେ ଯଥାଯୋଗ୍ୟ ମୁସଲମାନ ଯୁବକମାନେ ଷ୍ଟେସନଠାରେ ଉପସ୍ଥିତ ରହି ସେମାନଙ୍କୁ ଗାଡ଼ିରେ ବସାଇ ବସାଠାରେ ପହଞ୍ଚାଇଥିଲେ ଏବଂ ସଭାମଣ୍ଡପରେ ଉପସ୍ଥିତ ହେବା ମାତ୍ରେ ଯେ ଯେଉଁଠାରେ ବସିବ ତାହାକୁ ଅଧିକ କଷ୍ଟ ନ ଦେଇ ସେଠାରେ ନେଇ ବସାଇଥିଲେ । ଠିକ ଦିବା ସ ୧୦ ଘଣ୍ଟା ସମୟରେ କାର୍ଯ୍ୟାରମ୍ଭ ହୁଅନ୍ତେ ଖାନ ବାହାଦୁର … ଅଲି ବେଗ କଲିକତା … ପ୍ରତିନିଧି ମାନଙ୍କୁ ସେମାନଙ୍କର ଶୁଭାଗମନ ନିମନ୍ତେ ଧନ୍ୟବାଦ ଦେଲେ । ତଦନ୍ତର ମାନ୍ୟବର … ଅମୀର ଅଲି ସଭାପତି ପଦରେ ବରଣ ମନୋନୀତ ହୋଇ ଏକ ଦୀର୍ଘ ବକ୍ତୃତା ପ୍ରଦାନ କଲେ ଏବଂ ତହିଁରେ ସେ … ରୂପେ ଦେଖା-

Digitized by srujanika@gmail.com

...ନ ଯେ ବର୍ତ୍ତମାନର ଅବସ୍ଥାରେ ଇଂରାଜୀ ...ଶିକ୍ଷା ଲାଭ ବିନା ମୁସଲମାନ ମାନଙ୍କର ...ର ଆଶା ନାହିଁ । ଯେ ଉପାୟମାନ ଅବ-...ନ କଲେ ମୁସଲମାନ ମାନେ ସ୍ୱ ଧର୍ମ ଓ ...ର ଶିକ୍ଷା ସହିତ ଉଚ୍ଚ ଇଂରାଜୀ ଓ ...ମାନ ଉତ୍ତମରୂପେ ଶିକ୍ଷା କରିବାକୁ ସକ୍ଷମ ...ତହିଁର ବିଧାନ କରିବା ।ଏହିର ...ଏବଂ ତାହା ସାଧନ ନିମନ୍ତେ ସମସ୍ତ ସଙ୍ଗ... ମୁସଲମାନମାନଙ୍କର ଯଥାସାଧ୍ୟ ସାହାଯ୍ୟ ...ନୁଭୂତ କର୍ତ୍ତବ୍ୟ ଅଟେ । ସଭାପତିଙ୍କ ବକ୍ତୃ-...ଶ୍ରୀରୁ ସେହିନ (୧) ଅଲିଗଡ଼ରେ ...ଲେଜର ଅଧ୍ୟକ୍ଷ ଥିଓଡୋର ପାରକ ସାହେବଙ୍କ ...ରେ ଶୋକ ପ୍ରକାଶ କରିବା ଏବଂ (୨) ମୁସ-...ଙ୍କର ଉନ୍ନତି ନିମନ୍ତେ ସେମାନଙ୍କର ଧର୍ମ ...ଶିକ୍ଷା ସଙ୍ଗେ ଇଂରାଜୀ ଭାଷାର ଉଚ୍ଚଶିକ୍ଷା ...ନ୍ତ ଆବଶ୍ୟକ ଏହି ବିଷୟମାନ ଧାର୍ଯ୍ୟ ...ଲା । ୨ ୟ ଦିନର ଅଧିବେଶନରେ (୩) ...ର ମଦରସାମାନ ମୁସଲମାନଙ୍କର ଶିକ୍ଷାର ...ଯୋଗୀ ଥିବାରୁ ତହିଁର ସଂସ୍କାର ନିମନ୍ତେ ...ର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା କରିବା ଏବଂ (୪ ଓ ୫) ...ମାନଙ୍କ ନିମନ୍ତେ ଗୋଟିଏ ବିଶ୍ୱବି-...ଳୟ ସ୍ଥାପିତ ହେବା, ଅଲିଗଡର କଲେଜ ...ର ବିଶ୍ୱବିଦ୍ୟାଳୟ ହେବାର ସମ୍ଭାବନାରେ ...ନ୍ତ ଥିବା ଏବଂ ତହିଁପାଇଁ ସମସ୍ତ ଭାରତର ...ନ୍ତ ଏବଂ ସାଧାରଣ ଲୋକଙ୍କ ସାହାଯ୍ୟ ପାଇ-... ଚେଷ୍ଟା କରିବାର ନିର୍ଦ୍ଧାରଣମାନ ସ୍ଥିର ...ଲା । ୩ୟ ଦିନର ଅଧିବେଶନରେ ...ଳୟର ପୋଷଣାର୍ଥେ ପୁସ୍ତକାଳୟ ଓ ପ୍ରଧାନ-...ମାନଙ୍କରେ ସ୍କୁଲମାନ ସ୍ଥାପନ, ବାଳିକା ଶିକ୍ଷା ...ନ୍ତେ ଉପଯୁକ୍ତ ବିଦ୍ୟାଳୟ ସ୍ଥାପନ ଏବଂ ପାଠ୍ୟ ...ନିର୍ଦ୍ଧାରଣ, ଛାତ୍ରାବାସ ନିର୍ମାଣ ଏବଂ ଉତ୍ତର... ...ର କଚେରିମାନଙ୍କରେ ପାରସ୍ୟ ଅକ୍ଷରରେ ...ଲେଖା ଲେଖନ ରହିତ ବିଷୟମାନ ସ୍ଥିର ...ଲା । ୪ର୍ଥ ଦିନ ଘ ୧୧ ଟା ବେଳେ ମାନ୍ୟ-... କଙ୍ଗ୍ରେସର ସରକାର ଉଭୟରଙ୍କ ବାହାଦୁର ...ଦର୍ଶନାର୍ଥେ ଉପସ୍ଥିତ ହୋଇ ପ୍ରାୟ ଦୁଇ ...କାଳ ରହି କେତେକ ଶିକ୍ଷା ବିଷୟକ ଶ୍ରୁତି-...ଜନକ ଗୋଟିଏ ଉପଦେଶ ଗର୍ଭିତ ବକ୍ତୃତା ...ନ କରି ପ୍ରସ୍ଥାନ କଲେ ଏବଂ ତହିଁଉତ୍ତାରୁ ...ନ୍ୟ ପ୍ରସ୍ତାବର ବିଚାର ହେଲା । ୫ ମ ...ରେ ଅଧିବେଶନ ଶେଷ ହେଲା ।

—୦—

ଟ୍ରାନ୍ସଭାଲଯୁଦ୍ଧ ।

ତା ୨୫ ରିଖ ତାରସମ୍ବାଦ । ଟୁଗେଲ ନଦୀ ଯୁଦ୍ଧ ବିଷୟ ବୁଅରମାନଙ୍କ ସରକାରୀ ରିପୋର୍ଟରୁ ପ୍ରକାଶ ଯେ ବୁଅରମାନଙ୍କ କ୍ଷତି କେବଳ ଜ୩୦ଣ ହତ ଓ ଆହତ । ଫରାସି କର୍ଣ୍ଣେଲ, ଭିଲବୋ ଓ ଜର୍ମାନ କର୍ଣ୍ଣେଲ ବ୍ରଣ୍ ଯୁଦ୍ଧ ଦେଖି ପ୍ରକାଶ କରି ଅଛନ୍ତି ଯେ ଅନ୍ୟ କୌଣସି ଇଉରୋପୀୟ ସୈନ୍ୟ ଇଂରେଜ ସୈନ୍ୟମାନଙ୍କ ଅପେକ୍ଷା ଭଲ କରି ନ ଥାଆନ୍ତେ ।

ଇଂରେଜମାନଙ୍କ ତୋପର ଗୋଳା ବେଶୀ ଦୂରବ୍ୟାପୀ ନୁହେଁ ସୁତରାଂ ନିକୃଷ୍ଟ ଅଟେ । ଉତ୍କୃଷ୍ଟ ତୋପ ଆଣିବାର ଆବଶ୍ୟକ ହୋଇ ଅଛି । ଲେଡିସ୍ମିଥଠାରେ ପୀଡ଼ାଦ୍ୱାରା ଜ ୫ ଣର ମୃତ୍ୟୁ ହୋଇଅଛି ।

ସେନାପତି ବୁଲରଙ୍କ ପରାଜୟସମ୍ବାଦ ଲେଡିସ୍ମିଥର ସେନାଦଳ ଅତି ଧୀରତା ସହିତ ଶ୍ରବଣ କରିଥିଲେ ଓ ଲେଡିସ୍ମିଥ ମୁକ୍ତି ଆଶା ଆଉ କେତେଦିନ ରହିଗଲା ବୋଲି ମନରେ ଭାବି-ଥିଲେ ।

ମଡ଼ାର ନଦୀ ନିକଟର ଅବସ୍ଥା ପୂର୍ବବତ୍ ରହିଅଛି । ପିଟର ମାରିଜବର୍ଗରୁ ସମ୍ବାଦ ଆସିଅଛି ଯେ କର୍ଣ୍ଣେଲ ଫସେଟ କଠିନରୂପେ ଆଘାତ ପ୍ରାପ୍ତ ହୋଇଅଛନ୍ତି ଓ ଆଉ ଜ ୩ ଣ କର୍ଣ୍ଣେଲ ସାମାନ୍ୟ ଆଘାତ ପ୍ରାପ୍ତ ହୋଇଅଛନ୍ତି ।

ତା ୨୭ ରିଖ ତାରସମ୍ବାଦ । ମଡାର ନଦୀ ନିକଟରେ ତା ୨୧ ରିଖରେ ବୁଅର ଓ ବ୍ରିଟିଶ ପକ୍ଷରୁ ଗୋଳାବୃଷ୍ଟି ହୋଇଥିଲା । କିନ୍ତୁ ବୁଅର ଗୋଳା କମ୍ ପଡୁଥିଲା । ମହାରାଣୀ ଦକ୍ଷିଣ ଅଫ୍ରିକାରେ କାର୍ଯ୍ୟ କରୁଥିବା ଲୋକମାନଙ୍କର ସ୍ତ୍ରୀ ଓ ପରି-ବାର ବର୍ଗଙ୍କୁ ବଡ଼ଦିନ ଭୋଜ ଦେଇଥିଲେ ।

ଗୋଟିଏ ଆମେରିକା ଷ୍ଟିମର ଧୃତ ହୋଇଅଛି । ଅନ୍ୱେଷଣରେ ଦେଖାଗଲା ଯେ ଅନେକ ଗୁଡିଏ ବୁଅରଙ୍କ ଯୁଦ୍ଧସାମଗ୍ରୀ ଏଥିରେ ଅଛି । ଧୃତ ଜାହାଜ ଏଲିଜାବେଥ ବନ୍ଦରକୁ ପ୍ରେରିତ ହୋଇଅଛି ।

ତା ୨୮ ରିଖ ତାରସମ୍ବାଦ । ସାର ଚାର୍ଲସ ଓୟାରେନ ନାଟେଲରେ ପହୁଞ୍ଚିଅଛନ୍ତି । ଅନେକ ବୁଅର ସୈନ୍ୟ ଟୁଗେଲ ନଦୀର ଦକ୍ଷିଣ ତଟରେ ଏକତ୍ରିତ ହେଉଅଛନ୍ତି । ଶତ୍ରୁମାନଙ୍କୁ କୌଣସି ପ୍ରକାରରେ ସାହାଯ୍ୟ ଦେବାର ନିଷେଧାଜ୍ଞା ବ୍ରିଟିଶ ପ୍ରଜାମାନଙ୍କୁ ଦିଆ ହୋଇଅଛି ।

ତା ୨୯ ରିଖ ତାରସମ୍ବାଦ । ମଡାର ନଦୀ ନିକଟରୁ ସମ୍ବାଦ ଆସିଅଛି ଯେ ଉଭୟ ଦଳ ମଧ୍ୟରେ ସାମାନ୍ୟ ଯୁଦ୍ଧ ହୋଇଥିଲା । ବୁଅର-ମାନଙ୍କ ଆଡ଼ରୁ ଗୋ ୧୧ ଟା ତୋପ ଗୋଳା ତ୍ୟାଗ କରା ହୋଇଥିଲା । ଶତ୍ରୁମାନେ ରାତ୍ରି ଆକ୍ରମଣକୁ ଭୟ କରୁଅଛନ୍ତି । ଅନ୍ୟ ଥରେ ସନ୍ଧ୍ୟାବେଳେ ବୁଅରମାନେ ତୋପ ଧ୍ୱନି କରିଥିଲେ; ବ୍ରିଟିଶ ତୋପ ଉକ୍ତ ଶବ୍ଦ ସବୁକୁ ନିସ୍ତବ୍ଧ କରି ଦେଇଥିଲେ । [illegible] ବନ୍ଦୀ ଥିବା ସମୟରେ ବୁଝିଅଛନ୍ତି ଯେ ବୁଅରମାନେ [illegible] ସହିତ ଯୁଦ୍ଧ ଆରମ୍ଭ କରିଥିଲେ କିନ୍ତୁ କ୍ରମଶଃ ଜୟଲାଭ କରିବାରୁ ଆଶା କରୁଅଛନ୍ତି ଯେ ବ୍ରିଟିଶ ସନ୍ଧିପ୍ରାର୍ଥୀ ହେବେ ।

ଲେଡିସ୍ମିଥ ଆବଦ୍ଧ ହେବା ସମୟଠାରୁ ଆଜି ପର୍ଯ୍ୟନ୍ତ ସେଠାରେ ୭୦ ଜଣ ହତ ଓ ୨୦୭ ଜଣ ଆହତ ହୋଇଅଛନ୍ତି ।

ସରକାରୀ ସମ୍ବାଦ ଆସିଅଛି ଯେ ସପ୍ତମ ଡିଭି-ଜନ ଜାନୁୟାରୀ ତା ୪ ରିଖରେ ଯୁଦ୍ଧ ଭୂମିକୁ ଯାହାଜରେ ଯାତ୍ରା କରିବେ ।

ତା ୩୦ ରିଖ ତାରସମ୍ବାଦ । ତା ୨୨ ରିଖରେ କମ୍ବର୍ଲିସ୍ଥ ଦଳ ବୁଅର ପ୍ରଦେଶମାନଙ୍କୁ ଉତ୍ତରେ ପଶ୍ଚିମ ଦିଗରୁ ଦୃଷ୍ଟିପାତ କରିଥିଲେ । କିନ୍ତୁ ଶତ୍ରୁ ସୈନ୍ୟ ସମବେତ ହେବାରୁ ବ୍ରିଟିଶ ସୈନ୍ୟ କମ୍ବର୍ଲି ମଧ୍ୟରେ ପ୍ରବେଶ କରିଥିଲେ ।

ହିଲିଅଠାରୁ ତା ୨ ରିଖରେ ସମ୍ବାଦ ଆସି-ଅଛି ଯେ ତା ୨୭ ରିଖ ସକାଳବେଳେ ଲେଡି-ସ୍ମିଥଠାରେ ଭାରି ଗୋଳାବୃଷ୍ଟି ହୋଇଥିଲା । ଅବଶେଷରେ ସେନାପତି ହ୍ୱାଇଟ ଆକ୍ରମଣ କରି ଗୋଟିଏ ପାହାଡ଼ ଅଧିକାର କରିଅଛନ୍ତି ।

———

ସନ ୧୮୯୯ ସାଲ ।

ସଂସାର ସୁଖଦୁଃଖର ଆଗାର । ସର୍ବକାଳ ନିରବଚ୍ଛିନ୍ନ ସୁଖଶାନ୍ତି ଲାଭ ଏ ସଂସାରରେ ଘଟେ ନାହିଁ । ଯେଉଁବର୍ଷ ସୁଖର ବା ଦୁଃଖର ମାତ୍ରା ଅଧିକ ହୁଏ ଅଥବା ଶେଷଭାଗରେ ଅନୁଭବ ହୁଏ ସେବର୍ଷକୁ ଶୁଭ ବା ଅଶୁଭ ବୋଲିବା ସାଧାରଣ ରୀତି । ତଦନୁସାରେ ବିଚାର କଲେ ସନ ୧୮୯୯ ସାଲକୁ ଅଶୁଭ ଭିନ୍ନ ଅନ୍ୟ କିଛି ବୋଲାଯାଇ ନ ପାରେ । ଉ[illegible]ୟ ପଣ୍ଡିତ-ମାନେ ଶତ୍ରୁଗ୍ରହର ମିଳନ ହେତୁ ପୂର୍ବରୁ ଅଶୁ-ଭର ଆଶଙ୍କା କରୁଥିଲେ । ଫଳେ ତାହା ଦେ-ଖାଗଲା । ସନ ୧୮୯୭ ସାଲ ପରଠୁ ସନ ୧୮୯୯

Split by PDF Splitter
Digitized by srujanika@gmail.com

ସାଲରେ ମହାମାରୀ, ବାତ୍ୟା, ଦୁର୍ଭିକ୍ଷ, ଅଶାନ୍ତି, ଜନ୍ମପ୍ରାୟ ଦୁର୍ଘଟନା ଘଟିଥିଲା କେବଳ ଭଗ୍ୟ ଏତିକି ଯେ ଏ ସମସ୍ତର ପ୍ରତାପ ପ୍ରଥମଲକ୍ଷିତ ବର୍ଷଠାରୁ ଊଣା ଥିଲା । ବାତ୍ୟା ବା ଜଳପବନ କେବଳ ଦାରଜିଲିଂ ଓ ଭାଗଲପୁରରେ ଅଳ୍ପକ୍ଷତିର ଶାନ୍ତ ହେଲା । ମହାମାରୀ କେବଳ ବମ୍ବେପ୍ରଦେଶରେ ଆବଦ୍ଧ ରହିଲା କାରଣ ଅନ୍ୟାନ୍ୟ ସ୍ଥାନରେ ତାହାର ପ୍ରକୋପ ଅତି ସାମାନ୍ୟ ! ଓଲାଉଠା ପ୍ରାଦୁର୍ଭାବ ଓଡ଼ିଶାର ଏକଭାଗରେ ବିଶେଷ ହୋଇଥିଲା । ଅଶାନ୍ତିମଧ୍ୟରେ କଲିକତା ମିଉନିସିପାଲିଟିର ଶାସନସମ୍ବନ୍ଧୀୟ ନୂତନ ଆଇନ ଯାହା ଅନୁଶାସନ ଥିବାର ମୂଳରେ କୁଠାରାଘାତ କରଅଛି ତାହା ଅନ୍ୟ ସ୍ଥାନକୁ ପ୍ରସାରିତ ହୋଇ ନାହିଁ । ଟ୍ରାନ୍ସଭାଲ ଯୁଦ୍ଧ ସର୍ବାପେକ୍ଷା ଯୁଦ୍ଧ ଏବଂ ଏହା ଇଂଲଣ୍ଡସଙ୍ଗେ ହେଉଥିବାର ଏଥିରେ ଅମ୍ଭମାନଙ୍କର ସାକ୍ଷାତ ସମ୍ବନ୍ଧ ଅଛି । ଇଂଲଣ୍ଡର ଶକ୍ତି ପୃଥିବୀରେ ଅଦ୍ୱିତୀୟ । ପରଶେଷରେ ସେ ଜୟଲାଭ କରିବେ ତହିଁରେ ସନ୍ଦେହ ନାହିଁ ମାତ୍ର ଏଥିମଧ୍ୟରେ ଇଂଲଣ୍ଡର ଅନେକ ସୈନ୍ୟ ଏଥିରେ ହତ ଓ ଆହତ ହେବାରୁ ଅମ୍ଭମାନଙ୍କର ସମ୍ରାଜ୍ଞୀ ଦୟାବତୀ ଭିକ୍ଟୋରିଆ ଅତ୍ୟନ୍ତ ଦୁଃଖିତ ହେବାରୁ ତାହାଙ୍କର ଅସ୍ମଦ୍ଦେଶୀୟ ଧନହୀନ ଶାନ୍ତପ୍ରିୟ ପ୍ରଜାଙ୍କର ମନରେ ମହା କଷ୍ଟ ଉପସ୍ଥିତ ହୋଇଅଛି ବୋଲିବା ବାହୁଲ୍ୟ ।

ଭାରତର ଅନ୍ୟାନ୍ୟ ପ୍ରଦେଶ ସହିତ ତୁଳନାରେ ଓଡ଼ିଶା ପ୍ରତି ଗତ ବର୍ଷ କେତେ ପ୍ରତିକୂଳ ଥିବାର ବୋଲିଯାଇ ନ ପାରେ । ଗତ ରଥଯାତ୍ରା ସମୟରେ କେବଳ ପୁରୀ ଓ କଟକରେ ବିଶେଷ ମାଡିଥିଲା ମାତ୍ର ଶୀଘ୍ର ଥମିଗଲା । ପ୍ଲେଗ ଓଡ଼ିଶାର ସୀମାକୁ ସ୍ପର୍ଶ କରିନାହିଁ ଏବଂ ଅଳ୍ପବୃଷ୍ଟି ପୁରୀଜିଲ୍ଲା ଓ ଗଡଜାତର କେତେକ ଅଂଶକୁ ବାଧିଥିଲେହେଁ ଅପର ସ୍ଥାନର ସୁଫସଲ ଏବଂ ବିଦେଶ ରପ୍ତାନିର ସ୍ୱଳ୍ପତା ହେତୁ କୌଣସିଠାରେ ଖାଦ୍ୟଦ୍ରବ୍ୟର ମୂଲ୍ୟ ଏତେ ଅଧିକ ହୋଇ ନାହିଁ ଯେ ତାହାହିଁ ବାଧିବାର ଭୟ ହେବ । ବନ୍ଦୋବସ୍ତର ଉଦ୍ବେଗ ଲୋକଙ୍କ ମନରୁ ଅନ୍ତର ହୋଇଅଛି ଏବଂ ଫସଲ ଭଲ ହେଉ ବା ମନ୍ଦ ହେଉ ଅପାତତଃ ଯାହା କୃଷିମାନେ ଯୋତ ସରି ଜଳାୟ କରିବାକୁ ସମର୍ଥ ହୋଇ ଗୃହପରିସ୍ଥା ହାତରେ ଦେଖି ବଡ ଆନନ୍ଦରେ ଅଛନ୍ତି । ସ୍କୁଲରେ ଉତ୍କଳବାସୀଙ୍କର ବୈଷୟିକ ଅବସ୍ଥା କଥିତବର୍ଷରେ ଭଲ ଥିଲା ଏବଂ ବିଶ୍ୱବିଦ୍ୟାଳୟର ପରୀକ୍ଷାମାନଙ୍କର ଫଳ ସାଧାରଣ ଶିକ୍ଷାର କେତେକ ଉନ୍ନତିର ପରିଚୟ ଦେଇଥିଲା । ମାତ୍ର ସାଧାରଣ ଉନ୍ନତିରେ ଶିକ୍ଷିତମାନଙ୍କର ଯହିଁ ସମ୍ପୃକ୍ତିରେ ଏକମାତ୍ର କାୟସ୍ଥ ସଭା ସ୍ଥାପନ ଛଡା ଅନ୍ୟ କିଛି ନୂତନ କାର୍ଯ୍ୟ ହେବାର ଦେଖାଗଲା ନାହିଁ । କିନ୍ତୁ ପୂର୍ବ ୨ ବର୍ଷର ଅନୁରାଗ ଓ ଉତ୍ସାହ କ୍ରମେ ଶୀତଳ ହୋଇ ଆସୁଅଛି । ଯାହା ହେଉ ବାବୁ ମଧୁସୂଦନ ଦାସ ପୂର୍ବବର୍ଷପରି କଥିତବର୍ଷରେ ଉତ୍କଳର ଶିଳ୍ପକାର୍ଯ୍ୟୋନ୍ନତି ବ୍ରତରେ ସମାନ ଦମ୍ଭ ଏବଂ ଉତ୍ସାହ ସହିତ ବ୍ରତୀ ହୋଇ ଶିକ୍ଷିତ ସମାଜର ଟେକ ରଖିଅଛନ୍ତି ।

ପରଶେଷରେ ରାଜା ବୈଦ୍ୟନାଥ ପଣ୍ଡିତ ବାହାଦୁରଙ୍କର ଅକାଳମୃତ୍ୟୁ ଏ ବର୍ଷର ବଡ ଶୋଚନୀୟ ଅବସ୍ଥା ଏବଂ ତଦ୍ୱାରା ଉତ୍କଳ କ୍ଷତିଗ୍ରସ୍ତ ହୋଇଅଛି ।

———

ଜାତୀୟ ମହାସମିତି ।

ଜାତୀୟ ମହାସମିତିର ପଞ୍ଚଦଶ ଅଧିବେଶନ ଗତ ମାସ ତା ୨୭ ରିଖ ମଧ୍ୟାହ୍ନକାଳରେ ଲକ୍ଷ୍ନୌନଗରରେ ହୋଇଥିଲା । ସଭାମଣ୍ଡପ ଯଥୋଚିତରୂପେ ସୁସଜ୍ଜିତ ଏବଂ ପ୍ରାୟ ୮୦୦୦ ଲୋକ ବସିବାର ସ୍ଥାନ ହୋଇଥିଲା । ପ୍ରତିନିଧିମାନଙ୍କର ଆଦର ଅଭ୍ୟର୍ଥନା ଓ ବାସ ଗ୍ରାସାଦିର ସମୁଚିତ ବନ୍ଦୋବସ୍ତ ହୋଇଥିଲା । କେବଳ କଲିକତା ବମ୍ବେର ଏବଂ ପୁନା ପ୍ଲେଗ ପୀଡିତ ସ୍ଥାନରୁ ଯାଇଥିବା ପ୍ରତିନିଧିଙ୍କର କିଛି କଷ୍ଟ ହୋଇଥିଲା । ସେମାନଙ୍କୁ ସମିତି ସ୍ଥାନର ଙ୍କ୍ଵରମାଇଲ ଅନ୍ତର ଖୋମଟା ନଗର ଆଉ ଯାହରେ ବସା ଦିଆଯାଇଥିଲା ଏବଂ ପୁଲିସ ପହରା ଏମନ୍ତ ଦୃଢରୂପେ ଲଗାଯାଇଥିଲା ଯେ ବିନା ପାସରେ କେହି ବାହାରକୁ ଯାଇପାରୁ ନ ଥିଲେ । ସେଠାରେ ନିଯୁକ୍ତ ହୋଇଥିବା ଇଉରୋପୀୟ ଡାକ୍ତର ଆଶାନୁରୂପ ସଦ୍ୟବହାର ଦେଖାଇ ନ ଥିଲେ । ପ୍ରତିନିଧିଙ୍କ ସଂଖ୍ୟା ପ୍ରାୟ ଏକହଜାର ଥିଲା ଏବଂ ସେମାନଙ୍କ ମଧ୍ୟରେ ଜ ୪୫୦ ଣ ମୁସଲମାନ ଥିଲେ । ଲକ୍ଷ୍ନୌନଗରରେ ମୁସଲମାନଙ୍କର ପ୍ରାଦୁର୍ଭାବ ପୁଣି ସେମାନେ ସମିତି କରିବା ପୂର୍ବେ ସଭା କରି ତହିଁରୁ ଅନ୍ତର ରହିବାର ପରାମର୍ଶ କରିଥିଲେ । ତଥାପି ଏତେ ଅଧିକ ମୁସଲମାନ ପ୍ରତିନିଧି ହେଲେ ଅଧିକତର ଆନନ୍ଦର ବିଷୟ ଅଟେ । ପୂର୍ବେ କେବେ ଏତେ ମୁସଲମାନ ପ୍ରତିନିଧି ଆସି ନ ଥିଲେ । ଏଥିରୁ ସ୍ପଷ୍ଟ ବୁଝାଯାଉଅଛି ଯେ ସମିତିର କାର୍ଯ୍ୟ ସମ୍ବନ୍ଧରେ ହିନ୍ଦୁ ଓ ମୁସଲମାନମାନଙ୍କର ସମାନ ସ୍ୱାର୍ଥ ଅଛି [illegible] ଶିକ୍ଷିତ ମୁସଲମାନମାନେ କ୍ରମଶଃ [illegible] ଅଛନ୍ତି । ଅଭ୍ୟର୍ଥନା କମିଟିର ସଭାପତି ମୁନ୍ସି [illegible] ଲାଲ ସିଂହ ଏକ ଯୁକ୍ତ ବକ୍ତୃତାରେ ପ୍ରତିନିଧିମାନଙ୍କୁ ଶୁଭାଗମନ ସୂଚକ ଅଭ୍ୟର୍ଥନା ପ୍ରଦାନ କରି ଅନ୍ୟାନ୍ୟ କଥାମଧ୍ୟରେ କହିଲେ [illegible] ବାର୍ଷିକ ଅଧିବେଶନର ସମସ୍ତ ବ୍ୟୟ ଭାର [illegible] କମିଟି ଉପରେ ନିକ୍ଷେପ ନ କରି [illegible] ହେବାହାର ସକଳ କେନ୍ଦ୍ରରୁ [illegible] ଉଚିତ । ତହିଁଉତ୍ତାରୁ ଏଲାହାବାଦର [illegible] ବିଶ୍ୱମ୍ଭରନାଥଙ୍କର ପ୍ରସ୍ତାବ, ଲକ୍ଷ୍ନୌର [illegible] ବଳରାମ ରାଜାଙ୍କ ଅନୁମୋଦନ ଏବଂ [illegible] ସମ୍ମତିକ୍ରମେ ଶ୍ରୀଯୁକ୍ତ ରମେଶଚନ୍ଦ୍ର ଦତ୍ତ [illegible] ର ସଭାପତି ମନୋନୀତ ହୋଇ [illegible] ପୂର୍ବକ ଏକ ଦୀର୍ଘ ବକ୍ତୃତା ପ୍ରଦାନ କଲେ । [illegible] ଯୁକ୍ତ ରମେଶଚନ୍ଦ୍ର ଦତ୍ତ ଓଡ଼ିଶାର [illegible] କମିଶନର ସ୍ୱରୂପ ଏ ପ୍ରଦେଶରେ [illegible] ଏବଂ ଅଗାଧ ବିଦ୍ୟା ଗମ୍ଭୀର ବୁଦ୍ଧି ସ୍ୱଦେଶ [illegible] ଏବଂ ସୌଜନ୍ୟତା ନିମନ୍ତେ ଦେଶ [illegible] ବିଖ୍ୟାତ । ତାହାଙ୍କର ବକ୍ତୃତାର ପ୍ରତି [illegible] କଥା ଏବଂ ଗମ୍ଭୀର ଚିନ୍ତା ପୂର୍ଣ୍ଣ ଥିଲା । [illegible] ବିଶେଷତଃ ସେପରି ସୁନ୍ଦର ବକ୍ତୃତାର [illegible] ଲେଖିବାକୁ ଏହି କ୍ଷୁଦ୍ର ପତ୍ରିକାରେ ସ୍ଥାନ [illegible] ଅତଏବ ଅତି ସଂକ୍ଷେପରେ ତାହାର [illegible] ପ୍ରକାଶ କଲୁଁ ।

ପୂର୍ବ ଅଧିବେଶନମାନଙ୍କର ସଭାପତି [illegible] ଗଣ୍ୟ ବକ୍ତୃତାରେ ମୁଁ ଏହି [illegible] ସଭାପତିର ଯୋଗ୍ୟ ନୁହେଁ [illegible] ହେବାକୁ ସାହସୀ ହୋଇ ନ ଥିଲେ [illegible] ମାନଙ୍କର ଆମନ୍ତ୍ରଣ ରକ୍ଷା କରିବା [illegible] ବିବେଚନାରେ ସମ୍ମତ ହୋଇଅଛି ଏବଂ [illegible] ସମ୍ମାନ ନିମନ୍ତେ ଆନ୍ତରିକ ଧନ୍ୟବାଦ [illegible] ଅଛି । ମୋହର ବକ୍ତୃତା ପ୍ରଦାନର [illegible] ମୁଁ ସାଧାରଣ ମନୁଷ୍ୟ ଏବଂ ମୋହର [illegible] ରସ ବର୍ଜିତ । ଆପଣମାନେ [illegible] ଦେଖି ହେଲେ ଭାରତ ଶାସନ ସମ୍ବନ୍ଧରେ [illegible] ମତ ଓ ପରାମର୍ଶ ଦେବାପାଇଁ [illegible] କରନ୍ତି । ମୁଁ ବ ୨୬ ବର୍ଷ [illegible] କାର୍ଯ୍ୟ କରି ବୃଦ୍ଧ [illegible] ସହିତ [illegible] ସେହି ଅବସର ସମୟ [illegible] ଠାରୁ ଯଥୋଚିତ ଶ୍ରଦ୍ଧା ଓ ପ୍ରେମ [illegible]

Split by PDF Splitter
Digitized by srujanika@gmail.com

...ମେଣ୍ଟ ଏ ଶ୍ରେଣୀର କର୍ମଗୃହକୁ ସରକାରୀ ...ରେ ସ୍ୱାଧୀନ ମତ ପ୍ରଦାନ କରିବାର ... ଦେଇଅଛନ୍ତି ଏବଂ ସଙ୍ଗେ କର୍ମଗୃହମାନେ ...ର ମତକୁ ଆସ୍ଥା କରନ୍ତି । ମୋହର ଧ୍ରୁବ ... ସେ ବହୁତ ପରିମାଣରେ ଭାରତବାସି-... ସାଧାରଣ ଓ ସହାନୁଭୂତି ଲାଭ କରିଏ ଦେ-... ଥିଲ କାର୍ଯ୍ୟ ଉତ୍ତମରୂପେ ନିର୍ବାହ ହୋଇ ...ରେ । ମୁଁ ସରକାରୀ ଗୃହରରେ ଥିଲାବେଳେ ...ପାସି କାଗଜପତ୍ରରେ ବରାବର ଏହି କଥା ...ମେଣ୍ଟଙ୍କ ଜଣାଇ ଆସିଅଛୁ ଏବଂ ଦୁଇବର୍ଷ ... ସ୍ୱକୀୟ ଗତ ଶୁଦ୍ଧା ବକ୍ତୃତା ଓ ଲେଖା ... ସର୍ବସାଧାରଣରେ ସେହି କଥା ପ୍ରକାଶ ... ଅଛୁ । ଜାତୀୟ ମହାସମିତିର ମଧ୍ୟ ... ଅବସ୍ଥାପ୍ୟ, ଅର୍ଥାତ ପ୍ରଜାବର୍ଗର ମନୋଭାବ ... ଗବର୍ଣ୍ଣମେଣ୍ଟଙ୍କୁ ସାହାଯ୍ୟ କରିବା ଓ ... କାର୍ଯ୍ୟର ନ୍ୟାୟସଙ୍ଗତ ସମାଲୋଚନା କରି ... ଶୃଙ୍ଖଳାକୁ ଦୃଢ଼ କରିବା ମହାସମିତିର ... । ପ୍ରଜାର ସାହାଯ୍ୟରେ ପରିପୁଷ୍ଟ ଶାସନ ...ଲେ ଅଦରଣୀୟ ଏବଂ ବିଶେଷତଃ ଭାରତ ...ରେ ଯେହେତୁ ବିଲାତର ଭାରତସେକ୍ରେ-...ଙ୍କ ସଭାରେ ଜଣେ ସୁଦ୍ଧା ଭାରତବାସି ... ନାହାନ୍ତି । ମହାସମିତି ପ୍ରତିବର୍ଷ ଶାସନ-... ସମ୍ବନ୍ଧରେ ମତାମତ ଜଣାଇ ଗବର୍ଣ୍ଣ-...ଙ୍କର ସହାୟତା କରୁଅଛନ୍ତି ଏବଂ ମୋହର ... ସେ ଗବର୍ଣ୍ଣମେଣ୍ଟ ତାହିଁରେ ଆସ୍ଥା କରୁ-...ନ୍ତି । ମୁଁ ଆଶା କରେଁ ଆପଣମାନେ ରାଜ-...ଭକ୍ତି, ସୁବୁଦ୍ଧି ଓ ଧୀରତାକୁ ଅବଲମ୍ବନ କରି ... ସଦନୁଷ୍ଠାନରେ ସଦା ବ୍ରତୀ ହେବେ । ...ବେଳେ ରାଜବିଦ୍ରୋହ ଆଇନର ତର୍କ ... ବଡ଼ଲାଟଙ୍କ ମହାସଭାରେ ହୋଇଥିଲା ...ବେଳେ ମୁଁ ସେଠାରେ ଉପସ୍ଥିତ ଥିଲି । ... କଥା ସ୍ମରଣ କଲେ ଅପାର ଦୁଃଖ ହୁଏ । ...ଙ୍କ ଯେତେବେଳେ ମହାମାନ୍ୟ ସର୍ ହେନେରୀ ...ଙ୍କର ଭାରତବାସିଙ୍କ ସପକ୍ଷରେ ଅତ୍ୟନ୍ତ ...ସହକାରେ ଲଢ଼ିଥିଲେ ଏବଂ ତାହାଙ୍କର ... ନିଷ୍ଫଳ ହେଲେହେଁ ସେ ଆମ୍ଭମାନଙ୍କର ... କୃତଜ୍ଞତାର ପାତ୍ର ହୋଇଅଛନ୍ତି । ...ବିଦ୍ରୋହର ମୂଳ ମୂର୍ଖତା । ଲର୍ଡ ଡେଲ-...ହିଁ, ଲର୍ଡ ରିପନ ପ୍ରଭୃତି ଭାରତର ...ଖ୍ୟାତ ଶାସନକର୍ତ୍ତାମାନେ ଇଂରାଜୀ ଜାତି ... ଜଣେ ...ମାନ କରି ରାଜବିଦ୍ରୋହକୁ ଏ ...ପରୁ ...ଅଛନ୍ତି । ଅବଶ୍ୟ ଯେବେ

ତାହାର ସ୍ଥଳରେ ସେ ଭାବ ଲୁଚି ରହି ଥାଏ ତେବେ କେବଳ କେହି ଅଜ୍ଞାନାନ୍ଧକାରରେ ପଡ଼ିଥିବା ମୂର୍ଖ ଲୋକ ମନରେ ଆସିପାରେ । ତାହାର ସମ୍ୟକ ପ୍ରଶମର ଶିକ୍ଷା ହିଁ ଉଚିତ ଔଷଧ । ଆଇନ ବଳରେ ତାହା ଦମନ କରିବାର ନୁହେଁ । ଅଇନ ଜାରିଦ୍ୱାରା କିଛି ଉପକାର ହୋଇଥିବାର କେହି ବିଶ୍ୱାସ କରନ୍ତି କି ? ପ୍ରକୃତରେ କିଛି ଫଳ ହୋଇ ନାହିଁ । କଲିକତାର ମ୍ୟୁନିସିପାଲ ଅଇନ ଅନ୍ୟ ଗୋଟିଏ ଦୁଃଖର କଥା । ସେ ଅଇନ ଜାରି ହୋଇଥିବା ସ୍ଥଳେ ଆଉ ବିଳାପ କରିବା ବୃଥା । ତଥାପି ଯେଉଁ ସ୍ୱଦେଶୀ ଓ ବିଦେଶୀମାନେ ଏହା କି ଭାବରେ ବ୍ୟବସ୍ଥାପକ ସଭା ଓ ଅପର ସ୍ଥାନରେ ଦଣ୍ଡାୟମାନ ହୋଇଥିଲେ ସେମାନେ ଅମ୍ଭମାନଙ୍କର ଅଶେଷ ଧନ୍ୟବାଦର ପାତ୍ର । ଏହି ଆଇନଦ୍ୱାରା ଅସ୍ୱାୟତ୍ତଶାସନର ଖର୍ବତା ସମ୍ପାଦିତ ହୋଇଅଛି ଏବଂ ଏହାଦ୍ୱାରା ଉପକାର ହେବ ବୋଲି ଯେବେ କେହି ବିଶ୍ୱାସ କରନ୍ତି ଶୁଣିଲେ ତେବେ ମୁଁ ଆଶ୍ଚର୍ଯ୍ୟ ହେବି । ଯାହାହେଉ ସେ ସବୁ ଗତ କଥା ଛାଡ଼ି ଉପସ୍ଥିତ ଦୁର୍ଭିକ୍ଷର ଆଲୋଚନା କରିବା ଯାହା ଲକ୍ଷ ଲକ୍ଷ ଲୋକଙ୍କୁ ଭୟଙ୍କର କଷ୍ଟ ଦେଉଅଛି । ସରକାର ଯଥାସାଧ୍ୟ ସାହାଯ୍ୟ ଦାନର ବ୍ୟବସ୍ଥା କରି ଅମ୍ଭମାନଙ୍କର ଅଶେଷ ଭକ୍ତିଭାଜନ ହୋଇଅଛନ୍ତି । ମାତ୍ର ସେ ପ୍ରତୀକାର କ୍ଷଣିକ । ଭାରତରେ ଦୁର୍ଭିକ୍ଷ ନୂତନ କଥା ହେଲେହେଁ ଏଣିକି କାହିଁକି ସଘନ ଦୁର୍ଭିକ୍ଷ ହେଉଅଛି ଏବଂ କି ଉପାୟରେ ତାହା ନିବାରଣ ହେବ ତାହିଁର ଆଲୋଚନା ସମ୍ଭବରୂପେ ହେଉ ନାହିଁ । ଅତି ଜନତା ତାହିଁର କାରଣ ନୁହେ କାରଣ ଇଉରୋପୀୟ ରାଜ୍ୟମାନଙ୍କଠାରୁ ଭାରତର ଲୋକସଂଖ୍ୟା ଅଧିକ ବଢ଼ିନାହିଁ ଅଥବା ଶସ୍ୟଭୂମିର ବୃଦ୍ଧିଠାରୁ ଲୋକସଂଖ୍ୟା ଅଧିକ ବଢ଼ିବାର ଦେଖା ଯାଉ ନାହିଁ । କୃଷିମାନଙ୍କର ସାଙ୍ଗ-ଠିକ ଅପରିଣାମଦର୍ଶିତା ମଧ୍ୟ ତାହିଁର କାରଣ ନୁହେ କାରଣ ମୂର୍ଖତା ଓ କୁସଂସ୍କାରରେ ଜଡ଼ିତ ହୋଇ ସୁଦ୍ଧା ଭାରତର କୃଷକମାନେ ଚତୁରତା ଓ ପରିମିତାଚାରରେ ଅନ୍ୟ ଦେଶର କୃଷକଙ୍କଠାରୁ ହୀନ ନୁହନ୍ତି । ସେମାନଙ୍କର ଦରିଦ୍ରତାର ପ୍ରଧାନ କାରଣ ଏହି କି ବଙ୍ଗଳା ଛଡ଼ା ଅନ୍ୟ ସମସ୍ତ ପ୍ରଦେଶରେ ଜମିର ଖଜଣା ଏତେ ଅଧିକ ଯେ ସୁବର୍ଷର ଉତ୍ପନ୍ନରୁ ଦୁର୍ବର୍ଷର ଖର୍ଚ୍ଚ ଜମାଇ ସେମାନେ କିଛି ସଞ୍ଚୟ କରିବାକୁ ସମର୍ଥ ହୁଅନ୍ତି ନାହିଁ । ଇଉରୋପର ପ୍ରତିଯୋଗିତାରେ ସୂତାକଟା ଲୁଗା-

ବୁଣା ଇତ୍ୟାଦି ଗ୍ରାମ୍ୟ ଶ୍ରମଜୀବିତାର ବିନାଶ ହୋଇଅଛି । ସୁତରାଂ କୃଷକ ଓ ଶ୍ରମଜୀବିଙ୍କର କେବଳ ଅବଲମ୍ବନ କୃଷି ଏବଂ ଜମି ଉପରେ କଠିନ ଜମା ଧାର୍ଯ୍ୟ ହେବାରୁ କୌଣସି ବର୍ଷ ଫସଲ ଲୋକସାନ ହେଲେ ଦୁର୍ଭିକ୍ଷର ଦୁଃଖରେ ପତିତ ହେଉଅଛନ୍ତି । ବଙ୍ଗଦେଶରେ ଚିରସ୍ଥାୟୀ ବନ୍ଦୋବସ୍ତ ହୋଇଥିବାରୁ ଦୁର୍ଭିକ୍ଷ ପ୍ରାୟ ଦେଖା ନାହିଁ । ସନ ୧୮୭୪ ସାଲରେ ବିହାରରେ ଦୁର୍ଭିକ୍ଷ ହୋଇଥିଲା ସତ୍ୟ ମାତ୍ର ତାହା ତେତେ କାଣ୍ଡ ନ ଥିଲା । ବଙ୍ଗଳାରେ ଜମିର ଖଜଣା ଉତ୍ପନ୍ନର ଏକ ଷଷ୍ଠାଂଶଠାରୁ କୌଣସିଠାରେ ଅଧିକ ନୁହେ ଏବଂ ଏହାହିଁ ପ୍ରାଚିନ ହିନ୍ଦୁଶାସ୍ତ୍ର ସମ୍ମତ ଯାହା କି ସହସ୍ର ସହସ୍ର ବର୍ଷର ବହୁଦର୍ଶିତା-ଦ୍ୱାରା ସ୍ଥିର ହୋଇଅଛି । ସମସ୍ତ ପ୍ରଦେଶରେ ଏହି ନିୟମରେ ଭୂମିକର ଧାର୍ଯ୍ୟ ହେଲେ ଦୁର୍ଭିକ୍ଷର ଦାଉ ଊଣା ହେବ ସନ୍ଦେହ ନାହିଁ । ଅନ୍ୟାନ୍ୟ ପ୍ରଦେଶ ମଧ୍ୟରେ ଉତ୍ତରପଶ୍ଚିମ ଏବଂ ବମ୍ବେର ବନ୍ଦୋବସ୍ତ ପଦ୍ଧତି ବରଂ କିଞ୍ଚିତ ଭଲ ମାତ୍ର ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶର ବନ୍ଦୋବସ୍ତ ଅତ୍ୟନ୍ତ କଠିନ । ଏବଂ ଚିରସ୍ଥାୟୀ ବନ୍ଦୋବସ୍ତ ନାହିଁ । ଏହି କାରଣରୁ ସେ ସକଳ ପ୍ରଦେଶରେ ଘନ ଘନ ଦୁର୍ଭିକ୍ଷ ହେଉଅଛି । ପରି-ଶେଷରେ ମୋହର ବକ୍ତବ୍ୟ ଏହି କି ଗ୍ରାମ୍ୟ-ଶାସନରେ ଶାସନକର୍ତ୍ତା ଏବଂ ଲୋକଙ୍କ ମଧ୍ୟରେ ବିଶେଷ ସମ୍ବନ୍ଧ ନାହିଁ । ବଡ଼ ଦୁର୍ଭାଗ୍ୟର ବିଷୟ ଯେ ଜିଲ୍ଲା ହାକିମମାନେ ପ୍ରଜାବର୍ଗ ଓ ସେମାନଙ୍କ ନେତା ସଙ୍ଗେ ନ ମିଶି କେବଳ ଅସ୍ତ୍ରଧାରୀ ପୋଲିସ ଉପରେ ନିର୍ଭର କରନ୍ତି । ଗ୍ରାମରେ କିଛି ଦୁଃଖ ପଡ଼ିଲେ ପୋଲିସ ତାହିଁର ତଦନ୍ତ କରିବେ, ଓଲାଉଠା ହେଲେ ପୋଲିସ ଔଷଧ ବାଣ୍ଟିବେ, ଜଳକଷ୍ଟ ହେଲେ ପୋଲିସ ସାହାଯ୍ୟ କରିବେ ଏବଂ ଗଛଟାଏ ପଡ଼ି ବାଟ ବନ୍ଦ ହେଲେ ପୋଲିସ ପରିଷ୍କାର କରିବେ । ଗ୍ରାମ୍ୟ ସମିତିଦ୍ୱାରା ଏ ସମସ୍ତ ହେବା ଉଚିତ । ଗ୍ରାମ୍ୟପଞ୍ଚାଏତ କି ୩୦୦୦ ବର୍ଷ ରହି ଅନେକ କାର୍ଯ୍ୟ କରୁଥିଲେ । ଏବେ ତାହା ରହିତ ହେଲା । ବର୍ତ୍ତମାନ ଗ୍ରାମ୍ୟସମିତିଙ୍କୁ ଗ୍ରାମ୍ୟ ବାଟ, ପୁଷ୍କରିଣୀ, ନାଳ, ଶିକ୍ଷା ଏବଂ ଛୋଟ ଛୋଟ ମୋକଦ୍ଦମାମାନ ପଞ୍ଚାଏତରେ ଭାଙ୍ଗିଦେବାର ଭାର ଦେଲେ ସୁଶାସନ ଅନେକ ପରିମାଣରେ ଅଗ୍ରସର ହେବ ।

Digitized by srujanika@gmail.com

ସଭାପତିଙ୍କ ବକ୍ତୃତା ଉତ୍ତାରୁ ଏ ଦିନର କାର୍ଯ୍ୟ ଶେଷ ହେଲା । ତହିଁ ଉତ୍ତାରୁ ଦ୍ୱିତୀୟ ଦିନ ବିଷୟ ସମସ୍ତର ଆଲୋଚନାପୂର୍ବକ ନିର୍ଦ୍ଧାରଣମାନ କରିବାରେ ଧାର୍ଯ୍ୟ ହୋଇ ଅଧିବେଶନ ଭଙ୍ଗ ହେଲା ଏବଂ ପ୍ରତିନିଧିମାନେ ବିଦାୟ ହୋଇଗଲେ । ନିର୍ଦ୍ଧାରଣମାନଙ୍କର ସଂକ୍ଷେପ ମର୍ମ ବାରାନ୍ତରେ ପ୍ରକାଶ କରିବାର ଚେଷ୍ଟା କରିବୁଁ ।

ସାପ୍ତାହିକ ସମ୍ବାଦ ।

କଲିକତା–ଗେଜେଟ୍ ।

କଟକସ୍ଥ ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଜେ, ଏଲ୍ ହୁଗଲିଡ଼ ପ୍ରଥମ ଗ୍ରେଡ଼ର ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ନିଯୁକ୍ତ ହୋଇଅଛନ୍ତି ।

କଟକସ୍ଥ ଜଏଣ୍ଟମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ମିଃ ଏଚ୍, ଇ, ଡ୍ୟୁଏନ୍, ଜେକ ଡିସେମ୍ବରମାସ ତା ୨୭ ରିଖରୁ ୧ ବର୍ଷ ୧୦ ମାସର ଫର୍ଲୋ ଛୁଟି ପାଇଅଛନ୍ତି ।

ପୂର୍ବଅଞ୍ଚଳର ସ୍କୁଲ ବିଭାଗର ଇନସ୍ପେକ୍ଟର ମିଃ ଜେ, ଏ, ଟେଲର ଓଡ଼ିଶା ବିଭାଗର ସ୍କୁଲ ସମୂହର ଇନସ୍ପେକ୍ଟରଙ୍କ ପଦରେ ନିଯୁକ୍ତ ହେଲେ ।

ଓଡ଼ିଶା ସ୍କୁଲ ସମୂହର ଇନସ୍ପେକ୍ଟର ରାୟ ରାଧାନାଥ ରାୟ ବାହାଦୁର ବର୍ଦ୍ଧମାନ ବିଭାଗର ସ୍କୁଲ ସମୂହର ଇନସ୍ପେକ୍ଟର ପଦରେ ନିଯୁକ୍ତ ହେଲେ ।

ବର୍ଦ୍ଧମାନବିଭାଗର ସ୍କୁଲ ସମୂହର ଇନସ୍ପେକ୍ଟର ବାବୁ ଗଣେଶାନନ୍ଦ, ମୁଖାର୍ଜୀ ପୂର୍ବଅଞ୍ଚଳର ସ୍କୁଲ ସମୂହର ଇନସ୍ପେକ୍ଟର ପଦରେ ନିଯୁକ୍ତ ହେଲେ ।

ଆଗାମୀ ଓକାଲତି ଓ ମୋକ୍ତାରି ପରୀକ୍ଷା ଆଗାମୀ ଫେବୃୟାରିମାସ ତା ୨୧, ୨୨ ଓ ୨୩ ଦିନରେ କଲିକତା ବିଶ୍ୱ-ବିଦ୍ୟାଳୟର ସିନେଟ ଗୃହରେ ଗୃହୀତ ହେବ ।

ଏ ନଗରରେ ଏ ସପ୍ତାହରେ ଶୀତ ଊଣା ଥିଲା । ପ୍ରାୟ ପ୍ରତିଦିନ ଅନେକ ବେଳ ପର୍ଯ୍ୟନ୍ତ କୁହୁଡ଼ି ହେଉଥିଲା ।

ସ୍କୁଲ ଇନସ୍ପେକ୍ଟର ରାୟ ରାଧାନାଥ ରାୟ ବାହାଦୁର ଗତ ବୁଧବାର ସ୍ୱପରିବାରେ କଲିକତା ଯାତ୍ରା କଲେ, ସେଠାରେ ବଙ୍ଗଳାର ସମସ୍ତ ସ୍କୁଲ ଇନସ୍ପେକ୍ଟରମାନେ ଏକତ୍ର ବସି ନ'ଟି ବିଷୟ ବିଚାର କରିବାର ଆଦେଶ ହୋଇଅଛି ।

ଅସ୍ମାନଙ୍କର ମାନ୍ୟବର କମିଶନର ସାହେବ କଲିକତାରୁ ଫେରି ବାଲେଶ୍ୱର ଯାତ୍ରା କରିଥିବେ । ସେଠାରୁ ମୟୂରଭଞ୍ଜ ନୀଳଗିରି ପ୍ରଭୃତି ଗଡ଼ଜାତ ପରିଦର୍ଶନରେ ବାହାରିବେ ।

କଟକ ନଗରରେ ଅନେକ ସ୍ଥାନରେ ଭଙ୍ଗା ବସନ୍ତ ଫୋଟାମାନଙ୍କ ଦେଖା ହୋଇଅଛି । ଏଥିରେ ବିପଦ ଘଟି ପାରେ । ମିଉନିସିପାଲିଟିରୁ ମାଲିକମାନଙ୍କ ପ୍ରତି ଉପଦେଶ ହେବାର ଉଚିତ ।

ଅଟଗଡ଼ ଗଡ଼ । ଗୋଟିଏ ବ୍ରାହ୍ମଣଶାସନ ବସାଇଅଛନ୍ତି ରାଜଭୂମିର ଉତ୍ସବରେ ବ୍ରାହ୍ମଣମାନଙ୍କର ସନ୍ତୋଷରୂପେ ନିର୍ବାହ ଚଳୁ ନାହିଁ । ଅନ୍ୟ ଉପାୟ ଦେଖିବା ଉଚିତ ।

ଢେଙ୍କାନାଳ ଗଡ଼ ନିକଟରେ ଗୋଟାଏ ଶଗଡ଼ଗାଡ଼ିକୁ ବାଘ ଆକ୍ରମଣ କରୁଥିବାବେଳେ ଶଗଡ଼ିଆ ଏକାକୀ ସେଗାଡ଼ି ଉପରେ ଚଢ଼ି ବାଘକୁ ଘଣ୍ଟେକ ଦୂର ଗୋଡ଼ାଇଥିଲା ସେଠାରେ ଅପରଦିନ ହୁଦ ରୂପରେ ବାଘ ବାହାରିଥିଲା । ଶଗଡ଼ିଆର ପରମାୟୁ ଅଧିକ ।

ଭଂପଡ଼ାର ରାଜା ବେହାଦାର ପାତ୍ରଶୀଳ ମହାଲରେ ନୂତନ ସେବାୟତ ନିଯୁକ୍ତ କରିଥିବାର ଶୁଣା ଯାଉଅଛି ।

ପୂର୍ବରେ ପାଞ୍ଚଅଠର ଚାରି ମକଦ୍ଦମାରେ ଅଧିକ ଜରିମାନା ହେଉଅଛି । ସବୁବେଳେ ମନୁଷ୍ୟର ଅସାଧାରଣ ନୁହେ । ଆଶା କରୁଁ ଏହା ସ୍ମରଣ ରଖି ବିଗ୍ରହକ ଦଣ୍ଡବିଧାନ କରୁଥାନ୍ତୁ ।

ବାଲେଶ୍ୱର ମଙ୍ଗଳପୁର ନିକଟ ଏକ ପୋଖରୀ ପାଣିରେ ଏକ ବାଘ ମଞ୍ଜିଥିଲାକୁ ଆକ୍ରମଣ କରିବା ସମୟରେ ମହିଷିମାନେ ଜାଣି ପାରି ବଇଁଚ ଚାରିପାଖେ ଘେରି ଗଲେ । ବାଘ ସେ ଘେରକୁ ଭାଙ୍ଗି ଗୋଠ ପଛରେ ଅଷ୍ଟ-ଧା ଘଣ୍ଟା ଏକ ବଳଦକୁ ଧରି ମାରି ଦେଲା ।

ପଟ୍ଟଅଭି ସାବନ୍ତ ରାଜା ଜେଜେ ଦେବାଳୟର ସେବକମାନଙ୍କ ସେବାରୁ ଖାରଜ କରିଥିଲେ । ନୂତନ ସ୍ଥାନୀ ଲୋକମାନଙ୍କୁ ପୁନର୍ବାର ନିଯୁକ୍ତ କରିଥିବାର ଶୁଣା ଯାଉଅଛି ।

ବାଙ୍କର ପରଗଣାର ଗଡ଼ଗଣ ନ ମର ଗ୍ରାମରେ ଜଣେ ବ୍ରାହ୍ମଣ ପୂଜାବିଧାନ କରିବା ନିମିତ୍ତ ଘର ଦ୍ୱାର ପରିଷ୍କାର କରୁଥିବା କାଳରେ ସର୍ପାଘାତରେ ତାଙ୍କର ମୃତ୍ୟୁ ହେଲା । ଅନ୍ତତଃ ଦେବ ବାର୍ଯ୍ୟତେ ।

ଭରଣ ପରଗଣା ଅନ୍ତର୍ଗତ ଉଥାଙ୍ଗ ଗ୍ରାମନିବାସୀ କୃଷ୍ଣଚନ୍ଦ୍ର ସଞ୍ଜପୁରଙ୍କର ହଠାତ୍ ଉଦ୍ଧା ପଞ୍ଚାଉଥ ଗ୍ରାମରେ ମୃତ୍ୟୁ ହୋଇଅଛି । ଏଠା ଡାକ୍ତରଖାନାରେ ତାଙ୍କର ଶବ ପରୀକ୍ଷା ହୋଇଥିଲା । ମୃତ୍ୟୁର କାରଣ ମୁଣ୍ଡର ଆଘାତ କହୁଅଛନ୍ତି । କୃଷ୍ଣଚନ୍ଦ୍ର ବହୁତ ଭୂସମ୍ପତ୍ତିର ଅଧିକାରୀ, ଏବଂ ତାଙ୍କ ସ୍ୱଜାତିଙ୍କର ପୂଜ୍ୟବ୍ୟକ୍ତି ଥିଲେ ।

ଗତ ବର୍ଷର ଷାଣ୍ମାସିକ ରିପୋର୍ଟରୁ ପ୍ରକାଶ ଯେ ସେ ସମୟ ମଧ୍ୟରେ ସମୁଦାୟ ଯାତ୍ରୀଙ୍କ ମଧ୍ୟରୁ ୨୦ ଜଣ ଲୋକ ହତ, ଓ ୧୯ ଜଣ ଆହତ ହୋଇଥିଲେ ଅର୍ଥାତ୍ ୬୦ ଲକ୍ଷ ଲୋକଙ୍କ ମଧ୍ୟରୁ ଜଣେ ଯାତ୍ରୀ ହତ ବା ଆହତ ହୋଇଥିଲେ ଅନୁପାତ ଧରି ଦେଖିଲେ ଭାରତର ରେଲଗାଡ଼ିର ଗତି ଅନ୍ୟାନ୍ୟ ଦେଶଠାରୁ ଊଣା ହେଲେହେଁ ବହୁ ପରିମାଣରେ ନିରାପଦ ।

ମେଦିନୀପୁର ଗୋପୀବଲ୍ଲଭପୁରର ସର୍ବେଶ୍ୱରାନନ୍ଦ ଦେବ ଗୋସ୍ୱାମୀ ବୃନ୍ଦାବନକୁ ଯାଇ ଶ୍ୟାମସୁନ୍ଦର ଜୀଉଙ୍କ ନିକଟରେ ଦଣ୍ଡ ପ୍ରଣାମ କରିବା ସମୟରେ ଦେହତ୍ୟାଗ କରିଅଛନ୍ତି । ବୃନ୍ଦାବନ ଶିକ୍ଷା ସମ୍ବନ୍ଧରେ ଜଣଙ୍କ ବିଶେଷ କରିଥିଲେ । କାରଣ ତାଙ୍କର ପିତା ବହୁପର ବୃନ୍ଦାବନ ଯାଇ ପରଲୋକ ହୋଇଥିଲେ ।

କଲିକତାର ସରକାରୀ ଉକିଲ (ଅଡ଼ଭୋକେଟ ଜେନେରଲ) ମାନ୍ୟବର ସାର ପାଲସାହେବ ଡିସେମ୍ବର ତା ୧ ରିଖ ଖିଦିରପୁରରେ ସ୍ୱର୍ଗାରୋହଣ କଲେ । ସେ ବ ୨୫ ବର୍ଷରୁ ଊର୍ଦ୍ଧ୍ୱ କାଳ ଅତି ଦକ୍ଷ ବ୍ୟବସାୟ କରି ଅବସର ହୋଇଥିଲେ ।

କଲିକତାର ମେଡ଼ିକାଲକଲେଜର ଡେମନଷ୍ଟ୍ରେଟର ଶରତ ଅମୃତ ଚନ୍ଦ୍ର ନା ୨୫ ସ ଛୁଟି ଗ୍ରହଣ କରିବାରୁ ମିଃ ଏସ୍ ଉଦ୍ଧବ ଚନ୍ଦ୍ର ଦାସ ସ୍ଥାନରେ ନିଯୁକ୍ତ ହୋଇଅଛନ୍ତି ।

ଜେନେରଲ ବୁଲେର ସାହେବ ଟାଲେର ସ୍ତନ ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ ।

କାର୍ତ୍ତିକ ଥିଏଟରର ମାନେଜର ଜନ୍ମଭୂମିର ସମ୍ପାଦକଙ୍କ ନାମରେ ମାନହାନି ମୋକଦ୍ଦମା ଉପସ୍ଥିତ କରିଥିଲେ । ସମ୍ପାଦକ କ୍ଷମା ପ୍ରାର୍ଥନା କରିବାରୁ ମୋକଦ୍ଦମା ଉଠି ଯାଉଅଛି ।

ମୁଙ୍ଗେରଠାରେ କାୟସ୍ଥ ସମିତିର ଅଧିବେଶନ ଫେବୃୟାରି ମାସ ତା ୨୫ ରିଖରେ ହୋଇଥିବ । ପ୍ରାୟ ପ୍ରତିନିଧି ଓ ଦର୍ଶକ ସମିତିରେ ଉପସ୍ଥିତ ଥିବେ । ମୃତ୍ୟୁ ଭିକ୍ଷୁକ ସେମାନଙ୍କ ମଧ୍ୟରେ ଶିକ୍ଷାବିସ୍ତାର କରିବା ବିଧବା ଓ ଅନାଥମାନଙ୍କୁ ସାହାଯ୍ୟ ପ୍ରଦାନ କରିବା ।

ଖଡ୍ଗପୁରଠାରୁ ସେଣ୍ଟର ପର୍ଯ୍ୟନ୍ତ ରେଲବାଟ ପ୍ରସ୍ତୁତ ହେଉଅଛି । ଏହି ମାସ ମଧ୍ୟରେ ମେଦିନୀପୁର ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ହେବ ଶୁଣାଯାଏ ।

ଖଡ୍ଗପୁର ନିକଟରେ ଗୋଟାଏ ନରହତ୍ୟା ହୋଇଅଛି ମେଦିନୀପୁରର ପୋଲିସ ଅନୁସନ୍ଧାନ କରୁଅଛନ୍ତି ।

ପେଟେଲିଗ ସ୍ୱଦେଶୀ ସ୍ଥାନର ପ୍ରତିନିଧିମାନଙ୍କର ସମିତିର ମଣ୍ଡପକୁ ଗମନାଗମନ ବିଷୟରେ ସବୁ ଥିଲା କରୁ ସେହି ସବୁ ସ୍ଥାନର ଦର୍ଶକମାନଙ୍କ ପକ୍ଷରେ କାରଣ ନ ଥିଲା ।

ଲେଡ଼ୀ କର୍ଜନ ହାସପାତାଲ ନିମନ୍ତେ ଦାତବ୍ୟ ସମିତିରେ ଥିଲେ ସମ୍ରାଟ ଦ୍ୱାରା କଲିକତାର କନ୍ସଟ ନିକଟରେ ଟ ୧୫୦୦୦ ଟଙ୍କା ବ୍ୟୟ କରିଥିଲେ । ମୋକଦ୍ଦମାରେ ହାକିମରେ ତାଙ୍କ ବରୁଦ୍ଧରେ ଟ ୨୫ ଟଙ୍କା ଜରିମାନା ହୋଇଅଛି । ମୋକଦ୍ଦମାରେ କେତେ ଧରନ୍ତି । ଏଥିରୁ ସେମାନେ କିଛି ଶିକ୍ଷା କରିବେ କି ?

ଡିସେମ୍ବରମାସ ତା ୨୮ ରିଖରେ ଶ୍ରୀମତୀ ମହାରାଣୀ ବର୍ଷକୁ ଯାତ୍ରା କରିଅଛନ୍ତି ।

ଶ୍ରୀ ଜଗନ୍ନାଥଙ୍କର ବଡ଼ପଣ୍ଡା ଦ୍ୱିତୀୟବାର ଇଂରେଜଙ୍କର ଜନ୍ମ ବାମନାରେ ଉଦ୍ଦାମ ଅଶ୍ଳୀଳ ଓ କରିଥିଲେ ଏ ଦିଗ୍ଧା ଗତ ଡିସେମ୍ବର ମାସ ତା ୧୬ ରିଖରେ ସମାପ୍ତ ହେଲା । ଏ ଜଣେ ଭକ୍ତ ପ୍ରଜାରନ୍ତି ।

କୌଣସି ସମ୍ବାଦ ପତ୍ରରେ ଲେଖାଯାଏ ଯେ ଟ୍ରାନ୍ସଭାଲ ଯୁଦ୍ଧରେ ଗତ ଡିସେମ୍ବରମାସ ତା ୨୨ ରିଖ ପର୍ଯ୍ୟନ୍ତ ଇଂରେଜଙ୍କ ସୈନ୍ୟ ମଧ୍ୟରୁ ୮୫୦ ଜଣ ହତ ଓ ୨୫୫୪ ଜଣ ଆହତ ଏବଂ ୨୨୨୮ ଜଣ ବନ୍ଦୀକୃତ ହୋଇଅଛନ୍ତି ଏ ସଂଖ୍ୟା ମଧ୍ୟରେ ଅନେକ ସେନା କର୍ମଚାରୀ ଅଛନ୍ତି ଏହି ସର୍ବମୋଟ ୭୯୬୧ ଜଣ ଅଟନ୍ତି ।

କପିଳାସ ନିକଟସ୍ଥ ଏକସ୍ଥାନରେ ଜଣେ ସ୍ତ୍ରୀ ପୁତ୍ର ପ୍ରସବ କଲା । ଗତ ନଭେମ୍ବରମାସ ତା ୨୧ ରିଖରେ ବାଳେ ଗୋଟିଏ ଓ ତା ୨୩ ଦିନ ସନ୍ତାନମାନେ ଯୋଡ଼ିଏ ଜନ୍ମ ହେଲେ । ଏ ତିନୋଟି ଶିଶୁ ଓ ମାତା ପିଲା ହେଲେ ମାତ୍ର ପ୍ରସବର ଅନୁସନ୍ଧାନରେ ମଙ୍ଗଳରେ ଜୀବିତ ରହିଅଛନ୍ତି ।

ମୂଲ୍ୟପ୍ରାପ୍ତି ।

ଶ୍ରୀ ବାବୁ ଜଗନ୍ନାଥ ମହାପାତ୍ର	ବାଲୁଝିପୁର
„ ଦେବନାଥ ପ୍ରଧାନ	ଲୋଡ଼ପଦା
„ ରାଧାଚରଣ ମହାନ୍ତି	କଣ୍ଟାପଡ଼ା
ମିର୍ଜ୍ଜା ହେଦାୟତଅଲ୍ଲି ବେଗ	ଦନାପୁର
ଶ୍ରୀ ବାବୁ ହରେକୃଷ୍ଣ ଦାସ	ଅନ୍ତ
„ ମଧୁ ଦାସ	ମଧ୍ୟପଡ଼ା

Split by PDF Splitter

Digitized by srujanika@gmail.com

Split by PDF Splitter

ବିଜ୍ଞାପନ ।

ଯେହେତୁ କଟକ ଜିଲା ଅନ୍ତର୍ଗତ ସଦର ଜଗତ୍‌ସିଂହପୁର, ତିର୍ତ୍ତୋଲ, ସାଲେପୁର ଓ ବାଙ୍କି ଥାନା ମଧ୍ୟସ୍ଥିତ ସମସ୍ତ କାଞ୍ଜିହାଉସ୍ (ପାଉଣ୍ଡ) ସନ ୧୯୦୦ ମସିହା ଜାନୁୟାରୀ ମାସ ତା ୧ ରଖଠାରୁ ସନ ୧୯୦୧ ମସିହା ମାର୍ଚ୍ଚମାସ ତା ୩୧ ରଖ ପର୍ଯ୍ୟନ୍ତ ୧ ବର୍ଷ ୩ ମାସ ନିମନ୍ତେ ସନ ୧୯୦୦ ମସିହା ଜାନୁୟାରୀ ମାସ ତା ୧୬ ରଖ । ମୁ । ସନ ୧୩୦୭ ସାଲ ମାଘ ମାସ ୨ ୪ ତ ମଙ୍ଗଳବାର ଦିବା ୨ ୮ ଘଣ୍ଟା ସମୟରେ କଟକ ସଦର ଲୋକାଲବୋର୍ଡ ଅଫିସରେ ଶ୍ରୀଯୁକ୍ତ ଚେୟାରମେନ ବାହାଦୂରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜରା ବନ୍ଦୋବସ୍ତ ହୋଇବ ଅତଏବ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଯେଉଁମାନେ ତାକୁ ନିଲାମରେ ଇଜରା ନେବାକୁ ଇଚ୍ଛା କରନ୍ତି ସେମାନେ ଉକ୍ତ ଉପରଲିଖିତ ନିରୂପିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ତାକୁ ନିଲାମରେ ଇଜରା ନେଇ ପାରିବେ । ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ନାମରେ ନିଲାମ [illegible] ହେବ ଓ ନିଲାମ ଗ୍ରହୀତା ତତ୍‌କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେଉଅଛି ନିଲାମ ଟଙ୍କାର ଚତୁର୍ଥାଂଶ ଜାମିନ ସ୍ୱରୂପ ଅବଲମ୍ବେ ଦାଖଲ କରିବେ ଓ ବାକି ଟଙ୍କା ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ । ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବା ମାତ୍ରେ ଦାଖଲ ନ ହେଲେ ସେ ନିଲାମ ରହିବ ଓ ପ୍ରତ୍ୟେକ ଦ୍ୱାରର ଖଜଣା ଦେଇ ପ୍ରଥମ ଡାକରେ ଅସାମୀ ହେବାକୁ ନ ହେଲେ ତହିଁର ଯେ ଯତ ହେବ ନିଲାମ ହେବାକୁ ହେବ । ନିଲାମ [illegible] ହେଲାରୁ ସହଳ [illegible] ଡାକ ବୋର୍ଡ ଚେୟାରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ସ୍ୱଇଚ୍ଛାରେ ହବୁଲିୟତ ଲେଖି [illegible] ରେଜେଷ୍ଟ୍ରି କରିଦେବେ । ଉପରୋକ୍ତ [illegible] ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବା ଆବଶ୍ୟକ ହେଲେ ସଦର ଲୋକେଲବୋର୍ଡ ଅଫିସରେ ହାଜର ହୋଇ ବୁଝି [illegible] ।

ପ୍ରକାଶ ଥାଉ କି କାଞ୍ଜିହାଉସ୍‌ମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକି ପାରିବେ ତଦନନ୍ତରେ ଯଦ୍ୟପି ନିଲାମ ଖରିଦ୍ଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହା ହେଲେ ତତ୍‌କ୍ଷଣାତ୍ ତାହାର ଡାକ ରଦ୍ଦ କରା ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ସାଁନ ଦିଆ କରାଯିବ ।

ଥାନା କଟକ

୧ । ଝଉବାଗ୍ରୀ ୩ । [illegible]ଥପୁର

୨ । ଘାଟଙ୍ଗି

ଥାନା ବାଙ୍କି

୧ । ପଥୁରିଆପଡ଼ା

ଥାନା ସାଲେପୁର

୧ । କଣ୍ଟନାଥପୁର

ଥାନା ଜଗତ୍‌ସିଂହପୁର

୧ । ସଙ୍ଖରିଗାହ ୨ । ବର୍ଦ୍ଧି

୩ । ଝରିଲୋ ୪ । ଜଥଲି

୫ । ରଘୁସିପୁର

ଥାନା ତିର୍ତ୍ତୋଲ

୧ । ନୟାପାଟଣା ୨ । ପଟ୍ଟଲ

Mayadhur Das
Vice-Chairman.

I. G. N. & Ry. Co.
&
Messrs MACNEILL & Co.

Steamer Notice.

The steamers leave Cuttack for Chandballi and Calcutta on every Sunday, Wednesday and Friday at 9 A. M.

ଚାନ୍ଦବାଲି ବାଟରେ କଲିକତା ଯିବାର ଷ୍ଟିମର ରବିବାର, ବୁଧବାର ଏବଂ ଶୁକ୍ରବାର ଦିନ ସ ୯ ଘଣ୍ଟା ସମୟରେ ଛାଡ଼ୁଛି । କଟକଠାରୁ କଲିକତା ଯିବାର କମ୍ପା କଲିକତାଠାରୁ ଫେରି ଆସିବାର ତୃତୀୟ ଶ୍ରେଣୀର ଭଡ଼ା ଟ ୧୫/

ପ୍ରକାଶଥାଉକ ପୁରୀ ବଡ଼ଦାଣ୍ଡ ନିକଟରେ ଉକ୍ତ କମ୍ପାନୀର ଟିକଟ ଅଫିସ ଖୋଲା ହୋଇଅଛି ସେଠାରେ ଟିକଟ ନେଇ ଆସିଲେ ୧ ହି. ବାଉଚୋଟରେ ଯାଇପାରିବ ।

Cuttack, The 11th Decr. '99. — H. J. BELL, *Joint Agent,*

Wanted immediately two experienced Surveyors on a salary of Rs. 30 per month for surveying the Bouli irrigation bundhs in Angul Preference will be given to those having experience in surveying and levelling irrigation projects.

Angul District Engineer's office Camp Cuttack 22—12—99. — B. C. Majumdar, *District Engineer,* ANGUL.

Wanted an Overseer for the Dhenkanal Public Works Department on a salary of Rs. 50 with a fixed travelling allowance of Rs. 15 per month. Preference will be given to a passed Overseer of the Sheebpur C. E. College with experience in road and building works.

Application will be received by the undersigned up to 15th January, 1900.

Angul District Engineer's office Camp Cuttack 22—12—99. — B. C. Majumdar, *District Engineer,* ANGUL.

କିମ୍ବୁପ୍ରାଇମେରୀ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରି ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ଡ଼ାକରେ ପଠାଇଦିଆଯାଏ । ନାନାପ୍ରକାର କାଗଜ, ପେନସିଲ, କଲମ, ଦୁଆତ, ସ୍ଲେଟ ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଏମ୍ପୋରିୟମରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟରୀ ।

Digitized by srujanika@gmail.com

Split by PDF Splitter

ବିଜ୍ଞାପନ ।

ଉଦ୍‌ଯୋଗ ସମିତିର ଭଣ୍ଡାର
କଟକ

କ୍ରେତା ଓ ବିକ୍ରେତାର ସ୍ୱାର୍ଥ ଯହିଁରେ ବିପରୀତ ନ ହୁଏ, ଅର୍ଥାତ୍ କ୍ରେତାର ଲାଭରେ ବିକ୍ରେତାର ଲାଭ ଏବଂ ବିକ୍ରେତାର ଲାଭରେ କ୍ରେତାର ଲାଭ ହୋଇପାରେ, ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ ଭଣ୍ଡାର ସ୍ଥାପିତ ହୋଇଅଛି । ପ୍ରବଞ୍ଚନା, କ୍ରୟ ସମୟରେ ଅତାରଣ ବ କ୍ଷତଣ୍ଡା ପ୍ରଭୃତିଠାରୁ କ୍ରେତାମାନଙ୍କୁ ରକ୍ଷାକରିବା ନିମନ୍ତେ ବିଶେଷ ଉପାୟ କରାଯାଇଅଛି । ଦୋକାନରେ ରଖା ଯାଇଥିବା ଦ୍ରବ୍ୟାଦିର ମୂଲ୍ୟର ତାଲିକା କ୍ରେତାମାନେ ଦେଖିପାରିବେ । ସେହି ନିର୍ଦ୍ଦିଷ୍ଟ ମୂଲ୍ୟର ହ୍ରାସ ବୃଦ୍ଧି କରିବାର କ୍ଷମତା କର୍ତ୍ତୃପକ୍ଷ ଛଡ଼ା ଆଉ କାହାରି ନାହିଁ । କର୍ତ୍ତୃପକ୍ଷ ମଧ୍ୟ ବିଶେଷ ବିବେଚନାର ସହିତ ଯେତେଦୂର ସମ୍ଭବ ମୂଲ୍ୟ ସୁଲଭ କରିଥାନ୍ତି । ସମୁଦାୟ ଦ୍ରବ୍ୟର ତାଲିକା ଦେବା ସମ୍ଭବ ନୁହେଁ । ପ୍ରଧାନ କେତେକ ଦ୍ରବ୍ୟର ନାମ ପ୍ରକାଶ କରାଯାଉଅଛି ।

ଦେଶୀ ତସର, ଚନ୍ଦ୍ରକୋଣା, ଫରାସଡ଼ାଙ୍ଗା, ଧାକନା ଓ ଶାନ୍ତିପୁରୀ ଧୂତି ଚଦର ଓ ଶାଢ଼ି; ଭିନ୍ନ ସ୍ଥାନର ଚଦର, ଗରଦ, ବସ୍ତ୍ର; ନାନା ରକମର ପଞ୍ଝି ଲୁଗା; ବୋମ୍ବାଇ, ମାନ୍ଦ୍ରାଜ, ନାଗପୁର, ଅହ୍ମଦାବାଦ ଓ କାନପୁର ପ୍ରଭୃତିର କଲର ଟୁଇଲ ଚଦର ଲଂକ୍ଳଥ ଛିଟ ମୋଜା ଗଞ୍ଜିଆ ଗାମୁଛା ପ୍ରଭୃତି; ସବୁପ୍ରକାର ବାଦାମି ଓ ଧଳା କାଗଜ, ଉଠର କାଗଜ, ଲେଫାଫା, ଦୁଆତ, କାଳି, କଲମ, ପେନସିଲ, ରବେରକ, ବ୍ରସ, କଣ୍ଟିତ, ଷ୍ଟିଲ ପେନ, ଝଟ ପ୍ରଭୃତି, ସବୁପ୍ରକାର ଉପଭଙ୍ଗ ଦ୍ରବ୍ୟାଦି । ସବୁପ୍ରକାର ସାବୁନ, ଉତ୍କୃଷ୍ଟ ସୁଗନ୍ଧ ତୈଳ ଓ ସୁଗନ୍ଧି ପାଉଡର; ବାରଲି, ଏରାରୁଟ, ଶ.ଗୁ ପ୍ରଭୃତି ରୋଗୀମାନଙ୍କର ବଳବର୍ଦ୍ଧକ ପଥ୍ୟ; କଟକର ବିଖ୍ୟାତ ଚିଙ୍ଗୁଡ଼ି ଛଡ଼, ଫରୁଆ ଓ ଖେଲଣା, ଏବଂ ରୂପାର ନିର୍ମିତ ଫୁଲ, ଅତର-ଦାନ, ଗୋଲାପ-ପାଶ, ଡିବା, ନାନାବିଧ ଅଳଙ୍କାର । ଏତଦ୍ଭିନ୍ନ ଅନ୍ୟ ଦ୍ରବ୍ୟ ନେବାକୁ ଇଚ୍ଛା କଲେ ମୂଲ୍ୟର କେତେକାଂଶ ଜମା ଦେଲେ ସୁଲଭ ମୂଲ୍ୟରେ ଆଣି ଦିଆଯାଏ । କଟକ ଦେଓ୍ୱାନି ଅଦାଲତର ସମ୍ମୁଖରେ ଭଣ୍ଡାର ସ୍ଥାପିତ ।

ନୂତନ ଆମଦାନୀ
ନାନାବିଧ ଶୀତବସ୍ତ୍ର ।

ବିଜ୍ଞାପନ ।

ମହାନାଟକ (୭୧୫ ଶ୍ଳୋକ ଏବଂ ଗଦ୍ୟ)

ଏକଖଣ୍ଡ	ମୂଲ୍ୟ	ଟ ୦ ।/
ଶବ୍ଦବ୍ରହ୍ମଗୀତା	"	ଟ ୦ ⁄
ଅନନ୍ତସାଗର ଗୀତା	"	ଟ ୦ ⁄
ପ୍ରେମସୁଧା ସିନ୍ଧୁ	"	୦ ।/
ମହାକାନ୍ତ ଚଉତିଶା	"	ଟ ୦ /

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

ବନାରସ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର ଅଠମଲ୍ଲିକ, ନୟାଗଡ଼, ସରାଇକଲା ପ୍ରଭୃତିର ରାଜାମାନଙ୍କ ନିକଟ [illegible] ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଯୋଡ଼ି, ଫେଟା, କିଂଖାପ, ବାଫ୍ତା ସଙ୍ଗୀ ଦୋପଟ୍ଟା ମଖମଲ, ଶିରରେ ବାନ୍ଧିବାର ପେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ରଞ୍ଜିତ ଖଦଡ଼ ଅଙ୍ଗୁସ୍ତି ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତୟାରି କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । ଅଧିକ ବେଶୀ ମାଲ କିଣିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ ପାର୍ଶଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାଲ୍ଲୁମଲ ଭୋଳାନାଥ
କୁଞ୍ଜଗଲି ଚୌକ ବନାରସ ସିଟି

ନୂତନ ପୁସ୍ତକ ।

ଶୂଦ୍ରମୁନି ଶାରଳାଦାସଙ୍କ
ସଚିତ୍ର
ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି ତହିଁର ମୂଲ୍ୟ ଏକତ୍ରରେ ଟ ୧୬।/ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

୧ ଆଦ୍ୟ ପର୍ବ	ଟ ୨।
୨ ମଧ୍ୟ ପର୍ବ	ଟ ୨।
୩ ସଭା ପର୍ବ	ଟ ୨।
୪ ବନ ପର୍ବ	ଟ ୨।
୫ ବିରାଟ ପର୍ବ	ଟ ୧।
୬ ଉଦ୍‌ଯୋଗ ପର୍ବ	ଟ ୧।
୭ ଭୀଷ୍ମ ପର୍ବ	ଟ ୧।
୮ ଦ୍ରୋଣ ପର୍ବ	ଟ ୧୧
୯ କର୍ଣ୍ଣ ପର୍ବ	ଟ ୦।⁄
୧୦ ଶଲ୍ୟ ପର୍ବ	ଟ ୦ ⁄
୧୧ ଗଦା ପର୍ବ	ଟ ୦।
୧୨ କାଳିଟିକା ବା ସୌପ୍ତିକ ପର୍ବ	ଟ ୦।/
୧୩।୧୪ ନାରୀ ଓ ଶାନ୍ତି ପର୍ବ	ଟ ୦ ⁄
୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ	ଟ ୦ [illegible]
୧୭ ମୁଷଳୀ ପର୍ବ	ଟ ୦।⁄
୧୮ ସ୍ୱର୍ଗାରୋହଣ ପର୍ବ	ଟ ୦ [illegible]
ସଚିତ୍ର ଚୈତନ୍ୟ ଚରିତାମୃତ	ଟ ୨ [illegible]

ଗ୍ରାହକେ କଟକ ଦରଘାବଜାରସ୍ଥ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ପାଇ ପାରିବେ ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଶୁଳ୍କ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା:-

ପ୍ରଥମଥର ସକାଶେ

ଧାଡ଼ିପ୍ରତି	ଟ ୦ ⁄
ଅର୍ଦ୍ଧସ୍ତମ୍ଭକୁ	ଟ ୨ ୧
ପୂର୍ଣ୍ଣ ଏକ ସ୍ତମ୍ଭକୁ	ଟ ୩ ୧

ମାତ୍ର କୌଣସି ବିଜ୍ଞାପନ ଯେତେ [illegible] ତହିଁର ଶୁଳ୍କ ଟ ୦ ୪ ଣାରୁ ଊଣା [illegible] ।

ଦ୍ୱିତୀୟ ଓ ତୃତୀୟଥର ସକାଶେ [illegible] ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ [illegible]

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା ସହର କଟକ [illegible] "ପ୍ରିଣ୍ଟିଂ କମ୍ପାନୀ"ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ ୩୫ ଶ } ତା ୧୮ ରୁଝ ସେପ୍ଟେମ୍ବର ସନ ୧୯୦୦ ମସିହା, । ତ ୧ ଲ ଶ୍ରାବ ଶକ ୧୮୦୭ ସାଲ ଶନିବାର { ଅଗ୍ରୀମ ଟ ୩୯
ସଂ ୨ ଖ୍ୟା } { ପଶ୍ଚାଦ୍ଦେୟ ଟ ୬୯

ବିଜ୍ଞାପନ ।

ନୂତନ ପଞ୍ଜିକା ।

ଓଡ଼ିଆ ୧୮୨୭ ସନ ୧୩୦୭ ଓ ୧୩୦୮ ଇଂରାଜୀ ସନ ୧୯୦୦ ଓ ୧୯୦୧ ପୂର୍ବପରି କଟକ ପ୍ରିଣ୍ଟିଂକମ୍ପାନିଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

ବଡ଼ ଟ ୦ ।

ଛୋଟ ଟ ୦୧୬

ମୋଫସଲ ଲୋକଙ୍କୁ ଡାକମାସୁଲ ଟ ୦/ ଯେଉଁମାନଙ୍କର ରେଲ ଅଥବା ଷ୍ଟିମାରଦ୍ୱାରା ନେବାର ସୁବିଧା ଅଛି ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

ଓଡ଼ିଶା ସ୍କୁଲ ସମୂହର ଇନ୍‌ସ୍ପେକ୍ଟର ଶ୍ରୀଯୁକ୍ତ ରାଧାନାଥ ରାୟବାହାଦୁର କଟକ ଜିଲ୍ଲା ସ୍କୁଲ ସମୂହର ଡେପୁଟି ଇନ୍‌ସ୍ପେକ୍ଟରଙ୍କ ଚାର୍ଜ ଦେଇଅଛନ୍ତି । କଲିକତାରୁ ପୂର୍ବ ସ୍ଥାୟୀ କଟକ ନଗରକୁ ହେଉ ନ ଆସି ପରବାରରେ ବର୍ତ୍ତମାନରେ ନିଯୁକ୍ତ ହୋଇ ସେଠା ଇନ୍‌ସ୍ପେକ୍ଟରଙ୍କଠାରୁ ଚାର୍ଜ ଗ୍ରହଣ କରିବେ । ରାୟବାହାଦୁର ବହୁବର୍ଷ ଓଡ଼ିଶା ମଧ୍ୟରେ ସୁଖ୍ୟାତି କାର୍ଯ୍ୟ କରିଥିଲେ । ଅବସର ଗ୍ରହଣ ସମୟରେ ସ୍ଥାନାନ୍ତରିତ ହେବା ଅବଶ୍ୟ ଦୁଃଖର ବିଷୟ ।

ଶିକ୍ଷା କମିସନ ଗତ ସାମ୍ବତ୍ସରିକ ରିପୋର୍ଟ ସମ୍ବନ୍ଧରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କର ଯେଉଁ ସମାଲୋଚନା ବାହାରିଅଛି ତହିଁରେ ଭିନ୍ନ ସ୍ଥାନସ୍ଥ ଶାସନକର୍ତ୍ତାମାନଙ୍କୁ ଅନେକ ପ୍ରଶ୍ନ ହୋଇଅଛି । ବଙ୍ଗୀୟ ଗବର୍ଣ୍ଣମେଣ୍ଟ ତାହାଙ୍କର ଅଧୀନସ୍ଥ ପ୍ରଦେଶ ସମ୍ପର୍କୀୟ ପ୍ରଶ୍ନମାନ ବିବେଚନା କରି ସଦୁତ୍ତର ଦେବା ନିମିତ୍ତ ସ୍କୁଲ ଇନସ୍ପେକ୍ଟରମାନଙ୍କର ଗୋଟିଏ ବୈଠକ କରିବାର ଆଦେଶ ଦେବାରୁ ତଦନୁସାରେ ସ୍କୁଲ ଇନ୍‌ସ୍ପେକ୍ଟରମାନେ କଲିକତାରେ ଏକତ୍ର ହୋଇଅଛନ୍ତି । ସେମାନେ ଯେ ପରାମର୍ଶ ଦେବେ ତାହା ଯଥାକାଳରେ ପ୍ରକାଶ ପାଇବ ।

ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ସପ୍ତାହମଧ୍ୟରେ ପ୍ରାୟ ୨,୫୦,୦୦୦ ଲେଖାଏଁ ବୃଦ୍ଧି ହେଉଅଛି । ଗତ ସପ୍ତାହରେ ଏକା ମଧ୍ୟପ୍ରଦେଶରେ ଏକଲକ୍ଷ ଏବଂ ବମ୍ବେରେ ଅର୍ଦ୍ଧଲକ୍ଷ ବୃଦ୍ଧି ହୋଇଥିଲା । ମୋଟରେ ଯେତେ ଲୋକ କାର୍ଯ୍ୟ ଅଥବା ଦାନ ଇତ୍ୟାଦିଦ୍ୱାରା ସାହାଯ୍ୟ ପାଉଥିଲେ ସେମାନଙ୍କର ସଂଖ୍ୟା ୫୦ ଲକ୍ଷରୁ ଅଧିକ ହେବ । ମାତ୍ର ସରକାରୀ ତାଲିକାର ଅଙ୍କ ତହିଁରୁ କିଛି ଊଣା ଅଟେ । ଅନ୍ତତଃ ଏକା ମଧ୍ୟପ୍ରଦେଶରେ ସାହାଯ୍ୟ ପାଉଥିବା ଲୋକଙ୍କ ସଂଖ୍ୟା ୧୬ ଲକ୍ଷରୁ ଊଣା ନୁହେ । ସେହି ପ୍ରଦେଶରେ ଦୁର୍ଭିକ୍ଷ ସର୍ବାପେକ୍ଷା ପ୍ରବଳ ହୋଇଅଛି ।

ଏ ନଗରର ଶ୍ରୀ ଭଗବଦ୍ଭକ୍ତି ପ୍ରଦାୟିନୀ ସଭାର ସାମ୍ବତ୍ସରିକ ଉତ୍ସବ ଉପଲକ୍ଷରେ ଶ୍ରୀମଦ୍ ଗୌରଦ୍ବୈତାଚାର୍ଯ୍ୟ ମହାପ୍ରଭୁଙ୍କ ବଂଶୋଦ୍ଭବ ଭଗବଦ୍ଧର୍ମପ୍ରଚାରକ ଶ୍ରୀ ମଦନଗୋସ୍ୱାମୀ ଶ୍ରୀ ଗୋପାଳଜୀଉଙ୍କ ମନ୍ଦିରରେ ଗତମାସ ତା ୫ ରିଖ ଶୁକ୍ରବାରଠାରୁ ତା ୧୦ ରୁ ବୁଧବାର ପର୍ଯ୍ୟନ୍ତ ଶ୍ରୀମଦ୍ଭାଗବତ ବ୍ୟାଖ୍ୟା ଓ ଧର୍ମ ବିଷୟରେ ବକ୍ତୃତା ପ୍ରଦାନ କରିଥିଲେ । ଗୋସ୍ୱାମୀ ମହୋଦୟଙ୍କର ବ୍ୟାଖ୍ୟା ଓ ବକ୍ତୃତା ଶୁଣିବା ନିମନ୍ତେ ଅନେକ ଭଦ୍ରଲୋକ ସଭାସ୍ଥଳେ ଉପସ୍ଥିତ ହୋଇଥିଲେ ଓ ସେମାନେ ସମସ୍ତେ ପ୍ରୀତ ଲାଭ କରିଥିଲେ । ସାଧାରଣ୍ୟମାନଙ୍କର କର୍ତ୍ତବ୍ୟ, ପ୍ରେମଭକ୍ତି, ସାଧନଭକ୍ତି ଓ ଶ୍ରୀ କୃଷ୍ଣଙ୍କ ରାସଲୀଳା ସମ୍ବନ୍ଧରେ ବକ୍ତୃତା ପ୍ରଦାନ କରିଥିଲେ ।

—※—

ବେଙ୍ଗଲ ନାଗପୁର ରେଲୱେ କମ୍ପାନୀ ବିଜ୍ଞାପନ ଦେଇଅଛନ୍ତି କି ଖଡ଼ଗପୁରଠାରୁ ଯେଉଁ ମେଲ ରେଲଗାଡ଼ିମାନ ରାତ୍ରି ଘ ୫।୧୫ ମିନିଟ ବେଳେ ବାହାରି ରାତ୍ରି ଘ ୧୨।୧୧ ମିନିଟରେ ( ) ଘାଟରେ ପହଞ୍ଚି ଏବଂ କୋଲଘାଟ ରୁ ରାତ୍ରି ଘ ୫।୫୦ ମିନିଟରେ ବାହାରି ଘ ୧୨।୨୬ ମିନିଟ ବେଳେ ଖଡ଼ଗପୁରରେ ପହଞ୍ଚୁଥିଲା ସେମାନଙ୍କର ଗତାୟାତ ଚଳିତ ମାସ ତା ୮ ରିଖଠାରୁ ବନ୍ଦ ହେଲା । କଲିକତା ଓ କୋଲଘାଟ ନଦୀ କୂଳ ମଧ୍ୟରେ ପ୍ରତିଦିନ ଅନେ ମାଲ ଜାହାଜ ଯାତାୟାତ କରୁଥିବାରୁ ସମ୍ପ୍ରତି

Digitized by srujanika@gmail.com

ତାହା ଜାଣିଲେ ସମସ୍ତ ଯଶୀ ଗଭାସ୍ୱାର ହେଲେ ଏବଂ ଦେଶ ନାଡ ସନ୍ତୋଷ ଲୋକ ହେଲେ ନାହିଁ ।

ଅନେକ ସହଜ ଅବଗତ ହେଲୁଁ ଯେ ଟ୍ରାନ୍ସଭାଲ ଯୁଦ୍ଧରେ ଇଂରାଜ ଗବର୍ଣ୍ଣମେଣ୍ଟଙ୍କୁ ସୈନ୍ୟ ସାହାଯ୍ୟ କରିବା ବିଷୟରେ ଏ ଦେଶୀୟ ରାଜନ୍ୟବର୍ଗଙ୍କର ପ୍ରାର୍ଥନା ବିଫଳ ହୋଇ ନାହିଁ । ଭାରତୀୟ ଗବର୍ଣ୍ଣମେଣ୍ଟ ଅନୁକୂଲ୍ୟତାସହିତ ହାଇଦରାବାଦ, ମହୀଶୂର ଏବଂ ଯୋଧପୁରଠାରୁ ୫୧୦ ଘୋଡ଼ା ଏବଂ ଗୁଆଲିୟରଠାରୁ ୩୦୦ ତୋପ ବାହକ ଘୋଡ଼ା ଗ୍ରହଣ କରିବାକୁ ସମ୍ମତ ହୋଇଅଛନ୍ତି । ଏପରି କପୁରଥଲା, ଫରିଦକୋଟ, କଶ୍ମୀର ଓ ଝିନ୍ଦର ରାଜାମାନେ ଏବଂ ଭାଓଲପୁରର ନବାବ ଅପଣା ଘୋଡ଼ାମାନ ଏବଂ ପାଟିୟାଲାର ମହାରାଜା ୧୦୦ ଘୋଡ଼ା ଦକ୍ଷିଣ ଆଫ୍ରିକାକୁ ପଠାଇବାକୁ ଅନୁମତି ପ୍ରାର୍ଥନା କରୁଅଛନ୍ତି । ଆଶା କରୁଅଛୁ ଗବର୍ଣ୍ଣମେଣ୍ଟ ସେମାନଙ୍କର ଅନେକ ଗ୍ରହଣ କରିବେ । ଶ୍ରୀମତୀ ମହାରାଣୀଙ୍କ ଅସୀମ ସୈନ୍ୟବଳ ଥିବାରୁ ଦେଶୀୟ ରାଜାମାନଙ୍କର ଯଥାଶକ୍ତି ସାହାଯ୍ୟ ସାମାନ୍ୟ ହେଲେହେଁ ତାହା ରାଜଭକ୍ତି ଓ କୃତଜ୍ଞତାର ନିଦର୍ଶନ ସ୍ୱରୂପ ଗବର୍ଣ୍ଣମେଣ୍ଟ ଗ୍ରହଣ କରୁ ନ ଥିଲେ ସେମାନେ ବଡ଼ ଦୁଃଖିତ ହୁଅନ୍ତେ ।

ଜାତୀୟ ମହାସମିତିର ଅଧିବେଶନ ଉପରୁ ଲକ୍ଷ୍ନୌର ସେହି ସଭାମଣ୍ଡପରେ ଅନ୍ୟାନ୍ୟ ବର୍ଷ ପରି ସାମାଜିକ ସମିତିର ଅଧିବେଶନ ଗତ ମାସ ତା ୩୧ ରିଖରେ ହୋଇଥିଲା । ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ସଦ୍ଭାବ ସ୍ଥାପନ ଜାତିଗତ ଅଧିକାରର ଗଣ୍ଡି ବଢ଼ାଇବା ବିଦେଶଗମନରେ ଉତ୍ସାହଦାନ, ଶିକ୍ଷା ଏବଂ ସାଧାରଣ ନୀତି ବିସ୍ତାର ଉପରେ ମହିଳାଙ୍କ ଚେଷ୍ଟା ଏବଂ ଧର୍ମାନ୍ତର ଗ୍ରହଣ କରିବା ଲୋକମାନେ ହିନ୍ଦୁ ସମାଜକୁ ଫେରି ଆସିବାର ରୀତି କଲେ, ପ୍ରଭୃତି ବିଷୟମାନଙ୍କର ଚର୍ଚ୍ଚା ହୋଇ ପ୍ରସ୍ତାବ ହେଲା । ସ୍କୁଲ ଛାତ୍ରମାନଙ୍କର ଶାରୀରିକ ଶିକ୍ଷାର ଯଥୋଚିତ ବ୍ୟବସ୍ଥା ହୋଇଥିବାରୁ ତହିଁ ନିମନ୍ତେ ସିଣ୍ଡିକେଟ ବିଭାଗଙ୍କୁ ଧନ୍ୟବାଦ ଦେଇ କ୍ରୀଡ଼ାଯୁଦ୍ଧ, ବ୍ୟାୟାମ ଏବଂ ଛାତ୍ରାବାସ ଏହି ତିନି ବିଷୟରେ ବିଶେଷ ଉଦ୍ୟୋଗୀ ହେବା କାରଣ ସମସ୍ତ ସମାଜମାନଙ୍କୁ ସମିତି ଅନୁରୋଧ କଲେ ଏବଂ ତହିଁ ଉପରୁ ସଭା ଭଙ୍ଗ ହେଲା ।

ଗତ ବର୍ଷର ପ୍ରଥମଦିନର ଉପାଧି ବଣ୍ଟନର ତାଲିକା ଦୃଷ୍ଟ ଅଛି ଏବଂ ତହିଁରେ ଓଡ଼ିଶାର ନାମ ଆଦୌ ନାହିଁ । କେବଳ ଅନରେବଲ ସଭ୍ୟ ଏବଂ କଟକର ଭୂତପୂର୍ବ ମାଜିଷ୍ଟ୍ରେଟ ଏବଂ ଜଜ ଏବଂ ବର୍ତ୍ତମାନ ହାଇକୋର୍ଟର ଜଣେ ବିଚାରପତି ମାନ୍ୟବର ଶ୍ରୀଯୁକ୍ତ ମାକଫରସନ ସାହେବ ନାଇଟ ଉପାଧିରେ ଭୂଷିତ ହୋଇଅଛନ୍ତି । ତାହାଙ୍କର ଶାନ୍ତ ଗମ୍ଭୀରମୂର୍ତ୍ତି ଓ ଦୟା ଓ ନ୍ୟାୟପରତାର ଓଡ଼ିଶାବାସୀମାନେ କେବେ ପାଶୋରିବେ ନାହିଁ । ମଧ୍ୟପ୍ରଦେଶାନ୍ତର୍ଗତ ଜଙ୍ଗଲବିଭାଗର ଏକ୍ସ୍ଟ୍ରା ଆସିଷ୍ଟାଣ୍ଟ କନଜରଭେଟର ଚନ୍ଦ୍ରକୁମାର ଚଟ୍ଟୋପାଧ୍ୟା ଏବଂ ଡାଲ୍ଟନଗଞ୍ଜର ପ୍ରଧାନବାସୀ ପଣ୍ଡିତ ଦୁର୍ଗାଶଙ୍କର ଦୁବେଙ୍କ ସହିତ ବରପାଲିର ଜମିଦାର ଲାଲ ନୃସିଂହ ଦେବ ରାୟବାହାଦୁର ଉପାଧି ପାଇଅଛନ୍ତି । ବରପାଲିର ଜମିଦାର ସାଧାରଣରେ ରାଜାବୋଲି ପରିଚିତ । ବର୍ତ୍ତମାନ ଜମିଦାରଙ୍କର ପ୍ରଶଂସନୀୟ କାର୍ଯ୍ୟହେତୁ ଯେବେ ଗବର୍ଣ୍ଣମେଣ୍ଟ ତାହାଙ୍କଠାରେ ସନ୍ତୁଷ୍ଟ ହେଲେ ତେବେ ରାଜାପଦ ପ୍ରଦାନ କରିଥିଲେ ବଡ଼ ଆନନ୍ଦର ବିଷୟ ହୋଇଥାନ୍ତା । ଆଶା କରୁଁ ଅଚିରେ ସେ ଉକ୍ତ ସମ୍ମାନ ପ୍ରାପ୍ତ ହେବେ ।

ଭୀ ଏଣ୍ଡ କମ୍ପାନୀ ନାମକ ମାନ୍ଦ୍ରାଜ ସହରର ଏକଦଳ ଗ୍ରନ୍ଥକାର ଏବଂ କାଗଜ ବଣିକ ଉଦ୍ୟୋଗ ବଣିକମାନଙ୍କଠାରୁ ଉତ୍ତର ସନ ୧୯୦୦ ସାଲର ପଞ୍ଜିକା ଅତି ସୁନ୍ଦର ଏବଂ ଭଲ କାଗଜ ପକେଟ ପଞ୍ଜିକା ଦୈନିକ ଲିପି ପୁସ୍ତକ ପ୍ରାପ୍ତ ହେବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏଥିରେ ଇଂରାଜୀ, ହିନ୍ଦୁ ଏବଂ ମୁସଲମାନ ମାସ ଓ ତାରିଖ ସଙ୍ଗେ ତିଥି, ବାର, ନକ୍ଷତ୍ର ଯୋଗ ଓ ସୂର୍ଯ୍ୟୋଦୟର ଘଣ୍ଟା ଏବଂ ଅନ୍ୟାନ୍ୟ ଅନେକ ଜ୍ଞାତବ୍ୟ ବିଷୟ ଅଛି ଯାହାକ ଅନେକ ଇଂରାଜୀ ଡାଏରୀ ବା ଦୈନିକ ଲିପି ପୁସ୍ତକରେ ନଥାଏ । ପ୍ରତିଦିନର ଘଟନା ଲେଖିବା ସକାଶେ କୋଟିଏ ଲେଖାଏଁ ପୃଷ୍ଠା ସାଦା ରଖା ଯାଇଅଛି ଏବଂ ପ୍ରତ୍ୟେକ ପୃଷ୍ଠା ଉପରେ ମାସ ଓ ତାରିଖ ଇଂରାଜୀ ତାମିଲ ଏବଂ ପାରସି ଅକ୍ଷରରେ ଲେଖା ଅଛି । ଏହାଦ୍ୱାରା ଏହି ତିନି ଭାଷା ମଧ୍ୟରୁ କୌଣସି ଭାଷା ଜାଣିବା ବ୍ୟକ୍ତି ଏହା ବ୍ୟବହାର କରି ପାରିବ । ଅଥଚ ମୂଲ୍ୟ ଅତ୍ୟନ୍ତ ସୁଲଭ ଅର୍ଥାତ୍ ଟ ୦ ।୵ ମାତ୍ର । ନିମ୍ନଲିଖିତ ନାମ ଓ ଠିକଣାରେ ପତ୍ର ଲେଖିଲେ ଭି, ପି, ଡାକରେ ପ୍ରାପ୍ତ ହେବ । ଯଥା;

V. Perumall Chetty and sons
5 stringers street, Madras.

ଗତମାସ ତା ୨୮ ରିଖର ବାଲେଶ୍ୱର ସମ୍ବାଦବାହିକାରେ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ବଙ୍ଗଳା ସମ୍ବାଦପତ୍ର ତୁଳନାରେ ଓଡ଼ିଆ ସମ୍ବାଦ ପତ୍ରର ମୂଲ୍ୟ ଅଧିକ ହେବାରୁ ଉତ୍କଳର ଅନେକ ଗ୍ରାହକ ବାଧ୍ୟ ହୋଇ ବଙ୍ଗଳା କାଗଜ ନେଉଅଛନ୍ତି । ତହିଁପାଇଁ ସେ ଉତ୍କଳ ସମ୍ବାଦପତ୍ରମାନଙ୍କର ଅଧ୍ୟକ୍ଷମାନଙ୍କୁ ମୂଲ୍ୟ ଊଣା କରିବାର ପ୍ରାର୍ଥନା କରିଅଛନ୍ତି । ମୂଲ୍ୟରେ ଯେ ପ୍ରଭେଦ ଅଛି ଏହା ଆମ୍ଭେମାନେ ଅସ୍ୱୀକାର କରୁ ନାହୁଁ । ମାତ୍ର ଆମ୍ଭେମାନେ ପୁନଃ ପୁନଃ କହୁଅଛୁଁ ଯେ ବଙ୍ଗଳା ଓ ଓଡ଼ିଶାର ଅବସ୍ଥାରେ ବହୁତ ପ୍ରଭେଦ ଏବଂ ଯେତେ ଚେଷ୍ଟା କଲେହେଁ ବର୍ତ୍ତମାନାବସ୍ଥାରେ ଦେଖିବା ପଢ଼ିବା ଛପାଖାନାଉପଯୋଗୀ ସାମଗ୍ରୀ ବଙ୍ଗଳାଠାରୁ ଦରରେ ଓଡ଼ିଶାରେ ମିଳିବ ନାହିଁ । ଫଳତଃ ବଙ୍ଗଳା ସଙ୍ଗେ ପ୍ରତିଯୋଗିତା କରିବା ଅଭିପ୍ରାୟରେ ଓଡ଼ିଆ ସମ୍ବାଦପତ୍ରମାନଙ୍କର ସୃଷ୍ଟି ହୋଇ ନାହିଁ । ଉତ୍କଳର ଅବସ୍ଥା ଏବଂ ଉତ୍କଳବାସୀମାନଙ୍କର ଦୁଃଖ, ଅଭାବ, ଅଭିଯୋଗର ଆନ୍ଦୋଳନ କରିବା ଏବଂ ସର୍ବ ସାଧାରଣଙ୍କ ଜଣାଇ ସ୍ୱଦେଶର ହିତ ସାଧନ କରିବା ହିଁ ଓଡ଼ିଆ ସମ୍ବାଦପତ୍ରମାନଙ୍କର ଅଭିପ୍ରାୟ । ଯେଉଁମାନଙ୍କ ବିବେଚନାରେ ବଙ୍ଗଳା ସମ୍ବାଦପତ୍ରଦ୍ୱାରା ଦେଶର ସାଧିତ ହେଉଅଛି ଅଥବା ଯେଉଁମାନେ କେବଳ ବିଦେଶୀୟ ସମ୍ବାଦ ଓ ତର୍କରେ ସନ୍ତୁଷ୍ଟ ସେମାନେ ତହିଁରେ ପ୍ରେରିତ ହେଉନ୍ତୁ ସେମାନଙ୍କ ପ୍ରତି କହିବାର ନାହିଁ । ଯେଉଁମାନେ ସ୍ୱଦେଶାନୁରାଗୀ, ସ୍ୱଦେଶର ହିତାକାଙ୍କ୍ଷୀ ସେମାନଙ୍କର ମନୋଯୋଗ ଓ ସହାନୁଭୂତି ଚାହୁଁ ଏବଂ ତହିଁର ସାହାଯ୍ୟ ନିମନ୍ତେ ଦୁଇଟି ଅଧିକା ପରିଶ୍ରମ ବା ଅର୍ଥବ୍ୟୟରେ କାତର ନୁହନ୍ତି ସେହିମାନଙ୍କଠାରେ ଆମ୍ଭମାନଙ୍କର ଅଭି । ଆମ୍ଭମାନଙ୍କର ଏକାନ୍ତ କାମନା ସେମାନଙ୍କର ବଳଯୁକ୍ତ ହେଉ ତାହା ହେଲେ ଓଡ଼ି-

Split by PDF Splitter
Digitized by srujanika@gmail.com

Split by PDF Splitter

ଶାର ସମ୍ପାଦକମାନଙ୍କର ଗ୍ରାହକ ବୃଦ୍ଧି ହେବ ଏବଂ ମୂଲ୍ୟ ମଧ୍ୟ ଊଣା ହୋଇପିବ ।

———

ସୋନପୁରର ରାଜାଙ୍କୁ ରଜା ବାହାଦୁର ଏବଂ ତାହାଙ୍କର ସୁଯୋଗ୍ୟ ଦେୱାନ ପାଣ୍ଡବଙ୍କୁ ଷଷ୍ଠି ନାୟକଙ୍କୁ ରାୟ ବାହାଦୁର ପଦମାନ ସମ୍ମାନ ସ୍ୱରୂପ ଇଣ୍ଡିଆ ଗବର୍ଣ୍ଣମେଣ୍ଟରୁ ପ୍ରଦତ୍ତ ହୋଇଥିବାରୁ ତହିଁର ସନନ୍ଦମାନ ପ୍ରଦାନ ନିମନ୍ତେ ଛତିଶଗଡ଼ର ଶ୍ରୀଯୁକ୍ତ କମିଶନର ସାହେବ ପ୍ରାୟ ଏକମାସ ପୂର୍ବେ ସମ୍ବଲପୁରଠାରେ ଦରବାର କରିଥିଲେ । ସେହି ଦରବାରରେ ସାହେବ ମହୋଦୟ ମଧ୍ୟପ୍ରଦେଶର ଚିଫ୍‌କମିଶନରଙ୍କ ପକ୍ଷରୁ ଯେଉଁ ବକ୍ତୃତା ପାଠ କରିଥିଲେ ତହିଁର ଏକଅଂଶ ଏ ପ୍ରଦେଶର ଗଡ଼ଜାତ ରାଜାଙ୍କ ପ୍ରତି ହିତୋପଦେଶ ସ୍ୱରୂପ ଉପଯୋଗୀ ହୋଇଥିବାରୁ ସମ୍ବଲପୁର ହିତୈଷିଣୀରୁ ଏଠାରେ ଉଦ୍ଧାର କଲୁଁ ଯଥା ।—

“ବିଗତକାଳରେ ରାଜାବିଶେଷର କୁଶାସନ ହେତୁରୁ ଗବର୍ଣ୍ଣମେଣ୍ଟ ତାହାଙ୍କ ରାଜ୍ୟର ଶାସନ କାର୍ଯ୍ୟରେ ହସ୍ତକ୍ଷେପ କରିଥିବାର ଦେଖି କେହି୨ ଭାବିଥିବେ ଯେ ଗବର୍ଣ୍ଣମେଣ୍ଟ କରଦ ଏବଂ ମିତ୍ର ରାଜାମାନଙ୍କର ସ୍ୱାଧୀନତାର ବିରୋଧୀ । ଏ ଭାବ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଅତ୍ୟନ୍ତ ଅନିଷ୍ଟକର ଏବଂ ଅବଶ୍ୟ ଯେବେ କାହାରି ମନରେ ତାହା ଥାଏ ତେବେ ସେ ପ୍ରଧାନ କମିଶନରଙ୍କର ଶେଷ ପ୍ରକାଶିତ ନିର୍ଦ୍ଧାରଣ ପାଠ କରନ୍ତୁ ଏବଂ ସୋନପୁର ଓ ଅନ୍ୟାନ୍ୟ ସୁଶାସିତ ରାଜ୍ୟର ଅବସ୍ଥା ସନ୍ଦର୍ଶନ କରନ୍ତୁ ତାହା ହେଲେ ବୁଝି ପାରିବେ ଯେ ଏହିପରି ଅବସ୍ଥାକୁ ସାର୍ବଭୌମ ବଢ଼ାଇବାହିଁ ସରକାରଙ୍କର ଅଭିପ୍ରାୟ ଅଟେ । ଏହି ସଙ୍ଗରେ ସମସ୍ତ ରାଜାଙ୍କୁ କହୁଅଛୁଁ ଯେ ଆପଣମାନଙ୍କର ଶାସନ ନ୍ୟାୟପର ଓ ସବଳ ହେଉ, ଆପଣମାନେ ପ୍ରଜାମାନଙ୍କର ପିତା ଏବଂ ଅନାଥାସ୍ୱାମୀଙ୍କର ଭୟତ୍ରାତା ହେଉନ୍ତୁ, ପ୍ରତିବାଦୀମାନଙ୍କୁ ଗୁହାରି କରିବାର କୌଣସି ଅବସର ନ ଦେଉନ୍ତୁ ଏବଂ ସର୍ବାପେକ୍ଷା ଆପଣମାନଙ୍କର ରାଜସ୍ୱ ଯଥେଚ୍ଛା ନିକ୍ଷେପ କରିବାକୁ ନ ଦେଉନ୍ତୁ —ଏହି କେତେକ ନିୟମ ପ୍ରତିପାଳନ କରି ଆପଣମାନେ ନିଜ ମତାନୁସାରେ ନିଜ୨ ରାଜ୍ୟ ଶାସନ କଲେ ଅଭ୍ୟୁଦୟ ହେବ । ଇଂରାଜ ସରକାରଙ୍କ ନିୟମମାନ ଅନୁକରଣ କରି ସ୍ୱରାଜ୍ୟ ଶାସନ କଲେ କୃତକାର୍ଯ୍ୟ ହେବେ ଏମନ୍ତ ଭ୍ରମରେ ପଡ଼ିବା ଉଚିତ ନୁହେ କାରଣ ଅବସ୍ଥା ଭେଦରେ କେତେକ ନିୟମ ଅନୁପଯୁକ୍ତ ହୋଇପାରେ । ସୋନପୁରର ରାଜା ଏପରି ଭ୍ରମରେ କେବେ ପଡ଼ି ନାହାନ୍ତି । ଅନେକ ନୂତନ ନିୟମ ଅପେକ୍ଷା ପ୍ରାଚୀନ ସୁନିୟମମାନ ଉତ୍ତମ ଅଟେ ଏହା ସେ ବୁଝି ପାରିଅଛନ୍ତି । କୌଣସି ପ୍ରାଚୀନ ନିୟମ ମନ୍ଦ ବୋଲି ଜାଣି ପାରିଲେ ତାହା ସଂଶୋଧନ କରିବାକୁ ସେ ତତ୍ପର ମାତ୍ର ଉତ୍ତମରୂପେ ନ ଜାଣିବା ପୂର୍ବରୁ ପରିବର୍ତ୍ତନ କରନ୍ତି ନାହିଁ ।”

—※—

କଟକ ପ୍ରଦର୍ଶନୀ ।

ଆଗାମୀ ଫେବୃଏରୀ ମାସ ତା ୨ ରିଖରେ ଏ ନଗରରେ ଗତ ଦୁଇବର୍ଷ ପରି କୃଷି ଉଦ୍ୟାନ ଏବଂ ଶିଳ୍ପ ଦ୍ରବ୍ୟାଦିର ପ୍ରଦର୍ଶନୀ ହେବ । ତହିଁର ନିୟମାବଳୀ ନିମ୍ନେ ପ୍ରକାଶିତ ହେଲା । ଯଥା;—

୧ । ଯେ କୌଣସି ବ୍ୟକ୍ତିଠାରୁ ପ୍ରଦର୍ଶନୀୟ ଦ୍ରବ୍ୟ ଗ୍ରହଣ କରାଯିବ । ମାତ୍ର କେବଳ ଓଡ଼ିଶା ଓ ତଦନ୍ତର୍ଗତ ଗଡ଼ଜାତବାସୀଙ୍କ କର୍ତ୍ତୃକ ଉତ୍ପାଦିତ ପ୍ରସ୍ତୁତ ବା ଜନିତ ଦ୍ରବ୍ୟ ନିମନ୍ତେ ପୁରସ୍କାର ଦିଆଯିବ ।

୨ । ବସ୍ତୁର ବିବରଣ ସହିତ ପ୍ରଦର୍ଶନୀୟ ଦ୍ରବ୍ୟ ପ୍ରେରଣ ଅଭିପ୍ରାୟ ଅନତିବିଳମ୍ବେ ଅବୈତନିକ ସମ୍ପାଦକଙ୍କୁ ଜଣାଇବାକୁ ହେବ । ତାହା ହେଲେ ଉକ୍ତ ଦ୍ରବ୍ୟ ନିମନ୍ତେ ପ୍ରଦର୍ଶନୀରେ ସ୍ଥାନ ନିର୍ଦ୍ଦେଶ କରାଯିବ ।

୩ । ଟିକଟ ଦେଖାଇଲେ ଲୋକେ ପ୍ରଥମ ଦିନ ପ୍ରଦର୍ଶନୀରେ ପ୍ରବେଶ କରି ପାରିବେ । କାର୍ଯ୍ୟନିର୍ବାହକ ସମିତିର ସଭ୍ୟମାନଙ୍କ ନିକଟରେ ଟଙ୍କା ବ୍ୟୟରେ ଟିକଟ ମିଳିପାରିବ । ସଭ୍ୟମାନେ ଅବୈତନିକ ସମ୍ପାଦକଙ୍କୁ ଜଣାଇଲେ ତାହାଙ୍କଠାରୁ ଟିକଟ ପାଇ ପାରିବେ । ଅଧିକ ଜନତା ନିବାରଣ ଉଦ୍ଦେଶ୍ୟରେ ଆବଶ୍ୟକ ହେଲେ ଅବୈତନିକ ସମ୍ପାଦକ ପ୍ରତ୍ୟେକ ସଭ୍ୟଙ୍କୁ ଦିଆ ଯିବାର ଟିକଟର ସଂଖ୍ୟା ନିର୍ଦ୍ଦିଷ୍ଟ କରି ଦେଇ ପାରନ୍ତି । କାର୍ଯ୍ୟନିର୍ବାହକ ସମିତି ଯେଉଁ ନିୟମ କରିବେ ତାହା ଅନୁସାରେ ତା ୩ ରିଖ ଫେବୃଏରୀଠାରୁ ସକଳ ଆଗନ୍ତୁକମାନେ ବିନା ଟିକଟରେ ପ୍ରଦର୍ଶନୀ ଦେଖି ପାରିବେ ।

୪ । ତା ୧ ରିଖ ଫେବୃଏରୀ ସନ୍ଧ୍ୟା ସୁଦ୍ଧା କୃଷିଜାତ ଦ୍ରବ୍ୟ ଓ କୁଣ୍ଡରେ ଥିବା ଗଛମାନ ପଠାଯିବ । ଶାକ ସବଜି ଓ ଗଛରୁ ତୋଳା ଫଳ ତା ୨ ରିଖ ସକାଳ ୮ ଘଣ୍ଟା ସୁଦ୍ଧା ପ୍ରଦର୍ଶନୀରେ ପହଞ୍ଚିବା ଉଚିତ ।

୫ । ବିଚାରକମାନଙ୍କ ମତରେ ପ୍ରଦର୍ଶନୀୟ ଦ୍ରବ୍ୟ ଯଥାଯୋଗ୍ୟ ଉତ୍କୃଷ୍ଟ ହେଲେ, ସେଥି ନିମନ୍ତେ ପୁରସ୍କାର ଦିଆଯିବ । କୌଣସି ଶ୍ରେଣୀସ୍ଥ ବିଶେଷ ଦ୍ରବ୍ୟ ପାଇଁ ବିଶେଷ ପୁରସ୍କାର ମଧ୍ୟ ଦିଆଯାଇ ପାରେ । ତା ୨ ରିଖ ଫେବୃଏରୀ ଅପରାହ୍ଣ ୩ ୪ ସମୟରେ ପ୍ରଦର୍ଶନୀ ଫିଟିବ ।

———

ଟ୍ରାନ୍ସଭାଲଯୁଦ୍ଧ ।

ତା ୩୧ ରିଖ ତାରସମ୍ବାଦ । ଜେନେରଲ ଫ୍ରେଞ୍ଚ ସରକାରୀ ସମ୍ବାଦ ପଠାଇଅଛନ୍ତି ଯେ ବୁଅରମାନେ ରେନ୍ସବର୍ଗ ପରିତ୍ୟାଗ କରି କୋଲେସବର୍ଗକୁ ଗମନ କରିଅଛନ୍ତି । କପ୍ତାନ ଉମଣ୍ଡ ମୋଣ୍ଟେଗୁ ଶତ୍ରୁମାନଙ୍କ ସହିତ ସାମାନ୍ୟ ଯୁଦ୍ଧ କରି ରେନ୍ସବର୍ଗକୁ ପ୍ରତ୍ୟାଗମନ କରିଅଛନ୍ତି । ଲେଡିସ୍ମିଥର ଭୋଜନଗୃହରେ ଭୋଜନବେଳେ ତୋପ ଗୋଳା ପଡ଼ି ଅନେକଗୁଡ଼ିଏ ଇଂରେଜ କର୍ମଚାରୀ ହତ ହୋଇଅଛନ୍ତି । ଲେଡିସ୍ମିଥର ଚତୁର୍ଦ୍ଦିଗସ୍ଥ ଶତ୍ରୁମାନଙ୍କର ତୋପବୃଦ୍ଧି ହୋଇଅଛି ।

ତା ୧ ରିଖ ତାର ସମ୍ବାଦ । ଜେନେରଲ ଫ୍ରେଞ୍ଚ ବୁଅରମାନଙ୍କୁ ପରାସ୍ତ କରି କଲେସ୍‌ବର୍ଗ ଅଧିକାର କରିଅଛନ୍ତି । ଦୁଇ ସହସ୍ର ବୁଅର ଇଂରେଜଙ୍କୁ ଆକ୍ରମଣ କରିଥିଲେ ମାତ୍ର ପରାଜିତ ହେଲେ । କଲେସ୍‌ବର୍ଗଠାରେ ଦୁଇଘଣ୍ଟା ପର୍ଯ୍ୟନ୍ତ ତୋପଯୁଦ୍ଧ ହେଲା ଉତ୍ତାରେ ବୁଅରମାନେ ଅନେକ ଗୋଟି ଯୁଦ୍ଧସାମଗ୍ରୀପୂର୍ଣ୍ଣ ଗାଡ଼ି ଛାଡ଼ି ଉତ୍ତରଦିଗକୁ ଚାଲିଗଲେ ।

ତା ୨ ରିଖ ତାରସମ୍ବାଦ । କର୍ଣ୍ଣେଲ ପିଲ୍‌ଚରଙ୍କ ସୈନ୍ୟସମୂହ ବୁଅରମାନଙ୍କ ବେଲମୋଣ୍ଟ ନିକଟରେ ପରାଜୟ ଓ ହତ ଓ ଆହତ ଛଡ଼ା ନ ୪୦ ଣ ବୁଅରଙ୍କୁ ବନ୍ଦୀ କରିଅଛନ୍ତି । ଏମାନେ ମା ୨୨ ଦିନ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ଜେନେରଲ ଗାଟାକ୍ ସମ୍ବାଦ ଦେଇଅଛନ୍ତି ଯେ ପେଟର ଷ୍ଟେସନରେ ନ ୧୩ ଣ କର୍ମଚାରୀ ମରି ଅଛନ୍ତି ଓ ନ ୭୧ ଣ ପୀଡ଼ିତ ଅଛନ୍ତି । ଜେନେରଲ ଫ୍ରେଞ୍ଚ କଲେସ୍‌ବର୍ଗଠାରେ ବୁଅରଙ୍କୁ ପରାଜୟ କରିଅଛନ୍ତି ।

ତା ୩ ରିଖ ତାର ସମ୍ବାଦ । ୧୨ ଜୋଡ଼ି ମେଲିସିଅ ବା ଟେଲିଯନ୍ତ୍ର ଅର୍ଥାତ୍ ୬ ଶବସ୍ତ୍ର ପାଲକ ସୈନ୍ୟ ଦକ୍ଷିଣଆଫ୍ରିକାକୁ ଆସିବାର ସ୍ଥିର ହୋଇଅଛି । ଜର୍ମାନ ତାହାର ଧୂଳ କରଅଥିବ

Digitized by srujanika@gmail.com

ହେଉ ଜର୍ମାନ ଗବର୍ଣ୍ଣମେଣ୍ଟ ପ୍ରତିବାଦ କରିଅଛନ୍ତି ସନ୍ଧି ନୂତନ କରି ଆପୋସରେ ଛାଡ଼ି ଦେବା ପାଇଁ ଦାବୀ କରିଅଛନ୍ତି । ୫୦ ଲକ୍ଷ ଷ୍ଟର୍ଲିଂମୁଦ୍ରାର ନୂତନ ତୋପ ଜବ୍ଦ କରିବା ନିମନ୍ତେ ପାର୍ଲିୟା-ମେଣ୍ଟର ମଞ୍ଜୁର ନଆସିବ ।

କର୍ଣ୍ଣେଲ ପିଲଚର ଡଗଲାସ ଅଧିକାର କରି ଅଛନ୍ତି ।

ତା ୪ ଋଖ ତାର ସମ୍ବାଦ । ବୁଅରମାନେ ମଲଟେନୋ ଓ ଷ୍ଟର୍କଷ୍ଟ୍ରମ୍‌କୁ ଓ ଷ୍ଟର୍ମବର୍ଗ ଯୋଗ ସ୍ଥାନର ସାପଲଗ ହିଲୁ ଅଧିକାର କରିଅଛନ୍ତି ।

ଜେନେରଲ ଫ୍ରେଞ୍ଚଙ୍କ କୋପଥୁନଠରେ ବୁଅର-ମାନେ ପାହାଡ଼ ମଧ୍ୟସ୍ଥିତ ଜଙ୍ଗଲରେ ବାସ କରୁଅଛନ୍ତି ।

—*O*—

ଜାତୀୟ ମହାସମିତିର ବିବରଣ ।

ମହାସମିତିର ଗତ ଅଧିବେଶନରେ ଯେଉଁ ପ୍ରତିନିଧିମାନେ ବକ୍ତୃତା ପ୍ରଦାନ କରିଥିଲେ ସେ-ମାନଙ୍କମଧ୍ୟରେ କୁମାରୀ ଗାର୍ଲଣ୍ଡ ଏକଜଣ । ତାହାଙ୍କର ବୟସ ତ ୬୦।୬୫ ବର୍ଷରୁ ଅଧିକ ହେବ ନାହିଁ । ସେ ଲଣ୍ଡନରୁ ଇଂଲଣ୍ଡରେ ଭାରତର ଦୁଃଖ ଜଣାଇଁ ଖ୍ରୀ ୬ ଜନତବାସିଙ୍କର ଭାରତ-ବର୍ଷପ୍ରତି ଅନୁରାଗ ଉଦ୍ଦୀପନ କରୁଥିଲେ । ଭାରତବାସୀଙ୍କର ଅବସ୍ଥା ସ୍ୱଚକ୍ଷୁରେ ଦର୍ଶନ କଲେ ସେମାନଙ୍କର କଥା ଅଧିକ ସ୍ପଷ୍ଟରୂପେ ପ୍ରକାଶ କରି ପାରିବେ ଏହି ଅଭିପ୍ରାୟରେ ସେ ଏ ଦେଶକୁ ଆସିବାକୁ ଇଚ୍ଛା କଲେ ଏବଂ ମହା-ସମିତିର କାର୍ଯ୍ୟ ଦେଖି ସେମାନଙ୍କର ପ୍ରତିନିଧି ସ୍ୱରୂପ ତାହାଙ୍କୁ ପଠାଇଲେ । ସେ ପ୍ରଥମଦିନର ବକ୍ତୃତାରେ ତାହାଙ୍କର ଚମତ୍କାର ବାକ୍ଶକ୍ତିର ପରିଚୟ ଦେଇ ସମସ୍ତଙ୍କର ମନ ଆକର୍ଷଣ କରିଥିଲେ ଏବଂ ଅନ୍ୟଦିନମାନଙ୍କରେ ସଭା ଅତ୍ୟନ୍ତ ଆଗ୍ରହ ସହିତ ତାହାଙ୍କର କଥା ଶୁଣି-ଥିଲେ । ତାହାଙ୍କର ପ୍ରଥମଦିନର ବକ୍ତୃତାର ମର୍ମ ଏହିକି ଭାରତରେ ୧,୫୦,୦୦୦ ଦେଶୀୟ ସୈନ୍ୟ ଏବଂ ୭୫,୦୦୦ ଇଂରାଜ ସୈନ୍ୟ ଅଛନ୍ତି । ଅନ୍ତତଃ ୬୦ହଜାର ଇଂରାଜ ସୈନ୍ୟର ବେତନାଦି ସମସ୍ତ ବ୍ୟୟ ଇଂଲଣ୍ଡରୁ ଦେବା ଉଚିତ । ବୁଅରମାରହେଲ ୧୦,୦୦୦ ଇଂରାଜ ସୈନ୍ୟ ଭାରତରୁ ଅନ୍ୟତ୍ର ପ୍ରେରିତ ହୋଇଥିବାସ୍ଥଳେ ଭାରତର କୌଣସି ଅସୁବିଧା ହୋଇ ନାହିଁ । ସିପାହି ବିଦ୍ରୋହ ପୂର୍ବେ ଦେ-ଶୀୟ ସୈନ୍ୟର ଏକପଞ୍ଚମାଂଶ ଇଂରାଜ ସୈନ୍ୟ ରହିବାର ନିୟମ ଥିଲା । ସନ ୧୮୬୫ ସାଲରେ ନିୟମ ହେଲା ଯେ ବଙ୍ଗ ପ୍ରେସିଡେନ୍‌ସି ବିଭା-ଗରେ ଇଂରାଜ ସୈନ୍ୟ ଦେଶୀୟ ସୈନ୍ୟର ଅର୍ଦ୍ଧେକ ଏବଂ ବମ୍ବେଇ ଓ ମାନ୍ଦ୍ରାଜରେ ଏକ ତୃତୀୟାଂଶ ରହିବ । ଏଥିରୁ ପ୍ରକୃତପକ୍ଷେ ତହିଁରୁ ୨୧,୩୪୮ ଜଣ ଇଂରାଜ ସୈନ୍ୟ ଅଧିକା ରଖାଯାଇଅଛି ଏବଂ ତହିଁନିମନ୍ତେ ଭାରତର ଦେଢ଼କୋଟି ଟଙ୍କା ଅଧିକା ବ୍ୟୟ ହେଉଅଛି । ପରଶେଷରେ ସେ କହିଲେ କି ବିଲାତରୁ ଯାତ୍ରା କରିବାର ଏକସପ୍ତାହ ପୂର୍ବେ ଭାରତର ଭୂତ-ପୂର୍ବ ଗବର୍ଣ୍ଣର ଜେନେରଲ ଲର୍ଡ ରିପନଙ୍କସହିତ ସାକ୍ଷାତ କରିଥିଲେ । ଲର୍ଡ ରିପନ କହିଲେ କି ମହାସମିତିର ପ୍ରତିନିଧିମାନଙ୍କୁ ଜଣାଇବେ ଯେ "ମୁଁ ଭାରତବାସୀଙ୍କର ସୁଖରେ ସୁଖୀ ଏବଂ ଦୁଃଖରେ ଦୁଃଖ ଅନୁଭବ କରେ ଏବଂ ସେମା-ନଙ୍କର କଲ୍ୟାଣ ଦେଖିଲେ ପ୍ରହୃଷ୍ଟ ହୁଏଁ । ମୁଁ ଭାରତରେ ଥିଲାବେଳେ ସେମାନେ ମୋହ-ଠାରେ ଯେଉଁ ସଦ୍ଭାବ ପ୍ରଦର୍ଶନ କରିଥିଲେ ତାହା ମୋ ମନରେ ମୁଦ୍ରିତ ହୋଇ ରହିଅଛି" ଧନ୍ୟ ଲର୍ଡ ରିପନ !

ଅନ୍ୟାନ୍ୟ ବିଷୟମଧ୍ୟରେ ସଭାପତିଙ୍କ ପ୍ରସ୍ତାବ ମତେ ଭାରତର ଦୁଃଖ ବିଲାତର ଲୋକଙ୍କୁ ଜଣାଇବା କାରଣ ବିଲାତର ନାନାସ୍ଥାନରେ ୫।୬ ହଜାର ବକ୍ତୃତା କରିବାକୁ ହେବ ଯେ ବ୍ରିଟିଶ ବିଲାତର ଲୋକମାନେ ତାହା ଉତ୍ତମ-ରୂପେ ଜାଣିପାରିବେ ଏବଂ ତହିଁପାଇଁ ୬୦ ହଜା-ର ଟଙ୍କା ସଂଗ୍ରହ କରିବା ଆବଶ୍ୟକ । ସଭାସ୍ଥ-ଳରେ ପ୍ରାୟ ୬ହଜାର ଟଙ୍କା ଦେବାହେଲା । ଅବଶିଷ୍ଟ ଟଙ୍କା ସଂଗ୍ରହ କରିବାର ଭାର ବାବୁ ସୁରେନ୍ଦ୍ରନାଥ ବାନର୍ଜ୍ଜୀ ଗ୍ରହଣ କରିଅଛନ୍ତି ।

ମହାସମିତିର ଆଗାମୀ ଅଧିବେଶନ ଲକ୍ଷ୍ନୌ-ଠାରେ ହେବ । ନିୟମ ହୋଇଅଛି ଯେ ପ୍ରତି-ନିଧିମାନଙ୍କଠାରୁ ଟ ୧୦ ଙ୍କାସ୍ଥଳେ ଏଣିକି ଟ ୧୫ ଙ୍କା ଲେଖାଏଁ ନିଆଯିବ ଏବଂ ତହିଁ-ମଧ୍ୟରୁ ଟ ୫ ଙ୍କା ଲେଖାଏଁ ଭାରତୀୟ କମିଟିର ବ୍ୟୟ ନିର୍ବାହ ନିମନ୍ତେ ବ୍ୟୟିତ ହେବ ।

———

ଲାଟବନ୍ଦିର ନୂତନ ପ୍ରସ୍ତାବ ।

ଏ ସମ୍ବନ୍ଧରେ ଅମ୍ଭମାନଙ୍କ ଆପତ୍ତି ଓ ମନ୍ତବ୍ୟ ଏଥିପୂର୍ବେ ପ୍ରକାଶ କରିଅଛୁଁ ପାଠକ-ମାନେ ଅବଗତ ଅଛନ୍ତି । ତଦ୍ଭିନ୍ନ ଅନ୍ୟ ଆପତ୍ତି ଏହି ଯେ ସରକାର ଅପ୍ରେଲ କିସ୍ତିରେ ବାକିପଣ ଗଜସ୍ ନେବାର ବିଧି କଲେ ଜମିଦାରମାନେ ବାକିପଣ ବଳଂ ଅନେକ ସ୍ଥଳେ ଜଳ ଅର୍ଥ ସହାୟେ ଚଢ଼ୋଇ ଖଜଣା ପ୍ରଜାଙ୍କଠାରୁ ଉସୁଲ କରିବେ । ଏହା ପ୍ରଜାମାନଙ୍କ ବଡ଼ ବାଧକ । କାରଣ ବର୍ତ୍ତମାନ ବେଙ୍ଗଲ ବର୍ଷ ହେଲା ଜଳ କର ଷୋଳପଣ ଏହା କିସ୍ତିରେ ଉସୁଲ ହେଉଅଛି ଓ ତାହା ଫିବୃୟାରି ମାସରେ ଦେୟ ଅଟେ । ମାର୍ଚ୍ଚ ମାସ ସାଲତମାମି ଶେଷ ଥିବାରୁ ଜଳକର ଗୁମାସ୍ତାମାନେ ପ୍ରଜାଙ୍କ ସହାର ଦେଇ ନ ପାରୁ ଫିବୃୟାରି ଓ ମାର୍ଚ୍ଚ ମାସ ମଧ୍ୟରେ ସମୁଦାୟ ଉସୁଲ କରିବାର ଚେଷ୍ଟିତ ହୁଅନ୍ତି ଓ ସେମାନଙ୍କ ହସ୍ତେ ସାର୍ଟିଫିକେଟ ଜାରିର ଅଧିକାର ଥିବାରୁ ଏ ଜଳରେ ସମୁଦାୟ ମାର୍ଚ୍ଚମାସ ମଧ୍ୟରେ ଉସୁଲ ହୋଇଯାଏ, ମାର୍ଚ୍ଚ ମାସ ମଧ୍ୟରେ ଜଳକର ଷୋଳପଣ ଦେଇ ଅପ୍ରେଲ ମାସରେ ବାକିପଣ ଖଜଣା ଦେବା ପ୍ରଜାଙ୍କ ପକ୍ଷରେ କଷ୍ଟକର ହେବ । ପୂର୍ବ କଲେକ୍ଟର ଶ୍ରୀଯୁତ ଜନ ସାହେବ ଅମ୍ଭମାନଙ୍କର ଜଣେ ବନ୍ଧୁଙ୍କୁ ଏ ବିଷୟରେ ପ୍ରଜାମାନଙ୍କର ମତାମତ ବୁଝିବାକୁ କହିଥିବାରୁ ସେ ମୋଫସଲ ଭ୍ରମଣ କରିବାରେ ଅନେକ ପ୍ରଜା ଅପ୍ରେଲରେ ବାକିପଣ ଖଜଣା ଦେଇ ନ ପାରିବା ଓ ସରକାର ଚଳାଇଲେ ତାହା ବଡ଼ ବାଧକ ହେବାର ଜଣାଇଲେ । ଜଣେ ପ୍ରଜା କହିଲା ମୋହର ଖଜଣା ବାର୍ଷିକ ଟ ୪୫ ଙ୍କା ଓ ଜଳକର ଟ ୧୮ ଙ୍କା ଅଟେ । ମାର୍ଚ୍ଚ ମାସରେ ଜଳକର ଟ ୧୮ ଙ୍କା ସମୁଦାୟ କ ଦେଲେ ଗତ ନାହିଁ ତହିଁର ଏକ ମାସ ମଧ୍ୟରେ ଅପ୍ରେଲ କିସ୍ତି ଅଠପଣ ଟ ୨୨୲ ଦେବାକୁ କଷ୍ଟ ହେବ ତହିଁ ଉପରକୁ ଆଉ ସୁଉପଣ ଏପରି ବାକିପଣ କୁ ଟ ୩୩୲ ଦେଇ ପାରିବ ନାହିଁ ବଳାଇଲେ ପ୍ରାଣ ଉପରେ ପଡ଼ିବ କାରଣ ଯେ କିଛି ଶସ୍ୟାଦି ହାତରେ ଥିବ ତାହା ପ୍ରାୟ ସମୁଦାୟ ବିକିବାକୁ ପଡ଼ିବ ଏହା ହେଲେ କୈଶେଷ କାର୍ଯ୍ୟ ଚଳି ନ ପାରିବ ଓ ସେ ସମୟେ କ୍ଷେତ୍ରରେ କିଛି ଫସଲ ନ ଥିବାରୁ ବାଦନ କରଜା ମିଳିବା ଭାଗିଥ କିଛି ନ ମିଳିବ ନଭେମ୍ବର ମାସ କିସ୍ତି ସମୟେ ଫସଲ କ୍ଷେତରେ ଥିବାରୁ ବାଦନ ଉଦ୍ୟୋଗ ସହଜରେ ମିଳେ ବରଂ ସେ କିସ୍ତିରେ ବାକିପଣ ଦେଇ ପାରୁଁ ଅପ୍ରେଲ କିସ୍ତିରେ ବାକିପଣ ଦେଇ ନ ପାରିବ । ଅମ୍ଭେମାନେ ଶୁଣିଲୁଁ ଯେ ଅପ୍ରେଲରେ ବାକି-ପଣ କିସ୍ତି ନ କରି ନଭେମ୍ବରରେ ବାକିପଣ କିସ୍ତି

Split by PDF Splitter
Digitized by srujanika@gmail.com

କହିବାର କେହି ଜମିଦାର କଲେକ୍ଟର ସାହେବଙ୍କୁ ଜଣାଇଅଛନ୍ତି ।

ଆମ୍ଭମାନଙ୍କର ଏକ ଆପତ୍ତି ଏହି ଯେ ନବମ୍ବରର ଦ୍ୱିତୀୟ କିସ୍ତି ଆଠପଣ ଖଜଣା ଦିଆଯାଉ ଥିଲେ ବର୍ଷ ତହିଁ ଅରବର୍ଷର ଫସଲରୁ ପ୍ରଜାମାନେ ତାହା ଆଦାୟ କରି ଥାନ୍ତି ଅର୍ଥାତ ସେ ଖଜଣା ଦେବା ସକାଶେ ବାଢ଼ି ଇତ୍ୟାଦି ଯେ ନେଇ ଥାନ୍ତି ତାହା ଫସଲ ପାଇ ମାଙ୍କଡ଼େ ଆଦାୟ କରି ଦିଅନ୍ତି ଏଣୁ କରି ଆଠପଣ ଖଜଣା ଅଦାଲତରେ ଫସଲ ବାହାରି ଯାଏ— ସେ ବସ୍ତୁରେ ସ୍ୱତନ୍ତ୍ର ଖଜଣା ଛାଡ଼ିଗଲେ ଖଜଣା ବାବଦରେ ଅଳପ ଫସଲ ଯଦି ଅଧିକ ପ୍ରଜାଙ୍କ ହାତରେ ରହିବ ମାଘ ମାସ ଫାଲ୍ଗୁନ ମାସରେ ବିବାହ ଓ ଅନ୍ୟାନ୍ୟ ଶୁଭ କ୍ରିୟାମାନ ହୁଏ ଏଥିରୁ ପ୍ରଜାଙ୍କ ହାତରେ ଅଧିକ ଫସଲ ଥିବା କାରଣ ଥିଲେ ଉକ୍ତ କାର୍ଯ୍ୟମାନଙ୍କରେ ଅଧିକ ଖର୍ଚ୍ଚ କରିବେ ଓ ସେତେ ଭବିଷ୍ୟତ ଦୃଷ୍ଟି ରଖିବା ଇତର ଲୋକଙ୍କ ପକ୍ଷରେ ସହଜ ନୁହେ । ଅତଏବ ଟ ୧୦ ଙ୍କାରୁ ଅଧିକ ମାହାଲମାନଙ୍କର ସ୍ୱତନ୍ତ୍ର ଅପ୍ରେଲ ଓ ଡିସେମ୍ବର ମାସରେ ଆଠପଣ ଲେଖାଏଁ ନେବା ଓ ଟ ୧୦ ଙ୍କାରୁ ନ୍ୟୁନ ମାହାଲର ଷୋଳପଣି ନବମ୍ବର ମାସରେ ନେବାର ସମସ୍ତଙ୍କ ପକ୍ଷରେ ସୁବିଧାଜନକ ହେବ । ମହାମାନ୍ୟ ବୋର୍ଡ଼ ସ୍ୱତନ୍ତ୍ର ପୂର୍ବରୁ ଏହିପରି ବିଧି କରନ୍ତୁ ଓ ଟ ୧୦୦ ଙ୍କା ଖଜଣା ମାହାଲମାନଙ୍କର ଯେ ଟ ୦।୫।୮ ଓ ଟ ୦।୫ ଓ ଟ ୦।୫ ଓ ଟ ୦ । କିସ୍ତିମାନ ଅଛି ତାହା ରହିତ କରି ସେ ସବୁରୁ ଆଠପଣି କିସ୍ତି ଭୁକ୍ତ କରନ୍ତୁ ।

ସାପ୍ତାହିକ ସମ୍ବାଦ ।

କଲିକତା ଗେଜେଟ ।

[illegible] କଟକର କମିଶନର ମିଃ ଜେ, ଏ, ଇସ୍ତେ [illegible] ଆଗାମୀ ଫିବ୍ରୁଆରି ମାସ ତା ୧୦ ରିଖରୁ ଏକବର୍ଷର [illegible] ଛୁଟି ପ୍ରାପ୍ତ ହେଲେ ।

ଅଫିସିଏଟିଂ ଏଡ଼ିଶନେଲ କମିଶନର ମିଃ ଯେ, ଏ, [illegible] ବାହାଦୁରଙ୍କ ବ୍ୟବସ୍ଥାପକସଭାର ସଭ୍ୟପଦରେ ନିଯୁକ୍ତ ହେଲେ ।

ଏଠା [illegible] ସଭାର ବାର୍ଷିକ [illegible] କମିଟି ଗତ ରବିବାରର ଅଧିବେଶନରେ ଶୋଭେ, ବଲୁଅ ସଙ୍ଗୀତ ଶିକ୍ଷାର ଉନ୍ନତି ଦେବାନିମନ୍ତେ ଏହି ପାଠଶାଳାରୁ ଏକଜଣ ବାଲିକା ଏ ବର୍ଷ ଛାତ୍ରବୃତ୍ତି ନ ଦେଇ ପିଲଙ୍କୁ ଶିକ୍ଷା ଦେବା ପାଇଁ ନିଯୁକ୍ତ କଲେ ।

ଏ ନଗରରେ ଗତ ୫ ୬ ଦିନରୁ ଅଳ୍ପ ମେଘୁଆପଣ ହୋଇଥିବାରୁ ଶୀତ କମି ଅଛି । ମାତ୍ର ଦେହରେ ଶୀତ ବାୟୁ ବହିଥିଲା ।

ଗତ ମଙ୍ଗଳବାର ଦିବସ ବାଙ୍କୀ ସ୍ୱତନ୍ତ୍ର ଲୋକଙ୍କ ୧୨୫ ଜମିଦାରୀ ନିଲାମ ହୋଇ ଅଛି । ନିଲାମ ଦିବସ ଯେଉଁ ଜମିଦାର ପକ୍ଷରୁ ଦରଖାସ୍ତ ଦିଆ ହୋଇଥିଲା, କଟକ କଲେକ୍ଟର ସାହେବ ସେସବୁ ନାମଞ୍ଜୁର କଲେ । ସାବେକ କଲେକ୍ଟରମାନେ ଅଳ୍ପ ଓଜରରେ ନିଲାମ ଉଠାଇଦେଲେ ଲୋକମାନେ ଟଙ୍କା ଉଦ୍ଧାର କରୁଥିଲେ ମାତ୍ର ବର୍ତ୍ତମାନ କଲେକ୍ଟର ସାହେବ ନିଲାମ ସମସ୍ତ ପୂର୍ବ ପ୍ରଥା ଗ୍ରହଣ କରିଲେ ନାହିଁ ।"

ବାବୁ ଜଗନ୍ନାଥ ରାଓ କଟକ ବାଙ୍କାବଜାରରେ କଲିକତା ଢଙ୍ଗରେ ଗୋଟିଏ ହାଟ ବସାଇଅଛନ୍ତି । ଉତ୍ତମ ।

ରାଜା ବୈକୁଣ୍ଠନାଥ ପଣ୍ଡିତଙ୍କ ପୁତ୍ର ଶ୍ରୀହରିହର ନାଥ ପଣ୍ଡିତ ଓ ବାବୁ କହ୍ନାଇଲାଲ ପଣ୍ଡିତ ପ୍ରୟାଗରେ କୁମ୍ଭମେଳା ଦର୍ଶନ କରିବା ନିମିତ୍ତ ଯାଇଅଛନ୍ତି ।

ଟାଙ୍ଗୀ ଗରଧା ନନ୍ଦକୁମାର ଗ୍ରାମରେ ବସନ୍ତରୋଗରେ ଅନେକ ବାଳକ ଓ ଲୋକ ମରିଅଛନ୍ତି ।

କଟକରେ ଜୁବିଲି ଗୋଟିଏ [illegible] ମଦିର ଗୋଟିଏ ଶ୍ରୀଦେବ ଦେବାଳୟ । ସେଠାରେ ପୂର୍ବପର ସେବା ପୂଜା କରୁନାହାନ୍ତି ନାହିଁ । ପ୍ରତିବିଧାନ ଆବଶ୍ୟକ ।

ଲୁହଙ୍ଗର କୃଷ୍ଣଚନ୍ଦ୍ର ଗଜଗୁରୁଙ୍କ ମୃତ୍ୟୁ ଘଟିବା ଉତ୍ତାରୁ ପୁଲିସ ଜ ୫ ଜଣ ଲୋକ ଗ୍ରେପ୍ତାର କରିଅଛନ୍ତି ।

ତାଂପଡ଼ା ପାଥପୁରଠାରୁ ଭାଲକୁ ଦିଗକୁ ଛଅକୋଶ ସଡ଼କ ବାଟ ପ୍ରସ୍ତୁତ ହେଉଅଛି ।

ଜାଂପଡ଼ାର ଉଅସଠାରୁ ଜଙ୍ଗଲ ମଧ୍ୟରେ ଘନାଙ୍କ ନଜର ସ୍ଥିତ ଗୋଟିଏ ସଡ଼କ ପ୍ରସ୍ତୁତ ହୋଇଅଛି । କାଳି ଏହି ସଡ଼କରେ ଗାଡ଼ି ଚଳି ପାରିବେ ।

ମେଦିନୀପୁର ଜିଲ୍ଲା ବାଲିଅବେହାର ଜମିଦାର ଅନେକ ଧାନ ସଞ୍ଚୟ କରିଅଛନ୍ତି । ତାହାଙ୍କ ବାଡ଼ିରେ ସଦାବ୍ରତ ଅତିଥି ସେବା ଚଳୁଅଛି । ସେ ଅର୍ଥ ସମ୍ପନ୍ନ, ସଜ୍ଜନ ବ୍ରାହ୍ମଣ, ଏବଂ ବ୍ରହ୍ମଣ୍ୟଙ୍କ ବଂଶ ହୋଇ ଥାଇ ।

ଜଲେଶ୍ୱର ନିକଟ ମୋହନପୁରର ଜମିଦାର ଗୋଟିଏ ସଦାବ୍ରତ ଖୋଲିଅଛନ୍ତି ।

କଲିକତା ଗୋଭବଜାରର ରାଜା ବିନୟକୃଷ୍ଣ ଶ୍ରୀଯୁକ୍ତ ଉପେନ୍ଦ୍ର ବରଙ୍କ ଅଭ୍ୟାଗତରୁ ଅନେକ ଦେଶୀୟ ଏବଂ ଇଂରାଜ ଭଦ୍ରଲୋକଙ୍କ ସହିତ ଆମନ୍ତ୍ରଣ କରି ନାନା ପ୍ରକାର ଆମୋଦ ପ୍ରମୋଦ ଏବଂ କେଳିହାସ ପ୍ରଦାନ କରିଥିଲେ ।

ସମ୍ବଲପୁର ହୁଗ୍ଲିଜିଲାରେ ପାଠ କଲୁ କ ସମ୍ବଲପୁରର ଜଣେ ମହାଜନ ରେଲରେ ପାର୍ସଲରେ ୫୧୦ ଶ୍ର ମଠା ଲୁଗା ବ୍ରହ୍ମପୁରକୁ ଏବ ହାଓଡ଼ା ନିକଟରୁ ପଠାଇଥିଲା । ସେ ବାଣ୍ଡିଲ ପାର୍ସଲ ପିଟାଇ ଦେଖିଲେ ଯେ ୫ଶତ ମଠା ନାହିଁ ତହିଁବଦଳରେ ଶ ୫ ଶ୍ରୀଲଟା ପଥର ଅଛି, ଏବଂ ୫ ୬ ଶ୍ର ମଠା କଟା ହୋଇଅଛି । ମ୍ଲେଚ୍ଛଙ୍କ ହାତରୁ ନିସ୍ତାର ପାଇ ବାର ଉପାୟ ନାହିଁ ।

କାମଣ୍ଡାର ଶ୍ରୀଯୁକ୍ତ ଯୁବରାଜ ସଚ୍ଚିଦାନନ୍ଦ ଦେବ ମହୋଦୟ ଗତମାସ୍କ ଦିବସ ପୂର୍ବେ ଗୋଟିଏ ବନ୍ୟ ହସ୍ତୀ ଧରିଥିଲେ । ବର୍ତ୍ତମାନ ସେ କାଇଦୋଟ ପରଗଣା ଜଙ୍ଗଲରୁ ପାଞ୍ଚ ଗୋଟି ଅଳ୍ପବୟସ୍କ ସୁନ୍ଦର ହସ୍ତୀ ଧରିଆଣି ଅଛନ୍ତି । ତନ୍ମଧ୍ୟରେ ଗୋଟିଏ ଦାନ୍ତାଳ ଅଛି । ଉକ୍ତ ଶାବକଟି ନବ ଅବସ୍ଥାରେ ଭୁଲି ଅଛି । ଯୁବରାଜ ମହୋଦୟଙ୍କ ଏପରି ଦର୍ଶନରେ ସମସ୍ତେ ଆନନ୍ଦିତ ହୋଇଅଛନ୍ତି ।

ଜାଜପୁର ସମ୍ବାଦ ।

କଣ୍ଡାରପୁର ମୌଜାର ସୁଦର୍ଶନ ବାଇସିଂହାର ସେଇଁ ଗଳମଟାସ୍ଥାନରୁ ଅଷ୍ଟାଦ ବର୍ଷର ଯାଜପୁର ଡାକ୍ତରଖାନାରେ ଦ ୫ ଦିନରେ ତାହାର ମୃତ୍ୟୁ ହେଲା । ମୃତଙ୍କ ସୁଦର୍ଶନ ନାମରେ ଖୁନର ଅଭିଯୋଗ ହୋଇ ବିଚାର ହେଉଅଛି ।

ଉତ୍ତରଖଣ୍ଡରେ ନୂତନ ମୁନସଫି ହେବାର ମଞ୍ଜୁର ହୋଇ ଅଛିବାରୁ କଟକର ମାନ୍ୟବର ଜଜସାହେବ ଜାଜପୁର ଏଠା ମୁନସଫିରୁ ଜ ୧୨ ଣ ଓ ବାଲେଶ୍ୱର ମୁନସଫୀରୁ ଜ ୧୩ ଣ ଏରୂପ ଜ ୩୦ ଣ ପିଅନ ଉତ୍ତରଖଣ୍ଡ ନୂତନ ମୁନସଫୀ ମହକୁମାକୁ ପଠାଇବାର ଅଦେଶ ଦେଇଅଛନ୍ତି । ଯାଜପୁର ମୁନସଫୀ ଇଲାକାମଧ୍ୟରୁ ଉତ୍ତରଖଣ୍ଡ ଗୃହବାଲ ବାସୁଦେବପୁର ଥାନା ଓ ବାଲେଶ୍ୱର ମୁନସଫୀ ଇଲାକାରୁ କେତେକ ଗୋପଥାନା ଉତ୍ତରଖଣ୍ଡ ମୁନସଫୀ ଅଧୀନ ହେବାର ସ୍ଥିର ହୋଇଅଛି ।

ଗଁ ହୋବାର ନୂତନ ବନ୍ଦୋବସ୍ତରେ ସେମାନଙ୍କ ଉପରେ ଯେଉଁ ତହସିଲଦାର ନିଯୁକ୍ତ ହୋଇଅଛନ୍ତି ଶ୍ରୀଯୁକ୍ତ ପୁଲିସ ସାହେବ ସେମାନଙ୍କୁ ନିଯୁକ୍ତ କରୁଅଛନ୍ତି ପ୍ରକୃତରେ ଯେଉଁମାନେ ତହସିଲଦାର ନିଯୁକ୍ତ ହେଉଅଛନ୍ତି ସେମାନଙ୍କ ଘର ସେହି ଇଲାକାମଧ୍ୟରେ ହେବା ଓ ସେମାନେ ଉକ୍ତ ମୌଜାମାନଙ୍କର ପଞ୍ଚାୟତମାନଙ୍କ ଦ୍ୱାରା ମନୋନୀତ ହୋଇ ପୁଲିସ ସାହେବଙ୍କଦ୍ୱାରା ନିଯୁକ୍ତ ହେଲେ କୌଣସି ବିଶେଷ ଅସୁବିଧା ନ ହୋଇ ବରଂ ବିଶେଷ ସୁବିଧା ହେବ ।

ଏଠାର ସ୍କୁଲର ଇନସ୍ପେକ୍ଟର ବାବୁ କାଳିପଦ ଘୋଷ ବସୁ ତିନିମାସର ଛୁଟି ନେଇଥିବାରୁ ତାଙ୍କ ସ୍ଥାନରେ ବାବୁ ଲକ୍ଷ୍ମୀନାରାୟଣ ଘୋଷ ସବ ଇନ ଏକ୍ଟିଂ ଇନସ୍ପେକ୍ଟର ପଦରେ ନିଯୁକ୍ତ ହୋଇ ଆସିଅଛନ୍ତି ।

ଶ୍ରୀଯୁକ୍ତ ବାବୁ ନବକିଶୋର ଦାସ ସବଡିଭିଜନର ମହାଶୟ ପାଞ୍ଚମାସର ଛୁଟି ନେଇଥିଲେ ଛୁଟିଅନ୍ତେ ଗତମାସ ତା ୫ ଦିନରେ ସ୍ୱକୀୟ ଅପଣା କାର୍ଯ୍ୟରେ ହାଜର ହୋଇଅଛନ୍ତି ।

କେତେକଦିନ ହେଲା ଏଠାରୁ କେଉଁପର୍ଯ୍ୟନ୍ତ କ୍ରମଶଃ ଘୋରତର ବୃଷ୍ଟି ହେଉଅଛି ବର୍ତ୍ତମାନ ଅନୁକୂଳ ହେବାର ସମୟ ଏସମୟରେ ଯଦି ବୃଷ୍ଟି ହେବେ ଅନ୍ୟବର୍ଷର ବିଶେଷ ଅନିଷ୍ଟ ହେବ ।

ଘୁସୁର-ସମ୍ବାଦ ।

ଗତ ମାସ ତା ୨୫ ଦିନରେ ମାନ୍ଦ୍ରାଜ ପ୍ରଦେଶର "କମାଣ୍ଡର ଇନ୍‌ଚିଫ୍" ସାହେବ ଅତ୍ୟନ୍ତ ଦେହରେ ବହୁ ସାହେବମାନଙ୍କ ସହିତ ଅକସ୍ମାତ ଏ ନଗରରେ ଉପସ୍ଥିତ ହୋଇ ସେହିଦିନ ଅବସ୍ଥାନ କରିବା ତା ୨୬ ଦିନରେ ପୁନଃ ସେଣ୍ଟ୍ରାଲ ଅଭିମୁଖେ ପ୍ରସ୍ଥାନ କରିଅଛନ୍ତି । ସାହେବ ମହୋଦୟଙ୍କର ଆଗମନ କାରଣ ବିଶେଷ ଜଣା ପଡ଼ୁନାହିଁ ।

ଏଠାରୁ ମହାପିଣ୍ଡା ଛାଡ଼ିଲେ ଗ୍ରାମ ଆଡ଼ଳ ଅସ୍ୱୀକାର ଯେ ଘୋଡ଼ାର ନ ଘଟିଥିଲା ତହିଁରେ ନବାଘର ବାବୁଙ୍କ ତ ୧୫ ଜଣ ଘରମା ଘୋଡ଼ାମାନ ବସିଲା । ଏବଂ ଘୋଡ଼ାର ଘୁଡ଼ପ୍ରସାଦ ଅତ୍ୟନ୍ତ ଭଲନାଶ ଘୋଡ଼ାର ସହିତ ଜଣାଇଲା ।

ରାଜା ନରସିଂହଦେବ ସର୍ଦ୍ଦାରଙ୍କ ଇନ୍‌ଭେଷ୍ଟରେ ତାହାର କଣ୍ଟକ ସୀମା ଅତିକ୍ରମ କରି ଯାଇଥିଲେ, ମାତ୍ର ଜ ପ୍ରତିବାଦୀ ଘଟିବାରୁ ବାଟରୁ ଫେରି ଅସି ଗତ ତା ୨୫ ରିଖ ଶୁକ୍ରବାର ଏଠାରେ ପହଞ୍ଚି ଅଛନ୍ତି ।

Split by PDF Splitter

Digitized by srujanika@gmail.com

Split by PDF Splitter

ଏଥବତ୍ସା ଗଲଣ ଭୁଗାରପୁର ଗ୍ରାମରେ ସାଧୁଭାସ ନାମକ ଜଣେ ଯୋଗିଆ କୁମ୍ଭ ଲଣ୍ଠାଇ ବିଷୟ ଜାରବାର କରୁଁ ଥିବାରୁ ପୁଲିସ ଅନୁସନ୍ଧାନରେ ଧରା ପଡ଼ି ୫ ୩୦ ଙ୍କା ଯୋରି ମାନା ହୋଇଅଛି । ଏଣିକି ଲଣ୍ଠାଇ ଲୋକମାନଙ୍କ ସାବଧାନ ।

ଅସ୍ତ କଲଳ ଗ୍ରାମେ୨ ଦେଖା ଯାଉଅଛି । ଏ ବର୍ଷ ଅନ୍ନ ଫସଲ ଭଲ ହେବ ବୋଲି ବୁଝା ଯାଉଥିବାରୁ ଲୋକଙ୍କ ଭଲ ଆଶା ଶୁଣି ଅନୁଭବ ଅଛୁ ।

ଏ ସପ୍ତାହରେ ଶୀତ ପ୍ରାୟ ବାରପଣ କମି ଯାଇଅଛି ଏବଂ କାଳର କେବେ ପରିମାଣରେ ପଡ଼ୁଅଛି ।

ଏ ବର୍ଷ ଏଠା କେନ୍ଦ୍ରରେ ସ୍କୁଲ ଉପାଧି ପରୀକ୍ଷାରେ ଅଠଜଣ ଛାତ୍ର ପରୀକ୍ଷା ଦେବେ ବୋଲି ଶୁଣୁଅଛୁ ।

ଅଧିକାରି ପନ୍ନା ସାମୀ ବନୁଡ ଅସୁସ୍ଥ ଅଛନ୍ତି ।

ଭାଙ୍ଗପୁର ସମ୍ବାଦ ।

କେତେକ ଦିବସ ହେଲା ମୁନ୍ସିଗଡ଼ର ନିକଟରେ ଥିବାର କ୍ଷୁଦ୍ର ଜଙ୍ଗଲରେ ଗୋଟିଏ ବାଘ ମାତ୍ର ପ୍ରତ୍ୟହ ରାତ୍ରରେ ଗୋଟାଏ ଦୁଇଟା ଛେଳି, ମେଣ୍ଢା ପ୍ରଭୃତି ନେଇ ଯାଉଥିଲା । ତାହା ଭୟରେ ସନ୍ଧ୍ୟା ହେଲେ କେହି ଘରୁ ବାହାରୁ ନ ଥିଲେ ମୁଣ୍ଡର ବଡ଼ସ୍ୱ ସବ ଜଲ୍ୟ ବେଳା ପ୍ରାୟ ୩ଟା ସମୟରେ ସୁଦର୍ଶନ ସାହେବ ବ୍ୟାଘ୍ରଟିକୁ ହତ୍ୟା କରିବାରୁ ସମସ୍ତେ ତାହାଙ୍କୁ ଅନ୍ତରିକ ଧନ୍ୟବାଦ ପ୍ରଦାନ କରୁଅଛନ୍ତି ।

ଗତ ଦିନ ପୂର୍ବେ ସଡ଼କ ମା ୪ ଗଲ ଦୂରବର୍ତ୍ତୀ ଜଙ୍ଗଲରେ ଉପଦ୍ରବ କରୁଥିବା ଗୋଟିଏ ବୃହତ୍ ବ୍ୟାଘ୍ରଣୀକୁ ମାରିବାର ଚେଷ୍ଟା କରିଥିଲେ କିନ୍ତୁ ଦୈବାତ୍ ବନ୍ଧୁକ ଗୁଳି ତାହାର ଗୋଡରେ ବାଜିବାରୁ ସେ ପଳାଇଗଲା । ତାହାର ୩ ଗୋଟି ଛୁଆଙ୍କୁ ଜଙ୍ଗଲ ମଧ୍ୟରୁ ଧରିଆଣି ସଡ଼କରେ ରଖିଅଛନ୍ତି ଏହି ଅଳ୍ପକାଳ ମଧ୍ୟରେ ବଡ଼ କୁକୁର ପରି ବଢ଼ିଅଛି ।

ଏ ବର୍ଷ ଧାନ ଇତ୍ୟାଦି ଫସଲ ପ୍ରାୟ ସମସ୍ତ ନଷ୍ଟ ଯାଇଥିବାରୁ ଲୋକମାନଙ୍କର ଅତ୍ୟନ୍ତ କଷ୍ଟ ଉପସ୍ଥିତ ହୋଇଅଛି । ଗତ ମଙ୍ଗଳାରରେ ସେ ୧୦ ଉ ଓ ମଫସଲରେ ସେ୧୧।୧୨ ସେରରେ ଚାଉଳ ମିଳୁଅଛି । ରଚ ଡ଼ଙ୍ଗା ଅଭ କୌଣସି ପ୍ରକାର ରବି ଫସଲ ହୋଇ ନାହିଁ । ଅନେକେ ଏହି ରଚ ବଜାୟ କରି ଜୀବନଯାତ୍ରା ନିର୍ବାହ କରୁଅଛନ୍ତି ଚାଲିସତ୍ତ୍ୱ ଜାନକ ନିକଟବର୍ତ୍ତୀ ଗୋଟିଏ ହାଟରେ ପ୍ରତ୍ୟେକ ହାଟବାର ଅନ୍ନ ୫ ୩୦୦।୫୦୦ କାର ଉର୍ଦ୍ଧ୍ୱ ରଚ ବଜାୟ ହେଉଅଛି । ଅଲ୍ପ ୨।୩ ମାସ ପରେ ଏଠାକାର ଗରିବ ଲୋକମାନଙ୍କର ଦୁର୍ଦ୍ଦଶା ସମ୍ଭବ ଗୁଡ଼ ଠିକ କରି ଯାଏ ନାହିଁ ।

ଗ୍ରାମ୍ଯ ସ୍ୱାସ୍ଥ୍ୟରକ୍ଷା ପଞ୍ଚାୟତ ଜାମବ ଜଙ୍ଗଲରେ ଭୁଇଁ ଭାଗ ବ୍ୟବସ୍ଥା ଆରମ୍ଭ କରିଥିବାରୁ ନିକଟବର୍ତ୍ତୀ ପ୍ରଜାମାନଙ୍କର ଅନେକ ଉପକାର ହେଉଅଛି ସନ୍ଦେହ ନାହିଁ କିନ୍ତୁ ସେଥିରେ ସମସ୍ତ ଗରିବ ପ୍ରଜାମାନଙ୍କର ଉପକାର ହେବ ଏପରି ଗୋଟିଏ ବୃହତ୍ କାର୍ଯ୍ୟ ଖୋଲିବାର ଆବଶ୍ୟକ ଅଟେ ।

ଏକଟୁ ଖବର ଏପରି କେତେ ହୋଇଅଛି ଯେ ବିପ୍ରନ୍ଦର ସମୟରେ ଘରୁ ବାହାରିବା ପାଇଁ କୁଏ ନାହିଁ । ଶୀତର ଲେଶମାତ୍ର ନାହିଁ । ପ୍ରାୟ ସମସ୍ତ ଅଧିବାସୀମାନଙ୍କରେ ବଳର ଫୁଟିବାକୁ ଥିଲା ବଢ଼ୁଅଛି । ଖାଦ୍ୟ ଦ୍ରବ୍ୟ ଏ ବର୍ଷ ଗୁଡ଼ ଆଗ ହେବ ।

ଏଠାକାର ପଦାର୍ଥର ଦୁର୍ମୂଲ୍ୟ ଏଣେତ ସୁଦ୍ଧା ଅନେକ ଦେଖା ହୋଇଅଛି ।

ସନ ୧୮୯୯ ସାଲର ମଧ୍ୟ ଇଂରାଜୀ ଓ ବର୍ଣ୍ଣାକ୍ୟୁଲର ବୃତ୍ତିପ୍ରାପ୍ତ ଛାତ୍ରମାନଙ୍କର ନାମ ।

କଟକ ଡିଷ୍ଟ୍ରିକ୍ଟ

ନମ୍ବର	ଛାତ୍ରର ନାମ	କେଉଁ ସ୍କୁଲରୁ		କେଉଁ ସ୍କୁଲରେ ପଢ଼ିବେ
୧	ଗିରିଧାରି ମିଶ୍ର	ନୂଆଗାଁ	ଏମ, ଇ,	ରେଭେନ୍ସା କଲେଜିଏଟ ସ୍କୁଲ
୨	ସାରକିଶୋର ସାମନ୍ତ	”	ଏମ, ଇ,	”
୩	ବଳଭଦ୍ର ରାୟ	”	ଫ୍ରି ଷ୍ଟ୍ରେଷ୍ଟ୍ରେଣ୍ଡ	”
୪	ରଘୁନାଥ ସାମନ୍ତ	ହିନ୍ଦୋଳପୁର	ଏମ ଇ,	”
୫	ଗୋପାଳ ପ୍ରସାଦ ବୋଷ	କଟକ ମିଶନ	ଏମ ଇ,	”
୬	ଶ୍ୟାମସୁନ୍ଦର ପଟ୍ଟନାୟକ	ସୁକିନ୍ଦାପୁର	ଏମ ଇ,	ପି, ଏମ, ଏକାଡେମୀ
୭	କୃଷ୍ଣଚନ୍ଦ୍ର ଚୌଧୁରୀ	ଅସ୍ତରେଶ୍ୱର	ଏମ ଇ,	କେନ୍ଦ୍ରାପଡ଼ା ହାଇ ଇଂରାଜୀ ସ୍କୁଲ
୮	ହରେକୃଷ୍ଣ ଚୌଧୁରୀ	ପଟ୍ଟାମୁଣ୍ଡାଇ	ଏମ ଇ,	”
୯	ଗଣେଶ ପ୍ରସାଦ ମାଝି	ସଙ୍ଗତ	ଫ୍ରି ଷ୍ଟ୍ରେଷ୍ଟ୍ରେଣ୍ଡ	ରେଭେନ୍ସା କଲେଜିଏଟ କଟକ
୧୦	ଦୈତାରି ଜି	କଟକ ମିଶନ	”	”

ବାଲେଶ୍ୱର ଡିଷ୍ଟ୍ରିକ୍ଟ

ନମ୍ବର	ଛାତ୍ରର ନାମ	କେଉଁ ସ୍କୁଲରୁ		କେଉଁ ସ୍କୁଲରେ ପଢ଼ିବେ
୧	ରାମଚନ୍ଦ୍ର ପାଢ଼ୀ	ଗୁଡ଼ଦାଉଡ଼ା	ଏମ ଇ	ଭଦ୍ରକ ଏଡ଼ିଟ ଇଂ ସ୍କୁଲ
୨	ପଦ୍ମନାଭ ତ୍ରିପାଠୀ	ଦୋଳସାହି	ଏମ, ଇ,	”
୩	ରାମଚନ୍ଦ୍ର ନାୟକ	ବାଇଣ୍ଡା	ଏମ, ଇ,	”
୪	ବ୍ରଜାନନ୍ଦ ସାହୁ	କୋଠାର	ଏମ, ଇ,	”
୫	ଜୟରାମ ଘୋଷ	ଗୃହବାଲ	ଏମ, ଇ,	ରେଭେନ୍ସା କଲେଜିଏଟ ସ୍କୁଲ କଟକ

ପୁରୀ ଡିଷ୍ଟ୍ରିକ୍ଟ

ନମ୍ବର	ଛାତ୍ରର ନାମ	କେଉଁ ସ୍କୁଲରୁ		କେଉଁ ସ୍କୁଲରେ ପଢ଼ିବେ
୧	ଲିଙ୍ଗରାଜ ମିଶ୍ର	ଦାମୋଦରପୁର ଶାସନ	ଏମ, ଇ,	ପୁରୀ ଜିଲ୍ଲା ସ୍କୁଲ
୨	ବନମାଳୀ ପଣ୍ଡା	ଭୁବନେଶ୍ୱର	ଏମ, ଇ,	”
୩	ଯୋଗୀନାଥ ମିଶ୍ର	ଡେଲାଙ୍ଗ	ଏମ, ଇ,	”
୪	ଗଙ୍ଗାଧର ମିଶ୍ର	ଦାମୋଦରପୁର ଶାସନ	ଏମ, ଇ,	”
୫	ଅଭିରାମ ରଣସିଂହ	ଟାଙ୍ଗି	ଏମ, ଇ,	ଖୋରଧା ଏଚ, ଇଂ ସ୍କୁଲ
୬	ବ୍ରହ୍ମାନନ୍ଦ ମହାନ୍ତି	ଚଣ୍ଡୀକୋଟ	ଫ୍ରି ଷ୍ଟ୍ରେଷ୍ଟ୍ରେଣ୍ଡ	ରେଭେନ୍ସା କଲେଜିଏଟ ସ୍କୁଲ କଟକ

ଅନୁଗୁଳ ଡିଷ୍ଟ୍ରିକ୍ଟ

ନମ୍ବର	ଛାତ୍ରର ନାମ	କେଉଁ ସ୍କୁଲରୁ		କେଉଁ ସ୍କୁଲରେ ପଢ଼ିବେ
୧	ଶୈଳେଶ୍ୱର ବଶୋଇ	ଅନୁଗୁଳ	ଏମ, ଇ,	ଢେଙ୍କାନାଳ ଏଚ, ଇ, ସ୍କୁଲ

ଟ୍ରିବ୍ୟୁଟେରୀ ମହାଲସ

ନମ୍ବର	ଛାତ୍ରର ନାମ	କେଉଁ ସ୍କୁଲରୁ		କେଉଁ ସ୍କୁଲରେ ପଢ଼ିବେ
୧	ଗଦାଧର ମହାପାତ୍ର	ଭୂଅମରା	ଏମ, ଇ,	ମୟୂରଭଞ୍ଜ ଏଚ, ଇଂ ସ୍କୁଲ
୨	ପରମେଶ୍ୱର ମଣି	ହିନ୍ଦୋଳ	ଏମ, ଇ,	ରେଭେନ୍ସା କଲେଜିଏଟ ସ୍କୁଲ କଟକ

CUTTACK
The 4th January
1900

R. N. RAI,
Inspector of Schools
Orissa Circle.

Digitized by srujanika@gmail.com

Split by PDF Splitter

ମୂଲ୍ୟପ୍ରାପ୍ତି ।

ଶ୍ରୀ ବାବୁ ଗଣେଶ୍ୱର ଚୌଧୁରୀ	ଚନ୍ଦ୍ରାଧରପୁର	ଟ ୩
" ଶ୍ୟାମସୁନ୍ଦର ମିଶ୍ର	ରଘୁପୁର	ଟ ୧
ଶ୍ରୀ ବୃନ୍ଦାବନଚନ୍ଦ୍ର ହରିଚନ୍ଦନ ଜଗଦେବ	ରାଜାବାହାଦୁର ଟିକାଲି	ଟ ୩
ଶ୍ରୀ ବାବୁ ଗୋପୀନାଥଚନ୍ଦ୍ର ସରହାର	ମୟୂରଭଞ୍ଜ	ଟ ୩
" ଶ୍ରୀକୃଷ୍ଣ ଦାସ	ଗୋଲପୁର ବାଲି	ଟ ୧
ଘୁଡ଼ା ନରଡ଼ା	ଜୋନ୍ସ ସ୍ଲାମପେଟ	ଟ ୩
ଜୋହଣୀ ବାଲାଜି ଗାନ୍ଧ	ରସୁଲକୁଣ୍ଡା	ଟ ୩
ଶ୍ରୀ ବାବୁ ମଦନମୋହନ ପଟ୍ଟନାୟକ		ଟ ୩୮/
ଶ୍ରୀ ନାଥହାମନ୍ତ	ଅଠଗଡ଼	ଟ ୩
ଶ୍ରୀ ବାବୁ ଭରତଚନ୍ଦ୍ର ବେହେରା	ମେ ବିଭଗ ମୟୂରଭଞ୍ଜ	ଟ ୧୨
" ସନ୍ନ୍ୟାସୀ ସାହୁ	ବୌଦ	ଟ ୩
" ବଂଶୀଧର ପଣ୍ଡା	ଚାନ୍ଦବାଲି	ଟ ୩
ସାହା । ଜ ।	ଢଣପ୍ରର	ଟ ୯
ଶ୍ରୀ ବାବୁ କପିଳଚରଣ ଦାସ	ସୁନ୍ଦରପୁର	ଟ ୩
" ଦାମୋଦର ମଙ୍ଗରାଜ	ଗାଥପୁର	ଟ ୩
" ଜଗନ୍ନାଥ ଦାସ	ରାଣପୁର	ଟ ୧
" ରଘୁନାଥ ଘୋଷ	କଟକ	ଟ ୩

ବିଜ୍ଞାପନ ।

ଯେହେତୁ କଟକ ଜିଲ୍ଲା ଅନ୍ତର୍ଗତ ସଦର ଜଗତ୍‌ସିଂହପୁର, ଚର୍ଦ୍ଦୋଲ, ସାଲେପୁର ଓ ବାଙ୍କି ଥାନା ମଧ୍ୟସ୍ଥିତ ସମସ୍ତ କାଞ୍ଜିହାଉସ (ପାଉଣ୍ଡ) ସନ ୧୯୦୦ ମସିହା ଜାନୁୟାରୀ ମାସ ତା ୧ ରଖ ଠାରୁ ସନ ୧୯୦୧ ମସିହା ମାର୍ଚ୍ଚମାସ ତା ୩୧ ରଖ ପର୍ଯ୍ୟନ୍ତ ୧ ବର୍ଷ ୩ ମାସ ନିମନ୍ତେ ସନ ୧୯୦୦ ମସିହା ଜାନୁୟାରୀ ମାସ ତା ୧୬ ରଖ । ମୁ । ସନ ୧୩୦୭ ସାଲ ମାଘ ମାସ ତା ୪ ର ମଙ୍ଗଳବାର ବେଳା ଘ ୧୨ ଘଣ୍ଟା ସମୟରେ କଟକ ସଦର ଲୋକାଲବୋର୍ଡ଼ ଅଫିସରେ ଶ୍ରୀଯୁକ୍ତ ଶ୍ରୀ ଡେପୁଟିମେଜର ବାହାଦୁରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜରା ବନ୍ଦୋବସ୍ତ କରାଯିବ ଅତଏବ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଯେଉଁମାନେ ତାହା ନିଲାମରେ ଇଜରା ନେବାକୁ ଇଚ୍ଛା କରନ୍ତି ସେମାନେ ଉକ୍ତ ଉପରଲେଖିତ ନିରୂପିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଡକା ଦେଇ ପାରିବେ । ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ଡାକରେ ନିଲାମ ସ୍ଥିର କରାଯିବ ଓ ନିଲାମ ଗ୍ରହୀତା ତତ୍‌କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେବାକ୍ଷଣି ନିଲାମି ଜରିସମାନର ଚତୁର୍ଥାଂଶ ଜାମିନି ସ୍ୱରୂପ ଅଗ୍ରିମ ଦାଖଲ କରିବେ ଓ ବାକି ଜରିସମାନ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ । ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବା ମାତ୍ରେ ଦାଖଲ ନ ହେଲେ ପୁନ ନିଲାମ କରାଯିବ ଓ ପ୍ରତ୍ୟେକ କ୍ୱାର୍ଟରର ଖଜଣା ସେହି କ୍ୱାର୍ଟରର ପ୍ରଥମ ତାରିଖରେ ଅଗାମୀ ଦେବାକୁ ହେବ ନ ଦେଲେ ତହିଁର ଯେ କ୍ଷତି ହେବ ତାହା ଇଜାରାଦାରଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ଗ୍ରହୀତା ନିୟମିତ ଷ୍ଟାମ୍ପ କାଗଜରେ ବୋର୍ଡ଼ ଚେୟାରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ଖତମରେ କବୁଲିୟତ ଲେଖି ଦେଇ ରେଜେଷ୍ଟ୍ରୀ କରିଦେବେ । ଉପରୋକ୍ତ ନିଲାମ ଆଉ ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲ-ବୋର୍ଡ଼ ଅଫିସରେ ହାଜର ହୋଇ ବୁଝି ପାରିବେ ।

ପ୍ରକାଶ ଥାଉ କି କାଞ୍ଜିହାଉସମାନ କେବଳ ଉଦ୍ ଓ ସଙ୍ଗତପନ୍ନ ଲୋକମାନେ ନିଲାମ ଡାକି ପାରିବେ ତଦନ୍ତରେ ଯଦ୍ୟପି ନିଲାମ ଖରିଦ-ଦାର ସେପର ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହା ହେଲେ ତତ୍‌କ୍ଷଣାତ୍ ତାହାର ଡିପୋଜିଟ ଜବତ କରା ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଉଦ୍ ସଙ୍ଗତପନ୍ନ ଲୋକଙ୍କୁ ସାନ ବନ୍ଦୀ କରାଯିବ ।

ଥାନା କଟକ

୧ । ବଉବାଟୀ   ୩ । ଯାଥପୁର
୨ । ନାରଙ୍ଗ

ଥାନା ବାଙ୍କୀ

୧ । ପଥୁରିଆପଡ଼ା

ଥାନା ସାଲେପୁର

୧ । ବଇଦନାଥପୁର

ଥାନା ଜଗତ୍‌ସିଂହପୁର

୧ । ସ୍ୱର୍ଣ୍ଣଗିରିସାହୁ   ୨ । କଇଁର୍ଦ୍ଧା
୩ । ହରିଡ଼ିଲେ   ୪ । ନଥଲୀ
୫ । କଳସିପୁର

ଥାନା ଚର୍ଦ୍ଦୋଲ

୧ । କନ୍ଧାପାଟଣା   ୨ । ପଟ୍ଟପାଲ

Mayadhur Das
Vice-Chairman.

ପ୍ରୟୋଜନୀୟ ପୁସ୍ତକ ।

ପାରିବାରିକ ଚିକିତ୍ସା ଶୃଅଣା, ଜ୍ୱର ଚିକିତ୍ସା ଛଅଣା, ଗୋ ଚିକିତ୍ସା ୧ ମ ଗ୍ରନ୍ଥ ଏକଅଣା, ୨ ସୂତ୍ରଗ ଦୁଇଅଣା, ବସନ୍ତ ଚିକିତ୍ସା ଏକଅଣା, କସନ୍ତ ରୋଗ ଚିକିତ୍ସା ଛଅପଇସା ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ଯେଉଁମାନେ ସାମାନ୍ୟ ଲେଖାପଢ଼ା କରିପାରନ୍ତି, ସେମାନେ ସହଜପ୍ରାପ୍ୟ ଚେର, ମୂଳ, ମସଲାଦ୍ୱାରା ଉପୋରକ୍ତ ରୋଗମାନ ଦମନ କରିପାରିବେ । ପଣ୍ଡିତମାନଙ୍କଦ୍ୱାରା ପ୍ରଥମ ସଂସ୍କରଣ ଏକଅଣାରେ ମିଳିବ । ସମଶ୍ରେଣୀର ପୁସ୍ତକ ମଧ୍ୟରେ ଏହା ସର୍ବୋତ୍କୃଷ୍ଟ ହେଲୁ ସ୍କୁଲ ପାଠ୍ୟ ହୋଇଅଛି ।

ଅଲଙ୍କାରସାର ।

ବାମଣ୍ଡାର ସୁଯୋଗ୍ୟ ଯୁବରାଜକୁମାର ଶ୍ରୀଯୁକ୍ତ ସଚ୍ଚିଦାନନ୍ଦଦେବ ମହୋଦୟ ପ୍ରଣୀତ "ଅଲଙ୍କାର ସାର" ନାମକ ପୁସ୍ତକ ଭାଷା ବିଷୟକ ଜ୍ଞାନବୃଦ୍ଧି ଅଭିଳାଷେ ପ୍ରତ୍ୟେକ ଭାଷାନୁରାଗୀ ବ୍ୟକ୍ତିଙ୍କର ଅବଶ୍ୟ ପାଠ କରିବା ଉଚିତ । ପୁସ୍ତକ ସରଳ-ଭାଷାରେ ଉଦାହରଣ ସହିତ ରଚିତ ହୋଇ-ଥିବାରୁ ପାଠକମାନେ ଅପରର ସାହାଯ୍ୟ ବ୍ୟତିରେକେ ବର୍ଣ୍ଣିତ ବିଷୟ ସହଜରେ ହୃଦୟ-ଙ୍ଗମ କରି ପାରିବେ । ପୁସ୍ତକଖଣ୍ଡି ଅତ୍ୟାଦେୟ ହୋଇଥିବା କଥା ଉତ୍କଳଭାଷା ପାରଦର୍ଶୀ ପଣ୍ଡିତ-ମାନେ ମୁକ୍ତକଣ୍ଠରେ ସ୍ୱୀକାର କରି ଗ୍ରନ୍ଥକର୍ତ୍ତାଙ୍କୁ ଧନ୍ୟବାଦ ପ୍ରଦାନ କରିଅଛନ୍ତି । ଏହି ପୁସ୍ତକ କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକଦୋକାନରେ ଏବଂ ବାମଣ୍ଡା ଛାପାଖାନାରେ ଅଶାତୀତ ସୁଲଭ ମୂଲ୍ୟ ଗୁରଅଣାରେ ବିକ୍ରୟ କରାଯାଉଅଛି । ଡାକମାସୁଲ ଏକଅଣା ମାତ୍ର ।

ନୂତନ ଓଡ଼ିଆ ନାଟକ ।

ସୀତାବିବାହ ନାଟକ ।

ଶ୍ରୀ କାମପାଲମିଶ୍ର ବି, ଏ, କର୍ତ୍ତୃକ ରଚିତ, ଶ୍ରୀ ଗୋଦାବରୀଶ ମିଶ୍ର ଏମ୍, ଏ, କର୍ତ୍ତୃକ ପ୍ରକାଶିତ ମନୋହର ନାଟକ । ଗୀତ ଅଧିକାଂଶ ଥିଏଟର ରାଗିଣୀ—ଇଂରାଜୀ ରାଗିଣୀ । ଅଭିନୟୋପ-ଯୋଗୀ ଗ୍ରନ୍ଥ । ପଢ଼ିବାକୁ ଉପନ୍ୟାସପରି ଅମୋଦପ୍ରଦ । ସୁନ୍ଦର ମଲାଟବନ୍ଧା, ମୂଲ୍ୟ ଟ ୦।୬/

ବଡ଼ବାଜାର କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ ।

ଏଣ୍ଟ୍ରାନ୍ସ, ଅପରପ୍ରାଇମେରୀ, ଭର୍ଣ୍ଣା-କ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ଉଚିତ ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଅମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟରୀ ।

Digitized by srujanika@gmail.com

Split by PDF Splitter

ବିଜ୍ଞାପନ ।

ଉପଯୋଗିସମିତିର ଭଣ୍ଡାର

କଟକ

କ୍ରେତା ଓ ବିକ୍ରେତାର ସ୍ୱାର୍ଥ ଯହିଁରେ ବିପରୀତ ନ ହୁଏ, ଅର୍ଥାତ୍ କ୍ରେତାର ଲାଭରେ ବିକ୍ରେତାର ଲାଭ ଏବଂ ବିକ୍ରେତାର ଲାଭରେ କ୍ରେତାର ଲାଭ ହୋଇପାରେ, ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ ଭଣ୍ଡାର ସ୍ଥାପିତ ହୋଇଅଛି । ପ୍ରବଞ୍ଚନା, କ୍ରୟ ସମୟରେ ଅକାରଣ ବାକ୍‌ବିତଣ୍ଡା ସ୍ଥଭଢଠାରୁ କ୍ରେତାମାନଙ୍କୁ ରକ୍ଷାକରିବା ନିମନ୍ତେ ବିଶେଷ ଉପାୟ କରାଯାଇଅଛି । ଦୋକାନରେ ଲେଖା ଯାଇଥିବା ଦ୍ରବ୍ୟାଦିର ମୂଲ୍ୟର ତାଲିକା କ୍ରେତାମାନେ ଦେଖିପାରନ୍ତି । ସେହି ନିର୍ଦ୍ଦିଷ୍ଟ ମୂଲ୍ୟର ହ୍ରାସ ବୃଦ୍ଧି କରିବାର କ୍ଷମତା କର୍ତ୍ତୃପକ୍ଷ ଛଡ଼ା ଆଉ କାହାରି ନାହିଁ । କର୍ତ୍ତୃପକ୍ଷ ମଧ୍ୟ ବିଶେଷ ବିବେଚନାର ସହିତ ଯେତେଦୂର ସମ୍ଭବ ମୂଲ୍ୟ ସୁଲଭ କରିଥାନ୍ତି । ସମୁଦାୟ ଦ୍ରବ୍ୟର ତାଲିକା ଦେବା ସମ୍ଭବ ନୁହେଁ । ପ୍ରଧାନ କେତେକ ଦ୍ରବ୍ୟର ନାମ ପ୍ରକାଶ କରାଯାଉଅଛି ।

ଦେଶୀ ତନ୍ତୁର, ତନ୍ତ୍ରକୋଣା, ଫରାସଡାଙ୍ଗା, ପାବନା ଓ ଶାନ୍ତିପୁର ଧୂତି ଚାଦର ଓ ଶାଢ଼ୀ; ହିନ୍ଦୁସ୍ଥାନର ଝଅର, ଗଉଦ, ବାସ୍ତା; ନାନା ରକମର ପଶମି ଲୁଗା; ବୋମ୍ବାଇ, ମାନ୍ଦ୍ରାଜ, ନାଗପୁର, ଅହମଦାବାଦ ଓ କାନପୁର ପ୍ରଭୃତି ସ୍ଥାନର କଲର ଧୋତି ଚଦର ଲଂକ୍ଲଥ ଛିଟ ମେଜ ଚଉକିଆ ଝାଡ଼ନ ଓ ଗାମୁଛା ପ୍ରଭୃତି; ସର୍ବପ୍ରକାର ବାଦାମି ଓ ସାଦା କାଗଜ, ଚିଠିର କାଗଜ, ଲେଫାଫା, ଦୁଆତ, କାଳି, କଲମ, ପେନସିଲ, ଇରେଜର, ବ୍ରସ, କମ୍ପାସ, ଷ୍ଟିଲ ପେନ, ଜବ ସ୍ଥଇଡ, ସର୍ବପ୍ରକାର ଡ୍ରଇଙ୍ଗ ଦ୍ରବ୍ୟାଦି । ସର୍ବପ୍ରକାର ସାବାନ, ବିବିଧ ସୁଗନ୍ଧ ତୈଳ ଓ ସୁଗନ୍ଧ ପାଣି; ବାଇଲି, ଅସ୍ତରୁଟ, ଶିଶୁ ପ୍ରଭୃତି ରୋଗୀମାନଙ୍କର ବହୁବିଧ ପଥ୍ୟ; କଟକର ବିଖ୍ୟାତ ଝିଙ୍ଗରି ଛଡ଼, ଫରୁଆ ଓ ଖେଳଣା, ଏବଂ ରୂପାର ଉତ୍କୃଷ୍ଟ ଫୁଲ, ଅତର-ଦାନ, ଗୋଲାପ-ପାଶ, ରେକାବ, ନାନାବିଧ ଅଳଙ୍କାର । ଏହାଛଡ଼ା ଅନ୍ୟ ଦ୍ରବ୍ୟ ନେବାକୁ ଇଚ୍ଛା କଲେ ମୂଲ୍ୟର କେତେକାଂଶ ଜମା ଦେଲେ ସୁଲଭମୂଲ୍ୟରେ ଆଣି ଦିଆଯାଏ । କଟକ ଦେଓ୍ୱାନି ଅଦାଲତର ସମ୍ମୁଖରେ ଭଣ୍ଡାର ସ୍ଥାପିତ ।

ନୂତନ ଆମଦାନୀ

ନାନାବିଧ ଶୀତବସ୍ତ୍ର ।

ବିଜ୍ଞାପନ ।

ମହାନାଟକ (୭୧୫ ଶ୍ଲୋକ ଏବଂ ଗଦ୍ୟ)

ଏକଖଣ୍ଡ	ମୂଲ୍ୟ	ଟ ୦ ।/
ଷଡ଼ଚକ୍ର ଗୀତା	"	ଟ ୦ ୶
ଅନନ୍ତୟାଟର ଗୀତା	"	ଟ ୦ ୶
ପ୍ରେମସୁଧା ସହ	"	୦ /୳
ମହାକାନ୍ତ ଚଉତିଶା	"	ଟ ୦ /

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

ବନାରସ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା, ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର ଅଠମଲ୍ଲିକ, ନୟାଗଡ଼, ସରାଇକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଯୋଡ଼ି, ଦୋପଟା, କିଂଖାପ, ବାପ୍ତା ସାଟୀ ଦୋପଟ୍ଟା ମଖମଲ, ଶିରରେ ବାନ୍ଧିବାର ପେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ରହିତ ଛଟର ଅଙ୍ଗସ୍ତ ପ୍ରଭୃତି ଗଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ଦରଖାସ୍ତ ଅନୁସାରେ ତିଆରି କରାଇ ଦେଉଁ । ଦରଖାସ୍ତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାପା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାଲ୍ଟୁମଲ ଭୋଲାନାଥ
କୁଞ୍ଜଗଲି ଫାଟକ ବନାରସ ସିଟି

ନୂତନ ପୁସ୍ତକ ।

[illegible] ଶାରଳାଦାସଙ୍କ

ସଚିତ୍ର

ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି ତାହିଁର ମୂଲ୍ୟ ଏକସାଙ୍ଗରେ ଟ ୧୬॥୶ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

୧ ଆଦ୍ୟ ପର୍ବ	ଟ ୨॥
୨ ମଧ୍ୟ ପର୍ବ	ଟ ୨॥
୩ ସଭା ପର୍ବ	ଟ ୨॥
୪ ବନ ପର୍ବ	ଟ ୨।
୫ ବିରାଟ ପର୍ବ	ଟ ୧।
୬ ଉଦ୍ୟୋଗ ପର୍ବ	ଟ ୧।
୭ ଭୀଷ୍ମ ପର୍ବ	ଟ ୧।
୮ ଦ୍ରୋଣ ପର୍ବ	ଟ ୧୧
୯ କର୍ଣ୍ଣ ପର୍ବ	ଟ ୦।୶
୧୦ ଶଲ୍ୟ ପର୍ବ	ଟ ୦ ୶
୧୧ ଗଦା ପର୍ବ	ଟ ୦ ॥
୧୨ କାଳିନ୍ଦିକା ବା ସୌପ୍ତିକ ପର୍ବ	ଟ ୦ ।/
୧୩।୧୪ ନାରୀ ଓ ଶାନ୍ତି ପର୍ବ	ଟ ୦ ୶
୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ	ଟ ୦ ୳
୧୭ ମୁଷଳୀ ପର୍ବ	ଟ ୦।୶
୧୮ ସ୍ୱର୍ଗାରୋହଣ ପର୍ବ	ଟ ୦ ।
ସଚିତ୍ର ଚୈତନ୍ୟ ଚରିତାମୃତ	ଟ ୨ ୳

ଗ୍ରାହକେ କଟକ ଦରଗାବଜାରସ୍ଥ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ପାଇ ପାରିବେ ।

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ରେଟ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

ଧାଡ଼ିପ୍ରତି	ଟ ୦ ୶
ଅର୍ଦ୍ଧସ୍ତମ୍ଭକୁ	ଟ ୨ ୯
ପୂର୍ଣ୍ଣ ଏକ ସ୍ତମ୍ଭକୁ	ଟ ୩ ୯

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତାହିଁର ରେଟ ଟ ୦ ୳ ଠାରୁ ଊଣା ହେବ ନାହିଁ

ଦ୍ୱିତୀୟ ଓ ତୃତୀୟଥର ସକାଶେ ରେଟ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା ସମ୍ବାଦପତ୍ର କଟକ ଦରଗାବଜାର ପ୍ରିଣ୍ଟିଂ କମ୍ପାନୀ "ଲିମିଟେଡ"ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

୩୫ ଖଣ୍ଡ । ୩ ସଂଖ୍ୟା । ତା ୨୦ ରଖ ମାହେ ଜାନୁଆରୀ ସନ ୧୯୦୦ ମସିହା । ମୃ । ୨ ୮ ଇ ମାଘ ସନ ୧୩୦୭ ସାଲ ଶନିବାର । ଅଗ୍ରୀମ ଟ ୩୧୦ । ପଶ୍ଚାଦ୍ଦେୟ ଟ ୬୧୦

ବିଜ୍ଞାପନ ।

ନୂତନ ପଞ୍ଜିକା ।

ବଙ୍ଗଳା ୧୨୦୬ ସନ ୧୩୦୭ ଓ ୧୩୦୮ ଇଂରାଜୀ ସନ ୧୯୦୦ ଓ ୧୯୦୧ ନୋଟିସ କଟକ ପ୍ରିଣ୍ଟିଙ୍ଗ କମ୍ପାନିଙ୍କଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

ବଡ଼	ଟ ୦।
ଛୋଟ	ଟ ୦୵୧୦

ଡାକମାସୁଲ ଟ ୦/ ଯେଉଁମାନଙ୍କର ରେଲ କିମ୍ବା ଷ୍ଟିମାରଦ୍ୱାରା ନେବାର ସୁବିଧା ଅଛି, ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ ।

ଶ୍ରୀ ଉମାଶଙ୍କର ଗୁପ୍ତ
ସେକ୍ରେଟେରୀ

ଖଡ଼ିକୋଟରୁ ତାର ଡାକଯୋଗେ ସମ୍ବାଦ ପାଇଅଛୁଁ ଯେ ଗତ ତା ୧୩ ରଖରେ ଖଡ଼ିକୋଟ ଏବଂ ଅଠଗଡ ରାଜାଙ୍କର ପାଟଦେବ (ପ୍ରଥମ କୁମାର) ଜନ୍ମଗ୍ରହଣ କରିଅଛନ୍ତି । ଆମ୍ଭେମାନେ ଏହି ଆନନ୍ଦ ସମାଚାର ପ୍ରଚାର କରି ପାଟଦେବଙ୍କର ଦୀର୍ଘାୟୁ କାମନା କରୁଅଛୁଁ ।

ଆସନ୍ତା ବୁଧବାର ରାତି ସ ୯ ଘଣ୍ଟା ବେଳେ ଲାଟବାହାଦୁର ବଙ୍ଗେଶ୍ୱର ସର୍ ଉଡବର୍ନ ବାହାଦୁର କଲିକତାଠାରୁ ରେଲବାଟେ ବିହାର ପ୍ରଦେଶ ପରିଦର୍ଶନାର୍ଥେ ଯାତ୍ରା କରିବେ । ମୁଜଫରପୁର, ବେତିୟା, ମୋତିହାରି, ଛପରା, ସାରନ, ବାଙ୍କିପୁର, ଗିଧୋର ଏବଂ ମଧୁପୁର ଏହି ସ୍ଥାନମାନଙ୍କରେ ମୁକାମ ହେବ । ଆସନ୍ତା ଫେବୃୟାରୀ ମାସ ତା ୧୦ ରଖ ଅପରାହ୍ନରେ କଲିକତାକୁ ଲେଉଟିଆସିବେ ।

ବାଲେଶ୍ୱରଠାରୁ ଗୃହ୍ନପୁରକୁ ଗୋଟିଏ ସାମାନ୍ୟ ସଡକ ଅଛି । କେତେକ ବର୍ଷ ହେଲା ସେଠାରେ ଲୋପ ଉଦ୍ୟାନ ଖୋଲାଇ ଯଥେଷ୍ଟ ଲାଭ କରିବାରୁ ଗୃହ୍ନପୁରଠାରେ ଗୋଟିଏ କଳ ନିର୍ମାଣ ହେବାରୁ ସେଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ଗୋଟିଏ ପକା ସଡକ ପ୍ରସ୍ତୁତ କରିବା କାରଣ ଗବର୍ଣ୍ଣମେଣ୍ଟ ଟ ୩୦,୦୦୦୧ ଙ୍କା ମଞ୍ଜୁର କରିଅଛନ୍ତି । ସେଠା ଜିଲା ବୋର୍ଡ ଏହି ସଡକର ବାର୍ଷିକ ମରାମତ ନିମନ୍ତେ ପ୍ରତିବର୍ଷ ଟ ୨୫୦୧ ଙ୍କା ଦେବେ ।

ଗତ ସପ୍ତାହରେ ଦୁର୍ଭିକ୍ଷ ସାହାଯ୍ୟପ୍ରାପ୍ତ ବ୍ୟକ୍ତିଙ୍କ ସଂଖ୍ୟା ଭାରତର ବ୍ରିଟିସ ଓ ଦେଶୀୟ ରାଜ୍ୟରେ ୨୯,୬୬,୧୧୬ ଥିଲା ଏ ସପ୍ତାହର ସଂଖ୍ୟା ୩୧,୭୯,୦୦୯ ଅଟେ । ସୁତରାଂ ୨ଲକ୍ଷରୁ ଅଧିକ ବଢ଼ିଅଛି । ମାତ୍ର ସୁଖର ବିଷୟ ଏତିକି ଯେ ଦେଶୀୟ ରାଜ୍ୟର ସଂଖ୍ୟା ୧୦,୬୦୯ ଉଣା ପଡିଅଛି । ବ୍ରିଟିସ ରାଜ୍ୟର ୨୫,୨୬,୪୨୩ ସାହାଯ୍ୟପ୍ରାପ୍ତ ବ୍ୟକ୍ତି ମଧ୍ୟରୁ ଏକା ମଧ୍ୟପ୍ରଦେଶର ଲୋକ ୧୩,୬୪,୧୨୦ ଅଟେ । ତହିଁର ଅର୍ଦ୍ଧେ ଅର୍ଥାତ୍ ୬,୮୨,୦୦୫ ଣ ବମ୍ବେଇରେ ସୁତରାଂ ଏହି ଦୁଇ ପ୍ରଦେଶରେ ଦୁର୍ଭିକ୍ଷର କୋପ ଅଧିକ ।

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ କଲିକତା ଶୋଭାବଜାର ରାଜବଂଶର ବର୍ତ୍ତା ରାଜା ରାଜେନ୍ଦ୍ରନାରାୟଣ ଦେବ ପରଲୋକ ଗମନ କଲେ । ସେ ବିଖ୍ୟାତ ରାଜା ସର୍ ରାଧାକାନ୍ତ ଦେବଙ୍କର ପୁତ୍ର ଥିଲେ । ସର୍ ରାଧାକାନ୍ତ ଦେବ ଜୀବିତ ଥିବା କାଳ ପର୍ଯ୍ୟନ୍ତ କଲିକତା ହିନ୍ଦୁ ସମାଜର ନେତା ଥିଲେ ଏବଂ ତାହାଙ୍କର ସଂଯୋଗ ବିନା କୌଣସି ସାଧାରଣ ସଭା ପ୍ରସ୍ତୁତ ହେଉ ନ ଥିଲା । ରାଜା ରାଜେନ୍ଦ୍ରନାରାୟଣ ମଧ୍ୟ ନିଜ ପିତାର ମହତ୍ତ୍ୱ ରକ୍ଷା କରିଥିଲେ ଏବଂ ସାଧାରଣ କାର୍ଯ୍ୟ ସାଧନରେ ତାହାଙ୍କର ଯଥୋଚିତ ସହାନୁଭୂତି ଥିଲା । ଏହାଙ୍କର ବୟସ ପ୍ରାୟ ୯୦ ବର୍ଷ ହୋଇଥିଲା ।

ଅନେକଦିନରୁ ଏକଜଣ ନଗ୍ନ ଅଘୋର ପୁରୀ କ୍ଷେତ୍ରରେ ବାସ କରୁଥିଲେ । ପ୍ରାୟ ଦୁଇବର୍ଷ ହେଲା ମନ୍ଦିର ସମ୍ମୁଖ କଂସାର ଦୋକାନ ପଟି ସାମନାରେ ଥିବା କୁଠା ଭାଙ୍ଗି ଦୋକାନ ଘରରେ ପଡିଥିଲେ । ଗତ ତା ୧୪ ରିଖ ରାତି ପ୍ରାୟ ୯ ଘଣ୍ଟା ପର୍ଯ୍ୟନ୍ତ ଅଗ୍ନି ସେବନ ଓ ଅଧିକାଂଶ ସମୟ ସୋଗଜନିତ କୁନ୍ଥନ କରୁଥିବା ପରି କରୁଥିଲେ । ପରଦିନ ସକାଳୁ ଦେଖାଗଲା ଯେ ଗୋଟିଏ ବସ୍ତ୍ର ଛିଣ୍ଡା ହୋଇ କନ୍ଥାର ଉପର

Digitized by srujanika@gmail.com

Split by PDF Splitter

ଜଳ ମାଂସ ଦିଏ ଖାଇଲେ ପର ଇଲ୍ଲ କର୍କଶ ହୋଇ ମୃତବତ ପଡ଼ିଅଛି । ପହଣ୍ଡବାଲା ବ ପଣ୍ଡୋଷମାନେ ଶବ ଶୁଣି ବସ୍ତୁ ତତ୍ତ୍ୱ ନ ନେବା ବଡ଼ ଆଶ୍ଚର୍ଯ୍ୟର ବିଷୟ ।

କଲିକତାର ମାରବାଡ଼ିମାନେ ରାଜଭକ୍ତି ଦେଖାଇବାରେ ଏ ସମୟରେ ପଶ୍ଚାତ୍ପଦ ହୋଇ ନାହାନ୍ତି । କଲିକତାର ଭାରତୀୟ ସଭା ଟ୍ରାନ୍ସଭାଲ ଯୁଦ୍ଧ ପାଇଁ ନିମନ୍ତେ ଅର୍ଥ ସଂଗ୍ରହର ଉଦ୍ୟୋଗ କରିବାର ଦେଖି ସେଠାର ମାରବାଡ଼ିମାନେ ଗତ ଶନିବାର ଏକ ସଭା କରିଥିଲେ ଏବଂ ରାୟ ବାହାଦୁର ହରିରାମ ଗୋଏଙ୍କା ସଭାପତିର ଆସନ ଗ୍ରହଣ କରିଥିଲେ । ଦକ୍ଷିଣ ଆଫ୍ରିକାର ଯୁଦ୍ଧରେ ହତ ଏବଂ ଆହତ ହେବା ସୈନ୍ୟର ପରିବାର ବର୍ଗର ସାହାଯ୍ୟ ନିମନ୍ତେ କଲିକତାରେ ଯେଉଁ ଚାନ୍ଦା ସଂଗ୍ରହ ହେଉଅଛି ତହିଁର ପୁଷ୍ଟି ସାଧନ କରିବାର କର୍ତ୍ତବ୍ୟତା ଅବଧାରିତ ହେଲା ଏବଂ ସଭାସ୍ଥଳରେ ୫ ୧୫୦୦୯ ଟଙ୍କା ଆଦାୟ ହେଲା । ସମସ୍ତ ଭାରତବାସୀଙ୍କର ଏହି ପାଣ୍ଠିରେ ଚାନ୍ଦା ଦେଇ ରାଜଭକ୍ତି ଦେଖାଇବା ଉଚିତ ଏଥିରେ ଦ୍ୱିରୁକ୍ତି ନାହିଁ ।

ଜଣେ ପତ୍ରଦାତା ଲେଖିଅଛନ୍ତି ଯେ କେନ୍ଦ୍ରାପଡ଼ା ମିଉନିସିପାଲିଟି ଅନ୍ତର୍ଗତ ଜଗଦଳପୁର ଗ୍ରାମ ଏବଂ ସେହି ଗ୍ରାମ ଶ୍ମଶାନ ମଧ୍ୟରେ ୭୮ ହାତ ବିସ୍ତୃତ ପରିମିତ ଗୋଟିଏ ଯୋଡ଼ ଅଛି, ବର୍ଷାକାଳରେ ସେ ଯୋଡ଼ରେ ୩୫ ହାତ ଜଳ ଥାଏ, ଶୀତକାଳରେ ୨୦ ହାତରୁ ଊଣା ନୁହେ । ବର୍ଷା ବା ଶୀତ କାଳରେ ବିଶେଷତଃ ସନ୍ଧ୍ୟାରେ ଜଳରେ ପଶି ଶବ ନେଇ ଯିବା କେମନ୍ତ କଷ୍ଟକର ତାହା କାହାରିକୁ କହି ଦେବାକୁ ହେବ ନାହିଁ । ପ୍ରାୟ ଟ ୭୦ ଙ୍କା କରି ତହିଁରୁ ଊଣା ବ୍ୟୟରେ ଗୋଟିଏ ବନ୍ଧ ପଡ଼ିଲେ ଗ୍ରାମବାସିଙ୍କର ସବୁ କଷ୍ଟ ଦୂର ହେବ । ବନ୍ଧ ନିମନ୍ତେ ପୁନଃ ପୁନଃ ଆବେଦନ କଲେ ସୁଦ୍ଧା ଅଦ୍ୟାପି ସଫଳ ହୋଇ ନାହିଁ । ଏକଥାଟି ଠିକ ହେବାକୁ ଟିକିଏ ତଦନ୍ତ ହେଲେ ସରଳ ଜବାବ ମିଳିବ ମିଉନିସିପାଲିଟି ବାଡ଼ି ଚାଲନ କରିବେ ଆଉ କ୍ଲେଶ ନିବାରଣ ହେଲେ ମାଇବ ଏହା ସୁବିଚାର ନୁହେ ପତ୍ରଦାତାଙ୍କ ଶୁଦ୍ଧା ଯଥାର୍ଥ ହେଲେ ତାହା ନ୍ୟାୟସଙ୍ଗତ ଏଥିରେ ସନ୍ଦେହ ନାହିଁ ଏବଂ ଶବବାହକର ସୁବିଧା କରିଦେବା ମିଉନିସିପାଲିଟିର ଗୋଟିଏ ପ୍ରଧାନ କାର୍ଯ୍ୟ ଅଟେ । ଅତ୍ୟେମାନେ ଏ ବିଷୟପ୍ରତି କେନ୍ଦ୍ରାପଡ଼ା ମିଉନିସିପାଲ କମିଶନରମାନଙ୍କର ଦୃଷ୍ଟି ଆକର୍ଷଣ କରି ଆଶୁ ପ୍ରତୀକାର ନିମନ୍ତେ ଏକାନ୍ତ ପ୍ରାର୍ଥନା କରୁଅଛୁଁ ।

ଭାରତର ଶିକ୍ଷାସମାଚାର ।

ଭାରତ ଗବର୍ଣ୍ଣମେଣ୍ଟଙ୍କର ଅଦେଶମତେ ଶ୍ରୀଯୁକ୍ତ କଟନ୍ ସାହେବ ଇଂରାଜଙ୍କର ଶାସାନ ଶାସନାଧୀନ ଭାରତର ଗତ ପାଞ୍ଚବର୍ଷର ଶିକ୍ଷାବିବରଣୀ ପ୍ରସ୍ତୁତ କରି ପ୍ରକାଶ କରିବାରୁ ଭାରତ ଗବର୍ଣ୍ଣମେଣ୍ଟ ସେ ସମ୍ବନ୍ଧରେ ଏକ ଦୀର୍ଘ ସମାଲୋଚନା ପ୍ରକାଶ କରିଅଛନ୍ତି ଗତ ୧୫ ବର୍ଷରେ କି ପରିମାଣ ଶିକ୍ଷାବିସ୍ତାର ହୋଇଅଛି ନିମ୍ନଲିଖିତ ତାଲିକାରୁ ତାହା ପ୍ରକାଶ ହେବ । ଯଥା;—

ବିଦ୍ୟାଳୟଶ୍ରେଣୀ	ସନ୧୮୮୧।୮୨ରେ କେତେ ଥିଲ	ସନ୧୮୯୬।୯୭ରେ କେତେ ହେଲ
କଲେଜ	୮୫	୧୪୮
ଉଚ୍ଚ ଓ ମଧ୍ୟ ସ୍କୁଲ	୪୧୨୨	୫୩୮୨
ପ୍ରାଥମିକ "	୮୨୨୬୭	୯୦୮୦୮
ଟ୍ରେନିଂ "	୧୧୨	୧୮୦
ଅନ୍ୟାନ୍ୟ "	୧୧୪	୫୩୯
	୯୦,୬୧୪	୧,୦୬,୦୭୭

ଉପରଲିଖିତ ତାଲିକା କେବଳ ସରକାରୀ ବିଦ୍ୟାଳୟର ଅଟେ । ଏ ଛଡ଼ା ବେସରକାରୀ ବିଦ୍ୟାଳୟ ସନ ୧୮୮୧।୮୨ ରେ ଥିଲା ୪୨୭୫ ଏବଂ ସନ ୧୮୯୬।୯୭ ସାଲରେ ହେଲା ୪୨୬୭୧ । ଅତଏବ ଦେଖାଯାଏ ଯେ ଗତ ୧୫ ବର୍ଷ ମଧ୍ୟରେ ସରକାରୀ ବିଦ୍ୟାଳୟ ପ୍ରାୟ ୧୬ ହଜାର ଏବଂ ବେସରକାରୀ ବିଦ୍ୟାଳୟ ପ୍ରାୟ ୩୮ ହଜାର ବୃଦ୍ଧି ହୋଇଅଛି । ଅର୍ଥାତ୍ ଜନସାଧାରଣ ଶିକ୍ଷାବିସ୍ତାର ନିମନ୍ତେ ସରକାରଙ୍କଠାରୁ ଦ୍ୱିଗୁଣ ଚେଷ୍ଟିତ ହୋଇଅଛନ୍ତି ବିଦ୍ୟାଳୟ ବୃଦ୍ଧିସଙ୍ଗେ ଛାତ୍ରସଂଖ୍ୟା ମଧ୍ୟ ବୃଦ୍ଧି ହୋଇଅଛି । ଯଥା;—

ଛାତ୍ରସଂଖ୍ୟା

	ସନ ୧୮୮୧।୮୨	ସନ ୧୮୯୬।୯୭
ସରକାରୀବିଦ୍ୟାଳୟ	୨୩,୯୫,୦୭୯	୩୨,୪୮,୭୨୨
ବେସରକାରୀ "	୫୭,୯୫୮	୪,୯୮,୩୯୯

ବିଦ୍ୟାଳୟ ପରିଦର୍ଶନର ବ୍ୟବସ୍ଥା ସକଳ ପ୍ରଦେଶରେ ସମାନ ନୁହେ । ଯେଉଁଠାରେ ଯେଉଁ ଶ୍ରେଣୀର ପରିଦର୍ଶକ ଅଛନ୍ତି ସେମାନଙ୍କର ତାଲିକା ଯଥା;—ମାନ୍ଦ୍ରାଜର ଇନ୍ସପେକ୍ଟର ନ ୪ ଜଣ, ସହକାରୀ ନ ୧ ଜଣ, ଡେପୁଟୀ ନ ୨୬ ଜଣ, ସବ୍ଇନ୍ସପେକ୍ଟର ନ ୩ ଜଣ, ଏବଂ ପରିଦର୍ଶକ ଶିକ୍ଷକ ନ ୨୫୫ ଜଣ । ବମ୍ବେଇରେ ଇନ୍ସପେକ୍ଟର ନ ୫ ଜଣ, ଡେପୁଟୀ ଇନ୍ସପେକ୍ଟର ନ ୨୮ ଜଣ ଏବଂ ସବଇନ୍ସପେକ୍ଟର ନ ୫୬ ଜଣ, ସହକାରୀ ଇନସ୍ପେକ୍ଟର ଓ ପରିଦର୍ଶକ ଶିକ୍ଷକ ନାସ୍ତି । ବଙ୍ଗଳାରେ ଇନସ୍ପେକ୍ଟର ନ ୬ ଜଣ, ସହକାରୀ ନ ୧୦ ଜଣ, ଡେପୁଟୀ ନ ୪୮ ଜଣ, ସବଇନ୍ସପେକ୍ଟର ନ ୨୧୦ ଜଣ, ଏବଂ ପରିଦର୍ଶକ ଶିକ୍ଷକ ନ ୭୨୯ ଜଣ । ଉତ୍ତରପଶ୍ଚିମରେ କେବଳ ନ ୫ ଜଣ ଇନସ୍ପେକ୍ଟର, ଏବଂ ନ ୯ ଜଣ ସହକାରୀ ଇନ୍ସପେକ୍ଟର ଛଡ଼ା ଡେପୁଟିଆଦି ଅଦୌ ନାହାନ୍ତି । ପଞ୍ଜାବରେ ଇନସ୍ପେକ୍ଟର ନ ୫ ଜଣ, ସହକାରୀ ନ ୭ ଜଣ, ଏବଂ ଡେପୁଟୀ ଇନସ୍ପେକ୍ଟର ନ ୩୦ ଜଣ । ମଧ୍ୟପ୍ରଦେଶରେ ଇନସ୍ପେକ୍ଟର ନ ୪ ଜଣ, ଡେପୁଟୀ ଇନସ୍ପେକ୍ଟର ନ ୨୫ ଜଣ, ସବଇନ୍ସପେକ୍ଟର ନ ୩ ଜଣ ଏବଂ ପରିଦର୍ଶକ ଶିକ୍ଷକ ନ ୧ ଜଣ ।

ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଯେଉଁ ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତହିଁର ମର୍ମ ଏହିକି କୌଣସି ପ୍ରଦେଶର ପରିଦର୍ଶନର ବନ୍ଦୋବସ୍ତ ଯଥେଷ୍ଟ ନୁହେ ଏବଂ ଉତ୍ତର ପଶ୍ଚିମରେ ସର୍ବାପେକ୍ଷା ଅଧିକ ତ୍ରୁଟି ପଡ଼ନ୍ତି ଜିଲ୍ଲା ହାକିମଙ୍କ ଉପରେ ଅଧିକ ଭାର ଦେବା ଉଚିତ ... ପ୍ରାଥମିକ ବିଦ୍ୟାଳୟର ପରିଦର୍ଶକ ସେମାନଙ୍କୁ କରିବାକୁ ହେବ । ଉଚ୍ଚ ଶିକ୍ଷାର ଭାର କ୍ରମାଗତ ଅଧିକ ପରିମାଣରେ ଲୋକଙ୍କ ଉପରେ ପଡ଼ାଇବା ଉଚିତ । କଲେଜ ଇତ୍ୟାଦିରେ ଆଦାୟ ହେଉଥିବା ଛାତ୍ର ବେତନ ଅପେକ୍ଷା ପ୍ରବେଶୀୟ ଭଣ୍ଡାରର ଅଧିକ ଅନୁପାତରେ ଟଙ୍କା ବ୍ୟୟ କରିବା ସୁଯୋଗ ନୁହେ । ଏ ଅଂଶରେ ମଧ୍ୟ ଉତ୍ତରପଶ୍ଚିମ ପ୍ରଦେଶରେ ଅଧିକ ତ୍ରୁଟି ଦେଖାଯାଏ । ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ମତରେ ପ୍ରାଦେଶିକ ଗବର୍ଣ୍ଣମେଣ୍ଟମାନଙ୍କର ଏହି ନୀତି ଅବଲମ୍ବନ କରିବା ଉଚିତ ଯେ ମଧ୍ୟମଶ୍ରେଣୀର ବିଦ୍ୟାଳୟର ସଂଖ୍ୟା କ୍ରମଶଃ ଊଣା କରିବେ ଯେମନ୍ତ କି କୌଣସି ଏକ ସ୍ଥଳରେ ଆଦର୍ଶ ସ୍ୱରୂପ ଗୋଟିଏ ସରକାରୀ ବିଦ୍ୟାଳୟରୁ ଅଧିକ ରହିବ ନାହିଁ ତଥା ଗ୍ରାଣ୍ଟ ଇନ୍ ଏଡ ବିଦ୍ୟାଳୟମାନଙ୍କର ସରକାରୀ ଟଙ୍କା ଉପରେ ପ୍ରଧାନ ଭାର ଏବଂ ସମସ୍ତ କର୍ମଚାରୀଙ୍କର ସୁଶିକ୍ଷିତ ରହିବା ଆବଶ୍ୟକ । ମଧ୍ୟପ୍ରଦେଶ ବମ୍ବେଇ ଏବଂ ମାନ୍ଦ୍ରାଜରେ ବନ୍ଦୋବସ୍ତ ଏତଦ୍ପ୍ରକାର ହୋଇ ଅଛି ମାତ୍ର ବଙ୍ଗପ୍ରଦେଶରେ ଏ ଶିକ୍ଷା,

Digitized by srujanika@gmail.com

Split by PDF Splitter

ସ୍ଥଳର ହେଲେହେଁ କେବେ ଭଲ ନୁହେ । ବମ୍ବା-ଟୋ ଓ ଶ୍ରୀପିଟାର ବନ୍ଦର ସମ୍ପର୍କରେ ସ୍ୱାସ୍ଥ୍ୟ ଗବର୍ଣ୍ଣମେଣ୍ଟମାନଙ୍କର ବିଶେଷ ମନୋଯୋଗ ଆକର୍ଷିତ ହୋଇଅଛି ।

ଟ୍ରାନ୍ସଭାଲଯୁଦ୍ଧ ।

ତା ୪ ରିଖ ତାରସମ୍ବାଦ । ସାଉଥାମ୍ପଟନ-ଠାରୁ ୪,୪୬୮ ସୈନ୍ୟ ଯାତ୍ରା କରିଅଛନ୍ତି । ସେ-ମାନଙ୍କ ମଧ୍ୟରେ କର୍ଣ୍ଣେଲ ରୋଡସ୍ ଓ ଡାକ୍ତର ଜେମସନ ଅଛନ୍ତି ।

ତା ୫ ରିଖ ତାରସମ୍ବାଦ । ରେନ୍ସବର୍ଗରୁ ତାରଖବର ମିଳିଅଛି ଯେ ଶତ୍ରୁସୈନ୍ୟ ହଠାତ୍ ଜେନେରଲ ଫ୍ରେଞ୍ଚଙ୍କ ସୈନ୍ୟଶ୍ରେଣୀର ପୂର୍ବ ଭାଗରୁ ଆକ୍ରମଣ କରିଥିଲେ ମାତ୍ର ବିତାଡ଼ିତ ହେଲେ । ସେମାନେ ପାହାଡ଼ରେ ଯାଇଁ ଅବସ୍ଥାନ କଲେ । ବୁଅରମାନେ ଏକଶତ ଲୋକ ହରାଇଅଛନ୍ତି । ଜ ୨୦ ଣ ବନ୍ଦୀ ହୋଇଅଛନ୍ତି ।

ବୁଅରମାନେ ମୋଲଟେନ ଅଧିକାର କରିଅଛନ୍ତି ଜେନେରଲ ଗେଟେକର ବୁଅରମାନଙ୍କୁ ସସୈନ୍ୟରେ ଧାବମାନ କରିଅଛନ୍ତି । ମେଫ୍‌କିଙ୍ଗରୁ ତାର ସମ୍ବାଦ ଆସିଅଛି ବ୍ରିଟିଶ ଦଳର ଜ ୮୦ ଣ ବୁଅରମାନଙ୍କର ଏକ ଦୁର୍ଗକୁ ଆକ୍ରମଣ କରିଥିଲେ ମାତ୍ର ବୁଅରମାନେ ହଟାଇ ଦେଲେ ।

ତା ୬ ରିଖ ତାରସମ୍ବାଦ । କର୍ଣ୍ଣେଲ ବେଡେନ ପାଓେଲ ଶତ୍ରୁସୈନ୍ୟଙ୍କୁ ଆକ୍ରମଣ କରିଥିଲେ ମାତ୍ର ଫଳରେ ଜ ୬ ଣ କର୍ମଗୃସ୍ତ ଓ ଅନେକ ଗୁଡ଼ିଏ ସୈନ୍ୟ ହରାଇ ଫେରି ଆସିଥିଲେ ।

ତା ୭ ରିଖ ତାରସମ୍ବାଦ । ଜେନେରଲ ହ୍ୱାଇଟ୍ ଲେଖିଅଛନ୍ତି ଯେ ସେ ଶତ୍ରୁସୈନ୍ୟଙ୍କୁ ପରାସ୍ତ କରିଅଛନ୍ତି ମାତ୍ର ସେମାନେ ବହୁସଂଖ୍ୟକ ହୋଇ ତାଙ୍କୁ ବେଷ୍ଟନ କରିଛନ୍ତି । ପୁଣି ସମ୍ବାଦ ଆସିଲା ଯୁଦ୍ଧ ପୁନରାୟ ଆରମ୍ଭ ହୋଇଅଛି ଓ ସେ ବ୍ୟସ୍ତ ହୋଇଅଛନ୍ତି । ଜେନେରଲ ବୁଲର ଶୁଣିଅଛନ୍ତି ଯେ ବୁଅରମାନେ ସନ୍ଧ୍ୟା ସମୟରେ ପରାଜୟ ଲଭିଛନ୍ତି ଓ ୪୦୦ ବୁଅର ବନ୍ଦୀ ହୋଇଅଛନ୍ତି ।

କେପ୍ ଟାଉନଠାରୁ ସରକାରୀ ସମ୍ବାଦ ଆସିଅଛି ଯେ ପ୍ରଥମ ସଫୋକ ପଲଟନର ଏକ କମ୍ପାନି ରାତ୍ରରେ ଏକ ମାଇଲ ଅନ୍ତରସ୍ଥ ପାହାଡ଼ ଉପରୁ ଧାବମାନ ହୋଇଥିଲେ ଓ ପ୍ରତ୍ୟୁଷରେ ଆକ୍ରମଣ କଲେ । କର୍ଣ୍ଣେଲ ଓ୍ୱାଟସନ ସେନାମାନଙ୍କର ନେତା ଥିଲେ ସେ ଆହତ ହେଲେ । ଫେରି ଆସିବାର ଆଦେଶ ଭ୍ରମରେ ଅର୍ଦ୍ଧ ଭାଗ ସୈନ୍ୟ ଫେରି ଯାଇଥିଲେ ଏକଭାଗ ରକ୍ଷା କରୁଥିଲେ କିନ୍ତୁ ଶତ୍ରୁସୈନ୍ୟ ଅତ୍ୟଧିକ ହେବାରୁ ସେମାନେ ମଧ୍ୟ ଫେରି ଆସିଲେ । ବୁଅରମାନେ ଜ ୪ ଣ କର୍ମଗୃସ୍ତ ସହିତ ଜ ୭୦ ଣକୁ ବନ୍ଦୀ କରିଥିଲେ ।

ପ୍ରିଟୋରିଆଠାରୁ ସମ୍ବାଦ ଆସିଅଛି ଯେ ଲୁକ୍-ମାନଇଷ୍କମାନେ ଶତ୍ରୁମାନଙ୍କ ଗୋଳାବର୍ଷଣରେ ବ୍ୟସ୍ତ ହୋଇ ଅବଶେଷରେ ବଶୀଭୂତ ସ୍ୱୀକାର କରିଥିଲେ । ଜ ୧୬ ଣ କର୍ମଗୃସ୍ତ ସହିତ ୧୨୦ ଜଣ ବନ୍ଦୀ ହୋଇଥିଲେ ଓ ଅନେକଗୁଡ଼ିଏ ଯୁଦ୍ଧ ସାମଗ୍ରୀ ନେଇଥିଲେ ।

ତା ୮ ରିଖର ସମ୍ବାଦ । ଜେନେରଲ ହ୍ୱାଇଟ୍ ଲେଡିସ୍ମିଥଠାରୁ ସମ୍ବାଦ ପଠାଇଅଛନ୍ତି ବୁଅରମାନେ ଅତି ସାହସପୂର୍ବକ ଆକ୍ରମଣ କରି ଓ୍ୱାଗନ ପାହାଡ଼ ଇଜେଣ୍ଟ ଶୀବକୁ ଥ ୩ ର ଅଧିକାର କରି ଛାଡ଼ି ଦେଇ ଅବଶେଷରେ ଏକ ଅଧିକୃତ ସ୍ଥାନକୁ ହଠାତ୍ ଅଧିକାର କରିଥିଲେ ମାତ୍ର ସନ୍ଧ୍ୟା ସମୟରେ ମୁଷଳଧାର ବୃଷ୍ଟି ହେବା ସମୟରେ ସେମାନେ ବିତାଡ଼ିତ ହୋଇଥିଲେ । ଶତ୍ରୁସୈନ୍ୟଙ୍କ ସଂଖ୍ୟା ବ୍ରିଟିଶସୈନ୍ୟାପେକ୍ଷା ଅତ୍ୟଧିକ । ଶତ୍ରୁମାନେ ସେନାପତି ହ୍ୱାଇଟଙ୍କ ସୈନ୍ୟମାନଙ୍କଦ୍ୱାରା ଗୁରୁଅଡ଼ରୁ ବିତାଡ଼ିତ ହୋଇଥିଲେ ।

ଲଣ୍ଡନର ମେସର୍ସ ଉଇମ୍ବେରନର ବ୍ରିଟିଶ କମ୍ପାନୀ ଟ୍ରାନ୍ସଭାଲ ଯୁଦ୍ଧ ଖରଚ ନିମନ୍ତେ ୫୦,୦୦୦ ପାଉଣ୍ଡ ଅବା ସାତ ଲକ୍ଷ ଟଙ୍କା ପ୍ରଦାନ କରିଅଛନ୍ତି । ଧନ୍ୟ ବଣିକ !

ତା ୧୦ ରିଖ ତାରସମ୍ବାଦ । ଲର୍ଡ ରବର୍ଟସ ଓ ଲର୍ଡ କିଚନାର କେପଟାଉନରେ ପହୁଞ୍ଚିଅଛନ୍ତି

ତା ୧୧ ରିଖ ତାରସମ୍ବାଦ । ଜେନେରଲ ବୁଲର ଲେଖିଅଛନ୍ତି କି ସ୍ପାଇଓନକପ୍ ଲୋକଙ୍କ କହିବା ମତେ ଏକଦଳ ବୁଅରସୈନ୍ୟ ମଧ୍ୟରେ ଜ ୧୫୦ ଣ ହତ ଓ ଗାଡ଼ି୨ ଆହତ ବ୍ୟକ୍ତି ପ୍ରେରିତ ହୋଇଥିଲେ । ଫ୍ରିଷ୍ଟେଟବାସୀଙ୍କର ମୃତ୍ୟୁସଂଖ୍ୟା ଅଧିକ ଥିଲା । ଲର୍ଡ ମାଥୁନଙ୍କ ସ୍ୱାସ୍ଥ୍ୟଭଙ୍ଗ ହୋଇଗଲାଣି ।

ତା ୧୨ ରିଖ ତାରସମ୍ବାଦ । ଜେନେରଲ ବୁଲର ସ୍ପ୍ରିଙ୍ଗଫିଲ୍ଡଠାରୁ ଟେଲିଗ୍ରାମ କରିଅଛନ୍ତି ଯେ ସେ ତା ୧୧ ରିଖରେ ଓ ଟୁଗେଲାନଦୀର ଦକ୍ଷିଣତୀର ଅଧିକାର କରିଅଛନ୍ତି । ନଦୀ ବୃଦ୍ଧି ହୋଇଗଲାଣି । ବହୁସଂଖ୍ୟକ ଶତ୍ରୁଦଳ ମା ୧୫ ମାଇଲ ଅନ୍ତରବର୍ତ୍ତୀ ଉତ୍ତର ଦିଗରେ ଅବସ୍ଥିତ କରିଅଛନ୍ତି ଜେନେରଲ ଜାହୁସ ଶୁଣିଅଛନ୍ତି ଯେ ଲେଡିସ୍ମିଥରେ ଜ ୧୪ ଣ କର୍ମଗୃସ୍ତ ହତ ଓ ୩୪ ଆହତ ଓ ୮୦୦ ସେନା ହତ ଆହତ ହୋଇଥିଲେ ଆର୍ଲ ଅବ୍ ଆର୍ଲି (ଅର୍ଥାତ୍ ଲର୍ଡ ଡଫରିନଙ୍କ ପୁତ୍ର) ଯୁଦ୍ଧରେ ଆହତ ହୋଇଥିଲେ । ସେହି ଆଘାତରେ ତାଙ୍କର ମୃତ୍ୟୁ ହୋଇଅଛି ।

କଟକ ଓ ପୁରୀ ମିଉନିସିପାଲିଟିର ଅନ୍ୟାୟ ।

ଓଡ଼ିଶାର ଗତ ବାର୍ଷିକ ବିବରଣ ସମ୍ବନ୍ଧରେ ମାନ୍ୟବର ବଙ୍ଗେଶ୍ୱରଙ୍କର ମନ୍ତବ୍ୟ ଉକ୍ତ ବିବରଣର ସାରସଂଗ୍ରହ ସହିତ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ଅବକାଶାଭାବରୁ ତହିଁର ମର୍ମ ଗ୍ରହଣ କରିବାକୁ ସକ୍ଷମ ହୋଇ ନାହୁଁ । ସେହି ବିବରଣଲିଖିତ ନାନା ବିଷୟ ମଧ୍ୟରୁ କଟକ ଓ ପୁରୀ ମିଉନିସିପାଲିଟିର ସମାଲୋଚନା ଏଥିମଧ୍ୟରେ ନାନାସମ୍ବାଦପତ୍ରରେ ବାହାରିବାରୁ ଅଦ୍ୟ ସେହି ବିଷୟ ପାଠକମାନଙ୍କୁ ଜଣାଉଅଛୁଁ ।

କଟକ ମିଉନିସିପାଲିଟି ପ୍ରସଙ୍ଗରେ ସେ ଜିଲ୍ଲାର ଏକଷ୍ଟିଂ କଲେକ୍ଟର କେସ୍ ସାହେବ ଲେଖିଅଛନ୍ତି ସେ ମିଉନିସିପାଲିଟିର କାର୍ଯ୍ୟ ଦୃଢ଼ କରିବାର ଯତ୍ନ ଆଦୌ ନାହିଁ । ସେ ଓ ଗାଉସ ସାହେବ ସହର ସଫାଇର ଭଲ ବନ୍ଦୋବସ୍ତ କରିବାକୁ ବହୁତ ଥକ ଗଲେ ମାତ୍ର କମିଶନରମାନେ ମଇଳା ସ୍ଥାନମାନ ପରିଷ୍କାର କରାଇବା ନିମନ୍ତେ ତଦାରକ ପାଇଁ କେତେ ଜଣ ଅଧିକା ମେହେନ୍ତର ରଖିବା ଛଡ଼ା ଅନ୍ୟ କିଛି କରି ନାହାନ୍ତି । କମିଶନର ସାହେବ ସେହି କଥାର ପୋଷକତା କରି ଏହି ମତ ପ୍ରକାଶ କଲେ ଯେ କଟକ ମିଉନିସିପାଲିଟି ଦେଣଦାର ହୋଇଅଛି ଏବଂ ତହିଁର କାରଣ ଅଳ୍ପ ଅଥବା ଅସମାନ ଜମାବନ୍ଦି ବିନା ଆଉ କିଛି ନୁହେ । ମିଉନିସିପଲ କମିଶନରମାନେ ଖରଚ ଭଲା କରୁଅଛନ୍ତି ମାତ୍ର ଉଚିତ ହେଉଅଛି ଜଣେ ନିରପେକ୍ଷ ଅସେସର ନିଯୁକ୍ତ କରିବା ଯେ କି ମଧ୍ୟଶ୍ରେଣୀ ଏବଂ ସେମାନଙ୍କଠାରୁ ଭଲ ଶ୍ରେଣୀର ଟିକସ ବୃଦ୍ଧି କରିବା କାରଣ ସେ ସବୁ ଶ୍ରେଣୀର ଅନେକ ଲୋକଙ୍କର ଟିକସ ଜମାବନ୍ଦି ଊଣା ଥିବାର ଜଣା ଯାଏ ଏବଂ ନିମ୍ନଶ୍ରେଣୀର ସମସ୍ତଙ୍କର ଟିକସ ଊଣା ଏଥିରେ ଟିକଏ ଅସଙ୍ଗତ ଅଛି । କାରଣ ଅସେସରଙ୍କ ଜମାବନ୍ଦି କମିଶନରମାନେ ଅପିଲରେ ବ୍ୟର୍ଥ କରିପାରନ୍ତି । ମାତ୍ର ତାହାର ଟିକସ ଥରେ ବୃଦ୍ଧି ହେଲେ ଅନେକ କମିଶନର ତାହା ସ୍ଥିର ରଖିବେ ଅନ୍ତତଃ ଅସେସରଙ୍କର ଟିକସ ବନ୍ଦୋବସ୍ତ ସଙ୍ଗେ ପ୍ରଚଳିତ ଟିକସ ମିଶାଇ

Digitized by srujanika@gmail.com

Split by PDF Splitter

ଦେଖିବାକୁ ହେବ । ସହର ଝପାଇବ ବନ୍ଦୋବସ୍ତ ମାଜିଷ୍ଟ୍ରେଟଙ୍କ ବିବେଚନାରେ ଅସ୍ତୁତ୍ତ ଅଟେ ଏବଂ କୌଣସି ସଂକ୍ରାମକ ରୋଗ ଉପସ୍ଥିତ ହେଲେ ତାହା ପ୍ରକାଶ ପାଇବ ସନ୍ଦେହ ନାହିଁ । କେବଳ ଅବସ୍ଥିତି, ମାଟି, ଏବଂ ଉତ୍ତମ ଜଳ ହେତୁ ଏ ସହରର ସ୍ୱାସ୍ଥ୍ୟ ଭଲ ରହିଅଛି । ମ୍ୟୁନିସିପାଲିଟି ମଧ୍ୟ ବଡ଼ ଦରିଦ୍ର ଏବଂ ତହିଁର କାରଣ ଏହି କି କମିଶନରମାନେ ଅନେକ ଟିକସ ବାକି ପଡ଼ାଇଅଛନ୍ତି । ସନ ୧୮-୯୭।୯୮ ସାଲରେ ଟ ୮୨୩୧୯ ଙ୍କା ଟିକସ ବାକି ପଡ଼ିଥିଲା । ସନ ୧୮୯୯ ସାଲ ମାର୍ଚ୍ଚ ମାସ ଶେଷକୁ ତହିଁରୁ ଅଧିକ ଅର୍ଥାତ୍ ଟ ୯୩୨୯ ୯ ଙ୍କା ବାକି ଥିଲା । କଣ୍ଡିତ ବର୍ଷରେ କମିଶନରମାନେ ବେତନ ବଦଳରେ କମିଶନ ହେବାର ନିୟମ କଲେ ମାତ୍ର ତହିଁରେ କିଛି ଫଳ ହେଲା ନାହିଁ । କାରଣ ତାଗେଦା କେହି କମିଶନରଙ୍କର ସ୍ୱାର୍ଥ ନୋକ ଥିବାରୁ ତାହାର ଯାହା ଇଚ୍ଛା ତାହା କରେ ଏବଂ ସ୍ୱଭାବତଃ ସେ ଅଧିକ ପରିଶ୍ରମର କାର୍ଯ୍ୟ କରିବା ମନ୍ତେ ନାହିଁ ।

ବିଭାଗୀୟ କମିଶନର ସାହେବଙ୍କର ଉପଲକ୍ଷିତ ମନ୍ତବ୍ୟ ପାଠ କରି ବଙ୍ଗେଶ୍ୱର ଏହି କଥା କହୁଅଛନ୍ତି କି କଟକ ମିଉନିସିପାଲିଟିର କାର୍ଯ୍ୟର ଯେଉଁ ସମାଲୋଚନା ଗତବର୍ଷ ହୋଇଥିଲା ତଦ୍ୱାରା କିଛି ଫଳ ହୋଇ ନାହିଁ ଏବଂ ଯଦ୍ୟପି କାର୍ଯ୍ୟର ଉନ୍ନତି ନ ହେବ ତେବେ କଟକ ସହରର ସୌଭାଗ୍ୟ ଯାହା କି ରେଲୱେ ପଡ଼ିବା ହେତୁ ଶୀଘ୍ର ବଢ଼ିବାର କଥା ତହିଁର ଅତ୍ୟନ୍ତ କ୍ଷତି ହେବ । ପୂର୍ବରେ ଟିକସ ଆଦାୟ କାର୍ଯ୍ୟ ବିଶେଷରୂପେ ଶିଥିଳ ହେବାରୁ ଅର୍ଥକଷ୍ଟ ଘଟିଅଛି ।

ଉପର ଲିଖିତ ବିବରଣରୁ ପାଠକମାନେ ଦେଖିବେ ଯେ ପୁରୀ ମିଉନିସିପାଲିଟିର ଦୋଷ କେବଳ ଟିକସ ଆଦାୟ ପକ୍ଷରେ ଅମନୋଯୋଗିତା କି ଯହିଁର ପ୍ରତିକାର ସହଜ ଅଟେ । ସୁତରାଂ ତଦପେକ୍ଷା କଟକ ମିଉନିସିପାଲିଟିର ଦୋଷ ଗୁରୁତର ବୋଲିବାକୁ ହେବ କାରଣ ଏଠା କମିଶନରମାନେ ଉପଯୁକ୍ତରୂପେ ଟିକସ ବନ୍ଦୋବସ୍ତ କରି ନ ପାରିବାର କଥିତ ହୁଅଇ । ମାତ୍ର ଏହା କି ପ୍ରକୃତରେ ସତ୍ୟ ? ପାଠକମାନଙ୍କର ସ୍ମରଣ ଥିବ ଯେ ଗତ ଦୁର୍ଗାପୂଜା ସମୟ କଟକ ମିଉନିସିପାଲିଟିର ଚେୟାରମ୍ୟାନ ଜଏଣ୍ଟ ମାଜିଷ୍ଟ୍ରେଟଙ୍କର ଉପଦେଶ ବା ଉତ୍ତେଜନାରେ କେତେକ ଲୋକଙ୍କର ଟିକସ ଉପଯୁକ୍ତରୂପେ ବନ୍ଦୋବସ୍ତ ହୋଇ ନ ଥିବା ହେତୁରେ ବଢ଼ାଇ ଦେଇଥିଲେ ମାତ୍ର ଘୋର ଆପତ୍ତି ହେବା ଓ ଆଇନସଙ୍ଗତ ହେଉ ନ ଥିବାରୁ ତାହା ରହିତ ହେଲା । ଅଧିକାଂଶ ସ୍ଥଳେ ଅଳ୍ପ ଟିକସ ଧାର୍ଯ୍ୟ ହୋଇଥିବାର କେହି ଦେଖାଇ ପାରିଲେ ନାହିଁ । ବାସ୍ତବରେ ସେପରି ହୋଇଥିଲେ ପ୍ରମାଣ କରିବା ଅଦୌ କଷ୍ଟକର ହୁଅନ୍ତା ନାହିଁ । ବିଭାଗୀୟ କମିଶନର ସାହେବ ମଧ୍ୟ ସମ୍ଭବତଃ ସେ କଥା କହି ନ ପାରି ନିରପେକ୍ଷ ଆସେସର ଟିକସ ବନ୍ଦୋବସ୍ତ କଲେ କି ଫଳ ହୁଅନ୍ତା କେବଳ ତାହା ବୁଝିଲେ ବୋଲି କହୁଅଛନ୍ତି । ମୂଳକଥା ଏହି ଯେ କଟକ ସହରଟି ଅଳ୍ପ ଯେତେ ବଡ଼ ଅବସ୍ଥାରେ ଦେଖେ ବଡ଼ ନୁହେ । ପ୍ରଧାନ ପ୍ରଧାନ ସଡ଼କ ଦୁଇ ପାଖରେ ବଡ଼ କୋଠା ଓ ପାଟେ ପାଟେ ବଡ଼ ବଡ଼ ଦୋକାନମାନ ଦେଖିବ ମାତ୍ର ସାହିମାନଙ୍କ ଭିତରେ ପଶିଲେ ଖଣ୍ଡିଆ ଘର ଦେଖି ଆଶ୍ଚର୍ଯ୍ୟ ହେବ । ଅଧିକାଂଶ ଗରିବ ଏବଂ ଅଳ୍ପ ବେତନଭୋଗୀ ଏ ସହରରେ ଥିବାରୁ ଅଧିକ ଟିକସ ଆଦାୟ ହୋଇ ପାରୁ ନାହିଁ ଅଥଚ ଏତେ ବଡ଼ ସହରର ସଡ଼କ ଓ ଜଳନାଳୀମାନ ପ୍ରସ୍ତୁତ କରିବା ଏବଂ ସେ ସବୁର ମଇଳା ଉଠାଇବାର ବ୍ୟୟ ବହୁତ । ଦୁଃଖର ବିଷୟ ଜିଲ୍ଲା ହାକିମଠାରୁ ଗବର୍ଣ୍ଣମେଣ୍ଟ ପର୍ଯ୍ୟନ୍ତ କେହି ଏହାର ପ୍ରକୃତ ଦୁରବସ୍ଥାର କାରଣ ଅନୁସନ୍ଧାନ ନ କରି କେବଳ ଟିକସ ବୃଦ୍ଧିପାଇଁ ପୁନଃ ପୁନଃ ଆଦେଶ ଦେଉଅଛନ୍ତି ଏବଂ ସେ ଆଦେଶାନୁସାରେ କାର୍ଯ୍ୟ ନ ହେବାରୁ ବିରକ୍ତ ହେଉଅଛନ୍ତି । ଅନ୍ୟାନ୍ୟ ସ୍ଥାନର ସମ୍ପାଦକମାନେ ଏହାର କଥା କାହୁଁ ଜାଣିବେ । ସେମାନେ ଗବର୍ଣ୍ଣମେଣ୍ଟଙ୍କ କଥାରେ ଛନ୍ଦିତ ହୋଇ କମିଶନରମାନେ ତ୍ରୁଟି କରିବାର କହୁଅଛନ୍ତି । ଯାହାହେଉ ଏ ଭ୍ରମ ଭାଙ୍ଗି ଦେବା କଟକ ମିଉନିସିପାଲିଟିର କମିଶନରମାନଙ୍କର ଉଚିତ ହେଉଅଛି ।

ସାପ୍ତାହିକ ସମ୍ବାଦ ।

କଲିକତା ଗେଜେଟ୍ ।

କଟକର ପୋଲିସ ସୁପ୍ରିଣ୍ଟେଣ୍ଡେଣ୍ଟ ମିଃ ଏଚ୍, ସି, [illegible] ତା ୧୪ ରଖଠାରୁ ମାସ ୧୦ ଦିନ ଫର୍ଲ ଛୁଟି ପାଇଅଛନ୍ତି, ବାବୁ [illegible] ମାଜିଷ୍ଟ୍ରେଟ ପଦରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

ଏଠା କମିଶନର ମି ସି, ଏସ [illegible] ସାହେବଙ୍କଠାରୁ [illegible] ବଦଳ ହେବେ [illegible] ସମ୍ବାଦ ପତ୍ରରେ ଗୋଲ ଅଛି । ଏଥିର ମର୍ମ କିଛି ବୁଝା ଯାଉ ନାହିଁ ।

ଶ୍ରୀଯୁକ୍ତ ରାୟ ରାଧାନାଥ ରାୟ ବାହାଦୁର ଏକ ସପ୍ତାହର ଛୁଟି ନେଇ ଗତ କାଲି ଏଠାକୁ ଫେରି ଆସିଅଛନ୍ତି ।

ବାଲୁପେଟ ଓ [illegible] ଗ୍ରାମମାନଙ୍କରେ ବସନ୍ତ ରୋଗର ବିଶେଷ ପ୍ରାଦୁର୍ଭାବ ହୋଇଅଛି । ଅନେକ ଲୋକ ଏହି ରୋଗରେ ମରିଯାଉଅଛନ୍ତି ।

ମେଘୁଆ ପାଗ [illegible] ଏ ସପ୍ତାହରେ ପୁଣି ଶୀତ ଲାଗିଅଛି । ବୃଷ୍ଟି ଅଦୌ ହୋଇ ନାହିଁ । ସାଧାରଣ ସ୍ୱାସ୍ଥ୍ୟ ଭଲ ଅଛି ।

[illegible] ପ୍ରଚୁର [illegible] । କୌଣସି ବସ୍ତୁ [illegible] ଫସଲର ଆଶା ଅଛି ।

[illegible] ଏ ସପ୍ତାହରେ [illegible] ହୋଇଅଛି ।

ବମ୍ବାଇ, [illegible], ମଧ୍ୟପ୍ରଦେଶ [illegible] ଏବଂ ପଞ୍ଜାବର [illegible] ଗତ ସପ୍ତାହରେ [illegible] ହୋଇଥିଲା । [illegible] ପ୍ରଦେଶରେ ବିଶେଷ [illegible] ନାହିଁ ।

[illegible] ରହିଅଛି ।

[illegible] ଏଠାରେ [illegible] କମ ।

[illegible] ଅନେକ ଲୋକ ଏହି [illegible] ହେଉଅଛନ୍ତି ।

[illegible] ହୋଇଅଛି ।

[illegible] କଥା କହୁଅଛି ।

[illegible] ଅଛି ।

[illegible] ଅନେକ ଲୋକ [illegible] ଥିଲେ ।

[illegible]

[illegible] ପକ୍ଷରେ ଅପତ୍ତିଜନକ ଅଟେ ।

[illegible]

[illegible] ହୋଇଅଛି । [illegible]

[illegible] ହେଲେ ଏହେ? ଜାଣ ନାହିଁକି ?

Digitized by srujanika@gmail.com

Split by PDF Splitter

ଏତ ବାହାରେ ଏତ ଅଳ୍ପସମୟ ମଧ୍ୟରେ ବିଶେଷ ଉପ୍ର ଉତା ସହିତ ଅଠରଣ ଗଣନା ଅଗ୍ରଳ ହେଇ ମହିଳଙ୍କ ପ୍ରଭୃତ ବଳ ଲେକେର ସହିତକୁ ହେଉଅଛି ।

ବାବୁ ଅନନ୍ତଚନ୍ଦ୍ର ଦାସ ଗୋପୀନାଥପୁର କଲେକ୍ଟରଙ୍କ ମହଲ ସ୍କୁଲ ଜମିଭ ଯାଚ କରୁଅଛନ୍ତି । କଲେକ୍ଟରଙ୍କ ସ୍କୁଲ ବାହାଦୂରଙ୍କର ପୁସ୍ତକ ଗର୍ଭ । ଅନନ୍ତବାବୁଙ୍କର ବାବର ବଣ ସମ୍ପୂର୍ଣ । ତାହାଙ୍କର ଏହି ମହତ ଇଚ୍ଛା ସଫଳ ହେଉ ।

ତେଲାନାଳ ଗଡ ଜାଠରଡ଼ାଠାରୁ ୨ମାଇଲ ଦୂରରେ ଭାଲୁମାନେ ବୁଲେଣା ଜାବ ମାର ଅଛନ୍ତି ।

ଏହିପୁରର ଜଣେ ପଠାଣ ଅପଣାର ସ୍ତ୍ରୀକୁ ଜର୍ଦ୍ଦାକୁ ମାର ମାର ବୁଲଡନ ଜାଲ ଅହାର ନ ଦେବାରୁ ସେ ଗିରାଇସ୍ତ୍ରୀକୁ ଚଳାଇ ଦଅ । ତହୁଁ ପଠାଣ ବାବୁ ଅଶ୍ୱାସ ଦେଇ ଅପଣା ଘରକୁ ଅଣି ତାହାର ଗୋଟିଏ ଗୋଡ଼ ଭାଙ୍ଗି ଦେଇ ଓ ଦୁଇହାତ କାଳ ଅନାହାରରେ ରଖିଲା । ଏଥିର ମକଦ୍ଦମା ହେବାରୁ ସେ ପଠାଣକୁ କଠିନ ପରିଶ୍ରମ ସହିତ ମା ୫ ସର କାରାଦଣ୍ଡ ହେଲା ।

କଣ୍ଟକଟାର ଚନ୍ଦ୍ରଅଞ୍ଚଳରେ ଗତ ଡିସେମ୍ବର ମାସ ମଧ୍ୟରେ ଜ ୪୭,୮୩୪ ଣ ଦର୍ଶକ ହୋଇଥିଲେ । ଏମାନଙ୍କ ମଧ୍ୟରେ ନ ୧୧୪୮ ଣ ସାହେବ ମେମ ଓ ୩୮,୧୩୩ ଣ ଦେଶୀସ୍ତ୍ରୀପୁରୁଷ ଓ ଜ ୮୪୭୨ ଣ ସ୍ତ୍ରୀଲୋକ ଥିଲେ । ଦର୍ଶକ ବାଳକ ଜ ୨୬୭୪ ଣ ଥିଲେ । ଅନେକଙ୍କର ମତରେ ଏଠେ ଦର୍ଶକ ପୂର୍ବେ କ ନା ସବେଦା ।

ମାଶ୍ରାଜରେ ବର୍ତ୍ତମାନ ଜ ୨୩୦ ଣ ବ୍ରଦ୍ଧ ରୋଗୀ ଅଛନ୍ତି । ସେଠାରେ ଏ ରୋଗର ବିଶେଷ ପ୍ରାଦୁର୍ଭାବ ।

ରଙ୍ଗରଙ୍ଗଠାରେ ହିନ୍ଦୁ, ମୁସଲମାନ ଖ୍ରୀଷ୍ଟିୟାନ ଏକତ୍ରିତ ହୋଇ ଅପ୍ରିକା ଯୁଦ୍ଧରେ ଇଂରେଜଙ୍କ ଜୟଲାଭ କାମନା ପ୍ରକାଶ କରିଥିଲେ ।

କୁଷ୍ଠାଠାରୁ ବଣଗଡ ରାସ୍ତା ସୋଡା ବହିଣରୁ ବାହ ପ୍ରୋପନ ହେଲଗଲା ।

ଏଠାରେ ଟ୍ରାନ୍ସଭାଲ ଯୁଦ୍ଧରେ ହତ ଓ ଆହତ କାର୍ଯ୍ୟମାନଙ୍କ ପରିବାର ବର୍ଗଙ୍କ ସାହାଯ୍ୟାର୍ଥେ ଏକ ସଭା ଅନୁତ ହୋଇଥିଲା ୫ ୪୦୦ ଟଙ୍କା ଚାନ୍ଦା ସ୍ୱାକୃତ ହୋଇଥିଲା ।

ସୀମାନ୍ତ ପ୍ରଦେଶର ଦଳନ୍ତମାନେ ଅଶଙ୍ଗ ଗ୍ରାମକୁ ଦଳାଗ୍ର ଭଙ୍ଗି ବଳପୂର୍ବକ ଧରି ନେଇଥିଲେ । ସେଠାର ଗ୍ରାମବାସୀ ପଶ୍ଚାତ ଧାବମାନ ହୋଇ ପଶୁଗୁଡ଼ାକୁ ଛଡ଼ାଇ ଆଣିଥିଲେ ମାତ୍ର ଜଣେ ଗ୍ରାମବାସୀ ଗୁରୁତର ହତ ହେଲା ।

ଟ୍ରାନ୍ସଭାଲ ଯୁଦ୍ଧ ପାଇଁ ପାଇଁ ଭାରତବର୍ଷରେ ଅନ୍ୟ ସ୍ଥାନରୁ ନମ୍ନଲିଖିତ ଚାନ୍ଦା ସଂଗୃହୀତ ହୋଇଅଛି । କଲିକତା ୫ ୧,୨୧,୦୦୦, ବମ୍ବେଇ ୫ ୭୮୦୦୦, ମାନ୍ଦ୍ରାଜ ୫ ୨୧୦୦୦, ଉତ୍ତରପଶ୍ଚିମ ପ୍ରଦେଶ ୫ ୧୧୦୦୦, ସର୍ବମୋଟ ୫ ୨୨୧୦୦୦

ଜର୍ମାନ ସ୍ତମାର ଅଟକ କରଯିବା ହେତୁ ଜର୍ମାନ ଅଦାଲତ ବରାଗ୍ରଳ ବ୍ରିଟିଶ ଗଭର୍ଣ୍ଣମେଣ୍ଟ ଉଭୟ ପ୍ରଦାନ କରଅଛନ୍ତି ଜର୍ମାନ ସମ୍ବାଦପତ୍ରମାନଙ୍କରେ ଲାହୁଜନମାନଙ୍କ ଉପରେ ଦାବିବାର ପାଇଜାହିବ ଘଟଣା ଏହି ବିଷୟ ଉତ୍ତେଜନା ହୋଇଅଛି । ଅପୋଷରେ ମୀମାଂସା ହେବାର ବିଶ୍ୱାସ ଥିବ । କରେକରୁ ଜାହାଜର ସେଥି ଉଠାଇବ ଲେଟସୋ ଯାଉଛି ଦ୍ଧି ଅଛି ।

ବର୍ଗା ହାମକ ଜର୍ମାନ ମହାଜନ ଚଳାଇଠାରେ ଗଡ ଦଅ ହୋଇଅଛି ।

ଜର୍ମାନ ସମ୍ରାଟ ଇଂଲଣ୍ଡର ଜାହାଜ ଦେଇଥିବାରୁ ବିଷ୍ଣୁ ଦେଉଅଛନ୍ତି ଯେ ସେ ସ୍ୱଦେଶର ମାନ ସମ୍ଭ୍ରମ ରକ୍ଷାର୍ଥେ ପୃଥିବୀ ସମସ୍ତ ସମୁଦ୍ରରେ ନୌସୈନ୍ୟ ବଳ ରଖିବା ଉଚିତ ଅବଶ୍ୟକ ବଦୋବସ୍ତ କରନ୍ତୁ ।

ପାର୍ଲିୟାମେଣ୍ଟର ବୈଠକ ଆଗାମୀ ମାସ ତା ୩୦ ରିଖରେ ହେବ ବୋଧ ହୁଏ ସୁଦ୍ଧ ସମ୍ବନ୍ଧ ବିଷୟ ଚର୍ଚ୍ଚା ହେବ ।

ପୁସ୍ତ-ସମ୍ବାଦ ।

ପୃଥିବୀର ଏକ ଜାହାଜ ଜ ୧୦୫୭ ଣ ଗଙ୍ଗାସାଗର ଫେରନ୍ତା ଯାତ୍ରୀ ନେଇ ଗତ ତା ୧୫ ରିଖ ଜ ୧ ଘ, ମଧ୍ୟରେ ପହୁଞ୍ଚିଅଛି । ଅଧିକାଂଶ ଯାତ୍ରୀ ସ୍ତ୍ରୀଲୋକ ଥିଲେ ।

ସନ ୧୮୯୯ ମସିହାରେ ପୁରୀଜିଲ୍ଲାର ପ୍ରଧାନ ଡାକ୍ତର ଯୋଗୀ ରେଷ୍ଟର ହତ୍ୟା ମୋକଦ୍ଦମା ହେଉଛି ଗୀତଶ୍ରୁତି ପୁଲିସ ଇନସ୍ପେକ୍ଟର ବାବୁ ଜାଗନ୍ନାଥ ଦାସ ବାବୁଙ୍କର ଅନୁସନ୍ଧାନ ପଦ୍ଧତି ଓ ଉତ୍ସାହ ନାମାବଳିଙ୍କ ପ୍ରକୃତ ମନୋଯୋଗ ସହିତ ପରିଶ୍ରମ ଫଳରୁ ଅସାମୀମାନେ ଚୌକୀରେ ସମ୍ପର୍ଣ୍ଣ ଦଣ୍ଡ ପାଇଅଛନ୍ତି । ଅନନ୍ତର ପ୍ରଧାନ ଉଦ୍ୟୋଗୀ ଅଲଣ୍ଡା ଗ୍ରାମବାସୀ ପ୍ରହରୀ ପରିଡା ମଧ୍ୟ ମୁକ୍ତ ହୋଇଅଛି । ପରିଣାମ ଏ ନା ଉପକାର ଦୂର ପ୍ରଧାନ ଡାକ୍ତର ମହାବାରୁ ସହିତ ସେହି ଉପକାର ପ୍ରଶଂସା ଡାକ୍ତର ଉପରଙ୍କରୁ ରକ୍ଷା ପାଇବା ବିଶେଷ ସ୍ମରଣ ।

ବର୍ତ୍ତମାନ ଗ୍ଲାଡଷ୍ଟୋନ ସାହେବଙ୍କ ଓରେଲ ଉଲ୍ଲାସ ସେହିମାନେ ହରିଦ୍ୱାର ଅପରାଧରେ ପୁଲିସ କର୍ତ୍ତୃକ ଗ୍ରେପ୍ତାର ହୋଇଥିଲେ ସେମାନଙ୍କ ମଧ୍ୟରୁ ଏକଜଣ ଖଲାସ ହୋଇ ଦୁଇଜଣ ଶୀଘ୍ର ବିଚାର ହୋଇଯାଉଛନ୍ତି ।

ଅନ୍ୟମାସ ସହିତ ପ୍ରେସରେ ଶ୍ରୀଜଗନ୍ନାଥ ସେବା ପୂଜା ଅଧିକାଂଶରେ ଯଥାସମୟରେ ନିର୍ବାହ ହୋଇଥିଲା ।

ସଦ୍ଧର୍ମକାଳ ମୁନସଫ ଶ୍ରୀଯୁକ୍ତ ବାବୁ ଗଣେଶଚନ୍ଦ୍ର ସେ ଯୁଦ୍ଧ ମହୋତ୍ସବ ଉତ୍ସବ ଆରମ୍ଭ ହୋଇଅଛି ।

ଅସ୍ମାକଙ୍କର ମାନ୍ୟବର ମାଜିଷ୍ଟ୍ରେଟ ଓ ପୁଲିସସାହେବ ବାହାଦୁରମାନେ ଯଥାକ୍ରମରେ ତା ୧୪ ଓ ୧୫ ରିଖରେ ମଫସଲ ଯାତ୍ରାରେ ବାହାରିଅଛନ୍ତି ।

ସନ ୧୩୦୭ ସାଲ ପ୍ରଥମ ତ୍ରୈମାସିକ ରେଭିନ୍ୟୁ କିସ୍ତି ସ ଥାନା ଓ ସ୍ପୃଷ୍ଟିରେ ଡାକମାନଙ୍କ ସାକ୍ଷାତରେ ପହିଲେ ହାସଲ ନେବା ଉଚିତ ଡାକମାନଙ୍କ ବନ୍ଧକ ହେବା ନିର୍ଦ୍ଦିଷ୍ଟ ହୋଇ ମଫସଲ ମାନଙ୍କରେ ଅବେଶ ପ୍ରଚାର ହୋଇଅଛି । ଏହି ମାସରେ ଡାକମାନେ କଣ୍ଟକ କରିବେ ।

ଏ ସପ୍ତାହରେ ଶୀତ ବିଶେଷ ରାତିମାନଙ୍କରେ ହ୍ରାସ ହୋଇ ଯାଇଅଛି । ବସନ୍ତାଗମ ବହୁଧା ଆରମ୍ଭ ହୋଇଅଛି ।

ଏହି ସମୟରୁ କୂପ ପୁଷ୍କରିଣୀମାନ ଶୁଷ୍କ ହେବାକୁ ଲାଗିଲାଣି ଏଥି ମଧ୍ୟରେ ବର୍ଷା ନ ହେଲେ ଗ୍ରୀଷ୍ମସମୟକୁ ଜଳକଷ୍ଟ ସମ୍ଭାବନା ।

ପତ୍ରପ୍ରେରକଙ୍କ ସ୍ତମ୍ଭ ।

ଶ୍ରୀ ଦାଶରଥି ମିଶ୍ର—ଲେଖିଅଛନ୍ତି କି ଅଠ-ମଲ୍ଲିକର ମହାରାଜା ସ୍ୱଦେଶ ପରିଭ୍ରମଣ କରୁଥିବା ଉପଲକ୍ଷରେ ଭଲ ଗ୍ରାମରେ ଛାଉଣିମାନ ହେବା କାଳରେ ତହିଁର ଲୋୟର ଜ ୬ ଣ ବାଳକଙ୍କୁ ଶିକ୍ଷକ ସଙ୍ଗେ ଯେଉଁ ଗୋଟିଏ କବିତା ପଢ଼ାଇ ଶୁଣାଇବାରେ ମହାରାଜା ପ୍ରୀତ ହୋଇ ବାଳକମାନଙ୍କୁ ମିଷ୍ଟାନ୍ନ ଭୋଜନ ନିମନ୍ତେ ଏକ-ଟଙ୍କା ଦାନ କରିଥିଲେ ।

ଶ୍ରୀ ଲକ୍ଷ୍ମୀଧର ଦାସ—ଅଳଠାରେ କଲ୍ଲୂର ଅମାବାସ୍ୟା ପର୍ବ ମହା ସମାରୋହରେ ପ୍ରତିପାଳିତ ହୋଇଥିବାର ଲେଖିଅଛନ୍ତି । ପର୍ବ ଉପଲକ୍ଷରେ ସାତଦିନ ରାମଲୀଳା ଯାତ୍ରା ହୁଏ ଏବଂ ଶେଷଦିନ ରାବଣବଧ ଓ ରାମାଭିଷେକ ହୋଇ ବ୍ରାହ୍ମଣ ଓ ଗରିବ ଲୋକଙ୍କୁ ପ୍ରଚୁର ମିଷ୍ଟାନ୍ନ ଭୋଜନ ଦିଆଯାଏ । ଅନ୍ୟ କୌଣସି ସ୍ଥାନରେ ଏ ପର୍ବ ଏତେ ଆଡ଼ମ୍ବରରେ ସମାଧା ହେବାର ଶୁଣା ନାହିଁ ।

ସ୍ୱାମୀ ରାମାନନ୍ଦ କହାଣୀ ଦାଣ୍ଡି ଅଖଡ଼ା ମହନ୍ତ ଗୋପାଳ ଦାସ ଲେଖି—କଟକ ଭୁଅା ନୟାଲ ଅନ୍ତର୍ବେଦୀ ମଠରେ ଷଡ୍ଯନ୍ତ୍ର ଯୋଗ ଧାତ୍ରୀ ନିମନ୍ତେ ଯଜ୍ଞ ଆରମ୍ଭ କରିଅଛନ୍ତି । ଆସନ୍ତା ମାଘ ଅମାବାସ୍ୟାଦିନ ପୂର୍ଣ୍ଣାହୁତି ହେବ । ଏଥି-ପାଇଁ ସର୍ବସାଧାରଣଙ୍କଠାରୁ ସାହାଯ୍ୟ ପ୍ରାର୍ଥନା କରୁଅଛନ୍ତି । ଯାହାର ଯାହା ଦେବାର ଇଚ୍ଛା ହେବ ତାହାଙ୍କ ନିକଟକୁ ପଠାଇ ଦେବେ ।

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅସ୍ମେ-ମାନେ ଦାୟୀ ନୋହୁଁ

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ
ମହାଶୟ ସମୀପେଷୁ

ମହାଶୟ !

ନିମ୍ନଲିଖିତ କତିପୟ ପଂକ୍ତି ଅପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାରେ ସ୍ଥାନ ପ୍ରଦାନପୂର୍ବକ ଅନୁଗୃହୀତ କରିବା ହେବେ ।

ପଣ୍ଡିତବର୍ଯ୍ୟ ସଦାଶିବ ଶାସ୍ତ୍ରୀଙ୍କ ଓ ମହାମହୋପାଧ୍ୟାୟଙ୍କ ପଞ୍ଜିକା ଲୟରେ ଶିବରାତ୍ରି ବ୍ରତ ଯଥାକ୍ରମେ ଚିତ୍ରୁସ୍ନାସି ତା ୨୭ ରିଖ ଓ ତା ୨୮ ରିଖରେ ପାଳନ କରିବାର ବିନିବେଶିତ ହୋଇ ଅଛି । ମାତ୍ର ବିଶେଷ ଆଲୋଚନାଦ୍ୱାରା ଶାସ୍ତ୍ରୀଙ୍କ ପଞ୍ଜିକା ମତେ ତା ୨୭ ରିଖ କଣିଥ ଚତୁର୍ଦ୍ଦଶୀ ଶିବବ୍ରତ ପାଳନ କରିବା ପ୍ରକୃତ ସିଦ୍ଧ ବୋଧ ହେଉଅଛି । ଅତଏବ ସ୍ମାର୍ତ୍ତମାନଙ୍କୁ ଏହି ଅନୁରୋଧ ଯେ ଉଭୟ ମଧ୍ୟ ଏହାର ପ୍ରକୃତ ଆଲୋଚନା ପୂର୍ବକ ବ୍ରତ ପାଳନ କରିବା ନିଶ୍ଚୟ ଉଭୟ ଦ୍ରୁଣାମକଙ୍କୁ ସନ୍ଦେହରୁ ମୁକ୍ତ କରନ୍ତୁ । ଇତି

୧୪ । ୧ । ୧୯୦୦ }
ଟେକାଲି }
ଶ୍ରୀ ଶ୍ୟାମସୁନ୍ଦର ମିଶ୍ର
ଅଗ୍ନିର୍ଯ୍ୟ

Digitized by srujanika@gmail.com

ସନ ୧୮୯୯ ସାଲର ଲୋୟର ପ୍ରାଇମେରୀ ବୃତ୍ତିପ୍ରାପ୍ତ ଛାତ୍ରମାନଙ୍କର ନାମ ।

ନମ୍ବର	ନାମ	କେଉଁ ସ୍କୁଲରୁ	କେଉଁ ସ୍କୁଲରେ ବୃତ୍ତି ପାଇବ
		କଟକଜିଲା ।	
୧	ଚଉଧୁରୀ ଗୋପୀନାଥ ଦାସ	ପାଟପୁର	ଜାଜପୁର ମିଡଲ ସ୍କୁଲ
୨	ମୁକ୍ତାନନ୍ଦ ଷଡଙ୍ଗୀ	ହରବାଙ୍ଗୀ	ସିଦ୍ଧେଶ୍ୱରପୁର ଏଜନ
୩	ସଚ୍ଚିଦାନନ୍ଦ ମହାନ୍ତି	ଅଲଡୋଲା	ଗଣ୍ଡା ଏଜନ
୪	ମୁକୁନ୍ଦପ୍ରସାଦ ବୋଷ	ଇନ୍ଦୁପୁର	କଟକ ଏଜନ
୫	ରାମଚନ୍ଦ୍ର ଦାସ	ମଧ୍ୟଶାସନ	ସିଦ୍ଧେଶ୍ୱରପୁର ଏଜନ
୬	ସିମନ୍ତିନୀ ପ୍ରଧାନ	ଟେଃ ଟ୍ରେଃ ବାଳିକା ସ୍କୁଲ	ଲେଃ ହିନ୍ଦୁ ବାଳିକା ସ୍କୁଲ
		ବାଲେଶ୍ୱର ଜିଲା ।	
୧	ଲକ୍ଷ୍ମୀଧର ପଣ୍ଡା	ବାସନ୍ତିଆ	ଦୋଲସାହି ମିଡଲ ସ୍କୁଲ
୨	ଅପର୍ଣ୍ଣା ଦାସୀ	ଭୁମରପୁର	ଦୋଲସାହି ଏଜନ
୩	ନାଉଁକି ଦାସ	ସୂର୍ଯ୍ୟପୁର	କୋଠାର ଏଜନ
୪	ପଞ୍ଚାନନ ସାହୁ	ମହମ୍ମଦନଗର ମିସନ ବାଳିକା ସ୍କୁଲ	ମହମ୍ମଦନଗର ମିସନ ବାଃ ସ୍କୁଲ
		ପୁରୀଜିଲା	
୧	ବଳରାମ ଶତପଥ	ଭୁବନେଶ୍ୱର, ଦେଉଳ	ଟେଣ୍ଡଲଙ୍ଗ ମିଡଲ ସ୍କୁଲ
୨	ଗୋପୀନାଥ ରଥ	ଖାରନରସିଂହପୁର	ହରଚଣ୍ଡୀସାହି ଏଜନ ,,
୩	ଜୟକୃଷ୍ଣ ମୁଦୁଲି	କୁହୁଡ଼ି	ବାଣପୁର ଏଜନ
୪	ଗୋକୁଳାନନ୍ଦ ପାଣି	ବଡମାଲିପୁର	ଗଣାହାଟ ଏଜନ
		ଅନୁଗୁଳ ଜିଲା ।	
୧	ଅନନ୍ତଚନ୍ଦ୍ର ବେହେରା	ଛେଣ୍ଡିପଦା	ଅନୁଗୁଳ ମିଡଲ ସ୍କୁଲ
୨	ଜନାର୍ଦ୍ଦନ ପ୍ରଧାନ	ଯୋଡନ୍ତୁଙ୍ଗା	ଏଜନ
		ଖଣ୍ଡମାଳ	
୧	ମୋହନ ସାହୁ	ଫୁଲବେଣୀ	ବଡ଼ିପଡ଼ା ମିଡଲ ସ୍କୁଲ
୨	ଯୁଧିଷ୍ଠିର ବେହେରା	ଖଜୁରିପଡା	ଏଜନ
		ଗଡ଼ଜାତ ମହାଲ ।	
୧	ବୃନ୍ଦମଣି ଦାସ	ପାଳଲହଡ଼ା	ଢେଙ୍କାନାଳ ହାଇ ଇଂ ସ୍କୁଲ
୨	କୃଷ୍ଣପ୍ରସାଦ ଘୋଷ	ଓଲମରା	ଓଲମରା ମିଡଲ ସ୍କୁଲ
୩	ମାଧବାନନ୍ଦ ମହାପାତ୍ର	ଗଳଟିଆ	ନୀଳଗିରି ଏଜନ
୪	ଗୋପୀନାଥ ମିଶ୍ର	ସଦାଶିବପୁର	ଢେଙ୍କାନାଳ ହାଇ ଇଂ ସ୍କୁଲ
୫	ଶ୍ୟାମସୁନ୍ଦର ଗିରି	ଟିଉଡ଼ିଆ	ମୟୂରଭଞ୍ଜ ହାଇ ଇଂ ସ୍କୁଲ
୬	ଗୋପୀନାଥ ଦାସ	ଖରଣ୍ଡୁଳ	ନୟାଗଡ଼ ମିଡଲ ସ୍କୁଲ

The 4th January, 1900,

R. N. RAI,
Inspector of schools
Orissa Circle.

ଯୋଗ ଦେଇଥିଲେ । ପଶ୍ଚିମର କାୟସ୍ଥମାନଙ୍କୁ ଏହା ଅପୂର୍ବ ଜଣାଗଲା, ଏଣୁ ସେମାନେ ବାବୁ ମହୋଦୟଙ୍କ ପ୍ରତି ବିଶେଷ ମାନ୍ୟ ଓ ଆଦର ଦର୍ଶାଇଲେ । ସେମାନେ ସଭାମଣ୍ଡପ ଦ୍ୱାରରେ ତାଙ୍କୁ କୋଲାହଳ କରି କେତେ ଉପରକୁ ନେଇ ସଭାପତିଙ୍କ ନିକଟସ୍ଥ ରୌପ୍ୟ ଚୌକିରେ ବସାଇଲେ ଓ ତାଙ୍କ ଗଳାରେ ଫୁଲମାଳା ଦେଲେ । ସେ ଅଞ୍ଚଳରେ ମହାପ୍ରସାଦ ଅତି ଅପୂର୍ବ, ବାବୁ ମହୋଦୟ ଟ ୩୦ ଙ୍କାର ଅଟକାଳି ମହାପ୍ରସାଦ ସଙ୍ଗେ ନେଇଥିଲେ ସେମାନଙ୍କୁ ବିତରଣ କଲେ ଓ କାୟସ୍ଥ ହିତସାଧନ ପାଣ୍ଠି ସଭାରେ ଟ ୧୨୫-ଙ୍କା ଭେଟି ଦେଲେ । ଏଥିରେ ସେମାନେ କତି ପ୍ରୀତ ହେଲେ ଓ ବାବୁ ମହୋଦୟଙ୍କର ବିଶେଷ ସୁଖ୍ୟାତି ହେଲା । ସଭା ବସିବା ପୂର୍ବେ ସେ ଅଞ୍ଚଳର କେତେକ ଯୁବକ ଓ ଶିକ୍ଷିତମାନେ କାୟସ୍ଥମାନେ ଅମ୍ଭମାନଙ୍କର ବନ୍ଧୁକାଳାବଧି ଉତ୍କଳବାସୀ ହେବୁ ନାହିଁ ବୋଲି ସନ୍ଦେହ କରି ସୀତାନାଥ ବାବୁଙ୍କ ଯୋଗଦାନ ପକ୍ଷରେ ଅପତ୍ତି ଅଣାଇ ଥିଲେ ମାତ୍ର ପ୍ରଶସ୍ତମନା ଓ ମହତ୍ ବ୍ୟକ୍ତିମାନେ ବିଶେଷତଃ ସଭାର ସେକ୍ରେଟେରୀ ମହୋଦୟ ସେ ଆପତ୍ତି ଖଣ୍ଡନ କରି ବାବୁ ମହୋଦୟଙ୍କ ସହିତ ହୁକାପାଣି ଓ ଅନ୍ନ ଅହାରାଦି ଚଳାଇଲେ ଓ ଉତ୍କଳରେ ସୀତାନାଥ ବାବୁଙ୍କର ସଦ୍ ବ୍ୟବହାରରେ ଆପତ୍ତିକାରୀମାନେ ମଧ୍ୟ ଆପଣା ଭ୍ରମ ବୁଝି ଯାଇ ଲଜ୍ଜିତ ହେଲେ । ଏଥିପୂର୍ବେ ପଶ୍ଚିମର କେହି କେହି କାୟସ୍ଥ ଏପରି ଆପତ୍ତି ଅମ୍ଭମାନଙ୍କ ପ୍ରତି ସମୟେ ସମୟେ କରୁଥିଲେ । ବର୍ତ୍ତମାନ ସୀତାନାଥ ବାବୁଙ୍କ ଯୋଗେ ତାହା ଉତ୍ତମରୂପେ ଖଣ୍ଡିତ ହୋଇଗଲା ଓ ତାଙ୍କର ମାନ୍ୟ ମର୍ଯ୍ୟାଦାଦ୍ୱାରା ଏଠାର ସମସ୍ତ ସ୍ୱଜାତିଙ୍କର ମାନ୍ୟ ଓ ଗୌରବ ହେଲା । ଅମ୍ଭେ ଅତି ଆନନ୍ଦପୂର୍ବକ ଏହା ଜଣାଇ କେବଳ ମନାସୁ ଅଛୁଁ ଯେ ସୀତାନାଥ ବାବୁ ଏହିପରି ସ୍ୱଜାତି ଓ ସ୍ୱଦେଶର ହିତ ଓ ଉପକାର ସାଧନରେ ସର୍ବଦା ବ୍ରତୀ ହୋଇ ଯଶ ଓ ପୁଣ୍ୟ ଅର୍ଜନ କରନ୍ତୁ ।

କଟକ — ୧୦।୧।୦୦ — ବଶମ୍ୱଦ ଶ୍ରୀଜଗନ୍ମୋହନ ଲାଲ

ମୂଲ୍ୟପ୍ରାପ୍ତି ।

ଶ୍ରୀ ବାବୁ ଧନୁର୍ଜୟ ଭଣସର ସତ-ବାଗ ୫ ୩୧

ମହାଶୟ !

ଅମ୍ଭର ସ୍ୱଗ୍ରାମ ମାହାଙ୍ଗା ନିବାସୀ ଶ୍ରୀ ବାବୁ ସୀତାନାଥ ବସୁଙ୍କର ଗୋଟିଏ ମହତ୍ କାର୍ଯ୍ୟ ସାଧନଦ୍ୱାରା ଓଡ଼ିଶାସ୍ଥ ଅମ୍ଭ ସ୍ୱଜାତିବର୍ଗଙ୍କର ମାନ୍ୟ ଓ ଉପକାର ହୋଇଥିବାରୁ ତାହା ଜନ ସାଧାରଣଙ୍କ ଗୋଚରାର୍ଥେ ନ ଆଣି ଥାଇ ନ ପାରିଲୁଁ । ପଶ୍ଚିମାଞ୍ଚଳର ବାର ଶ୍ରେଣୀ କାୟସ୍ଥମାନଙ୍କର ବାର୍ଷିକ "କନଫରେନ୍ସ" ସଭା ଗତ ବଡ଼ ଦିନ ସମୟେ ମଙ୍ଗେର ନଗରରେ ହୋଇଥିବାର ଅପଣ ଉଦ୍ଦେଶ କରୁଅଛନ୍ତି କାୟସ୍ଥମାନଙ୍କର ଉନ୍ନତି ସାଧନ ଏ ସଭାର ଉଦ୍ଦେଶ୍ୟ ଅଟେ । ଏପରି ସଭା ବ ୧୨ ବର୍ଷ ହେଲା ହୋଇ ଆସୁଥିଲେହେଁ ଓ ଉତ୍ତର ପଶ୍ଚିମର ସମସ୍ତ ଜିଲାର କାୟସ୍ଥମାନେ ଏଥିରେ ଯୋଗ ଦେଉଥିଲେହେଁ ଏ ଜିଲାର କୌଣସି କାୟସ୍ଥ ଏ ପର୍ଯ୍ୟନ୍ତ କେହିଁ ତେ ଯୋଗ ଦେଇ ନ ଥିଲେ । ଏ ବର୍ଷ ବାବୁ ସୀତାନାଥ ବସୁ ଓଡ଼ିଶାର ଶ୍ରୀ କାୟସ୍ଥ କାୟସ୍ଥମାନଙ୍କର ପ୍ରତିନିଧିସ୍ୱରୂପ ଉକ୍ତ ସଭାରେ

NOTICE.

Is hereby given that a sea-going Life Boat called "Esther" belonging to the Orissa Commissioner, is for sale by public auction at the Commissioner's office, at 12 A. M., on Thursday, the 1st: February 1900.

Split by PDF Splitter

Digitized by srujanika@gmail.com

The Boat was attached to the Ship "Kalmia" which was wrecked in 1885, and is a 6-oared clinker-built Ship's Life-Boat measuring 26'-6" X 7'-3" X 3'-1" with main, fore and Jib sails complete and in good order. She has 2 awnings, a small iron tank and 4 casks for fresh water. Intending purchasers can inspect the Boat which is moored below the Taldanda Cannal Head-Lock at Jobra.

(By Order)
GOPAL BULHUB DAS
Personal Assistant to
Commissioner.

ବିଜ୍ଞାପନ ।

କୋର୍ଟ ଅଫଂୱାର୍ଡ୍‌ସଙ୍କ ଅଧୀନସ୍ଥ ମୟୂରଭଞ୍ଜ ଷ୍ଟେଟର ନବରଙ୍ଗପୁର ତହସିଲ କଚେରୀ ସଦାଗ ମାସିକ ଟ ୨୦୯ଙ୍କା ବେତନରେ ଏକଜଣ ତହସିଲଦାର ଆବଶ୍ୟକ । ତହସିଲଦାରଙ୍କୁ ନଗଦ ୫୬୦୦ଙ୍କା (ପାଞ୍ଚ ଶତ ଟଙ୍କା) ଯାମିନ ଦେବାକୁ ହେବ । ଉ ୨ ଣ ମୋହରର ଓ ଉ ୨ ଣ ଉପସ୍ଥିତି ସାହାଯ୍ୟରେ ବାର୍ଷିକ ପ୍ରାୟ ଟ ୮୦୦୦ ଙ୍କା ଅସୁଲ କରିବାକୁ ହେବ । ପ୍ରାର୍ଥୀମାନେ ସ୍ୱ ପ୍ରଶଂସା ପତ୍ର ସହିତ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟକୁ ଆଗାମୀ ଫେବୃୟାରୀମାସ ତା ୧୫ ରିଖ ମଧ୍ୟରେ ଆବେଦନ କରିବେ ।

ସିପାହୁର ଡାକବଙ୍ଗଳା ଜାନୁଆରୀ ସନ ୧୯୦୦	Gopeemohan Roy ମେନେଜର । ର । ମୟୂରଭଞ୍ଜ । ପୋ: ଅ: । ଧର୍ମଶାଳା । ଜି । କଟକ ।

ବିଜ୍ଞାପନ ।

କଟକ ଟ୍ରେନିଂ (ନର୍ମାଲ) ସ୍କୁଲର ଅନ୍ତର୍ଗତ ଛାତ୍ରାଇମେଷ୍ଟ ହେଡ଼କଣେଣୀ ଜମିର୍ ମାହିକ ଟ ୪ ଙ୍କାର ୨୦ ଗୋଟି ବୃତ୍ତି ଆଗାମୀ ଫିବୃଆରୀ ମାସରେ ଖାଲି ହେବ । ପ୍ରବେଶାର୍ଥୀମାନଙ୍କର ମଧ୍ୟଶ୍ରେଣୀ ଛାତ୍ରବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଥିବା ଆବଶ୍ୟକ । ଆବେଦନକାରୀମାନେ ଉକ୍ତ ମାସ ପହିଲା ତାରିଖରେ ଦଶଟା ଘଡ଼ିପୂର୍ବେ ଆମ୍ଭ ନିକଟରେ ଉପସ୍ଥିତ ହୋଇ ଆବେଦନ କରିବେ

କଟକ ଟ୍ରେନିଂସ୍କୁଲ ୧୦ । ୧ । ୧୯୦୦	Madhusudan Rao Hd. Master, Training School, Cuttack.

ବିଜ୍ଞାପନ ।

ସଟୀକ ଅମରକୋଷ ଅଭିଧାନ ପଦ୍ୟାନୁବାଦିତ	ଟ ୧।
କାଞ୍ଚିକାଭେରୀ ଅଭିନୟ	ଟ ୦।/
କଡ଼ିଚଣ୍ଡିକ ଶିକ୍ଷକ	ଟ ୦ ୫
କ୍ଷେତ୍ରତତ୍ତ୍ୱସାର ବା କୈବର୍ତ୍ତ ଜୀବନ	ଟ ୦ ୵

ବିଜ୍ଞାପନ ।

ଦେଖ ! ଦେଖ !! ଦେଖ !

କଟକ ପ୍ରଦର୍ଶନୀ (ହାଟ)

ଆଗାମୀ ଫେବୃୟାରୀ ମାସ ତା ୨ ରିଖ ଶୁକ୍ରବାର ଠାରୁ (ଶ୍ରୀପଞ୍ଚମୀର ୨ ଦିନ ପୂର୍ବେ) କଟକରେ ଯେଉଁ ପ୍ରଦର୍ଶନୀ ହେବ ସେ ପ୍ରଦର୍ଶନୀରେ ସରକାରଙ୍କ ତରଫରୁ ଭାରତବର୍ଷ ପରି ନାନାସ୍ଥାନର ଉନ୍ନତ ଧାନ, ଶାକସବ୍ଜି, ଫଳମୂଳ ଏବଂ ନୂତନ କଳ, ଲଙ୍ଗଳ ପ୍ରଭୃତି ଆସିବ । ମୋଫସଲ ଲୋକଙ୍କର ଏ ସବୁ ଦେଖିଥିବା ଉଚିତ ।

ଗୋଟିଏ ବିଶେଷ କଥା ଏହି ଯେ ଏ ଦେଶରୁ କଲିକତାକୁ ଯେ ଛୋଟ ଓ ରଣପଟ ଯାଏ ତାହା ବନ୍ଧା ହେବା ଦୋଷରୁ କମ ଦାମ ଓ ଲୋକସାନ ହୋଇଥାଏ । କପରି ବାନ୍ଧି ପଠାଇଲେ ଭଲ ହେବ ତାହା ଛୋଟ ଓ ରଣପଟ ବ୍ୟବସାୟୀମାନଙ୍କର ଦେଖିଥିବା ନିତାନ୍ତ ଆବଶ୍ୟକ ।

ଯେଉଁମାନେ ମୋଫସଲରୁ ପ୍ରଦର୍ଶନୀ (ହାଟ) ଦେଖିବାକୁ ଆସିବେ ସେମାନଙ୍କ ଆମୋଦପ୍ରମୋଦ ନିମନ୍ତେ ହାଟର ଦ୍ୱିତୀୟ ଦିନ ଅର୍ଥାତ୍ ଫିବୃୟାରୀ ତା ୩ ରିଖ ଶନିବାର ଦିନ କୁସ୍ତି, ମାନ୍ଦ୍ରାଜରୁ ଆସିଥିବା ସର୍କସ୍, ନାଚ ତମାସା ପ୍ରଭୃତି ହେବ । ଏଥିପାଇଁ କାହାରିକି ପଇସା ଦେବାକୁ ପଡ଼ିବ ନାହିଁ ।

କେବଳ ପ୍ରଥମଦିନ ଟିକଟ ପାଇଥିବା ବ୍ୟକ୍ତିମାନେ ପ୍ରଦର୍ଶନୀ ବା ହାଟ ଭିତରକୁ ଯାଇପାରିବେ । ତହିଁ ଆରଦିନ ସମସ୍ତଙ୍କୁ ଛୁଟି । ଅତ ଅଧିକ ଜନତା ବା ଗୋଳମାଳ ହେଲେ ହାଟ ଭିତରକୁ ଯିବାର କିଛି ବନ୍ଦୋବସ୍ତ କରାଯାଇ ପାରେ କିନ୍ତୁ ତହିଁପାଇଁ ପଇସା ପଡ଼ିବ ନାହିଁ ଏବଂ କାହାରିକ ଏଥାକେଲହେ ମନା କରାଯିବ ନାହିଁ ।

କଟକ, ୧୫।୧।୧୯୦୦	Albert E. Brown Constable *Honorary Secretary* Exhibition Committee.

ଶ୍ରୀଯୁତ ଫ୍ଲେନରୀ ସାହେବଙ୍କ

ଓଡ଼ିଆ

ଗୌଜିଦାରୀମ୍ୟାନୁଏଲ

ତଉକୀଦାରୀ କମିଶନେଶ୍ୱ ତହସିଲକୁ ଏହି ବହି ଖଣ୍ଡିଏ ଲେଖାଏଁ କିଣିବାପାଇଁ କଟକର ଶ୍ରୀଯୁତ ମାଜିଷ୍ଟ୍ରେଟ ସାହେବ ଟ୍ରେନ୍ସ ଅଞ୍ଚାୟତ କାରୀ ସବୁ ମେମ୍ବରଙ୍କ ପ୍ରତି ଆଦେଶ କରି ପରୁଆନା ବାହାର କରୁଅଛନ୍ତି ।

ଏଥିପାଇଁ ପଇସାକିମ୍ବା ପୋଷ୍ଟକାର୍ଡ଼ ଖଣ୍ଡିଏ ସୁଦ୍ଧା ଲେଖିବାକୁ ପଡ଼ିବ ନାହିଁ । ମାଜିଷ୍ଟ୍ରେଟ ସାହେବଙ୍କ ତାଲିକା ଅନୁସାରେ ଆମ୍ଭର ମନୁଷ୍ୟ ଯାଇ ବହି ଦେଇ ପଇସା ନେଇ ଆସିବ । ଦାମ ପଠାଇବାର ଖର୍ଚ୍ଚ ସୁଦ୍ଧା ପଡ଼ିବ ନାହିଁ । ଏଥକେ ବହି ନେବା ସଙ୍ଗେ ୨ ଦାମ ଦେବାକୁ ପଡ଼ିବ । ମେମ୍ବରମାନଙ୍କୁ ଅନୁରୋଧ ଯେ ଆମ୍ଭ ମନୁଷ୍ୟ ପହଞ୍ଚିଲା ମାତ୍ରକେ ବହି ନେଇ ଦାମ ଦେଇ ବିଦାୟ କରିଦେବେ ।

କଟକ ଓ ବାଲେଶ୍ୱରର ହାକିମମାନଙ୍କ ବ୍ୟବହାର ପାଇଁ ଗବର୍ଣ୍ଣମେଣ୍ଟ ଏହି ବହି କିଣିଅଛନ୍ତି ।

ପଞ୍ଚାୟତମାନଙ୍କ ପାଇଁ ବାଲେଶ୍ୱର ମାଜିଷ୍ଟ୍ରେଟ ୨୫୦ ଓ ପୁରୀ ମାଜିଷ୍ଟ୍ରେଟ ୧୨୦୦ ଖଣ୍ଡ ନେଇଅଛନ୍ତି ।

ମଲାଟ ବନ୍ଧାଇ ବହିର ଦାମ	ଟ ୧ ୧
କାଗଜ ବନ୍ଧାଇ ବହିର ଦାମ	ଟ ୦ ୫/

ଟ ୦ ୫/ (ବଞ୍ଚିଣିଅ) ବହି ମଫସଲ ପଠାଯାଉଛି । ଯେଉଁମାନେ ଇଚ୍ଛାକଲେ ବହି ଗୃହିବେ ସେମାନେ ଦୋକାନରୁ ଖରିଦ କରିବେ ।

କଟକ	ଶ୍ରୀ ଗୋପାଳବଲ୍ଲଭ ଦାସ ଓଡ଼ିଶା କମିଶନରଙ୍କ ପର୍ସନାଲ ଆସିଷ୍ଟାଣ୍ଟ ।

ପ୍ରୟୋଜନୀୟ ପୁସ୍ତକ ।

ପାରିବାରିକ ଚିକିତ୍ସା ଦୁଇଅଣା, ଜ୍ୱର ଚିକିତ୍ସା ଛଅଅଣା, ଗୋ ଚିକିତ୍ସା ୧ ମ ଭାଗ ଏକଅଣା, ୨ ୟ ଭାଗ ଦୁଇଅଣା, ବସନ୍ତ ଚିକିତ୍ସା ଏକଅଣା, ବସନ୍ତରୋଗ ଚିକିତ୍ସା ଛଅପଇସା ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ଯେଉଁମାନେ ସାମାନ୍ୟ ଲେଖାପଢ଼ା କରିପାରନ୍ତି, ସେମାନେ ସହଜପ୍ରାପ୍ୟ ଚେର, ମୂଳ, ମସଲାଦ୍ୱାରା ଉପରୋକ୍ତ ରୋଗମାନ ଦମନ କରିପାରିବେ । ପଣ୍ଡିତମାନଙ୍କର ପ୍ରଥମ ସଂସ୍କରଣ ଏକଅଣାରେ ମିଳିବ । ସମଶ୍ରେଣୀର ପୁସ୍ତକ ମଧ୍ୟରେ ଏହା ସର୍ବୋତ୍କୃଷ୍ଟ ହେଲୁ ସ୍କୁଲ ପାଠ୍ୟ ହୋଇଅଛି ।

Split by PDF Splitter

Digitized by srujanika@gmail.com

ବିଜ୍ଞାପନ ।

ଉଦ୍‌ଯୋଗି ସମିତିର ଭଣ୍ଡାର
କଟକ

କ୍ରେତା ଓ ବିକ୍ରେତାର ସ୍ୱାର୍ଥ ଯହିଁରେ ବିପରୀତ ନ ହୁଏ, ଅର୍ଥାତ୍ କ୍ରେତାର ଲାଭରେ ବିକ୍ରେତାର ଲାଭ ଏବଂ ବିକ୍ରେତାର ଲାଭରେ କ୍ରେତାର ଲାଭ ହୋଇପାରେ, ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ ଭଣ୍ଡାର ସ୍ଥାପିତ ହୋଇଅଛି । ପ୍ରବଞ୍ଚନା, କ୍ରୟ ସମୟରେ ଅକାରଣ ବାକ୍‌ବିତଣ୍ଡା ଇତ୍ୟାଦିରୁ କ୍ରେତାମାନଙ୍କୁ ରକ୍ଷାକରିବା ନିମନ୍ତେ ବିଶେଷ ଉପାୟ କରି ହୋଇଅଛି । ଦୋକାନରେ ରଖା ଯାଇଥିବା ଦ୍ରବ୍ୟାଦିର ମୂଲ୍ୟର ତାଲିକା କ୍ରେତାମାନେ ଦେଖିପାରନ୍ତି । ସେହି ନିର୍ଦ୍ଦିଷ୍ଟ ମୂଲ୍ୟର ହ୍ରାସ ବୃଦ୍ଧି କରିବାର କ୍ଷମତା କର୍ତ୍ତୃପକ୍ଷ ଛଡ଼ା ଆଉ କାହାର ନାହିଁ । କର୍ତ୍ତୃପକ୍ଷ ମଧ୍ୟ ବିଶେଷ ବିବେଚନାର ସହିତ ଯେତେଦୂର ସମ୍ଭବ ମୂଲ୍ୟ ସୁଲଭ କରିଥାନ୍ତି । ସମୁଦାୟ ଦ୍ରବ୍ୟର ତାଲିକା ଦେବା ସମ୍ଭବ ନୁହେଁ । ପ୍ରଧାନ କେତେକ ଦ୍ରବ୍ୟର ନାମ ପ୍ରକାଶ କରାଯାଉଅଛି ।

ଦେଶୀ ତନ୍ତ୍ର, ଚନ୍ଦ୍ରକୋଣା, ଫରାସଡାଙ୍ଗା, ପାବନା ଓ ଶାନ୍ତିପୁରୀ ଧୋତି ଚଦର ଓ ଶାଢ଼ି; ହିନ୍ଦୁସ୍ଥାନର ଚଦର, ଗରଦ, ବାପ୍ତା; ନାନା ରକମର ପଞ୍ଜାବି ଲୁଗା; ବୋମ୍ବାଇ, ମାନ୍ଦ୍ରାଜ, ନାଗପୁର, ଅହମଦାବାଦ ଓ କାନପୁର ପ୍ରଭୃତି କଳର ଧୋତି ଚଦର ଲଙ୍କ୍ଲଥ ଛିଟ ମୋଜା ତଉଲିଆ ଖାଦ ଓ ଗାମୁଛା ପ୍ରଭୃତି; ସର୍ବପ୍ରକାର ବାଦାମି ଓ ସାଦା କାଗଜ, ଚିଠିର କାଗଜ, ଲେଫାପା, ଦୁଆତ, କାଳି, କଲମ, ପେନସିଲ, ଇରେଜର, ବ୍ରସ, କର୍ଣ୍ଣିଚ, ଷ୍ଟିଲ ପେନ, ଛବି ପ୍ରଭୃତି, ସର୍ବପ୍ରକାର ଡ୍ରଇଙ୍ଗ ଦ୍ରବ୍ୟାଦି । ସର୍ବପ୍ରକାର ସାବୁନ, ବିବିଧ ସୁଗନ୍ଧ ତୈଳ ଓ ସୁଗନ୍ଧ ପାଣି; ବାର୍ଲି, ଆରାରୁଟ, ସାଗୁ ପ୍ରଭୃତି ରୋଗିମାନଙ୍କର ବହୁବିଧ ପଥ୍ୟ; କଟକର ବିଖ୍ୟାତ ଚାନ୍ଦିର ଛଡ଼, ଫରୁଆ ଓ ଖେଳଣା, ଏବଂ ରୂପାର ଯଜ୍ଞସୂତ୍ର ଫୁଲ, ଅତର-ଦାନ, ଗୋଲାପ-ପାଶ, ରେକାବ, ନାନାବିଧ ଅଳଙ୍କାର । ଏହାଛଡ଼ା ଅନ୍ୟ ଦ୍ରବ୍ୟ ନେବାକୁ ଇଚ୍ଛା କଲେ ମୂଲ୍ୟର କେତେକାଂଶ ଜମା ଦେଲେ ସୁଲଭମୂଲ୍ୟରେ ଆଣି ଦିଆଯାଏ । କଟକ ଦେଓ୍ୱାନି ଅଦାଲତର ସମ୍ମୁଖରେ ଭଣ୍ଡାର ସ୍ଥାପିତ ।

ନୂତନ ଆମଦାନୀ
ନାନାବିଧ ଶୀତବସ୍ତ୍ର ।

ବିଜ୍ଞାପନ ।

ମହାନାଟକ (୭୯୫ ଶ୍ଲୋକ ଏବଂ ଗଦ୍ୟ)

ଏକତ୍ରେ	ମୂଲ୍ୟ	ଟ ୦ ।/
ଷଡ଼ବ୍ରହ୍ମଗୀତା	"	ଟ ୦ ⁄
ଅନନ୍ତସାଗର ଗୀତା	"	ଟ ୦ ⁄
ପ୍ରେମସୁଧା ସନ୍ଧି	"	୦ /॥
ମହାବାହୁ ଚଉତିଶା	"	ଟ ୦ /

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

ବନାରସ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ରାଜଗଡ଼, ସରାଇକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଜୋଡ଼ି, ପଗ୍ଗା, କିଂଖାପ, ବାପ୍ତା ସର୍ଜୀ ଦୋପଟ୍ଟା ମଫଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ଜରିଦ ଖଚିତ ଅଙ୍ଗରଖା ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆରି କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାପାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଶୀଘ୍ରପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାଲୁମଲ ଭୋଲାନାଥ
ଲୁଞ୍ଜଗଲି ଫାଟକ ବନାରସ ସିଟି

ଅଳଙ୍କାରସାର ।

ବାମଣ୍ଡାର ସୁଯୋଗ୍ୟ ରାଜକୁମାର ଶ୍ରୀଯୁକ୍ତ ସଚ୍ଚିଦାନନ୍ଦଦେବ ମହୋଦୟ ପ୍ରଣୀତ "ଅଳଙ୍କାରସାର" ନାମକ ପୁସ୍ତକ ଭାଷା ବିଷୟକ ଜ୍ଞାନ ବୃଦ୍ଧି ସକାଶେ ପ୍ରତ୍ୟେକ ଭାଷାନୁରାଗୀ ବ୍ୟକ୍ତିଙ୍କର ଅବଶ୍ୟ ପାଠ କରିବା ଉଚିତ । ପୁସ୍ତକ ସରଳଭାଷାରେ ଉଦାହରଣ ସହିତ ରଚିତ ହୋଇଥିବାରୁ ପାଠକମାନେ ଅପରର ସାହାଯ୍ୟ ବ୍ୟତିରେକେ ବର୍ଣ୍ଣିତ ବିଷୟ ସହଜରେ ହୃଦୟଙ୍ଗମ କରି ପାରିବେ । ପୁସ୍ତକଖଣ୍ଡି ଅତ୍ୟାଦେୟ ହୋଇଥିବା କଥା ଉତ୍କଳଭାଷା ପାରଦର୍ଶୀ ପଣ୍ଡିତମାନେ ମୁକ୍ତକଣ୍ଠରେ ସ୍ୱୀକାର କରି ପ୍ରଣେତାଙ୍କୁ ଧନ୍ୟବାଦ ପ୍ରଦାନ କରିଅଛନ୍ତି । ଏହି ପୁସ୍ତକ କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକଦୋକାନରେ ଏବଂ ବାମଣ୍ଡା ଛାପାଖାନାରେ ଅତ୍ୟନ୍ତ ସୁଲଭ ମୂଲ୍ୟ ଚାରିଅଣାରେ ବିକ୍ରୟ କରାଯାଉଅଛି । ଡାକମାସୁଲ ଏକଅଣା ମାତ୍ର ।

ନୂତନ ଓଡ଼ିଆ ନାଟକ ।

ସୀତାବିବାହ ନାଟକ ।

ଶ୍ରୀ କାମପାଲମିଶ୍ର ବି, ଏ, କର୍ତ୍ତୃକ ରଚିତ, ଶ୍ରୀ ଗୌରଶ୍ୟାମ ବଳ ଏମ୍, ଏ, କର୍ତ୍ତୃକ ପ୍ରକାଶିତ ମନୋହର ନାଟକ । ଗୀତ ଅଧିକନ୍ତ ଥିଏଟର ସ୍ୱର୍ଗଣୀ—ଇଂରାଜୀ ସ୍ୱରଗିଣୀ । ଅଭିନୟୋପଯୋଗୀ ଗ୍ରନ୍ଥ । ପଢ଼ିବାକୁ ଉପନ୍ୟାସପରି ଆମୋଦପ୍ରଦ । ସୁନ୍ଦର ମଲାଟବନ୍ଧା, ସୁଲଭମୂଲ୍ୟ ଟ ୦୫/

ବଡ଼ବାଜାର କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ ।

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା,—

ପ୍ରଥମଥର ସକାଶେ

ଧାଡ଼ିପ୍ରତି	ଟ ୦ ⁄
ଅର୍ଦ୍ଧସ୍ତମ୍ଭକୁ	ଟ ୨ ୯
ପୂର୍ଣ୍ଣ ଏକ ସ୍ତମ୍ଭକୁ	ଟ ୩ ୯

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତହିଁର ଦର ଟ ୦ ୪ ଅଣାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ଚଉଧୁରୀବଜାର ପ୍ରିଣ୍ଟିଂ କମ୍ପାନୀ "ଲିମିଟେଡ୍"ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED No. C. 81.

ଉତ୍କଳ ଦୀପିକା

ସାପ୍ତାହିକ ସମାଚାରପତ୍ରିକା

ଖଣ୍ଡ ୩୫ | ତା ୨୭ ରଖ ମାହେ ଜାନୁୟାର ସନ ୧୯୦୦ ମସିହା । ମ । ତା ୧୫ ମାଘ ସନ ୧୩୦୭ ସାଲ ଶନିବାର | ଅଗ୍ରିମ ଟ ୩୧୦
ସଂଖ୍ୟା ୪ | | ପଶ୍ଚାଦ୍ଦେୟ ଟ ୬୧୦

ବିଜ୍ଞାପନ ।

ନୂତନ ପଞ୍ଜିକା ।

ଓଡ଼ିଆ ୧୮୨୨ ଶକ ୧୩୦୭ ଓ ୧୩୦୮ ଇଂରାଜୀ ସନ ୧୯୦୦ ଓ ୧୯୦୧ ନିମନ୍ତେ ଉତ୍ତମ ଜ୍ୟୋତିଷଜ୍ଞମାନଙ୍କଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

ବଡ଼	ଟ ୦।
ଛୋଟ	ଟ ୦୧୬

ଡାକମାସୁଲ ଲାଗିବ ଟ ୦/ ଗ୍ରାହକମାନଙ୍କର ରେଲ ଅଥବା ଷ୍ଟିମରଦ୍ୱାରା ନେବାର ସୁବିଧା ଅଛି ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ ।

ଶ୍ରୀ ଗୌରୀଶଙ୍କର ରାୟ
ପ୍ରେସଷ୍ଟେଟସ

ଗଞ୍ଜାମ ବ୍ରହ୍ମପୁରଠାରେ ପ୍ରକାଶିତ ହେଉଥିବା ଓଡ଼ିଆ ହିତବାଦିନୀ ପାକ୍ଷିକ ସମ୍ବାଦ ପତ୍ରିକାସଙ୍ଗେ ଦେଢ଼ ମାସ ହେଲା ତହିଁର ଗୋଟିଏ ଇଂରାଜୀ ସପ୍ଲିମେଣ୍ଟ ବାହାରୁଥିଲା । ଗତ ମାସ ତା ୧୫ ରିଖରୁ ତାହା 'ଗଞ୍ଜାମ ପେଟ୍ରିୟଟ୍' ନାମରେ ପ୍ରକାଶ ହେବାର ଆରମ୍ଭ ହୋଇଅଛି । ଏହା ସେ ନଗରବାସୀ ଶିକ୍ଷିତ ଓଡ଼ିଆ ଭାଇମାନଙ୍କର ଅଧିକତର ସାହସ ଓ ଉଦ୍ୟୋଗଶୀଳତାର ପ୍ରମାଣ ଅଟେ । ଆମ୍ଭେମାନେ ଏକାନ୍ତ ଆଶା କରୁଁ ସେ ଯଥୋଚିତ ସାହାଯ୍ୟ ପାଇ ଏ ପତ୍ରିକା ବହୁକାଳ ସର୍ବଦା ଚଳିବାକୁ ସମର୍ଥ ହେବେ ।

ଏଠା ରେଭେନ୍‌ସା କଲେଜର କୌଣସି ଏକ ଶ୍ରେଣୀର ଛାତ୍ରମାନେ ଦୁଇଦଳ ହୋଇ ବୁଅର ମାନଙ୍କ ସପକ୍ଷ ଓ ବିପକ୍ଷରେ ବାଦାନୁବାଦ କରୁଥିବାର କଲେଜର ପ୍ରିନସିପାଲ ଜାଣିପାରି ପ୍ରତ୍ୟେକ ଛାତ୍ରକୁ ଟ ୧ ଙ୍କା ଲେଖାଏ ଜରିମାନା କରିଥିଲେବୋଲି 'ସନ୍ଦେ' ନାମକ ସମ୍ବାଦପତ୍ରରେ ସମ୍ବଲପୁର ହିତୈଷିଣୀ ପାଠକରି ଆମ୍ଭମାନଙ୍କଠାରୁ ତହିଁର ବିସ୍ତାରିତ ବିବରଣ ଶୁଣିବାକୁ ଆଶା କରିଅଛନ୍ତି । ଏଥିରୁ ଆମ୍ଭମାନଙ୍କର ଉତ୍ତର ଏହି କି ସେପରି କୌଣସି କଥା ଆମ୍ଭମାନଙ୍କର କର୍ଣ୍ଣଗୋଚରରେ ଆସି ନାହିଁ । ନୂତନ ରେଭେନ୍ସାର୍ଡ଼ ଯେଉଁ ଅଛନ୍ତି ଏଣିକି ଏଥର କେତେ ନୂଆକଥା ବଜାରମାନରେ ଶୁଣାଯିବ !

ଗଞ୍ଜାମ ବ୍ରହ୍ମପୁର ନଗରରେ ପ୍ଲେଗ ରୋଗ ପ୍ରାୟ ସ୍ପଷ୍ଟ ରୂପେ ପଡ଼ିଯାଉଅଛି, ଅନୁମାନ ହେଲା ଯେଉଁଠାରୁ ଏକ ବ୍ୟକ୍ତି କଲିକତାରୁ ଘୋଡ଼ାଦୌଡ଼ ଇତ୍ୟାଦି ଦେଖିବାକୁ ଯାଇ ଗତମାସ ତା ୪ ରିଖରେ ଫେରି ଆସନ୍ତେ ପ୍ଲେଗର କର୍ମଚାରୀ ତାହାକୁ କ୍ୱାରେଣ୍ଟାଇନ ସମୟ ନିମନ୍ତେ ପରୀକ୍ଷାଧୀନରେ ରଖିଲେ । ପ୍ଲେଗର ଡାକ୍ତରଙ୍କ ପରୀକ୍ଷାରେ ସେ ବ୍ୟକ୍ତିଠାରେ ଉକ୍ତ ରୋଗର ଲକ୍ଷଣମାନ ଜଣାଯିବାରୁ କଲେକ୍ଟର ସାହେବଙ୍କ ନିକଟକୁ ସମ୍ବାଦ ଗଲା ଏବଂ ସେ ଆସି ଉକ୍ତ ବ୍ୟକ୍ତିକୁ ପୃଥକ ରହିବାର ଘରକୁ ପଠାଇ ଦେଲେ । ତାହାର ପିଲା ଭୃତ୍ୟମାନେ ନଗରର କଡ଼ାକଡ଼ି କଲେ । ସେ ସ୍ଥାନଟିରେ ପ୍ଲେଗ ତ ନାହିଁ ପରେ ଜଣାପଡ଼ିବ ।

କଲିକତାରେ ଏକସମ୍ବାଦ ପତ୍ରରେ ପାଠ କଲୁଁ ଯେ ଫରାସି ରାଜଧାନୀ ପାରିସନଗରରେ ଏକ ଜ୍ୟୋତିଷ ତତ୍ତ୍ୱାନୁସନ୍ଧାୟୀ ବୈଜ୍ଞାନିକ କାର୍ଯ୍ୟ ଉଠାଇଦେବାର ଯତ୍ନ ହେଉଅଛି । ଉକ୍ତ କାର୍ଯ୍ୟାଳୟର ଜଣେ ଅଧ୍ୟାପକ ଏମନ୍ତ ଔଷଧର ପରୀକ୍ଷା କରୁଅଛନ୍ତି ଯାହାକି ଠିକ ମାତ୍ରାରେ ପ୍ରୟୋଗ କଲେ ବୃଦ୍ଧ ବୟସର ଦୋଷମାନ ପ୍ରଶମିତ ହେବ ସୁତରାଂ ଆୟୁ ବୃଦ୍ଧି ହେବ । ପୂର୍ବକାଳରେ ଆୟୁର୍ବେଦୀୟ ମୂନି ଋଷିମାନେ ଦୀର୍ଘାୟୁ ଏବଂ ଚିରଯୌବନ ଲାଭର ଅନେକ ଔଷଧାଦି ଆବିଷ୍କାର କରିଥିଲେ । ବର୍ତ୍ତମାନରୁ ସେ ସବୁ ପ୍ରାପ୍ୟ ହୋଇ ନାହିଁ । ଇଉରୋପୀୟ ବୈଜ୍ଞାନିକମାନଙ୍କ କଲ୍ୟାଣରୁ ଏଣିକି ଉପାୟ ଦ୍ୱାରା କାର୍ଯ୍ୟ ଉଠିଗଲେ ଅନେକ ଲୋକ ବୃଦ୍ଧାବସ୍ଥାର କବଳରୁ ରକ୍ଷା ପାଇବେ ।

ଭୂନୂର ଜଙ୍ଗଲ ଡାକ୍ତର ସାହେବ ସର୍ପଦଂଶ ନାଶକ ଔଷଧ ଉଦ୍ଭାବନ କରିବା ନିମନ୍ତେ କେତେକ ଗୋଟି ଗୋଖର ସାପ ଧରି ପରୀକ୍ଷା କରଣାନ୍ତର ଗୋଟିଏ କାଳସର୍ପ ଧରାଇ ଆଣିଲେ । ଏ ସର୍ପକୁ କ୍ଳୋରୋଫର୍ମଦ୍ୱାରା ଅଚେତନ କରିଥିଲେହେଁ ତେଜସ୍ୱୀର ସର୍ପ ପକ୍ଷେ ତାହା ତେତେ କାର୍ଯ୍ୟକର ହେଲା ନାହିଁ । ସେ ସର୍ପ ମୁହୂର୍ତ୍ତ ମାତ୍ରକେ ଚେତନା ପାଇ ସାହେବଙ୍କ ବୃଦ୍ଧା ଅଙ୍ଗୁଳରେ ଆଘାତ କଲା । ତାଙ୍କର ଭୃତ୍ୟମାନେ ସେଠାରେ

Digitized by srujanika@gmail.com

ଆଉ ଜଣେ ଡାକ୍ତର ଉପସ୍ଥିତ ଥିଲେ ସେ ହଠାତ୍ ଭଗ୍ନ ଅଙ୍ଗୁଳିଟିକୁ କାଟି ପକାଇବାରୁ ସାହେବଙ୍କର ପ୍ରାଣରକ୍ଷା ହୋଇଗଲା। ପଶ୍ଚାତରେ ଅନ୍ୟାନ୍ୟ ଔଷଧ ନିର୍ଣ୍ଣୟ ହେଲା ନାହିଁ । ତାହା ହୋଇଥିଲେ ଅଙ୍ଗୁଳିଟି କାହିଁକି କଷ୍ଟ ଦେଇଥାନ୍ତା ।

ଗତ ଡିସେମ୍ବର ମାସ ତା ୩୧ ଦିନରେ ବଙ୍ଗପ୍ରଦେଶର ବ୍ୟାଙ୍କମାନଙ୍କରେ ସାଧାରଣ ବା ବ୍ୟକ୍ତିବିଶେଷର କାର୍ଯ୍ୟନିମନ୍ତେ ସରକାରୀ ତହବିଲରେ ଜମାଥିବା ଟଙ୍କାର ଗୋଟିଏ ତାଲିକା ବାହାରିଅଛି । କଟକଜିଲ୍ଲାରେ ମୟୂରଭଞ୍ଜ ନାବାଳକି ମହାଲର ଟ ୬୮,୦୦୦ ଙ୍କା କନିକା ନାବାଳକି ମହାଲର ଟ ୧,୫୫,୦୦୦ ଙ୍କା, ଢେଙ୍କାନାଳ ମହାରାଜାଙ୍କର ଟ ୨,୫୩,୦୦୦ ଙ୍କା ନରସିଂହପୁର ରାଜାଙ୍କର ଟ ୨୧,୦୦୦ ଙ୍କା ହୃଦୟପୁର ବାସ ନାବାଳଗଙ୍କର ଟ ୫୦୦୦ ଙ୍କା କନିକାର ଭୂତପୂର୍ବ ନାବାଳଗ ରାଜା ନୃପେନ୍ଦ୍ରନାଥ ଭଞ୍ଜଙ୍କ ସୁବିଧାର୍ଥ ଟ ୧୨୦୦ ଙ୍କା କନିକାର ରାଜା ଶ୍ରୀନାଥ ଭଞ୍ଜଙ୍କର ଟ ୫୬,୩୦୦ ଙ୍କା ଏବଂ ପୁରୀରେ କେବଳ ଗେଡିଙ୍ଗ ନାବାଳଗର ଟ ୨,୫୦୦ ଙ୍କା ଜମା ଅଛି । ବାଲେଶ୍ୱରଜିଲ୍ଲାରେ ବ୍ୟକ୍ତିବିଶେଷର କିଛି ଅମାନତ ନାହିଁ ।

ମେଦନୀପୁର ଓ କଲିକତାମଧ୍ୟରେ ରେଲ୍‌ବାଟ ନିର୍ମାଣ କାର୍ଯ୍ୟ ଅତି ଶୀଘ୍ରରେ ଚାଲିଅଛି । ପ୍ରାୟ କଲିକତା ପର୍ଯ୍ୟନ୍ତ ରେଲ ବସି ଗଲାଣି । ପ୍ରଧାନ କାର୍ଯ୍ୟ ମଧ୍ୟରେ କେବଳ ରୂପନାରାୟଣ ନଦୀର ସେତୁବନ୍ଧ ବାକି ଅଛି ଏବଂ ତାହା ଆସନ୍ତା ଅକ୍ଟୋବରମାସରେ ପ୍ରସ୍ତୁତ ହେବାର ସମ୍ଭାବନା ଅଛି । ସେତେବେଳେ କଲିକତାଠାରୁ ରେଲ ଗାଡିମାନ ଏକାବେଳେ ମାନ୍ଦ୍ରାଜକୁ ଏବଂ ମେଦନୀପୁର ବାଟେ ବମ୍ବେଇକୁ ଗମନାଗମନ କରିବ । ମହାନଦୀର ସେତୁବନ୍ଧ ଆସନ୍ତା ବର୍ଷାକାଳ ମଧ୍ୟରେ ଶେଷ ହେବାର ବଡ ଆଶା ନାହିଁ । କାରଣ ସେଥିରେ ଲୁହାର ଦ୍ରବ୍ୟ ଅବଶ୍ୟ ବିଲାତରୁ ଆସି ନାହିଁ ଏବଂ ଶୀଘ୍ର ଆସିବାର ଆଶଙ୍କା ହେଉଅଛି । ବିଲାତର କୌମ୍ପାନିମାନେ ଯୁଦ୍ଧ ସମ୍ବନ୍ଧୀୟ ଦ୍ରବ୍ୟାଦି ପ୍ରସ୍ତୁତରେ ନିଯୁକ୍ତ ଅଛନ୍ତି । ସମ୍ଭବତଃ ଆସନ୍ତା ବର୍ଷାକାଳର ରେଲ ଗାଡିମାନେ ମହାନଦୀକୁ ଜାହାଜଦ୍ୱାରା ପାରହେବେ ।

ଗତ ପ୍ରକାଶିତ ଦୁଇବାରରେ ଅବଗତ ହୋଇ ପାଠକମାନେ ଜାଣିଲେଣି ସମ୍ପାଦକ ବାବୁ ନ.ଇନ୍ଦ୍ର. ସନ ହାଇକୋର୍ଟର ଏବଂ ଅମୃତବଜାର ଓ ଅନନ୍ତ ବଜାର ପତ୍ରିକାର ସମ୍ପାଦକ ପ୍ରଭୃତିର କୁମାର ଘୋଷ, ମୋତିଲାଲ ଘୋଷ ଓ ଟେଗେରଙ୍କ ନାମରେ ଯେଉଁ ଦୁର୍ନାମ ଘଟନାର ମୋକଦ୍ଦମା ମାନ ପକ୍ଷେରଦ୍ୱାରା ଦାଏର ହୋଇଥିଲା ସେ ସମସ୍ତ ଶାନ୍ତି ଉମେଶ୍‌ଚନ୍ଦ୍ର ଦତ୍ତଙ୍କ ଓ ଅବ ଦୁଇ ଜଣ ବେଟ୍ରେଲେଙ୍କ ମଧ୍ୟସ୍ଥତାରେ ଭାଙ୍ଗି ଯାଇଅଛି । ଉକ୍ତ ପତ୍ରିକାର ସମ୍ପାଦକମାନେ ମୋକଦ୍ଦମା ସମ୍ବନ୍ଧୀୟ ପ୍ରବନ୍ଧମାନ ପ୍ରକାଶ କରିବାର ଭ୍ରମ ସ୍ୱୀକାର ଏବଂ ତହିଁପାଇଁ ଦୁଃଖିତ ହୋଇ କ୍ଷମାପ୍ରାର୍ଥନା ଜଣାଇ ପତ୍ରମାନ ଆପଣା ପତ୍ରିକାରେ ପ୍ରକାଶ କରିଅଛନ୍ତି । ଏ ମୋକଦ୍ଦମାମାନଙ୍କରେ ଉଭୟପକ୍ଷଙ୍କର ଅନେକ ଅର୍ଥ ଓ ବ୍ୟୟ ହୋଇଅଛି ସନ୍ଦେହ ନାହିଁ । ଏପରି ମଙ୍ଗଳ ହେବା ଅତୀବ ଶୋଭନୀୟ ନୁହେ ଏବଂ ଅଦ୍ୟାବଧି ଭାଙ୍ଗି ଯାଇଥିଲେ ଅଧିକ ଭଲ ହୋଇଥାନ୍ତା । ଯାହାହେଉ ଶେଷ ମଙ୍ଗଳଦ୍ୱାରା ସମସ୍ତ ମଙ୍ଗଳ ବୋଲିବାକୁ ହେବ ।

ବୃହିସଜାତିର ସୈନିକ ଦୁଃଖୀ ହୁଗଲିସହର ଏବଂ ସିପାହୀମାନେ ସ୍ୱଇଚ୍ଛାରେ ଦ୍ୱାରା ଗବର୍ଣ୍ଣର ଜେନେରଲଙ୍କର ଜେନେରଲ କର୍ଣ୍ଣେଲ ପିଲ ସାହେବଙ୍କୁ ଜଣାଇଲେ ଯେ ଦକ୍ଷିଣ ଆଫ୍ରିକାରେ ଯୁଦ୍ଧ କରୁଥିବା ବ୍ରିଟିଶ ଏବଂ ଔପନିବେଶିକ ଭ୍ରାତାମାନଙ୍କଠାରେ ସେମାନଙ୍କର ଅନୁରାଗ ପ୍ରକାଶର ଚିହ୍ନ ସ୍ୱରୂପ ସେମାନେ ପ୍ରତ୍ୟେକେ ଏକଦିନର ବେତନ ଆହତଙ୍କର ଯୁଦ୍ଧ ପାଣ୍ଠିରେ ଦାନ କରିବାକୁ ଇଚ୍ଛା କରନ୍ତି । ସେମାନଙ୍କର ସ୍ୱେଚ୍ଛା ପୂର୍ବକ ଦାନ ନିମନ୍ତେ କର୍ଣ୍ଣେଲ ସାହେବ ଧନ୍ୟବାଦ ଦେଇ କହିଲେ ଯେ ତାହାଙ୍କ ମତରେ ଜନାରେ ସିପାହୀମାନଙ୍କ ଦାନ ମାଗିବା ଭଲ ନୁହେ । ମାତ୍ର ସର୍ଦ୍ଦାରମାନଙ୍କଠାରୁ ବୃଦ୍ଧିପୂର୍ବକ ସେମାନେ ଯେବେ ଟଙ୍କା ଆଦାୟ କରି ପଠାଇବେ ତାହା ସେ ଆନନ୍ଦ ସହିତ ଗ୍ରହଣ କରିବେ । ସ୍ୱରାଜାର ଅଧୀନ ଦେଶୀୟ ଏବଂ ବିଦେଶୀୟ ସୈନ୍ୟମାନଙ୍କ ମଧ୍ୟରେ ଏ ପ୍ରକାର ଭ୍ରାତୃଭାବ ପ୍ରଦର୍ଶନ ବଡ଼ ପ୍ରୀତିକର ଅଟେ । ଭରସା ଦୁଅଇ ଅନ୍ୟାନ୍ୟ ଦେଶୀୟ ସୈନ୍ୟଦଳ ଏଥିର ଅନୁକରଣ କରିବେ ।

ଗତ ନବମ୍ବର କିସ୍ତି ଲାଟବନ୍ଦିରେ ୩୫ ମହାଲର ବକେୟା ବାକି ପଡିବାରୁ ସେ ସବୁ ନିଲାମ ହେବାର ଘୋଷଣା ଦିଆ ଯାଇଥିଲା । ନିଲାମ କାର୍ଯ୍ୟ ଆରମ୍ଭର ପୂର୍ବଦିନ ପର୍ଯ୍ୟନ୍ତ ୩୨ ମହାଲର ବାକି ଖଜଣା ଏବଂ ନିଲାମ ତାରିଖରେ ନିଲାମ ହେବା ସମୟ ପୂର୍ବ ଏକମହାଲ ଏପରି ୩୨ ମହାଲର ବାକି ଖଜଣା ଗ୍ରହଣ ହୋଇଥିଲା । କେବଳ ନିଲାମ ସମୟରେ ୩ ମହାଲର ଖଜଣା ଦାଖଲ କରିବାର ପ୍ରାର୍ଥନା ଅଗ୍ରାହ୍ୟ ହେଲ ସବସୁଦ୍ଧା ୧୬ ମହାଲ ନିଲାମ ହେଲା । ତହିଁ ମଧ୍ୟରେ ଅଧେ ଅର୍ଥାତ୍ ୨ ମହାଲର ସଦର ଜମା ଟ ୧୦୧ ଠାରୁ ୩ ମହାଲର ସଦର ଜମା ଟ ୩୦୧ ଠାରୁ ଏବଂ ୬ ମହାଲର ସଦର ଜମା ଟ ୨୦୧ ଠାରୁ ଊଣା ଥିଲା । କେବଳ ଗୋଟିଏ ମହାଲର ସଦର ଜମା ଟ ୬୯୧ ଙ୍କା ଥିଲା ମାତ୍ର ତାହା ଟ ୨୫୦୧ ଙ୍କାରେ ଅର୍ଥାତ୍ ୩୬ ଗୁଣ ଦାମରେ ନିଲାମ ହେଲା । ସବୁମହାଲ ମଧ୍ୟରେ ଅଧିକାଂଶର ଦଶ ଦଶଗୁଣ ବା ତହିଁରୁ ଅଧିକ ହୋଇଥିଲା । କେବଳ ଗୋଟିଏ ମହାଲର ସଦର ଜମା ଟ ୨୨୧ ଙ୍କାରୁ ତଳ ଟ ୨୦୫୦୧ ଙ୍କା ଅର୍ଥାତ୍ ୩୧ ଗୁଣ; ଆଉ ଗୋଟିଏ ଟ ୧୪୮ କୁ ଦାମ ଟ ୨୫୧ ଙ୍କା ଯୋଗୁଁ ଟ ୬୧ ଙ୍କାର ଗୋଟିଏ ମହାଲ ଟ ୧୫୦୧ ଙ୍କାରେ ନିଲାମ ହୋଇଥିଲା ।

କଲିକତାର ସ୍ମିଥ ଷ୍ଟାନିଷ୍ଟ୍ରିଟ କୁମ୍ପାନୀ ସେହି ନଗର କଣ୍ଟ୍ରାକ୍ଟର ବଜାର ନିବାସୀ ଡାକ୍ତର ଏନ, ଏନ, ଚକ୍ରବର୍ତ୍ତୀଙ୍କ ନାମରେ ଗୋଟିଏ ଔଷଧର ମୂଲ୍ୟ ନିମନ୍ତେ ପେଟି ଅଦାଲତରେ ନାଲିଶ କରିଥିଲେ । ସେହି ଦ୍ରବ୍ୟ ଖଣ୍ଡିଏ ଜାଲ ଚିଠି ଅନୁସାରେ କମ୍ପାନୀ ପଠାଇ ଦେଇଥିବାରୁ ଅଦାଲତରେ ଏହି ଅଭିଯୋଗ ଉପସ୍ଥିତ ହେଲା ଯେ ମୁଦାଲା ନାମର ଜାଲ ଚିଠି ଲେଖି ଦିଆ ଯାଇଥିବା ଦ୍ରବ୍ୟର ମୂଲ୍ୟ ନିମନ୍ତେ ମୁଦାଲା ଦାୟୀ ହେବେ କି ନା । ଚିଠିର ଲେଖା ଏବଂ ସ୍ୱାକ୍ଷର ଜାଲ ଥିବାର ଅଦାଲତରେ ପ୍ରମାଣ ହେଲା । ମାତ୍ର ସେ ଚିଠି ଉପରଭାଗରେ ମୁଦାଲାର ଡାକ୍ତରଖାନାର ନାମାଦି ଛପା ହୋଇଥିବା ଏବଂ ମୁଦାଲା ସେପରି ଛପା ଚିଠି କାଗଜମାନ ସାବଧାନ ପୂର୍ବକ ନ ରଖି ଗୋଟାଏ ଖୋଲା ଜାଗା ମଧ୍ୟରେ ରଖିଥିବାର ପ୍ରକାଶ ପାଇବାରୁ ବିଚାରପତି ତାହାଙ୍କ ଅସାବଧାନତାର ଦୋଷ ସାବ୍ୟସ୍ତ କରି ତାଙ୍କ ବିରୁଦ୍ଧରେ ଡିକ୍ରି ଦେଲେ । ତହିଁ ଉତ୍ତାରେ ପ୍ରଧାନ ବିଚାରପତିଙ୍କ ନିକଟରେ ଅପିଲ ହୁଅନ୍ତେ ସେ ଉଭୟପକ୍ଷର ଉକିଲଙ୍କ ତର୍କ ବିତର୍କ ଶୁଣି ଡାକ୍ତର ମୁଦାଲା ସପକ୍ଷରେ ମୋକଦ୍ଦମା ନିଷ୍ପତ୍ତି କଲେ । ଚିଠି ଜାଲ ଉଭୟଙ୍କର ଛପା ଫାରମମାନ ବିଶେଷ ଯତ୍ନରେ ରଖିବାର ପ୍ରାୟ କୌଣସି ଅପି-

Digitized by srujanika@gmail.com

ସରେ ନିୟମ ନାହିଁ । ଏମନ୍ତ ସ୍ଥଳେ କାହାର ଛପା ଫାରମ ଖଣ୍ଡେ କେହି ଷ୍ଟେସନ ନେଇ ତହିଁରେ ଜାଲ କରି କାହାକୁ ଠକାଇ ନ ଯେବେ ତହିଁ ପାଇଁ ଫାରମରେ ଯାହାର ନାମ ଲେଖାଅଛି ସେ ଦାୟୀ ହୁଅନ୍ତା ତେବେ ଆଉ ରକ୍ଷା ନ ଥିଲା । ପ୍ରଧାନ ଇଞ୍ଜିନିୟରଙ୍କ ନିଷ୍ପତ୍ତି ନ୍ୟାୟସଙ୍ଗତ ଅବଶ୍ୟ ବୋଲିବାକୁ ହେବ ।

ଏ ନଗରର ପ୍ରଦର୍ଶନୀ ସମ୍ବନ୍ଧୀୟ ବିଜ୍ଞାପନରୁ ପାଠକମାନେ ଅବଗତ ହୋଇଥିବେ ଯେ ପ୍ରଦର୍ଶନୀ ଦେଖିବାକୁ ମୋଫସଲରୁ ଆସିଥିବା ଲୋକଙ୍କର ଆମୋଦ ନିମନ୍ତେ ୨ୟ ଦିନ ଷଣ୍ଢାର ସରକସ, କୁସ୍ତି, ଯାତ୍ରାପ୍ରଭୃତି ହେବ । ଏ ଉପାୟ ମନ୍ଦ ନୁହେ ମାତ୍ର ଜନା ଖେଳଗୃହରେ କୁସ୍ତିପ୍ରଭୃତି ଦେଖିପାଇବେ ଏତିକରେ ଯେ ମୋଫସଲର ଧନୀ ଓ ଦୈନ୍ତି ମାନେ ଆକୃଷ୍ଟ ହେବେ ଏମନ୍ତ ଆଶା ହେଉ ନାହିଁ । ସେହିଲ ଲୋକଙ୍କ ଆଣିବାର ଅନ୍ତତଃ ତେତେ ନବର୍ଷ ସଦାଶେ ବିଶେଷ ଉପାୟ ଅବଲମ୍ବନ କରନ୍ତୁ । ଅବଶ୍ୟକ । ପ୍ରଦର୍ଶନୀ କମିଟି ମୋଫସଲ ନାଲଟି ଓ ସରକାରୀ ମାହାଲର ମାନେଜର ଏବଂ କେତେକଣ ପ୍ରଧାନ ଜମିଦାରମାନଙ୍କୁ ଆପଣା୨ ଏଲାକାରୁ ତ ୫୭ ଣ ଲେଖାଏଁ ବଡ଼୨ ଲୋକଙ୍କୁ ପ୍ରଦର୍ଶନୀକୁ ପଠାଇବାର ବା ସଙ୍ଗେ ଆଣିବାର ଅନୁରୋଧ କରନ୍ତୁ ଏବଂ ଯେଉଁମାନେ ଆସିବେ ସେମାନଙ୍କ ବସା ଏବଂ ଖାଦ୍ୟ ଯୋଗାଇବାର ବନ୍ଦୋବସ୍ତ କରନ୍ତୁ ଏବଂ ସେମାନଙ୍କ ସମ୍ମୁଖରେ ପ୍ରଦର୍ଶନୀର ପୁରସ୍କାରମାନ ବିତରଣ କରନ୍ତୁ ତାହା ହେଲେ ଲୋକଙ୍କର ମନ ଲାଗିବ ଏବଂ ପରକୁ ଆପଣା ଇଚ୍ଛାରେ ମୋଫସଲରୁ ଲୋକେ ଆସିବେ ଓ ପ୍ରଦର୍ଶନୀକୁ ଦ୍ରବ୍ୟ ଆଣିବେ । ପ୍ରତିବର୍ଷ ଭିନ୍ନ୨ ଗ୍ରାମରୁ ଲୋକ ବାଛି ମୋଟରେ ତ ୧୦୦ ଣ ଆଣାଇଲେ ଯଥେଷ୍ଟ ହେବ ଏବଂ ସେମାନଙ୍କର ବସା ଓ ବାଟଖରଚରେ କମିଟିଙ୍କର ବ୍ୟୟ ଟ ୧୦୦ ଙ୍କାରୁ ଅଧିକ ହେବ ନାହିଁ । ଯେତେବେଳ ପର୍ଯ୍ୟନ୍ତ ଲୋକେ ପ୍ରଦର୍ଶନୀର ଉପକାରିତା ଏବଂ ପ୍ରୟୋଜନ ବୁଝି ପାରି ନାହାନ୍ତି ତେତେବେଳ ପର୍ଯ୍ୟନ୍ତ ସେମାନଙ୍କର ମନ ଆକର୍ଷଣ କରିବା କାରଣ ନାନା ଉପାୟ କରିବା ଆବଶ୍ୟକ ହେଉଅଛି ଏବଂ ତାହା କରି ଦେଖିବା ଉଚିତ ।

ଭାରତୀୟ ବ୍ୟବସ୍ଥାପକ ସଭାର ଗତପୂର୍ବ ଶୁକ୍ରବାରର ଅଧିବେଶନରେ ଉପସ୍ଥିତ ଦୁର୍ଭିକ୍ଷର କଥା ପଡ଼ିଥିଲା । ଅର୍ଥସଚିବ ମାନ୍ୟବର ଇବଟ୍‌ସନ ସାହେବ ପ୍ରକାଶ କଲେ କି ଗତ ଅକ୍ଟୋବର ମାସରେ ସେ ଅନୁମାନ କରିଥିଲେ କି ବ୍ରିଟିସ ରାଜ୍ୟାନ୍ତର୍ଗତ ରାଜ୍ୟ ମଧ୍ୟରେ ୧ ଲକ୍ଷବର୍ଗମାଇଲ ମଧ୍ୟରେ ବାସ କରୁଥିବା ଦେଢ଼କୋଟି ଲୋକ ଏବଂ ଦେଶୀୟ ରାଜ୍ୟର ଦେଢ଼ଲକ୍ଷବର୍ଗମାଇଲ ମଧ୍ୟରେ ବାସ କରୁଥିବା ପ୍ରାୟ ସେହି ସଂଖ୍ୟକ ଲୋକ ଦୁର୍ଭିକ୍ଷର କଷ୍ଟ ଭୋଗ କରିବେ । ବର୍ତ୍ତମାନ ଜଣାଯାଇଅଛି ଯେ ୧ ଲକ୍ଷ ୪୦ ହଜାର ମାଇଲ ବ୍ରିଟିସ ରାଜ୍ୟରେ ବାସ କରୁଥିବା ୨ କୋଟି ୨୦ ଲକ୍ଷ ଲୋକ ଏବଂ ୨,୩୦,୦୦୦ ବର୍ଗମାଇଲ ଦେଶୀୟ ରାଜ୍ୟରେ ବାସ କରିବା ୨ କୋଟି ୭୦ ଲକ୍ଷ ଲୋକ ମଧ୍ୟରେ ଦୁର୍ଭିକ୍ଷ ପଡ଼ିଅଛି । ଏପର ପ୍ରାୟ ଏକକୋଟି ଲୋକ ବାସ କରୁଥିବା ୭୫,୦୦୦ ବର୍ଗମାଇଲ ରାଜ୍ୟରେ ଅନ୍ନକଷ୍ଟ ଘଟିବାର ଆଶଙ୍କା ଅଛି । ସୁତରାଂ ଦୁର୍ଭିକ୍ଷ ନିବାରଣର ବ୍ୟୟ ଆସନ୍ତା ମାର୍ଚ୍ଚମାସ ଶେଷ ପର୍ଯ୍ୟନ୍ତ ୩୪ କୋଟି ଟଙ୍କାରୁ ଊଣା ହେବ ନାହିଁ । ତହିଁ ଉତ୍ତାରୁ କେତେ ବ୍ୟୟ ହେବ ବର୍ତ୍ତମାନ ଅନୁମାନ କରିବାର ଉପାୟ ନାହିଁ । ଯାହାହେଉ ଗବର୍ଣ୍ଣମେଣ୍ଟ ଯେତେବେଳେ ପ୍ରଜାର ପ୍ରାଣରକ୍ଷାର ଭାର ଗ୍ରହଣ କରିଅଛନ୍ତି ତେତେବେଳେ ତହିଁରେ ପଶ୍ଚାତ୍‌ପଦ ହେବେ ନାହିଁ ଏବଂ ତହିଁ ପାଇଁ ଯେତେ ବ୍ୟୟ ପଡ଼ିବ ଅକାତରେ ତାହା ସହିବେ । ତହିଁ ଉତ୍ତାରୁ ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁର କହିଦେଲେ ଯେ ଏଥିପୂର୍ବେ ଦୁର୍ଭିକ୍ଷ ସାହାଯ୍ୟ ଅତ୍ୟନ୍ତ ସାବଧାନ ପୂର୍ବକ ଅଳ୍ପ ବ୍ୟୟରେ ପ୍ରଦାନ କରିବା ସମ୍ବନ୍ଧରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କର ଯେଉଁ ଅଭିପ୍ରାୟ ବାହାରିଅଛି କେହି୨ ତହିଁର ବିପରୀତ ଅର୍ଥ କରୁଅଛନ୍ତି । ପ୍ରକୃତରେ ଅନାହାରରୁ ଲୋକଙ୍କର ପ୍ରାଣରକ୍ଷାର ପ୍ରୟୋଜନୀୟ ସାହାଯ୍ୟ ଦେବାକୁ ଗବର୍ଣ୍ଣମେଣ୍ଟଙ୍କର ଲେଶମାତ୍ର ଆପତ୍ତି ନାହିଁ । କେବଳ ଯେଉଁମାନେ ଅନ୍ୟ ପ୍ରକାରେ ଆପଣା ପ୍ରାଣରକ୍ଷା କରି ପାରନ୍ତି ସେମାନେ ଯେମନ୍ତ ସରକାରୀ ସାହାଯ୍ୟର ପ୍ରାର୍ଥୀ ନ ହୁଅନ୍ତି ଏବଂ ସମାଜ ମଧ୍ୟରେ ଅନ୍ୟାନ୍ୟ ସାହାଯ୍ୟର ଯେ ସମସ୍ତ ବାଟ ଅଛି ସେ ସମସ୍ତ ଯେମନ୍ତ ରୁଦ୍ଧ ନ ଯାଏ ଏହା ଗବର୍ଣ୍ଣମେଣ୍ଟଙ୍କର ଦେଖିବା କର୍ତ୍ତବ୍ୟ ଏବଂ ତହିଁପାଇଁ କଡ଼ା ଆଦେଶ ପ୍ରଦତ୍ତ ହୋଇଅଛି । ଅନ୍ୟଥା ସାହାଯ୍ୟ ଦେଉବାର କେତେ ସ୍ଥଳେ ବଡ଼ଲାଟ ବାହାଦୁର ପ୍ରତ୍ୟକ୍ଷ କରିଥିବାର ମଧ୍ୟ କହିଅଛନ୍ତି । ଏଥି ଉତ୍ତାରୁ ଗବର୍ଣ୍ଣମେଣ୍ଟଙ୍କର ଦୁର୍ଭିକ୍ଷ ସାହାଯ୍ୟ ନୀତିରେ କାହାର ସନ୍ଦେହ କରିବା ଉଚିତ ନୁହେ ।

—୦*୦—

ଓଡ଼ିଶାର ସ୍କୁଲ ସମୂହର ଇନ୍‌ସ୍ପେକ୍ଟର ରାୟ ରାଧାନାଥ ରାୟ ବାହାଦୁରଙ୍କର ବଦଳରେ କେବଳ ତାହାଙ୍କର ବନ୍ଧୁ ବାନ୍ଧବ ଓ ଅଧୀନସ୍ଥ କର୍ମଚାରୀମାନେ ଦୁଃଖିତ ଏକକ ନହେ । ସେମାନେ ତାହାଙ୍କର ଶାନ୍ତ ନମ୍ରପ୍ରକୃତି ଦୟା ସଦ୍ବ୍ୟବହାର ପାଣ୍ଡିତ୍ୟାଦି ଗୁଣମାନ ପାଶୋରି ପାରିବେ ନାହିଁ । ମାତ୍ର ଏଥିରେ ଓଡ଼ିଶାର ସାଧାରଣ କ୍ଷତି ହୋଇ ନାହିଁ ଏହା ଆମ୍ଭେମାନେ କହିବାକୁ ପ୍ରସ୍ତୁତ ନୋହୁଁ । ରାଧାନାଥ ବାବୁ ଓଡ଼ିଶାବାସୀ ଅବାଲ୍ୟ କାଳରୁ ଓଡ଼ିଶା ଶିକ୍ଷାବିଭାଗରେ କାର୍ଯ୍ୟ କରି ସାମାନ୍ୟ ଶିକ୍ଷକତାରୁ କ୍ରମଶଃ ସର୍ବୋଚ୍ଚ ପଦକୁ ଉନ୍ନତ ଲଭି ଯଶସ୍ୱୀ ହୋଇଥିଲେହେଁ ଓଡ଼ିଶାର ସୀମାର ବାହାରେ ତାହାଙ୍କର କାର୍ଯ୍ୟ କୁଶଳତା କେହି ପ୍ରତ୍ୟକ୍ଷ କରି ନ ଥିଲେ । ବର୍ତ୍ତମାନ ଅନ୍ୟତ୍ର ସେ ଆପଣାର କାର୍ଯ୍ୟ ନିପୁଣତା ଦେଖାଇ ସ୍ୱୟଂ ପ୍ରତିଷ୍ଠା ଲାଭ କରିବେ ଏବଂ ଓଡ଼ିଶାର ଗୌରବ ବଢ଼ାଇବେ ଏବଂ କର୍ମଚାରୀଙ୍କର ବଦଳ ହେବା ଗୋଟିଏ ସାଧାରଣ ସରକାରୀ ନିୟମ ସୁତରାଂ ତହିଁରେ ଚିନ୍ତାର ବିଷୟ କିଛି ନ ଥିଲା । ମାତ୍ର ଯେଉଁ କର୍ମଚାରୀ ଯେଉଁ ପ୍ରଦେଶରେ ଦୀର୍ଘକାଳ ରହି ସେଠାର ଭାଷା ଓ ରୀତି ନୀତି ଉତ୍ତମରୂପେ ଜାଣିଅଛନ୍ତି ଏବଂ ସେ ଭାଷାର ଶିକ୍ଷା ଉପରେ ନିର୍ଭର ହେବ ସର୍ବଦା ତହିଁରେ ଯତ୍ନବାନ ତାହାଙ୍କୁ ସେଠାରୁ ନେଇଯାଇ ତାହାଙ୍କ ସ୍ଥାନରେ ଭାଷା ଓ ଦେଶର ସମ୍ପୂର୍ଣ୍ଣ ଅନଭିଜ୍ଞ ଏକ ନୂତନ କର୍ମଚାରୀଙ୍କୁ ପଠାଇବା ହାରା ଓଡ଼ିଶା ପ୍ରତି ସୁବିଚାର ହୋଇ ନାହିଁ । ରାଧାନାଥ ବାବୁ ବଦଳ ହେବାର କାରଣ ସରକାରୀ କାଗଜରେ ଥିବା ଦେଖି ନାହୁଁ । ଜନରବ ତାହାଙ୍କ ରଚିତ ଖଣ୍ଡିଏ ପୁସ୍ତକରେ ରାଜଭକ୍ତିର ପ୍ରତିକୂଳ ଭାବ ଜନ୍ମାଇବା ଭଳି କିଛି କଥା ଥିଲା ମାତ୍ର ତାହା ସେ ଉଠାଇ ଦେଇ କ୍ଷମା ପ୍ରାର୍ଥନା କରିଅଛନ୍ତି ଏବଂ ବଦଳ ବିନା ତହିଁର ଅନ୍ୟ ଶାସନ ହୋଇ ପାରନ୍ତା । ପ୍ରକୃତରେ ରାଧାନାଥଙ୍କର ଯେତେ ଦୋଷ ଥାଉ ରାଜପ୍ରତିକୂଳ ଭାବ ଯେ ତହିଁ ମଧ୍ୟରେ ନାହିଁ ଏହା ତାହାଙ୍କର ଶତ୍ରୁ ସୁଦ୍ଧା ସ୍ୱୀକାର କରିବ । ଫଳତଃ ଦୋଷ ହେଲେ ମଧ୍ୟ ବଦଳ ବିନା ଅନ୍ୟ ଶାସନର ଅଭାବ ନାହିଁ । ବଙ୍ଗଳାର କୌଣସି ସମାଜ ବୁଝନ୍ତୁ ଯେଉଁଠାରେ ଭାଷା ନ ଜାଣିବା ଜଣେ ପରଦର୍ଶକ କର୍ମଚାରୀ ରହିଲେ କ୍ଷତି ନାହିଁ । ମାତ୍ର ଓଡ଼ିଶାର କ୍ଷୀଣ

Split by PDF Splitter
Digitized by srujanika@gmail.com

Split by PDF Splitter

ଶିକ୍ଷିତ ସମାଜରୁ ଏକଜଣ ପ୍ରଥମ ବ୍ୟକ୍ତିକୁ ବାଛି ନେବା ଗଭର୍ଣ୍ଣମେଣ୍ଟଙ୍କ ସନ୍ଦେହ ନାହିଁ । ଏବଂ ଯେବେ ସରକାରଙ୍କ ବିବେଚନାରେ ବଦଳ ଅନିବାର୍ଯ୍ୟ ହେଲା ତେବେ ଓଡ଼ିଶାର ଜଣେ ଶିକ୍ଷିତ ଲୋକ ଇନସ୍ପେକ୍ଟରୀ ପଦରେ ନିଯୁକ୍ତ ହେଲେ ସାଧାରଣ ଖେଦର ଆଶଙ୍କା ନାହିଁ । ସୁତରାଂ ଶିକ୍ଷା ବିଭାଗରେ ସେପରି ଯୋଗ୍ୟ ଲୋକ ନ ଥିବାର ସନ୍ଦେହ ହେଲେ ମଧ୍ୟ ପୂର୍ବେ ଯେମନ୍ତ ସ୍ୱର୍ଗୀୟ ବାବୁ ନନ୍ଦକିଶୋର ଦାସଙ୍କୁ ଡେପୁଟିରୁ ଜଏଣ୍ଟ ଇନସ୍ପେକ୍ଟର କରାଯାଇଥିଲା ବର୍ତ୍ତମାନ ସେହି ନ୍ୟାୟରେ ଯୋଗ୍ୟଲୋକ ବାଛି ନିଯୁକ୍ତ କରାଯାଇ ପାରେ ଏବଂ ଡେପୁଟି ସବଡେପୁଟି ଅଧ୍ୟାପକ କେତେକ ଉକଳ ସ୍ନାତକଙ୍କ ମଧ୍ୟରେ ସେପରି ଲୋକର ଅଭାବ ନାହିଁ ।

ଟ୍ରାନ୍ସଭାଲ ଯୁଦ୍ଧ ।

ତା ୧୪ ରିଖ ତାରସମାଦ । ଟୁଗେଲାନଦୀର ଉଭୟ ପାର୍ଶ୍ୱରେ ଯୁଦ୍ଧ ଲାଗିଅଛି । ରଏଟର ତା ୧୬ ରିଖରେ ଲେଡ଼ିସ୍ମିଥରୁ ତାରଖବର ଦେଇଅଛନ୍ତି ଯେ ଶତ୍ରୁମାନଙ୍କର ଅନ୍ୟୁବ ପାହାଡ ଉପରୁ ଲମ୍ପ ପ୍ରଦାନ କରିବାର ଦେଖା ଯାଉଥିଲା ।

ରଏଟର ତା ୧୧ ରିଖରେ ମଡ଼ାରନଦୀଠାରୁ ତାର ସମ୍ବାଦ ଦେଇଅଛନ୍ତି ଯେ ସେନାପତି ବାବିଙ୍ଗଟନ୍ ଅଶ୍ୱାରୋହୀ ସୈନ୍ୟ ସହ ଭୂଇ ବଳ ବାନ ଶତ୍ରୁମାନଙ୍କ ଅବସ୍ଥାନ ପରିଦର୍ଶନ କରି ଯେ କୋକସ୍ପ୍ରିଙ୍ଗ ବଗ ପ୍ରିଂସ୍ଫୋଣ୍ଟ ଉତ୍ତରେ ୨୦ ମାଇଲ ପର୍ଯ୍ୟନ୍ତ ପ୍ରବେଶ କରିଥିଲେ । କୌଣସି ଶତ୍ରୁ ସହିତ ତାଙ୍କର ଦେଖା ହେଲା ନାହିଁ କେବଳ ଶତ୍ରୁଙ୍କ ଅବସ୍ଥାନର ଶେଷ ପୂର୍ବ ଦିଗର ଦେଖିଥିଲେ । ଶତ୍ରୁମାନଙ୍କ ଦେଶାଭ୍ୟନ୍ତରରେ ପ୍ରବେଶ କରିବା ବ୍ରିଟିଶ ସୈନ୍ୟମାନଙ୍କ ପକ୍ଷରେ ଏହି ପ୍ରଥମ ହୋଇଅଛି ।

ତା ୧୫ ରିଖ ତାରସମାଦ । ଜେନେରଲ ଉଆଇଟ୍ ୧୧ ସହସ୍ର ସୈନ୍ୟ ଘେନି ପ୍ରେର ଠାରୁ ପୂର୍ବଦିଗରେ ଗମନ କରିଅଛନ୍ତି ।

ଅରେଞ୍ଜନଦୀରେ ଗୋଟିଏ ନୌକାର ସେତୁ ସ୍ଥାପନ କରା ହୋଇଅଛି ।

ମେଫକିଙ୍ଗକୁ ତୋପଦ୍ୱାରା ଧ୍ୱଂସ କରିବାର ତା ୧୬ ରିଖରେ ଆରମ୍ଭ ହୋଇଥିଲା ।

ତା ୧୬ ରିଖ ତାରସମାଦ । ଟୁଗେଲାନଦୀରେ ଗୋଟିଏ ନୂତନ ପୋଲ ତୟାର ହୋଇଅଛି । ପ୍ରିଟୋରିୟାଠାରୁ ତା ୧୪ ରିଖରେ ତାରସମାଦ ଆସିଅଛି ଯେ ବୁଅରମାନେ ମେଫକିଙ୍ଗର ଏକ ଅଂଶ ଅଧିକାର କରିଥିବାର ଦାବି କରନ୍ତି ।

ରେନ୍ସବର୍ଗରୁ ସମ୍ବାଦ ଆସିଅଛି ଯେ ଶତ୍ରୁମାନେ କୋଲେନ୍ସବର୍ଗ ଓ ହିଙ୍ଗର୍ଷଫଣ୍ଟେନ ମଧ୍ୟରେ ଅବସ୍ଥାନ କରୁଅଛନ୍ତି । ସେମାନଙ୍କୁ ଆକ୍ରମଣ କରା ହେଉଅଛି । ବୁଅରମାନେ ଗୋଟିଏ ପାହାଡ ଅଧିକାର ଚେଷ୍ଟା କରିବା ପାଇଁ ଚେଷ୍ଟା କରିଥିଲେ ମାତ୍ର ପରାଜିତ ହେଲେ ଫଳରେ ଜ ୨୧ ଣ ବୁଅର ହତ ଓ ଜ ୫୦ ଣ ଆହତ ହେଲେ ।

ତା ୧୭ ରିଖ ତାରସମାଦ । ଜନରବ ଉଠିଅଛି ଯେ ଫ୍ରିଷ୍ଟେଟବାସୀମାନେ ଯୁଦ୍ଧ ଶେଷ କରିବାକୁ ଚାହାନ୍ତି ।

ସାର ରେଡଭର୍ସବୁଲର ଅଗ୍ରସର ହେଉଅଛନ୍ତି ଯୁଦ୍ଧ ଘୋରତର ଲାଗିଅଛି ।

ରେନ୍ସବର୍ଗସ୍ଥ ଜେନେରଲଙ୍କ ତରଫରୁ ଜ ୭ ଣ ହତ ଓ ଜ ୭ଣ ଆହତ ହୋଇଥିଲେ ।

ତା ୧୮ ରିଖ ତାରସମାଦ, ବୁଅରମାନେ ଲେଡ଼ିସ୍ମିଥର ତା ୬ ରିଖ ଯୁଦ୍ଧରେ ଗର୍ଡ଼ନ ସୈନ୍ୟ ଦଳ ଜ ୩୦ ଣ ଆହତ ବ୍ୟକ୍ତି ଧରିଥିଲେ । ଜେନେରଲ ଲିଟଲଟନଙ୍କ ସୈନ୍ୟଦଳ ଟୁଗେଲା ପାର ହୋଇ ବୁଅରଙ୍କ ଗଡକୁ ଆକ୍ରମଣ କରୁଅଛନ୍ତି । ସାର୍ ଚାର୍ଲସ୍‌ୱାରେନଙ୍କ ସୈନ୍ୟଦଳ ଟୁଗେଲା ପାର ହେଉଅଛନ୍ତି । ଶତ୍ରୁମାନେ ନଦୀ ପାଖରୁ ମା ୫ ଘଇ ଦୂରରେ ଅବସ୍ଥିତ ହେବାର ଦେଖା ଯାଉଥିଲା । ଜେନେରଲ ବୁଲର ସରକାରୀ ସମ୍ବାଦ ପଠାଇଅଛନ୍ତି ଯେ ପଟଜିଟର ଡ୍ରିଫ୍ଟଠାରେ ଶତ୍ରୁସୈନ୍ୟର ଅବସ୍ଥାନକୁ ଗୋଲାବର୍ଷଣ କରାହେଉଅଛି ।

୮୫ ଗଜ ଲମ୍ବାର ନୌକା ପୋଲଦ୍ୱାରା ସାର୍ ଚାର୍ଲସ ଓ୍ୱାରେନ ମା ୫ ଘଇ ଉପରରେ ଟୁଗେଲାନଦୀ ପାର ହୋଇଅଛନ୍ତି । ଏହି ସୈନ୍ୟ ମା ୫ ଘଇ ଅଗ୍ରଗାମୀ ହୋଇଥିବେ ।

ବ୍ରିଟିଶ ସୈନ୍ୟ ଶତ୍ରୁ ସମ୍ମୁଖସ୍ଥ ଅଇସ ପାହାଡରେ ପ୍ରବେଶ ହୋଇଥିଲେ । ଦକ୍ଷିଣଅଫ୍ରିକାର ଅଶ୍ୱାରୋହୀ ନଦୀ ପର୍ଯ୍ୟନ୍ତ ଅନ୍ୟପାଖରେ ନୌକା ପୋଲକୁ ଧରିଥିଲେ । ଶତ୍ରୁମାନଙ୍କୁ ଅତର୍କିତ କରା ହୋଇଥିଲା ।

ଜେନେରଲ ବୁଲର ନିମ୍ନଲିଖିତ ଉତ୍ସାହ ପୂର୍ଣ୍ଣ ବାକ୍ୟ ତାଙ୍କର ସୈନ୍ୟ ବର୍ଗଙ୍କୁ କହିଅଛନ୍ତି । "ଅମ୍ଭେମାନେ ଲେଡ଼ିସ୍ମିଥରେ ଅବରୁଦ୍ଧ ଥିବା ଉ ଅମ୍ଭମାନଙ୍କର ବନ୍ଧୁମାନଙ୍କ ଉଦ୍ଧାର କରିବା ନିମନ୍ତେ ଅମ୍ଭେମାନେ ଅଗ୍ରସର ହେଉଅଛୁଁ । ଅମ୍ଭେମାନେ ଆଉ ପଶ୍ଚାତ୍ପଦ ହେବୁ ନାହିଁ ।" ସୈନ୍ୟମାନେ ଜୟଘୋଷା କରୁଅଛନ୍ତି ।

ତା ୧୯ ରିଖ ତାରସମାଦ । ଜେନେରଲ ଲିଟଲଟନଙ୍କ ପଦାତିକ ସୈନ୍ୟ ତା ୧୭ ରିଖରେ କେତେକ ସାମାନ୍ୟ ଲଢ଼ାଇ କରିଥିଲେ ନୌଟେପ ଅଲଗ ପାହାଡରେ ଅବସ୍ଥାପିତ କରା ହୋଇଥିଲା ଓ ତା ୧୭ ରିଖରେ ଶତ୍ରୁଙ୍କର ବାଲବକ ଲାଗିଥିଲା ।

ବୁଅରମାନେ ଅଳ୍ପ ଦଳ ହୋଇ ପାହାଡରୁ ପଶ୍ଚାତ୍ଗାମୀ କରିବାକୁ ଆରମ୍ଭ କରିଥିଲେ । ମଡ଼ାର ନଦୀଠାରୁ ସମ୍ବାଦ ଆସିଅଛି ଯେ ଲର୍ଡ ମାଥୁନ ସଶସ୍ତ୍ରରେ ଶତ୍ରୁ ସ୍ଥାନ ସବୁ ପରିଦର୍ଶନ କରିଥିଲେ । ହାଇଲେଣ୍ଡର ସୈନ୍ୟ ଦଳ ନଦୀଠାରୁ ଅଗ୍ରସର ହୋଇ ଶତ୍ରୁମାନଙ୍କୁ ଗୋଲାବର୍ଷଣଦ୍ୱାରା ଜଙ୍ଗଲଭିତରକୁ ତଡ଼ି ଦେଇଥିଲେ ।

ଲର୍ଡଡଣ୍ଡୋନାଲ ଅଶ୍ୱାରୋହୀ ପଦାତିକ ସୈନ୍ୟସହ ଏକଟିନହଲମ୍‌ସ ପଶ୍ଚିମରେ ବୁଅରଙ୍କୁ ଆକ୍ରମଣ କରିଥିଲେ । ଜେନେରଲ ୱାରେନ ଡେଗୁତ ଦଳ ସେନ ତାଙ୍କ ସହିତ ଯୋଗ ଦେଇଥିଲେ ।

ବୁଅରମାନଙ୍କୁ ଯୁଦ୍ଧ ସ୍ଥଳରୁ ବହିଷ୍କୃତ କରିଦେଇ ସେମାନେ ଉକ୍ତ ସ୍ଥାନ ଅଧିକାର କରିଥିଲେ ବୁଅରମାନଙ୍କ ମଧ୍ୟରୁ ଫିଲ୍ଡକର୍ଣ୍ଣେଟ ଓ ଜ ୧୬ ଣ ସୈନ୍ୟ ହତ ଓ ଆହତ ଓ ଜ ୧୫ ଣ ବନ୍ଦୀ ହୋଇଥିଲେ । ଇଂରେଜଙ୍କର ଜଣେ ଲେଫ୍ଟନଣ୍ଟ ସାହା ଓ ଜ ୨ଣ ବାହାର ଲୋକ ହତ ଓ ଜ ୧ ଣ ଆହତ ହୋଇଥିଲେ ।

ତା ୨୦ ରିଖ ତାରସମାଦ । ଲେଡ଼ିସ୍ମିଥଠାରୁ ହିଲିଓଗ୍ରାଫ ସମ୍ବାଦଦାତା ତା ୧୭ ରିଖରେ ସମ୍ବାଦ ପଠାଇଅଛନ୍ତି ଯେ ସେଠାର ଅବସ୍ଥା ପୂର୍ବବତ ରହିଅଛି । ଆଉ ଗୋଲାବର୍ଷଣ ହେଉ ନାହିଁ । ଉଦ୍ଧାରକାରକ ତୋପ ଧ୍ୱନି ସବୁ କଲେନ୍ସୋ ଟ୍ରିଙ୍ଗପିଲ୍ଡରେ ଶୁଣାଯାଇଥିଲା ।

କଲେନେସାର ସନ୍ନିକଟ ବୁଅର ସବୁ ଟୁଗେଲାର ଦକ୍ଷିଣତରଫକୁ ପାର ହୋଇ ଗୋଟିଏ ଗ୍ରାମର ଗୃହମାନ ଦାହ କରି ଦେଇଥିଲେ । କର୍ଣ୍ଣଲ ହିଲେଲଠାରୁ ଏକଦଳ ସୈନ୍ୟ ଆସିବାରୁ ସେମାନେ ପ୍ରତ୍ୟାଗମନ କରିଥିଲେ ।

ରେନ୍ସବର୍ଗଠାରୁ ରିଉଟର ସମ୍ବାଦ ଦେଇଅଛନ୍ତି ଯେ ଅଦ୍ୟପର୍ଯ୍ୟନ୍ତ ବୁଅରମାନଙ୍କ ମୋଟ ସୈନ୍ୟ ସଂଖ୍ୟା ୬୬୨୫ ଭଗ୍ନଖଣ୍ଡରେ ଏଷ୍ଟିମେଟ କରା ହୋଇଅଛି । ଜେନରଲ ଗାଟେକ ବୁଅରଙ୍କ ଅବସ୍ଥାନ ପ୍ରତି ଗୋଲାବୃଷ୍ଟି କରୁଅଛନ୍ତି ।

୫୦୦ ଭଲେଣ୍ଟିଏର ସାଉଦାମ୍ପଟନଠାରୁ ଜଳପଥେ ଯାତ୍ରା କରିଅଛନ୍ତି ।

ତା ୨୧ ରିଖ ତାରସମାଦ । ଜେନେରଲ ବୁଲର ତା ୨୦ ରିଖ ସନ୍ଧ୍ୟା ସମୟରେ ତାର

Digitized by srujanika@gmail.com

Split by PDF Splitter

ଖବର ଦେଇଗଲେଛନ୍ତି ଯେ ଜେନେରଲ କ୍ଲେରି ଜେନେରଲ ୱାରେନ୍‌ଙ୍କ ସୈନ୍ୟ ସେଲ ବୁଲରଙ୍କ ସହିତରେ ସକାଳ ଘ ୬ ଘଣ୍ଟାରୁ ସନ୍ଧ୍ୟା ଘ ୭ଟା ପର୍ଯ୍ୟନ୍ତ ଯୁଦ୍ଧ କରିଥିଲେ । ଅବଶେଷରେ ସେମାନେ ତିନ ମାଇଲ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ ।

ଲେଡିସ୍ମିଥଠାରୁ ସମ୍ବାଦ ଆସିଅଛି ଯେ ବୁଅରମାନେ ନୂତନ ତୋପ ସ୍ଥାପନ କରିଅଛନ୍ତି ଓ ସହର ତୋପଧ୍ୱନିରେ ଉଡ଼ାଇବାର ଚେଷ୍ଟା ବିଫଳ ହୋଇଅଛି । ଜେନେରଲ ବୁଲରଙ୍କ ତୋପଧ୍ୱନି ଶୁଣା ଯାଉଅଛି ଓ ତୋପସବୁ ଫାଟିବାର ଦେଖାଯାଉଅଛି । ଶତ୍ରୁସୈନ୍ୟମାନେ ଖାଡ଼ ମଧ୍ୟରେ ସମସ୍ତ ଦିନ ରହୁଅଛନ୍ତି ।

ଜେନେରଲ ବୁଲର ତାର ସମ୍ବାଦ ଦେଇଅଛନ୍ତି ଯେ ଭେଣ୍ଟରସ୍ପ୍ରୁଟଠାରେ ତା ୨୦ ରିଖରେ ଯେଉଁ ଯୁଦ୍ଧ ହେଲା ସେଥିରେ ଜ ୧୧ ଣ ଅଫିସର ଓ ଜ ୨୭୯ ଣ ସୈନ୍ୟ ଆହତ ହୋଇଥିଲେ । ଜେନେରଲ ୱାରେନ ଯୁଦ୍ଧରେ ସମସ୍ତ ଦିନ ପ୍ରବୃତ୍ତ ଥିଲେ । ପାହାଡ଼ ଉପରେ ଥାଇ ଯୁଦ୍ଧ କରିବା କଠିନ ଫଳ କରୁ ଜଣା ନ ହୋଇଥିଲେ ହେଁ ବିଶେଷ ଲାଭ ହୋଇଥିବାର ଅନୁମାନ ହୁଏ ।

ତା ୨୨ ରଖ ତାରସମ୍ବାଦ । ତା ୨୧ ରିଖରେ ତାଲଗେଲର ଯୁଦ୍ଧଭୂମିରୁ ଆସିଅଛି ଯେ ବୁଅରମାନେ ଟ୍ରିଗର୍ଡଫ୍ରୁର ଉତ୍ତରପଶ୍ଚିମରେ ମା ୪ ଇଲ ଦୂରସ୍ଥ ପାହାଡ଼ରେ ଅବସ୍ଥିତ କରୁଥିଲେ । ସେମାନଙ୍କର ଅବସ୍ଥାନ ଅର୍ଦ୍ଧ ଗୋଲାକୃତ । ଶତ୍ରୁମାନେ ରାତ୍ରିକାଳରେ ଅନିୟମିତରୂପେ ଗୋଳାବୃଷ୍ଟି କରୁଥିଲେ ସକାଳେ ଉଭୟପକ୍ଷରେ ଯୁଦ୍ଧ ହେବାରୁ ବ୍ରିଟିଶ ସୈନ୍ୟ ଶତ୍ରୁମାନଙ୍କର ଦୁଇ ଗୋଟି ଅବସ୍ଥାନକୁ ଦଖଲ କରିଅଛନ୍ତି । ବୁଅରମାନେ ଯେଉଁ ଖାଡ଼ ଖୋଳିଥିଲେ ତାହା ସେମାନେ ପରିତ୍ୟାଗ କରିଅଛନ୍ତି ଇଂରେଜସୈନ୍ୟ ତାହାକୁ ଦଖଲ କରିଅଛନ୍ତି । ବର୍ତ୍ତମାନ ବୁଅରମାନେ ପ୍ରଥମ ଅବସ୍ଥାନର ନିକଟରେ ଅର୍ଦ୍ଧଗୋଲାକୃତଭାବରେ ଅଛନ୍ତି । ଜେନେରଲ ହିଲ୍ଡିୟାର୍ଡ ଅଗ୍ରସର ହୋଇ ସେମାନଙ୍କୁ ଦୂରୀଭୂତ କରିବାର ବନ୍ଦୋବସ୍ତରେ ଅଛନ୍ତି । ଶତ୍ରୁସୈନ୍ୟର ଅର୍ଦ୍ଧ ମାଇଲ ଭିତରେ ବ୍ରିଟିଶ୍ ସୈନ୍ୟ ଲୁଚି ଅବସ୍ଥାନ କରୁଅଛନ୍ତି ।

ସାପ୍ତାହିକ ସମ୍ବାଦ ।

କଲିକତା-ଗେଜେଟ୍ ।

ପ୍ରୋବିସନ ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ଭୁବନେଶ୍ୱର ବାନାର୍ଜୀ ମୟୂରଭଞ୍ଜର ସଦର ମହକୁମାରେ ଅବସ୍ଥାପିତ ହେଲେ ।

ମିଃ ଯେ, ଏ, ଉଏଟ୍ସର ଓ ମିଃ ଏଚ ଭି, ଦେଓ ୧ମ ଗ୍ରେଡର ଜଏଣ୍ଟ ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ଓ ମିଃ ମହମ୍ମଦ ୟୁସୁଫ ୨ୟ ଗ୍ରେଡର ଜଏଣ୍ଟ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟରର ପଦକୁ ଉନ୍ନତ ହେଲେ ।

କର୍ଣ୍ଣମାନର ପେ ସାଂ ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ କ.କ ଜଣର ପୋଲିସ ବଙ୍ଗଳର ତଦନ୍ତ ଉଦ୍ଧରଣାର୍ଥେ ନିଯୁକ୍ତ ହେଲେ ।

ବାଲେଶ୍ୱର ବିଶେଷ ସବ୍‌ରେଜିଷ୍ଟ୍ରାର ବାବୁ ରାଧାମାଧବ ଜାୟୁକ ଏକ ମାସର ଛୁଟୀ ପ୍ରାପ୍ତ ହୋଇଅଛନ୍ତି ।

ଓଡ଼ିଶା ସ୍କୁଲସମୂହର ଇନ୍‌ସ୍ପେକ୍ଟର ମିଃ ଯେ, ଏ, ୱିଲ୍ସନ ଗତ ତା ୧୫ ରିଖଠାରୁ ୨୧ ଦିନ ଛୁଟୀ ଗ୍ରହଣ କରିଅଛନ୍ତି ।

ଆଗାମୀ ଏପ୍ରେଲ ମାସ ତା ୧ ରିଖଠାରୁ କଟକରେ ରେଣ୍ଟ ମୁନସଫ ସ୍ଥାପିତ ହେବ । ବାଲେଶ୍ୱର ସଦର ସବ୍‌ଡିଭିଜନର ଖୋର୍ଦ୍ଧ ଓ ଭଦ୍ରକ ସବ୍‌ଡିଭିଜନ ମୁନସଫି ସୀମା ଅନ୍ତର୍ଗତ ହେବ, ଧାମନଗର ଥାନା ଯାଜପୁର ମୁନସଫ ଅନ୍ତର୍ଗତ ରହିବ ।

ସବ୍ ଡେଃ କଲେକ୍ଟର ବାବୁ ଚନ୍ଦ୍ରଭୂଷଣ ଦାସ ବନ୍ଦୋବସ୍ତ କର୍ମରୁ ମୁକ୍ତି ପାଇବା ତାରିଖଠାରୁ ଏକମାସର ଛୁଟୀ ପ୍ରାପ୍ତ ହେଲେ ।

ଯାଜପୁରସ୍ଥ ସବ୍ ଡେଃ କଲେକ୍ଟର ବାବୁ ମୁରଲୀ ମିଶ୍ର ଇଂରାଜୀ ଭାଷାରେ ଫୌଜଦାରୀ ମୋକଦ୍ଦମାରେ ସାକ୍ଷ୍ୟ ଗ୍ରହଣ କରିବାର କ୍ଷମତା ପ୍ରାପ୍ତ ହେଲେ ।

ସବ୍ ଡେଃ କଲେକ୍ଟର ବାବୁ ସୁଦର୍ଶନ ଦାସ ଅନୁଗୁଳରୁ ସଦର ମହକୁମାରେ ଅବସ୍ଥାପିତ ହେଲେ ।

କଟକ ଜିଲ୍ଲା ସ୍କୁଲ ସମୂହର ଡେପୁଟୀ ଇନ୍‌ସ୍ପେକ୍ଟର ବାବୁ ରଘୁନାଥ ଘୋଷ ଗତ ତା ୧ ରିଖଠାରୁ ୩ୟ ଶ୍ରେଣୀର ଉନ୍ନତି ପ୍ରାପ୍ତ ହେଲେ ।

ବାଲେଶ୍ୱର ଜିଲ୍ଲା ସ୍କୁଲର ୩ୟ ଶିକ୍ଷକ ବାବୁ ଉପେନ୍ଦ୍ରନାଥ ଦତ୍ତ ଗୁପ୍ତ ୪ର୍ଥ ଶ୍ରେଣୀରେ ବାହାଲ ହେଲେ ।

ରେଭେନସା କଲେଜିଏଟ ସ୍କୁଲର ୫ମ ଶିକ୍ଷକ ବାବୁ ମହେନ୍ଦ୍ରନାଥ ଦତ୍ତ ଗତ ତା ୧ ରିଖଠାରୁ ୮ମ ଶ୍ରେଣୀରେ ନିଯୁକ୍ତ ହେଲେ ।

କଟକ ମେଡିକେଲ ସ୍କୁଲ ଜନରଲ ସମ୍ବନ୍ଧର ପରୀକ୍ଷା ନିମନ୍ତେ ଆଗାମୀ ମାର୍ଚ୍ଚମାସ ତା ୨୪ ରିଖ ଧାର୍ଯ୍ୟ ହୋଇଅଛି ।

ଏ ସପ୍ତାହରେ ଶୀତ ଅତ୍ୟନ୍ତ କମି ହୋଇ ବର୍ଷା ହେଲେ ଶୀଘ୍ର ଅଧିକ ହୋଇଗଲା । ଜାନୁୟାରୀ ପ୍ରାତଃକାଳରେ ଘନ କୁହୁଡ଼ି ଦେଖା ଯାଉଅଛି ଏବଂ ଅକାଳରେ ଶସ୍ୟ ମେଘ ଦେଖା ଯାଉଥିଲେ ହେଁ ବୃଷ୍ଟି ସଙ୍ଗେ ଅତି ଦେଖା ନାହିଁ । ବୋଧହୁଏ ଶୀଘ୍ର ବୃଷ୍ଟି ହେବ ।

ଋତୁ ପରିବର୍ତ୍ତନ ହେଉଥିବା ଯୋଗେ ସାମାନ୍ୟ ପ୍ରକାର ଜ୍ୱର ଏବଂ କ୍ଷୁଦ୍ର ଠାବେ ଦେଖା ଯାଉଥିଲେ ହେଁ ସେମାନଙ୍କର ସ୍ୱାସ୍ଥ୍ୟ ଭଲ ଅଛି ।

କଲେକ୍ଟରୀ ମହାଫିଜ ଖାନାର ମୋହରର ମହମ୍ମଦ ହାକିମ ସ୍ୱଇଚ୍ଛାରେ ହାତେକୁ ପଠା ହୋଇଅଛନ୍ତି ।

ଟେଙ୍କାନାଳରେ ଦ୍ୱିତୀୟ ଭୁବନଙ୍କର ନାମକ ଏକ ପ୍ରତାପଶାଳୀ ରଜା ଥିଲେ ମହରଟ୍ଟାଙ୍କ ସଙ୍ଗେ ଏହାଙ୍କର ଲଢ଼ାଇ ହୋଇଥିଲା । ସେ ସେତେବେଳେ ନିର୍ମିତ କରିଥିବା ଦୁର୍ଗର ଭଗ୍ନାବଶେଷ ବର୍ତ୍ତମାନ ଦେଖା ଯାଉଅଛି ।

ଭଦ୍ରଖ ସବଡିଭିଜନର ଲୋକଙ୍କୁ ଗୁଡ଼ିଏ ଭଣ୍ଡ ଅଛି । ଅଭିମନ୍ୟୁ ନାମକ ଜଣେ ବଣ୍ଡୁଆ ଲଗାଉଅଛି ।

ଭାରତଗୌରବ ବଙ୍କିମ ଚନ୍ଦ୍ର କେବେହେଁ ଭାରତ ସେବକ ଭବାନୀପୁରରେ ପରଲୋକରେ ମହାଦେବଙ୍କ ଠାରେ ବସନ୍ତ ପ୍ରକାର ହେବାର ପ୍ରାପ୍ତ ହୋଇଅଛି ।

ହୋମ କ୍ଷେତ୍ର ସୁବିଧା ହୋଇଥିବାରୁ ନରେଶ୍ୱରଙ୍କ ଦର୍ଶନ ନିମିତ୍ତ ଯାତ୍ରୀସଂଖ୍ୟା ଅଧିକ ହେଉଅଛନ୍ତି ।

ବାଲେଶ୍ୱର ନୂଆବଜାରରେ ଗେଟାବେଡ଼ ପର ପୋଲ ଯାଉଅଛି ।

। ଦୁ । ମାଡ଼ନନଗର କସ୍ତୋରୀ ନାମକ ଗ୍ରାମରେ ଅଧିକଂଶ ଲୋକ ଏକ ସ୍ଥାନରେ ଗୋଟିଏ ତାନ୍ତ ତିଆରି କରନ୍ତି । ତାନ୍ତ ବୁଣିବାର ଆଜିକାଲି ସେହି କଣ୍ଢେଇ କାର୍ଯ୍ୟ କରୁଅଛନ୍ତି ।

ଅଳଗା ଅଞ୍ଚଳରେ ଜାଲ ଭୟ ହେଉଅଛି ।

ମେଦିନୀପୁର କାନ୍ଥିଅଞ୍ଚଳର ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀ କୂଳରେ ମେଲୁଆଇ ନାମକ ଗୋଟିଏ ସ୍ଥାନରେ ପ୍ରତିବର୍ଷ ମକରସଂକ୍ରାନ୍ତିଠାରୁ ଏକମାସ ପର୍ଯ୍ୟନ୍ତ ଗୋଟିଏ ଯାତ୍ରା ହେଉଅଛି । ଗ୍ରାମପାଶର ରଜା ଓ ଜମିଦାରମାନେ ତାହାଙ୍କ ସାହାଯ୍ୟ କରନ୍ତି ।

ସ୍ୱର୍ଗେଶ୍ୱରପୁର ଗ୍ରାମରେ ଭଦ୍ରଯୋଗୀ ନାମକ ଗୋଟିଏ କୂପ ଅଛି । ଏହାର ପୂର୍ବଭାଗରେ ହା ୫୦ ଫିଟ ଗଭୀର ଜଳ ଏବଂ ପଶ୍ଚିମଭାଗରେ ହା ୩୨ ଫିଟ ଜଳ ଅଛି । ପୂର୍ବରେ ଜମା ଭ୍ରାନ୍ତ ଲୋକେ ଏହା ନିକଟରେ ବାସ କରିଥିଲେ ବୋଲି ପ୍ରବାଦ ଅଛି ।

ଖଣ୍ଡଗିରି ନାମକ ସ୍ଥାନରେ ଗୋଟିଏ ପ୍ରକାଣ୍ଡ ବରଗଛ ଅଛି ଏହିଗଛ ମୂଳରେ ଗୋଟିଏ ବଡ଼ ଗାତ ଅଛି । ସନ୍ଧ୍ୟାରେ ଏପରି ବଡ଼ଗଛ ଦେଖାଯାଏ ନାହିଁ ।

। ଶ୍ରୀ । ଡେଙ୍ଗଁ ମାହାଙ୍ଗା ନାମକ ଗ୍ରାମରେ ଗୋଟିଏ ଗାଈ ଶୃଙ୍ଗ ଓ ଏକା ଅଦ୍ଭୁତ ଗୋଟିଏ ଗୋରୁ ଦେଖା ଯାଉଅଛି ।

ଗୋରୁଙ୍କୁ ଟୀକା ଦେଲେ ନ ପ୍ରକାରରେ ବସନ୍ତ ରୋଗ ଉପସ୍ଥିତ ହୁଏ ତାହା ଅଧ୍ୟୟନ କରିବା ନିମନ୍ତେ ସରକାର ନେପାଳ ଗଭର୍ଣ୍ଣମେଣ୍ଟ ପ୍ରକୃତରେ ଜଣେ ଡାକ୍ତର ପଠାଇଅଛନ୍ତି । ସେହି ଅଞ୍ଚଳରେ ଏ ଟୀକା ସଫଳ ହେଉଥିବାର ଜଣାଯାଏ ।

ଗତ ମାସ ତା ୧୦ ରିଖରେ ଯୋଧପୁରର ମହାରାଜା କୋମ୍ପାନୀର ମହାମାରୀ ରୋଗର ଚିକିତ୍ସାଳୟ (ହାସପାତାଳ) ଦେଖିବାକୁ ଯାଇଥିଲେ । ସେଠାରୁ ଫେରାସ୍ତ ହୋଇ ଅଭିବାପୂର୍ବ ଚିକିତ୍ସାଳୟ ସକାଶେ ଟ ୧୫୦୦ ଟା ଏବଂ ଅନାଥ ଛାତ୍ରାଙ୍କ ସକାଶେ ଟ ୫୦୦ ଟା ଦାନ କରିବାର ସମ୍ବାଦ ମିଳଇ ।— ଏ ଦାନ ପ୍ରଶସ୍ତ ଘଟେ ।

କାଶ୍ମୀରଠାରେ ଶୁଣ ସତ୍ରଦାସ ଦଳ ମୁସଲମାନମାନେ ଅପଣା ମଧ୍ୟରେ ଦୁଇ ଦଳରେ ବିଭକ୍ତ ହୋଇ ଝଗଡ଼ା କରିବାରୁ ସେମାନଙ୍କ ମଧ୍ୟରୁ କେତେକ ଜଣ ଧୃତ ହୋଇ ଦଣ୍ଡନୀୟ ହୋଇଅଛନ୍ତି ।—ସତ୍ରଦାସ ଗତ ଦୈଶମ ହେତୁ ପରସ୍ପର ବିବାଦ ଲଗାଇବା ସ୍ୱଭାବ ନ ହୁଏ ଏଥସ୍ୱ ମୁସଲମାନମାନେ ମୂଳ କେବେ ବୁଝିବେ ?

ମଧ୍ୟପ୍ରଦେଶରେ ଦୁର୍ଭିକ୍ଷ ହେତୁ ବଙ୍ଗଳା ନାଗପୁର ରେଲବାଟରେ ରେଲଗାଡ଼ିର ଗତ ହ୍ରାସ କରିବାରୁ ପଶ୍ଚିମମାନେ ବାଧ୍ୟ ହୋଇଅଛନ୍ତି । କେବଳ ତାହ ରେଲଗାଡ଼ିର ଗତ ହ୍ରାସ ହୋଇ ନାହିଁ ।—ସେ ଅଞ୍ଚଳରେ ଜଳକଷ୍ଟର ଭାବ ଏଥୁଁ ପାଠକମାନେ ଅନୁମାନ କରନ୍ତୁ ।

ବୋମ୍ବାଇଠାରୁ ସମ୍ବାଦ ମିଳଇ ଯେ ଭୂଜ ନଗରଠାରେ ଗତ ମାସ ତା ୧୭ ରିଖରେ ରାତ୍ର ଏକ ଘଣ୍ଟା ସମୟରେ ଭୂକମ୍ପନ ସହିତ ଭୂମିକମ୍ପ ହୋଇଥିବାର ସମ୍ବାଦ ମିଳଇ । ଏ ଭୂକମ୍ପନରେ ଗୋଟା ଲୋକଙ୍କର ନିଦ୍ରାଭଙ୍ଗ ହୋଇଥିଲା । ଭଡବାଇଠାରେ ମଧ୍ୟ ସେହି ସମୟରେ ଭୂମିକମ୍ପ ହୋଇଥିଲା ।

କଲିକତାରୁ ୮୫୦୦୦ ଟଙ୍କାର ମୂଲ୍ୟର ଅଣ୍ଟ୍ରାଦ ସୁବର୍ଣ୍ଣ ଭରତକୁ ଅପହୃତ ହେବାର ସମ୍ବାଦ ମିଳଇ ।

Digitized by srujanika@gmail.com

ଲୁଧିଆନା ଅଫଗାନସ୍ଥାନର ସୀମାକୁ ୩୦୦୦ ସୈନ୍ୟ, ପଠାଯାଇଥିବା ବିଷୟରେ ବସୁମତୀ ଓ ଇଣ୍ଡିଆନ ମିରର ସମ୍ପାଦକମାନେ ପ୍ରକାଶ କରିଅଛନ୍ତି । ଏ ସମ୍ବାଦ ସତ୍ୟ ଥିଲେ ରୁଷିୟର ଦଳେଷ ଅଭିଯାନ ହେବ ମିଳ ନାହିଁ ଏବଂ ଅନେକ ଏ କଥା ଅବିଶ୍ୱାସ କରୁଅଛନ୍ତି ।

ବୋମ୍ବାଇ ଅଞ୍ଚଳରେ ମହାମାରୀ ପ୍ଲେଗର ପ୍ରକୋପ ଅତ୍ୟନ୍ତ ଅଧିକ ହୋଇଥିବାର ସମ୍ବାଦ ମିଳୁଅଛି । ଏଠାରେ ଗଲେ ଏକ, ଦୁଇ ଏ ଜେଲରେ ଅନେକ ହେଉଅଛନ୍ତି ଏବଂ ଦୈନିକ ମୃତ୍ୟୁସଂଖ୍ୟା ୭୪୪ ଠାରୁ ୮୧୪ ରେ ଅଛି ।

ଗାଙ୍ଗପୁର ସମ୍ବାଦ ।

ଅସ୍ମମାନଙ୍କର ଗଞ୍ଜାମ ସୁବର୍ଣ୍ଣ ଗାଙ୍ଗେୟ ଅଞ୍ଚଳ ଗୋଷ୍ଠ ଏ ବର୍ଷତ୍ର ତା ୭ । ୧ । ୧୯୦୦ ରଖରେ ମଣ ଅନ୍ତର । ଏଥା ଲକ୍ଷରେ (ସୁଭ ସହିତ) ୭୮ ଛ, ଉ ୫୭୪ ଓ ଉତ୍ତରେ ୭୩ ଛ, ୦୮ ୫ ଅଛି ।

ମଧ୍ୟପ୍ରଦେଶରେ ଅତ୍ୟନ୍ତ ଦୁର୍ଭିକ୍ଷ ଉପସ୍ଥିତ ହେବାରୁ ଏଠାକୁ ବଳେ ୭ ଲୋକ ପଳାଇ ଆସୁଅଛନ୍ତି । ଅଙ୍କ ୩ । ୪ ଜଣ ହେଲେ ବଳାତ୍କାର କରନ୍ତି ଲୋଚିଏ ଲୋକ ମୃତ୍ୟୁ ଅବସ୍ଥାରେ ଏଠାକୁ ଆସିଅଛି । ଅଧିକାଂଶ ଅସ୍ଥି ଚର୍ମ ସାର ହୋଇଅଛି ଏପରିକି ବସିବାର ଶକ୍ତି ନାହିଁ । ଏହାର ପାଇଁ କେହି ନାହିଁ କେବଳ ମାତ୍ର ସଙ୍ଗରେ ନଜର ବର୍ଷିଆ ଦେଖାଯାଉ ଅଛି ।

ଅଙ୍କ ୭ ୨ ଜ ହେଲା ଅବାଧ ମେଘ ଛନ୍ନ ହୋଇ ରହିଅଛି ଚଞ୍ଚଳ ବୃଷ୍ଟି ହୋଇ ନାହିଁ । ବୃଷ୍ଟି ହେଲେ ମହୁଆ ଫଳର ବିଶେଷ ଉପକାର ହେବ । ଏ ପ୍ରଦେଶମାନଙ୍କରେ ଅନେକ ଲୋକଙ୍କ ମହୁଆ ଖାଇ ମା ୭ । ୩ ସ ଜୀବନ ଧାରଣ କରନ୍ତି ।

ପଣ୍ଡିତମାନଙ୍କ ପ୍ରତି ।

ଶ୍ରୀ ମୁକୁନ୍ଦ କାବ୍ୟତୀର୍ଥ—କଲିକତାର ସଂସ୍କୃତ କାଲେଜର ପ୍ରଫେସର ପଣ୍ଡିତ ମହେଶଙ୍କ ସ୍ଥାପିତ କଲିକତା ପଦ୍ମଲେ ଗୋଲର ଜଣେ ଉତ୍ତୀର୍ଣ୍ଣ ଛାତ୍ର ଶ୍ରୀ ଦାମୋଦର ମିଶ୍ର କେଶବପୁରଠାରେ ଲୁକ୍ତ କାବ୍ୟ ଅଧ୍ୟୟନ ଶତନାମ ରଚନା ଗଙ୍ଗାଙ୍କର ବିବାହୋପଲକ୍ଷରେ “ ପରିଣୟ ବର୍ଣ୍ଣନା ” ନାମରେ ଖଣ୍ଡିଏ ସରଳ ସଂସ୍କୃତ କାବ୍ୟ ରଚନା କରି ବାବୁ ଗୁଣସ୍ତ୍ରହରି ପଣ୍ଡିତମହୋଦୟଙ୍କ ତହିଁରେ ପ୍ରୀତ ହୋଇ ତାହାଙ୍କୁ କୁଣ୍ଡଳ ପ୍ରଦାନ କରିଅଛନ୍ତି ବୋଲି କୃତଜ୍ଞତା ପ୍ରକାଶ କରିଅଛନ୍ତି ।

ଶ୍ରୀ ରଘୁନାଥ ନାୟକ—। ପ୍ର । କୋଦଣ୍ଡା ବେଲୁନ ଗ୍ରାମ ଶ୍ରୀ ବାଲୁକେଶ୍ୱର ମହାଦେବଙ୍କଠାରେ ପ୍ରାୟ ବ ୫୦ ବର୍ଷ ହେଲା ହୋଇଆସୁଥିବା ମେଳା ଏଥର କେଳମାସ ତା ୮ ରଖରେ ଆରମ୍ଭ ହୋଇ ତା ୯ ରଖରେ ଅତି ସମାରୋହରେ ଶେଷ ହେଲା । ପ୍ରଥମ ଦିନ ଅନନ୍ତ ଲାଭବଳ ପାଠ କଲାପରେ ହୋମ ଏବଂ ମହୋତ୍ସବ ଏବଂ ଅରୁଣ ମଧ୍ୟାହ୍ନ ପର୍ଯ୍ୟନ୍ତ ନାମସଂକୀର୍ତ୍ତନ ହୋଇଥିଲା । ପ୍ରାୟ ୩୦ ମଣ୍ଡଳ ସଙ୍କୀର୍ତ୍ତନ ସମବେତ ହୋଇଥିଲେ ।

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅସ୍ମେମାନେ ଦାୟୀ ନୋହୁଁ

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ,

ମୋର ନିମ୍ନଲିଖିତ କତିପୟ ଶ୍ଳୋକକୁ ଅନୁଗ୍ରହକରି ପ୍ରକାଶିତ କରିବା ହେଉନ୍ତୁ ।

ଶ୍ରୀଯୁକ୍ତ ରାୟ ରାଧାନାଥ ରାୟ ବାହାଦୂରଙ୍କ
କଟକ ଉପଲକ୍ଷେ ।

ଜନକ ନୂତ୍କଲଭୂମି ନ ଶୋଚ ତଂ
ଭୂମଧୁନା ଗୁଣନନ୍ଦନ ସୁନ୍ଦରଂ ।
ଅପରଦେଶମଠାଙ୍କନଯୁକ୍ତ ତା-
ମଲଉଚାମଲହୃତ୍ତ୍ୱ ଯଃ ସୁତଃ ॥
ବର୍ତ୍ତମାନବସୁଧାଙ୍କ ପ୍ରଦେଶଂ
ସ୍ମଂ ଉତ୍କୋଦମ୍ଭୁ ଭୂମେବ ହି ଭବ୍ୟଂ ।
କା ନ ନନ୍ଦତି ସୁତଂ ପରୀକ୍ଷ୍ୟ
ମପ୍ୟବେକ୍ଷ୍ୟ ଗୁଣରିଗୁତୋଷଂ ॥
ବାଲବୃଦ୍ଧତରୁଣାଃ ଜନଭଲ୍ଲାଃ
ଯେ ତୁ ଜୀବନ୍ତି କିନ୍ତୁ ଚିତ୍ତବଦ୍ଧାଃ ॥
କା ହତାଃ ନୁ ଇତି ତେ ତୁ ବଦନ୍ତଃ
ସଙ୍କଟଃ ପ୍ରକଟ ପୂର୍ଣ୍ଣ ମହାର୍ଥଂ ॥
ମା ଉତ୍କଳଧରେ ଶୁଚଂ କୁରୁ
ମଙ୍ଗଳେ ଜନଶୁଭଶୁଚଂ ଦୃଷ୍ଟି ।
ଉତ୍କଳଃ କସ୍ମ ନ ତେ ତନୟସ୍ୟ
ଭିନ୍ନଦେଶବନଯୋଜନମେତତ୍ ॥
ରାଧାନାଥ ! ଜଗିଲେ ଉତ୍କଳଧା ଭୂଦଣ୍ଡ
ମର୍ମିକତାନ୍ତକ ଜନଦେଶଙ୍କଂ ଜପନ୍ତ୍ୟ ।
ଯେ ତର୍ପୟଂ ତବ ସୁଖେ କବିବେଦପୃଷ୍ଟ
ଦୁଃଖଂ ନ ତେ ଜମ୍ଭୁ ବିଷାଦଗତାଃ ଭବେୟୁଃ
ଜନ୍ମା ତଦାତ୍ମି ତବ ବନ୍ଦ ନନ୍ଦେଶ୍ୱ ରାଧା-
ନାଥ ଭୂମ୍ୟା ଶ୍ରଦ୍ଧ ସନ୍ତୁଷ୍ଟିକଂ କୃତଂ ସୈଃ ।
କ୍ଷୁଦ୍ରେ ମହତ୍ୟପି ଜନେ ଚିପଲା ସ୍ୱଦୃଷ୍ଟିଂ
ଭୂମ୍ୟାଂ କଥୋପକଥନାବସରେଷୁ ଲୋକୈଃ
ସର୍ବୈ ହି ତେ କୃତ ନ ଶୂଦ୍ୟନିକୃଷ୍ଟବୁଦ୍ଧୈଃ
ଦେଶେଷୁ ପାଃସମ୍ବନ୍ଧେଷୁ ବଙ୍ଗବଦୁଷ୍ଟୈଃ ।
କ୍ଷମ୍ରେଷୁ ଶାସନଗତେଷୁ ଦର୍ଶୈଂକଶଚେଃ
ନାନ୍ଦଂ ଦୁରନ୍ତ ଭବତୋ ଦ୍ୟତଶୀତବୃତ୍ତେଃ ॥
ଜଗଦୀଶ କୃପାମ୍ଭୋଧେଃ ପ୍ରାର୍ଥନେୟଂ ଭବାନ୍ତକେ
ତବଂ ବସନ୍ତଂ ରାଧାନାଥଃ ସନ୍ତନୟଃ ସୁଖଂ ।

୧୭।୧।୧୯୦୦ { ଶ୍ରୀ ଦାମୋଦରନନ୍ଦ ଶର୍ମା
ହେଡ୍ପଣ୍ଡିତ ଯାଜପୁର
ହାଇସ୍କୁଲ

ମୂଲ୍ୟ-ପ୍ରାପ୍ତି ।

ପାଦ୍ରି ରେଭରେଣ୍ଡ ବେଣ୍ଡଲ-ହର କଟକ		୫ ୩ ୯
ଶ୍ରୀ ବାବୁ ଚନ୍ଦ୍ରନାଥ ଶୁର ଦେବ		୫ ୩ ୯
„ ଓସମେନ୍ଦ୍ର	ଚନ୍ଦ୍ରପାଡ଼	୫ ୩ ୯
„ କୃତ୍ତିବାସ ଦାସ	ଖୋର୍ଦ୍ଧା	୫ ୩ ୯
„ ରାଧାକାନ୍ତ ଘୋଷ	କଟକ	୫ ୯ (
„ ଜଗନ୍ନାଥ ପଣ୍ଡା	ବେରହାମ୍ପୁର	୫ ୩ (
„ ଶାନ୍ତିରଞ୍ଜନ ମହାନ୍ତି	ଅଠଗଡ଼	୫ ୦ ୩
„ ଶ୍ୟାମଚରଣ ମହାନ୍ତି ମୟୂରଭଞ୍ଜ		୫ ୩ (
„ ଗୌରାଙ୍ଗ ମହାପାତ୍ର	କଟକ	୫ ୯ ୩
„ ଦେବେନ୍ଦ୍ର କଞ୍ଜିଲାଲ	ମାଣ୍ଡେଲ	୫ ୩ (
ଶ୍ରୀ ରଜା ଅଲି ଜଗୁରାଉ ବାହାଦୂର ଗାନ୍ଧୁହାଲ	ହେଷ୍ଟ୍ରାର	୫ ୩ (
ଶ୍ରୀ ବାବୁ ଚକାମଣି ଦତ୍ତ ଭୂମିଦାରପୁର		୫ ୩ (

ବିଜ୍ଞାପନ ।

ବାର୍ଷିକ ଅଧିବେଶନ ।

ଆଗତ ଜାନୁୟାରି ମାସ ତା ୨୮ ରିଖ ରବିବାର ସନ୍ଧ୍ୟା ୫ ଘଣ୍ଟା ସମୟରେ ବାବୁ ଶ୍ରୀ ଗୌରୀଶଙ୍କର ରାୟଙ୍କ ଚୌଧୁରୀ ବଜାରସ୍ଥ ବସାଗୃହରେ କାୟସ୍ଥ ସଭାର ବାର୍ଷିକ ଅଧିବେଶନ ହେବ । କାୟସ୍ଥ ମହୋଦୟଗଣ ଅନୁଗ୍ରହପୂର୍ବକ ଉକ୍ତ ସମୟରେ ଉକ୍ତ ସ୍ଥାନରେ ଉପସ୍ଥିତ ହୋଇ ସଭାରେ ଯୋଗଦାନ ପୂର୍ବକ ବାଧିତ କରିବେ ।

ବଶମ୍ବଦ

କଟକ
ତା ୨୬ ରିଖ
ମାହେ ଜାନୁୟାରି
ସନ୧୯୦୦ମସିହା } ଶ୍ରୀ ବୈକୁଣ୍ଠନାଥ ଦତ୍ତ
ଶ୍ରୀ ଅକ୍ଷୟକୁମାର ଘୋଷ
ସମ୍ପାଦକ

ଅଲଙ୍କାରସାର ।

ବାମଣ୍ଡାର ସୁଯୋଗ୍ୟ ରାଜକୁମାର ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ଦେବ ମହୋଦୟ ପ୍ରଣୀତ “ଅଲଙ୍କାରସାର” ନାମକ ପୁସ୍ତକ ଭାଷା ବିଷୟକ ଜ୍ଞାନ ବୃଦ୍ଧି ସକାଶେ ପ୍ରତ୍ୟେକ ଭାଷାନୁରାଗୀ ବ୍ୟକ୍ତିଙ୍କର ଅବଶ୍ୟ ପାଠ କରିବା ଉଚିତ । ପୁସ୍ତକ ସରଳ ଭାଷାରେ ଉଦାହରଣ ସହିତ ରଚିତ ହୋଇଥିବାରୁ ପାଠକମାନେ ଅପରର ସାହାଯ୍ୟ ବ୍ୟତିରେକେ ବର୍ଣ୍ଣିତ ବିଷୟ ସହଜରେ ହୃଦୟଙ୍ଗମ କରି ପାରିବେ । ପୁସ୍ତକଖଣ୍ଡି ଉପାଦେୟ ହୋଇଥିବା କଥା ଉତ୍କଳଭାଷା ପାରଦର୍ଶୀ ପଣ୍ଡିତମାନେ ମୁକ୍ତକଣ୍ଠରେ ସ୍ୱୀକାର କରି ପ୍ରଣେତାଙ୍କୁ ଧନ୍ୟବାଦ ପ୍ରଦାନ କରିଅଛନ୍ତି । ଏହି ପୁସ୍ତକ କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକଦୋକାନରେ ଏବଂ ବାମଣ୍ଡା ଛାପାଖାନାରେ ଅଶାଗତ ମୂଲ୍ୟ ମୂଲ୍ୟ ଗ୍ରହଣରେ ବିକ୍ରୟ କରାଯାଉଅଛି । ଡାକମାସୁଲ ଏକଅଣା ମାତ୍ର ।

Split by PDF Splitter

Digitized by srujanika@gmail.com

Split by PDF Splitter

NOTICE.

Is hereby given that a sea-going Life Boat called "Esther" belonging to the Orissa Commissioner, is for sale by public auction at the Commissioner's office, at 12 A. M., on Thursday, the 1st: February 1900.

The Boat was attached to the Ship "Kahnia" which was wrecked in 1885, and is a 6-oared clinker-built Ship's Life-Boat measuring 26'-6" X 7'-3" X 3'-1" with main, fore and Jib sails complete and in good order. She has 2 awnings, a small iron tank and 4 casks for fresh water. Intending purchasers can inspect the Boat which is moored below the Taldanda Cannal Head-Lock at Jobra.

(By Order)
GOPAL BULHUB DAS
Personal Assistant to
Commissioner.

ବିଜ୍ଞାପନ ।

କୋର୍ଟ ଅଫ୍‌ଓ୍ୱାର୍ଡ୍‌ସଙ୍କ ଅଧୀନସ୍ଥ ମୟୂରଭଞ୍ଜ ଷ୍ଟେଟର ଜଇପୁର ତହସିଲ କଚେରୀ ସକାଶେ ମାସିକ ଟ ୬୦୧ଙ୍କା ବେତନରେ ଏକଜଣ ତହ-ସିଲଦାର ଆବଶ୍ୟକ । ତହସିଲଦାରଙ୍କୁ ନଗଦ ୨୫୦୦ଙ୍କା (ପାଞ୍ଚଶତ ଟଙ୍କା) ଜାମିନ ଦେବାକୁ ହେବ । ଯେ ୨ ଶ ମୋହରର ଓ ୨ ଶ ଚପରାସୀ ସାହାଯ୍ୟରେ ବାର୍ଷିକ ପ୍ରାୟ ଟ ୮୦୦୦ ଙ୍କା ଅସୁଲ କରିବାକୁ ହେବ । ପ୍ରାର୍ଥୀମାନେ ସୁ ପ୍ରଶଂସା ପତ୍ର ସହିତ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟକୁ ଆଗାମୀ ଫେବୃୟାରିମାସ ତା ୧୫ ରିଖ ମଧ୍ୟରେ ଆବେଦନ କରିବେ ।

ବିଶାପୁର
ତା୧୬ରିଖ
ଜାନୁଆରି
ସନ୧୯୦୦

Gopeemohan Roy
ମେନେଜର । ମ । ମୟୂରଭଞ୍ଜ
। ପୋ: ଅ । ଧର୍ମଶାଳା
। ଜି । କଟକ ।

ବିଜ୍ଞାପନ ।

କଟକ ଟ୍ରେନିଂ (ନର୍ମାଲ) ସ୍କୁଲର ଅନ୍ତର୍ଗତ ସ୍କଲାରସିପ୍ ନିମ୍ନଶ୍ରେଣୀ ଜମିନ୍ ନାହିଁ ୪ ୫ କାର ୬୦ ଗୋଟି ବୃତ୍ତି ଆଗାମୀ ଫେବୃୟାରି ମାସରେ ଖାଲି ହେବ । ପ୍ରବେଶାର୍ଥୀମାନଙ୍କର ମଧ୍ୟ ଶ୍ରେଣୀ ଛାତ୍ରବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଥିବା ଆବଶ୍ୟକ । ଆବେଦନକାରୀମାନେ ଉକ୍ତ ମାସ ପହିଲା ତାରିଖର କମ୍ ଚଉପୂର୍ବେ ଆମ୍ଭ ନିକଟରେ ଉପସ୍ଥିତ ହୋଇ ଆବେଦନ କରିବେ

କଟକ ଟ୍ରେନିଂସ୍କୁଲ
୧୦।୧।୧୯୦୦

Madhusudan Rao
Hd. Master, Training
School, Cuttack

ବିଜ୍ଞାପନ ।

ଦେଖ ! ଦେଖ !! ଦେଖ !

କଟକ ପ୍ରଦର୍ଶନୀ (ହାଟ)

ଆଗାମୀ ଫେବ୍ରୁୟାରି ମାସ ତା ୨ ରିଖ ଶୁକ୍ରବାର ଦିନ (ଶ୍ରୀପଞ୍ଚମୀର ୨ ଦିନ ପୂର୍ବେ) କଟକରେ ଯେଉଁ ପ୍ରଦର୍ଶନୀ ହେବ ସେ ପ୍ରଦର୍ଶନୀରେ ସରକାରଙ୍କ ତରଫରୁ ଗଭର୍ଣ୍ଣମେଣ୍ଟ ବାଗ ପ୍ରସ୍ତୁତ ନାନା ପ୍ରକାର ଶସ୍ୟ, ଶାକସବ୍‌ଜି, ଫଳମୂଳ ଏବଂ ଅନେକ ଜାତି କଳ, ଲାଙ୍ଗଳ ପ୍ରଭୃତି ଆସିବ । ମୋଫସଲ ଲୋକଙ୍କର ଏ ସବୁ ଦେଖିଯିବା ଉଚିତ ।

ଗୋଟିଏ ବିଶେଷ କଥା ଏହି ଯେ ଏ ଦେଶରୁ କଲିକତାକୁ ଯେ ଖୋଟ ଓ ଛପେଇ ଯାଏ ତାହା ଜଣା ହେବା ଦୋଷରୁ କମ ଦାମ ଓ ନୁକସାନ ହୋଇଥାଏ । ଏଥିରେ କାହିଁ ଠାଉରିଲେ କଣ ହେବ ତାହା ଖୋଟ ଓ ଛପେଇ ବ୍ୟବସାୟୀମାନଙ୍କର ଦେଖିଯିବା ନିତାନ୍ତ ଆବଶ୍ୟକ ।

ଯେଉଁମାନେ ମୋଫସଲରୁ ପ୍ରଦର୍ଶନୀ (ହାଟ) ଦେଖିବାକୁ ଆସିବେ ସେମାନଙ୍କ ଆମୋଦପ୍ରମୋଦ ନିମନ୍ତେ ହାଟର ଦ୍ୱିତୀୟ ଦିନ ଅର୍ଥାତ୍ ଫେବୃୟାରି ତା ୩ ରିଖ ଶନିବାର ଦିନ କୁସ୍ତି, ମାନ୍ଦ୍ରାଜରୁ ଆସିଥିବା ସରକସ୍, ନାଚ ତମାସା ପ୍ରଭୃତି ହେବ । ଏଥିପାଇଁ କାହାରିକି ପଇସା ଦେବାକୁ ପଡ଼ିବ ନାହିଁ ।

କେବଳ ପ୍ରଥମଦିନ ଟିକଟ ପାଇଥିବା ବ୍ୟକ୍ତିମାନେ ପ୍ରଦର୍ଶନୀ ବା ହାଟ ଭିତରକୁ ଯାଇପାରିବେ । ତହିଁ ଆଇଦନ ସମସ୍ତଙ୍କୁ ଖୋଲା । ଅତି ଅଧିକ ଭିଡ଼ ବା ଗୋଳମାଳ ହେଲେ ହାଟ ଭିତରକୁ ଯିବାର କିଛି ବନ୍ଦୋବସ୍ତ କରାଯାଇପାରେ କିନ୍ତୁ ତହିଁପାଇଁ ପଇସା ପଡ଼ିବ ନାହିଁ ଏବଂ କାହାରିକୁ ଏଥିପାଇଁ ମନା କରାଯିବ ନାହିଁ ।

କଟକ
[illegible]

Albert E. Brown
Constable
Honorary Secretary
Exhibition Committee.

ଶ୍ରୀଯୁକ୍ତ ଟଏନବି ସାହେବଙ୍କ

ଓଡ଼ିଆ

ରେଭିନ୍ୟୁ ଡାଇରେକ୍ଟରି ମ୍ୟାନୁଏଲ

ତହସିଲଦାର କଲିକ୍ଟେଶନ ତହବିଲରୁ ଏହି ବହି ଖଣ୍ଡିଏ ଲେଖାଏ କିଣିବାପାଇଁ କଟକର ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବ ଟେକ୍ସ ଅଦାୟ କାରୀ ସବୁ ମେମ୍ବରଙ୍କ ପ୍ରତି ଆଦେଶ ଦେଇ ପରୁ-ଅଛନ୍ତି ବାହାର କରୁଅଛନ୍ତି ।

ଏଥିପାଇଁ ପରୱାନିୟା ଫୋ ଷ୍ଟାମ୍ପ ଖଣ୍ଡିଏ ଫୁଲା ଲେଖିବାକୁ ପଡ଼ିବ ନାହିଁ । ମାଜିଷ୍ଟ୍ରେଟ ସାହେବଙ୍କ ଆଜ୍ଞା ଅନୁସାରେ ଆମ୍ଭର ମନୁଷ୍ୟ ଯାଇ ବହି ଦେଇ ପଇସା ନେଇ ଆସିବ । ଦାମ ପଠାଇବାର ଫର୍ଦ୍ଦ ଫୁଲା ପଡ଼ିବ ନାହିଁ । ତେବେ ବହି ନେବା ସଙ୍ଗେ ଦାମ ଦେବାକୁ ପଡ଼ିବ । ମେମ୍ବରମାନଙ୍କୁ ଅନୁରୋଧ ଯେ ଆମ୍ଭ ମନୁଷ୍ୟ ପହଞ୍ଚିଲା ମାତ୍ରକେ ବହି ନେଇ ଦାମ ଦେଇ ବିଦାୟ କରିଦେବେ ।

କଟକ ଓ ବାଲେଶ୍ୱରର ହାକିମମାନଙ୍କ ବ୍ୟବହାର ପାଇଁ ଗବର୍ଣ୍ଣମେଣ୍ଟ ଏହି ବହି କିଣି-ଅଛନ୍ତି ।

ଟେକ୍ସ ଅଦାୟ ନିମନ୍ତେ ମାନଙ୍କ ପାଇଁ ବାଲେଶ୍ୱର ମାଜିଷ୍ଟ୍ରେଟ ୨୫୦ ଓ ପୁରୀ ମାଜିଷ୍ଟ୍ରେଟ ୧୨୦୦ ଖଣ୍ଡ ନେଇ-ଅଛନ୍ତି ।

ମଲାଟ ବନ୍ଧାଇ ବହିର ଦାମ   ଟ ୧ ୧
କାଗଜ ବନ୍ଧାଇ ବହିର ଦାମ   ଟ ୦ ୧୦

ଟ ୦ ୧୦ (ଦଶଅଣା) ବହି ମଫସଲ ପଠାଯାଉଛି । ଯେଉଁମାନେ ଟଙ୍କା ଦିଆ କହି ଗୃହିବେ ସେମାନେ ଦୋକାନରୁ ଖରିଦ କରିବେ

କଟକ
ଶ୍ରୀ ଗୋପାଳଚନ୍ଦ୍ର ଦାସ
ଓଡ଼ିଶା ଇଣ୍ଟେଲିଜେନ୍ସ ଅଫିସ
ଅଧ୍ୟକ୍ଷ ।

ପ୍ରୟୋଜନୀୟ ପୁସ୍ତକ ।

ପାରିବାରିକ ଚିକିତ୍ସା ଚାରିଅଣା, ଜ୍ୱର ଚିକିତ୍ସା ଛଅଅଣା, ଗୋ ଚିକିତ୍ସା ୧ ମଲାଟ ଏକଅଣା, ୨ ପ୍ରସ୍ଥ ଦୁଇଅଣା, ବିସୂଚିକା ଚିକିତ୍ସା ଏକଅଣା, ବସନ୍ତରୋଗ ଚିକିତ୍ସା ଉପରଲିଖା ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ଯେଉଁମାନେ ସାମାନ୍ୟ ଲେଖାପଢ଼ା ଜାଣିଥିବେ, ସେମାନେ ସହଜ ପ୍ରାପ୍ୟ ଚେର, ମୂଳ, ପତ୍ରଇତ୍ୟାଦି ଉପଯୋଗ୍ୟ ରୋଗମାନ ଦମନ କରିପାରିବେ । ପାରିବାରିକ ଚିକିତ୍ସାର ସଂସ୍କରଣ ଏକଅଣାରେ ମିଳିବ । ସବୁଶ୍ରେଣୀର ପୁସ୍ତକ ମଧ୍ୟରେ ଏହା ସର୍ବୋତ୍କୃଷ୍ଟ ହେବରୁ ସୁପାଠ୍ୟ ହୋଇଅଛି ।

Digitized by srujanika@gmail.com

ବିଜ୍ଞାପନ ।

ଉଦ୍‌ଯୋଗିସମିତିର ଭଣ୍ଡାର

କଟକ

କ୍ରେତା ଓ ବିକ୍ରେତାର ସ୍ୱାର୍ଥ ଯହିଁରେ ବ୍ୟାଘାତ ନ ହୁଏ, ଅର୍ଥାତ୍ କ୍ରେତାର ଲାଭରେ ବିକ୍ରେତାର ଲାଭ ଏବଂ ବିକ୍ରେତାର ଲାଭରେ କ୍ରେତାର ଲାଭ ହୋଇପାରେ, ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ ଭଣ୍ଡାର ସ୍ଥାପିତ ହୋଇଅଛି । ପ୍ରବଞ୍ଚନା, କ୍ରୟ ସମୟରେ ଅକାରଣ ବାକ୍‌ବିତଣ୍ଡା ପ୍ରଭୃତିଠାରୁ କ୍ରେତାମାନଙ୍କୁ ରକ୍ଷା କରିବା ନିମନ୍ତେ ବିଶେଷ ଉପାୟ କରା ହୋଇଅଛି । ଦୋକାନରେ ରଖା ଯାଇଥିବା ଦ୍ରବ୍ୟାଦିର ମୂଲ୍ୟର ତାଲିକା କ୍ରେତାମାନେ ଦେଖିପାରନ୍ତି । ସେହି ନିର୍ଦ୍ଦିଷ୍ଟ ମୂଲ୍ୟର ହ୍ରାସ ବୃଦ୍ଧି କରିବାର କ୍ଷମତା କର୍ତ୍ତୃପକ୍ଷ ଛଡ଼ା ଅନ୍ୟ କାହାର ନାହିଁ । କର୍ତ୍ତୃପକ୍ଷ ମଧ୍ୟ ବିଶେଷ ବିବେଚନାର ସହିତ ଯେତେଦୂର ସମ୍ଭବ ମୂଲ୍ୟ ସୁଲଭ କରିଥାନ୍ତି । ସମୁଦାୟ ଦ୍ରବ୍ୟର ତାଲିକା ଦେବା ସମ୍ଭବ ନୁହେଁ । ପ୍ରଧାନ ୨ କେତେକ ଦ୍ରବ୍ୟର ନାମ ପ୍ରକାଶ କରାଯାଉଅଛି ।

ଦେଶୀ ଚମ୍ବକ, ଚନ୍ଦ୍ରକୋଣା, ଫରାସଡ଼ଙ୍ଗା, ଯାଜପୁର ଓ ଶାନ୍ତିପୁରୀ ଧୂତି ଚଦର ଓ ଶାଢ଼ି; ଇଂଲଣ୍ଡର ଚଦର, ଗରଦ, ବାପ୍ତା; ନାନା ରଙ୍ଗର ପଶମି ଲୁଗା; କୋମ୍ପାନି, ମାଦ୍ରାଜ, ନାଗପୁର, ଅହମଦାବାଦ ଓ କାନପୁର ପ୍ରଭୃତି ସ୍ଥାନର କଳର ଧୂତି ଚଦର ଲଂକ୍ଲଥ ଛିଟ ମେଳ ତଉଲିଆ ଗାମୁଛା ପ୍ରଭୃତି; ସର୍ବପ୍ରକାର ବାଦାମି ଓ ଧଳା କାଗଜ, ଚିଠିର କାଗଜ, ଲେଫାଫା, ଦୁଆତ, କାଳି, କଲମ, ପେନ୍‌ସିଲ, ଲବେଲ, ହୁକ୍, କଇଁଚି, ହୋଲ୍ଡର ପେନ, ନିବ ପ୍ରଭୃତି, ସର୍ବପ୍ରକାର ଷ୍ଟେସନାରି ଦ୍ରବ୍ୟାଦି । ସର୍ବପ୍ରକାର ସାବୁନ, ବହୁବିଧ ସୁଗନ୍ଧ ତୈଳ ଓ ସୁଗନ୍ଧ ପାଣି; ବାର୍ଲି, ଆରାରୁଟ, ପଥ୍ୟ ପ୍ରଭୃତି ରୋଗୀମାନଙ୍କର ବହୁବିଧ ପଥ୍ୟ; କଟକର ବିଖ୍ୟାତ ତାରକସି, ପାଉଁଶ ଓ ଖେଳଣା, ଏବଂ ରୂପାର ଉତ୍କୃଷ୍ଟ ପଲ, ଅଳଙ୍କାର, ଗୋଲାପ-ପାଶ, ରେକାବି, ନାନାବିଧ ଅଳଙ୍କାର । ଏହାଛଡ଼ା ଅନ୍ୟ ଦ୍ରବ୍ୟ ନେବାକୁ ଇଚ୍ଛାକଲେ ମୂଲ୍ୟର କେତେକାଂଶ ଜମା ଦେଲେ ସୁଲଭମୂଲ୍ୟରେ ଆଣି ଦିଆଯାଏ । କେନ୍ଦ୍ର ଦେଉଡ଼ି ଅଦାଲତର ସମ୍ମୁଖରେ ଭଣ୍ଡାର ସ୍ଥାପିତ ।

ନୂତନ ଆମଦାନୀ

ନାନାବିଧ ଶୀତବସ୍ତ୍ର ।

ବନାରସ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଖୁଚୁରା ଓ ପାଇକାରୀ ବିକ୍ରୀ ହୁଏ । ଜମିଦାରମାନଙ୍କୁ ବିଶେଷଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । କନିକା, କେନ୍ଦୁଝର, ଆଠମଲ୍ଲିକ, ରାୟଗଡ଼, ସରାଇକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଚୋଡ଼ି, ପଗଡ଼ି, ଡୋପଟ୍ଟା, ବାଫ୍ତା ସଙ୍ଗୀ ଦୋପଟ୍ଟା ମଖମଲ, ଶିରରେ ବାନ୍ଧିବାର ପେଟି, ରୁମାଲ, ଶାଲ ଏବଂ ନାନା ପ୍ରକାର ଉତ୍ତମ କପଡ଼ା ଅଙ୍ଗରଖା ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ଦାନ୍ତର ପ୍ରଭୃତି ବସ୍ତୁ ଅର୍ଡ଼ର ଅନୁସାରେ ତିଆରି କରାଇ ଦେଉଁ । ଅର୍ଡର ଦେବାବେଳେ ଆନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦୀ ବା ଇଂରାଜୀରେ ଲେଖିଲେ ଶୀଘ୍ର ପତ୍ର ଆମ୍ଭର ହସ୍ତଗତ ହେବ ।

ରେଲ୍‌ୱେପେବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରସ୍ତ ନିଆଯାଏ ।

ଶ୍ରୀ ପାନ୍ନାଲାଲ କେଦାରନାଥ
କୁଞ୍ଜଗଲି ଫାଟକ ବନାରସ ସିଟି

ଇଣ୍ଟ୍ରାନ୍ସ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ଦରରେ ପରିମାଣରେ କମିସନ ଦିଆଯାଏ । ନାନାପ୍ରକାର କାଗଜ, ପେନ୍‌ସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ଦୋକାନରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ମେନେଜର ।

ନୂତନ ପୁସ୍ତକ ।

ସଚିତ୍ର

ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି ତହିଁର ମୂଲ୍ୟ ଏକସାଙ୍ଗରେ ଟ ୧୨୶୵ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଛି ଯଥା;—

୧ ଆଦ୍ୟ ପର୍ବ	ଟ ୨୲
୨ ମଧ୍ୟ ପର୍ବ	ଟ ୨୲
୩ ସଭା ପର୍ବ	ଟ ୨୲
୪ ବନ ପର୍ବ	ଟ ୨।
୫ ବିରାଟ ପର୍ବ	ଟ ୧।
୬ ଉଦ୍‌ଯୋଗ ପର୍ବ	ଟ ୧।
୭ ଭୀଷ୍ମ ପର୍ବ	ଟ ୧।
୮ ଦ୍ରୋଣ ପର୍ବ	ଟ ୧୧
୯ କର୍ଣ୍ଣ ପର୍ବ	ଟ ୦।୵
୧୦ ଶଲ୍ୟ ପର୍ବ	ଟ ୦୶
୧୧ ଗଦା ପର୍ବ	ଟ ୦।
୧୨ ଜାଗରିକା ବା ଐଷିକ ପର୍ବ	ଟ ୦।୵
୧୩।୧୪ ଦଣ୍ଡ ଓ ଶାନ୍ତି ପର୍ବ	ଟ ୦୶
୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ	ଟ ୦୲
୧୭ ମୌଷଳୀ ପର୍ବ	ଟ ୦।୵
୧୮ ସ୍ୱର୍ଗାରୋହଣ ପର୍ବ	ଟ ୦।
ସଚିତ୍ର ତୈଳଙ୍ଗ ଭକ୍ତାମୃତ	ଟ ୨୲
ସଟୀକ ଅମରକୋଷ ଅଭିଧାନ ପଦ୍ୟାନୁବାଦକ	ଟ ୧।
ଚଣ୍ଡିକାମଙ୍ଗଳ ଥରେ	ଟ ୦।୵
ବଙ୍ଗ ଶର୍କରା ବିଶ୍ୱାସ	ଟ ୦୲
ଶିବତତ୍ତ୍ୱସାର ବା ଶୈବଜୀବନ	ଟ ୦୶

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ହାର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

ଧାଡ଼ିପ୍ରତି	ଟ ୦୵
ଅର୍ଦ୍ଧସ୍ତମ୍ଭକୁ	ଟ ୨୧
ପୂର୍ଣ୍ଣ ଏକ ସ୍ତମ୍ଭକୁ	ଟ ୩୧

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ହାର ଟ ୦୲ ଠାରୁ ଊଣା ହେବ ନାହିଁ

ଦ୍ୱିତୀୟ ଓ ତୃତୀୟଥର ସକାଶେ ଉକ୍ତ ପ୍ରଥମଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା ସମ୍ପାଦକ କଟକ ପ୍ରିଣ୍ଟିଂକମ୍ପାନୀର ଯନ୍ତ୍ରାଳୟରେ "ମ୍ୟାନେଜର"ଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter

ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୪୨ ଶ
ସଂ ୫ ସଂଖ୍ୟା
ତା ୩ ରଙ୍ଗ ମାହେ ଫିବ୍ରୁଆରି ସନ ୧୯୦୦ ମସିହା । ମ । ର ୨୨ ମାଘ ସନ ୧୩୦୭ ସାଲ ଶନିବାର
ଅଗ୍ରୀମ ଟ ୩ୟ
ପଶ୍ଚାଦ୍ଦେୟ ଟ ୬୧

ବିଜ୍ଞାପନ ।

ନୂତନ ପଞ୍ଜିକା ।

ପ୍ରଭାବା ୧୮୨୨ ସନ ୧୩୦୭ ଓ ୧୩୦୮ ଇଂରାଜୀ ସନ ୧୯୦୦ ଓ ୧୯୦୧ ପୂର୍ବାପର ଲଟକ ପ୍ରିଣ୍ଟିଂକମ୍ପାନିଙ୍କଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

ବଡ଼ ଟ ୦ ।
ଛୋଟ ଟ ୦୵୬

ମୋଫସଲ ନିମନ୍ତେ ଡାକମାସୁଲ ଟ ୦/ ଯେଉଁମାନଙ୍କର ରେଲ ଭମ୍ବା ଷ୍ଟିମରଦ୍ୱାରା ନେବାର ସୁବିଧା ଅଛି ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

ଆଗାମୀ ଓକାଲତି ପରୀକ୍ଷା କେବଳ କଲିକତା ଠାରେ ଅସନ୍ତା ଫେବୃଆରୀ ମାସ ତା ୨୧, ୨୨ ଓ ୨୩ ତାରିଖମାନଙ୍କରେ ହେବ । ମୁକ୍ତାର ପରୀକ୍ଷା ସେହିମାସ ତା ୨୫।୨୬ ତାରିଖ ମାନଙ୍କରେ କଲିକତା ଗୌହାଟୀ ଓ ଶିଲଙ୍ଗ ଏହି ତିନିସ୍ଥାନରେ ହେବ । ଓଡ଼ିଶାର ପରୀକ୍ଷାର୍ଥୀମାନେ ଅବଶ୍ୟ କଲିକତାରେ ମାତ୍ର ପରୀକ୍ଷା ଦେବେ । କଲିକତାରେ ବିଶ୍ୱବିଦ୍ୟାଳୟର ସେନେଟ ହାଉସ ପରୀକ୍ଷାର ସ୍ଥାନ ନିର୍ଦ୍ଦିଷ୍ଟ ହୋଇଅଛି । ମୁକ୍ତାର ପରୀକ୍ଷା ଯେଉଁମାନେ ଦେବେ ପ୍ରଥମ ଦିନ ଘ ୧୦ ଟା ବେଳେ ଏବଂ ଅପରାହ୍ନ ଘ ୨ ଟା ବେଳେ ସେମାନଙ୍କୁ ଉତ୍ତର ଲେଖିବାର ପ୍ରଶ୍ନ କାଗଜ ଉତ୍ତର ଲେଖିବା କାରଣ ଦିଆଯିବ । ୨ୟ ଦିନ ପୂର୍ବାହ୍ନ ଘ ୧୦ ଟାଠାରୁ ମୌଖିକ ପରୀକ୍ଷା ଗୃହୀତ ହେବ ।

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ପାଠକମାନଙ୍କୁ ଜଣାଉଅଛୁଁ ଯେ ଗତ ବୁଧବାର ରାତ୍ରି ଘ ୧୦ ଟା ସମୟରେ ଖୋର୍ଦ୍ଧା ଡେପୁଟୀ ମାଜିଷ୍ଟ୍ରେଟ ବାବୁ ନନ୍ଦଆଶ୍ୱନ ଦତ୍ତ ଇହ ସଂସାର ପରିତ୍ୟାଗ କଲେ । ବାବୁ ମହୋଦୟ ମାସାଧିକ ହେବ ପୀଡ଼ିତ ଥିଲେ । ଅବଶେଷରେ କେତେକ ଗୁରୁତର ବଥ ହୋଇ ମାଂସ ପଚିବାକୁ ଆରମ୍ଭ କଲା । ମୃତ୍ୟୁର ତିନି ଚାରି ଦିବସ ପୂର୍ବରୁ ଏ ନଗରରେ ଆସି ବାବୁ ଶ୍ରୀକେଶବଚନ୍ଦ୍ର ମହାପାତ୍ର ଓ ଏଠା ସିଭିଲସର୍ଜନଙ୍କ ଚିକିତ୍ସାଧୀନରେ ଥିଲେ ଓ ପଚା ସ୍ଥାନମାନ ଅସ୍ତ୍ର କରାଇଥିଲେ । ବାବୁ ମହୋଦୟ ଓଡ଼ିଶାବାସୀ ଥିଲେ । ସେ ଅତି ସାମାନ୍ୟ ଭଣ୍ଡାରୀ କାମରୁ ନିଜ ଅଧ୍ୟବସାୟଦ୍ୱାରା ଡେପୁଟୀ ମାଜିଷ୍ଟ୍ରେଟ ପଦକୁ ଉନ୍ନତି ଲାଭ କରିଥିଲେ । ମୃତ୍ୟୁ ଦିବସ ମଧ୍ୟ କଲିକତା ଗେଜେଟରେ ତାଙ୍କର ପଦୋନ୍ନତି ପ୍ରକାଶିତ ହୋଇଥିଲା । ମୃତ୍ୟୁ ସମୟରେ ତାଙ୍କର ବୟସ ୪୯ ବର୍ଷ ମାତ୍ର ହୋଇଥିଲା । ସେ ବହୁ ସଂଖ୍ୟକ ଲୋକଙ୍କୁ ଶୋକସାଗରରେ ଭସାଇ ଦେଇ ଯାଇଅଛନ୍ତି ।।

କୃଷିଜାତ ଦ୍ରବ୍ୟର ପ୍ରଦର୍ଶନୀ ଗତ କଲ୍ୟ ଅପରାହ୍ନ ଘ ୪ ଟା ସମୟରେ ଖୋଲା ହେବାର ବିଜ୍ଞାପନ ହୋଇଥିଲା । କେବଳ ଆମନ୍ତ୍ରିତ ବ୍ୟକ୍ତିମାନେ ହାଟରେ ପ୍ରବେଶ କରିଥିବେ । ସେମାନଙ୍କ ଆମୋଦପ୍ରମୋଦ ନିମନ୍ତେ ଅପରାହ୍ନ ଘ ୪ ଟାଠାରୁ ଘ ୬ ଟା ପର୍ଯ୍ୟନ୍ତ କ୍ରୀଡ଼ା ଓ ଘ ୬ ଟାଠାରୁ ଘ ୮ ଟା ପର୍ଯ୍ୟନ୍ତ ଯାତ୍ରାର ଆୟୋଜନ କରା ହୋଇଥିଲା । ନୂତନ କଲେକ୍ଟର ଶ୍ରୀଯୁକ୍ତ ହେରଲ୍ଡ ସାହେବ ହାଟ ଫିଟାଇବା ଭାର ଗ୍ରହଣ କରିଥିଲେ ।

ଆଜି ଦିନ ହାଟ ସକଳଶ୍ରେଣୀର ଲୋକଙ୍କ ନିମନ୍ତେ ଫିଟିଅଛି । ଅପରାହ୍ନ ଘ ୪ ଟା ସମୟରେ ପୁରସ୍କାର ବିତରଣ ହେବ ଓ ସମ୍ପାଦକ ମହୋଦୟ ବକ୍ତୃତା ପ୍ରଦାନ କରିବେ । ତଦନନ୍ତର ଘ ୫ ଟାଠାରୁ ଘ ୭ ଟା ପର୍ଯ୍ୟନ୍ତ କ୍ରୀଡ଼ା ପ୍ରଦର୍ଶିତ ହେବ ଓ ସନ୍ଧ୍ୟା ଘ ୮ ଟାଠାରୁ କାଲି ସକାଳ ଘ ୮ ଟା ପର୍ଯ୍ୟନ୍ତ ଯୁବକ ରଙ୍ଗଗୃହରେ ଯାତ୍ରା ହେବ । ମୋଫସଲରୁ ଯେଉଁମାନେ ଆସିଅଛନ୍ତି ସେମାନଙ୍କର ସନ୍ତୋଷ ନିମନ୍ତେ ଉପଯୁକ୍ତ ଆମୋଦର ବନ୍ଦୋବସ୍ତ କରା ହୋଇଅଛି ।

ଗତ ଏମ୍ ଏ ପରୀକ୍ଷାର ଫଳରୁ ଦେଖାଯାଇଅଛି ଯେ ଓଡ଼ିଶା ରେଭେନ୍ସା କଲେଜରୁ କେହି ଉତ୍ତୀର୍ଣ୍ଣ ହୋଇପାରି ନାହାନ୍ତି । ଏହା ଦୁଃଖର ବିଷୟ ଅଟେ । କଲିକତାର ଜେନେରଲ ଆସେମ୍ବ୍ଲିର କୃଷ୍ଣପ୍ରସାଦ ଦେ ନାମକ ଗଞ୍ଜ ଜଣିକ

Digitized by srujanika@gmail.com

Split by PDF Splitter

ଶାସ୍ତ୍ରରେ ଓ ପ୍ରାକୃତିକ ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ସେ ଏକ ସମୟରେ ଦୁଇ ବିଷୟରେ ପରୀକ୍ଷା ପ୍ରଦାନ କରିଥିଲେ ଅନ୍ୟ ଛାତ୍ରମାନେ ପୂର୍ଣ୍ଣ ସମୟରେ ଯେଉଁ ପ୍ରଶ୍ନ ସମୂହର ଉତ୍ତର ଲେଖିଥିଲେ ତାହା ସେ ଅର୍ଦ୍ଧ ସମୟରେ ଲେଖିଥିଲେ । ପୁଣି ଅଦ୍ଭୁତ ଚମତ୍କାର କଥା ଯେ ସେ ଉଭୟ ବିଷୟରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛନ୍ତି । ଏପରି ଦୃଷ୍ଟାନ୍ତ ଆଉ କେବେ ଦେଖାଯାଇ ନ ଥିଲେ । ଧନ୍ୟ ଏହାଙ୍କ ମେଧା ଶକ୍ତି ।

ଗତ ବି. ଏଲ. ପରୀକ୍ଷାର ଫଳ ଗତ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ରେଭେନ୍ସା କଲେଜର ଅବସ୍ଥା ଉତ୍ତମ ନାହିଁ । ବଡ଼ ଦୁଃଖର କଥା ଯେ ଏ ପରୀକ୍ଷାରେ କେତେକ ବର୍ଷ ହେଲା ଏଠାର ଗୋଟିଏ ଛାତ୍ର ସୁଦ୍ଧା ଉତ୍ତୀର୍ଣ୍ଣ ହୋଇପାରୁ ନାହାନ୍ତି ।

ପୁଲିସ ଅତ୍ୟାଚାର ।

। ପ୍ର । ଅସୁରେଶ୍ୱର ପୂର୍ବହଂସ ମୌଜାରେ ଗୋଟାଏ ମୋକଦ୍ଦମା ହେଉଥିବାରୁ ତହିଁର ତଦନ୍ତ ନିମନ୍ତେ ଗତମାସ ଶେଷ ସପ୍ତାହରେ ସାଲେପୁରର ଜମାଦାର ସେଠାକୁ ଆସିଥିଲେ । ଏଥିମଧ୍ୟରେ ସେ ସ୍ଥାନରୁ ଏକକ୍ରୋଶ ଅନ୍ତର ଜମଗ୍ନ ମୌଜାରେ ଏକନମ୍ବର କଦଳୀ ଚୋରି ହୋଇଥିବାରୁ ସେ ମୌଜାର ଚୌକିଦାର ଏବଂ ସେ ଥାନାର ନୂତନ ସୃଷ୍ଟିର ଦଫାଦାର ମୁଦ୍ଦେଇ ମୁଦାଲା ଓ ସାକ୍ଷୀ ପ୍ରଭୃତିଙ୍କୁ ସଙ୍ଗେ ଆଣି ଜମାଦାରଙ୍କୁ ଅର୍ପଣ କଲେ । ତଦନ୍ତରେ ପ୍ରକାଶ ପାଇଲା ଯେ ସ୍ୱଳ୍ପ ରାତି ଥିବା ବେଳେ ମୁଦ୍ଦେଇର ବାଡ଼ିରୁ ଜଣେ କଦଳୀ ଏକ କାନ୍ଦି କାଟିବାର ଶବ୍ଦ ଶୁଣି ମୁଦ୍ଦେଇର ମାଆ ଡାକପକାନ୍ତେ ଚୋର କଦଳୀ ଛାଡ଼ି ପଳାଇଗଲା ଏବଂ ପଡ଼ୋଶୀମାନଙ୍କ ସହିତ ଚୌକିଦାର ଦୌଡ଼ି ଆସି ଦେଖିଲେ ଯେ କଦଳୀ କଟା ହୋଇଅଛି ଏବଂ ଖଣ୍ଡେ ଦଉଡ଼ି ସେ ଗଛରେ ଲାଗିଅଛି । ସେହି ଦଉଡ଼ି ଚିହ୍ନନ୍ତେ ତହିଁର ମାଲିକକୁ ଚୋର ବୋଲି ସନ୍ଦେହ କଲେ । ସେ ବ୍ୟକ୍ତି ଆସାମୀ ସ୍ୱରୂପ ଧରା ହୋଇ ଆସି ଦଉଡ଼ି ତାହାର ଥିବାର ସ୍ୱୀକାର କଲା ମାତ୍ର ଚୋରି ଅସ୍ୱୀକାର କରି କହିଲା କି ତାହା ପଦାରେ ଥିବାରୁ କିଏ ନେଇ ଚୋରି କରିଥିଲା ସେ କହି ନ ପାରେ । ଜମାଦାର ପହଞ୍ଚିଲେ ଦିନ ଏକ ସେଠାରେ ରହିଥିଲା । ଆସାମୀ ଛଡ଼ାଇ ଦେବାକୁ ଦଳ ସ୍ୱାମୀମାନେ ଯଥାଯୋଗ୍ୟ କରୁଥିଲେ ସେମାନଙ୍କ ମଧ୍ୟରୁ କେହି ଲକ୍ଷ ଦେଇଥିଲେ । ଅନ୍ୟ ପ୍ରସଙ୍ଗରେ ତାହା ଘରେ ଜଣ ସ୍ତ୍ରୀ ଥିବାର ମୁଦାଲା କହନ୍ତେ ଜମାଦାର ସେହି ଗୃହିଣୀ ସ୍ତ୍ରୀ ଏବଂ ମୁଦ୍ଦେଇ ଘରର ଗୃହିଣୀ ସ୍ତ୍ରୀଙ୍କୁ ତତ୍କ୍ଷଣାତ୍ ହାଜର କରିବାର ଆଦେଶ ଦଅନ୍ତେ ଦଫାଦାର ଏବଂ ଚୌକିଦାର ସ୍ତ୍ରୀମାନଙ୍କୁ ଧରିଆଣିବାପାଇଁ ଚଞ୍ଚଳ ପ୍ରସ୍ଥାନ କଲେ । ମୁଦ୍ଦେଇ ମୁଦାଲା ସାକ୍ଷୀ ଏବଂ ଭଲଲୋକମାନେ ଜମାଦାରଙ୍କ ନିକଟରେ ଥାଇ ଏ ଆଦେଶ ଶୁଣି ମହା ବିପଦରେ ପଡ଼ିଲେ । ନଦୀ ଆରପାରି ଏକକ୍ରୋଶ ବାଟରୁ କୁଳବଧୂ ଗୃହିଣୀମାନେ [illegible] ଚୌକିଦାର ହାତରେ ଧରା ହୋଇ ଆସିଲେ ଜାତି ମହତ୍ତ୍ୱ ଯିବ ପୁଣି ସେମାନଙ୍କର ସ୍ୱାସ୍ଥ୍ୟ ଉପରେ ଅନିଷ୍ଟ ଘଟିବ ଏ ସବୁ ସାମାନ୍ୟ ବିପଦ ନୁହେଁ । ଭଲ ଲୋକମାନେ ଏକଥା ଶୁଣି ହେବାକୁ ଜମାଦାରଙ୍କୁ ଅନେକ ସ୍ତୁତି କଲେ ମାତ୍ର କେବଳ କଥାରେ ଜମାଦାର ଶାନ୍ତ ହେବା ଲୋକ ନୁହନ୍ତି । ଏଣେ ମୁଦ୍ଦେଇ ମୁଦାଲା କୁହନ୍ତି ମେଳ । ମାତ୍ର ତାହା ହେଲେ କି ହେବ । ଧନ ଅପେକ୍ଷା ମାନ ଅଧିକ । ମୁଦ୍ଦେଇ ଓ ମୁଦାଲାପକ୍ଷର ଲୋକମାନେ କଂସା ବାସନ ଇତ୍ୟାଦି ବନ୍ଧକ ରଖି ଟଙ୍କା ଆଣି ଭଲଲୋକମାନଙ୍କ ମାରଫତରେ ଦଅନ୍ତେ ସେମାନେ ଦଫାଦାର ଏବଂ ଜମାଦାରଙ୍କୁ ବୋଧ କରି ମୁଦ୍ଦେଇ ଓ ମୁଦାଲାଙ୍କୁ ଛୁଟି କରାଇ କଦଳୀକାନ୍ଦି ଓ ଦଉଡ଼ି ସହିତ ଆପଣା ଗ୍ରାମକୁ ଫେରିଆସିଲେ ଏବଂ କଦଳୀ କାନ୍ଦିଟି ଦଫାଦାର ଉପରି ଲାଭ ସ୍ୱରୂପ ନେଇଗଲେ । ମୁଦ୍ଦେଇ ମାଲ ପାଇଲା ନାହିଁ ମାତ୍ର ଚୋରି ଯିବାର ପ୍ରକାଶ କରିବାରୁ ଟ ୩ ୧ଙ୍କା ଦଣ୍ଡରେ ପଡ଼ିଲା ଏବଂ ମୁଦାଲା ପ୍ରକୃତରେ ଚୋରି କରିଥାଉ ବା ନ ଥାଉ କେବଳ ଦଉଡ଼ି ହେତୁ ସନ୍ଦେହ ଯୁକ୍ତ ହେବାରୁ ତହିଁର ଚାରି ଗୁଣ ଦଣ୍ଡ ହେଲା । ଏହା ସାମାନ୍ୟ ଅତ୍ୟାଚାର । ସ୍ତ୍ରୀମାନେ ତଲବ ହୋଇ ନ ଥିଲେ ଏହା ହୋଇ ନ ଥାନ୍ତା । କୁଳଗାଁହାମାନଙ୍କୁ ଏକକ୍ରୋଶ ବାଟରୁ ତଲବ କରି ଆଣିବାର କ୍ଷମତା ଆଇନାନୁସାରେ ଜମାଦାରଙ୍କର ଏମନ୍ତ କ୍ଷୁଦ୍ର ମୋକଦ୍ଦମାରେ ଅଛି କି ନାହିଁ ଆମ୍ଭେମାନେ କହି ନ ପାରୁ । ମୋକଦ୍ଦମାର ଅବସ୍ଥା ବିବେଚନାରେ ସ୍ତ୍ରୀମାନଙ୍କୁ ଡକାଇବାର କୌଣସି କାରଣ ଦେଖା ଯାଉ ନାହିଁ ଏବଂ ଯେବେ ଜମାଦାର ତାହା ନିତାନ୍ତ ପ୍ରୟୋଜନ ବୋଧ କଲେ ତେବେ ସେସ୍ଥାନକୁ ଯାଇ ସେମାନଙ୍କର ସାକ୍ଷ୍ୟ ଗ୍ରହଣ କରି ପାରନ୍ତେ । ସାମାନ୍ୟ ମୋକଦ୍ଦମାରେ ଏତେ କାଣ୍ଡ କରି ଉଭୟ ପକ୍ଷଙ୍କୁ ହରବର କଲେ ଆଉ କିଏ କାହିଁକି ଚୋରି ଇତ୍ୟାଦିର ତଦନ୍ତ କରିବାକୁ ଯିବ ? ବାସ୍ତବରେ ଏରୂପ ପୁଲିସ କର୍ମଚାରୀର ଏରୂପର ବ୍ୟବହାର ହେତୁ ଲୋକେ ନିତାନ୍ତ ସନ୍ତ୍ରସ୍ତ କେତେକ ପୁଲିସର ଅତ୍ୟାଚାରର ସମ୍ବାଦ ଦଅନ୍ତି ନାହିଁ । ଚୌକିଦାର ଓ ଦଫାଦାର ନିଯୋଗର ଯେତେ ବନ୍ଦୋବସ୍ତ କଲେ କି ହେବ । ଯେବେ ଉପରସ୍ଥ ପୁଲିସ କର୍ମଚାରୀମାନେ ସଦାଚାରର ଆଦର୍ଶ ନ ଦେଖାଇବେ । ସରକାରଙ୍କର ଯେତେ ଚାକର ବଢ଼ିବେ ତେତେ ଅଧିକ ଯନ୍ତ୍ର ଓ ଅତ୍ୟାଚାର ହେବ କି ସେମାନେ ଯଥା ନିୟମରେ କାର୍ଯ୍ୟ କଲେ ଏ ବିଶ୍ୱାସ ଲୋକଙ୍କର ମନରେ ଜନ୍ମୁନାହିଁ । କାରଣ ସାଧାରଣ ହିତ ନିମନ୍ତେ ସରକାର ପୁଲିସ ସଂଖ୍ୟା ବୃଦ୍ଧି କରୁଅଛନ୍ତି । ଆମ୍ଭେମାନେ ଏକାନ୍ତ ଆଶା କରୁଁ ଜିଲ୍ଲାର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଏବଂ ମାଜିଷ୍ଟ୍ରେଟ ସାହେବ ଏ ବିଷୟର ବିହିତ ଅନୁସନ୍ଧାନ କରିବେ ।

ଓଡ଼ିଶାର ବାର୍ଷିକ ବିବରଣ ।

ଓଡ଼ିଶା କମିଶନରଙ୍କର ସନ ୧୮୯୮।୯୯ ସାଲର ବାର୍ଷିକ ସାଧାରଣ ଶାସନ ସମ୍ବନ୍ଧୀୟ ରିପୋର୍ଟ ଦୃଷ୍ଟେ ମାନ୍ୟବର ବଙ୍ଗେଶ୍ୱରଙ୍କର ଯେଉଁ ନିର୍ଦ୍ଧାରଣ ବାହାରିଅଛି ତହିଁରୁ ଉଲ୍ଲିଖିତ ବିଷୟମାନ ସର୍ବସାଧାରଣଙ୍କ ଜାଣିବା କାରଣ ନିମ୍ନେ ପ୍ରକାଶ କଲୁଁ ଯଥା—

ଜଳବୃଷ୍ଟି ନିଯୁକ୍ତ ପରିମାଣରୁ ଅଳ୍ପ ଊଣା ଏବଂ କେତେକ ପରିମାଣରେ ଅସାମୟିକ ହୋଇ ଥିଲେହେଁ କଟକ ଜିଲ୍ଲାରେ ନିଯୁକ୍ତ ପରିମାଣ ଏବଂ ପୁରୀ ଓ ବାଲେଶ୍ୱରରେ ସାମାନ୍ୟ ଊଣା, ଫସଲ ହୋଇଥିଲା । ଓଲଉଠା ନିତାନ୍ତ ଊଣା ଏବଂ ସାଧାରଣ ମୃତ୍ୟୁ ସଂଖ୍ୟା ଊଣା ଥିଲା । କେବଳ ନିବାର୍ଯ୍ୟ ବସନ୍ତ ରୋଗର ମୃତ୍ୟୁ କିଛି ଅଧିକ ହୋଇଥିଲା । ଅନ୍ୟାନ୍ୟ ବିଭାଗଠାରୁ ଓଡ଼ିଶାରେ ଇଂରାଜୀ ଟୀକା ପ୍ରତି ଆପତ୍ତି ଅଧିକ । ଭଲ ଫସଲ ହେତୁ ଗୃହସ୍ଥ ଲୋକମାନେ ସୁଖରେ ଥିଲେ । କେବଳ ବାଲେଶ୍ୱର କଲେକ୍ଟରଙ୍କ ମତରେ ଛୋଟ ଛୋଟ ଜମିଦାର ଏବଂ ମଧ୍ୟବିତ୍ତଙ୍କର ଅବସ୍ଥା ପୂର୍ବଠାରୁ ଭଲ ନୁହେଁ ।

ଶିଳ୍ପ ବ୍ୟବସାୟରେ ବିଶେଷତ୍ୱ କିଛି ନାହିଁ । ରେଲବେ ଯୋଗେ ମାନ୍ଦ୍ରାଜରୁ ଅଧିକ ଲୁଣ ଆସିବାରୁ ଉତ୍କଳର ଲୁଣ ଗୋଲା ବନ୍ଦ ହୋଇ ଅଛି । କେବଳ ରେଲବେ ଏଠାର ଲୋକଙ୍କୁ ଶ୍ରମିକ ନିମନ୍ତେ ପଥର ଖୋଳା କାର୍ଯ୍ୟ ଅଧିକ

Digitized by srujanika@gmail.com

Split by PDF Splitter

ହୋଇଥିଲା, ବାଣିଜ୍ୟର ମୋଟ ମୂଲ୍ୟ ଗତବର୍ଷ ସଙ୍ଗେ ପ୍ରାୟ ସମାନ ଥିଲେ ହେଁ ଆମଦାନି ଦ୍ରବ୍ୟର ମୂଲ୍ୟ ୧୯ ଲକ୍ଷଟଙ୍କା ଅଧିକ ଏବଂ ରପ୍ତାନି ଦ୍ରବ୍ୟର ମୂଲ୍ୟ ୨୦ ଲକ୍ଷ ଟଙ୍କା ଊଣା ହୋଇଥିଲା । କମିଶନରଙ୍କ ବିବେଚନାରେ ପ୍ରଚୁର ଫସଲ ହେତୁ ଲୋକେ ଭଲ ଖାଇ ଲୁଗାପଟା ଅଧିକ ପିନ୍ଧିଲେ ସୁତରାଂ ବିଲାତି ଲୁଗା ଅଧିକ ଆସିବାରୁ ଆମଦାନି ବୃଦ୍ଧି ହେଲା ମାତ୍ର ସବୁଠେ ଫସଲ ଭଲ ହେବାରୁ ଏ ପ୍ରଦେଶରୁ ଅଧିକ ଚାଉଳ ଦେଶାନ୍ତରକୁ ମହାଜନମାନେ ନେଲେ ନାହିଁ ଏବଂ ସେହିକାରଣରୁ ରପ୍ତାନି ଊଣା ପଡ଼ିଲା । ଏଥିରୁ ଗବର୍ଣ୍ଣମେଣ୍ଟ କହନ୍ତି କି ଯେବେ ଧାନ ଚାଉଳ ବିକିଲେ ଅଧିକ ଟଙ୍କା ନ ଆସିଲା ତେବେ ଲୁଗା ପଟା କିଣିବାକୁ ଲୋକେ ଟଙ୍କା କାହୁଁ ପାଇଲେ ? ଫଳତଃ ସମାଲୋଚନା ପୂର୍ଣ୍ଣ ହେଲା ନାହିଁ ।

୨୦,୩୭୪ ଗୋଟା ଦେବାନୀସରେଲ ମୋକଦ୍ଦମା ଦାଏର ହୋଇଥିଲା । ବନ୍ଦୋବସ୍ତ ହେତୁ ଖଜଣା ମୋକଦ୍ଦମା କିଛି ଊଣା ପଡ଼ିଥିଲା; ପୁଲିସ ଧର୍ତ୍ତବ୍ୟ ଓ ଅଧର୍ତ୍ତବ୍ୟ ଉଭୟ ପ୍ରକାର ଫଉଜଦାରୀ ମୋକଦ୍ଦମା ବୃଦ୍ଧି ହୋଇ ଥିଲା ମାତ୍ର ତହିଁର କିଛି କାରଣ ପ୍ରଦତ୍ତ ହୋଇ ନାହିଁ । ଧର୍ତ୍ତବ୍ୟ ମୋକଦ୍ଦମା ଶତକଡ଼ା ୫୫ ଟିରେ ଦଣ୍ଡ ହୋଇଥିଲା । ମାଜିଷ୍ଟ୍ରେଟମାନେ ବିଚାର କରିଥିବା ୧୦,୪୩୫ ମୋକଦ୍ଦମା ମଧ୍ୟରୁ ଅନରେରି ମାଜିଷ୍ଟ୍ରେଟମାନେ ୨,୮୮୦ ମୋକଦ୍ଦମା ନିଷ୍ପତ୍ତି କରିଥିଲେ ମାତ୍ର ହାରାହାରି ପ୍ରତି ମୋକଦ୍ଦମାରେ ଜଣେ ମାତ୍ର ସାକ୍ଷୀର ଯୋବାନବନ୍ଦି ହୋଇଥିବାରୁ ସେ ମୋକଦ୍ଦମାମାନ ଛୋଟ ଥିବାର ଜଣା ଯାଏ ।

ରାଜସ୍ୱ ଏବଂ ପଥକର ଆଦାୟ କାର୍ଯ୍ୟ କଟକ ଓ ବାଲେଶ୍ୱରରେ ଭଲ ହୋଇଥିଲା । ଏବା କୋଠଦେଶର ରାଜସ୍ୱ ବାକି ପଡ଼ିବାରୁ ପୁରୀର କାର୍ଯ୍ୟ ଭଲ ହୋଇ ନାହିଁ । ପୁରୀ ଖାସମହାଲର ଆଦାୟ କାର୍ଯ୍ୟ ମଧ୍ୟ ଭଲ ହୋଇ ନ ଥିଲା ।

ଅବକାରୀର ଆୟ ଟ ୬,୨୨,୨୨୫ ଙ୍କାରୁ ଟ ୭,୨୨,୪୩୮ ଙ୍କା ପର୍ଯ୍ୟନ୍ତ ବଢ଼ିଥିଲା । ଆୟ ଗଞ୍ଜେଇ ଏବଂ ଦେଶୀ ମଦର ଆୟ ବୃଦ୍ଧି ତହିଁର ପ୍ରଧାନ କାରଣ ଅଟେ । ଇନକମଟିକସ ଟ ୬୬,୯୩୭ ଙ୍କାରୁ ଟ ୭୦,୯୮୦ ଙ୍କା ପର୍ଯ୍ୟନ୍ତ ବଢ଼ିଥିଲା କେବଳ ଷ୍ଟାମ୍ପ ରାଜସ୍ୱରେ ପ୍ରାୟ ୧୦ ହଜାର ଟଙ୍କା ପଡ଼ିଲା । ବନ୍ଦୋବସ୍ତ ଶେଷ ହୋଇ ଆସିବା ଏବଂ ଧାନ ଚାଉଳର ବ୍ୟବସାୟ ଠିକ ପଡ଼ିବା ତହିଁର କାରଣ ସ୍ୱରୂପ ପ୍ରଦର୍ଶିତ ହୋଇଅଛି ।

ଇଷ୍ଟକୋଷ୍ଟ ରେଲ ବାଟ ପିଟିଗଲା ଏବଂ ବେଳେ ଗୁଡ଼ାଏ ପୋଲ ପ୍ରସ୍ତୁତ ହେଲେ ବଙ୍ଗଳା ନାଗପୁର ରେଲବାଟ ସମ୍ପୂର୍ଣ୍ଣରୂପେ ପିଟିଯିବ, ତାହାହେଲେ ଓଡ଼ିଶା ଏକ କୋଣରେ ପଡ଼ିଥିବାର ଆଉ କେହି କହି ପାରିବ ନାହିଁ ଏବଂ ଏହାର ବାଣିଜ୍ୟ ବହୁତ ବୃଦ୍ଧି ହେବ ମାତ୍ର ବର୍ତ୍ତମାନ ଯେ ସବୁ ଗମନାଗମନର ବାଟ ଅଛି ସେଥିରୁ ଟେକ ଲାଗିଯିବ । ବର୍ତ୍ତିତ ବର୍ଷରେ କେତେକ କଲିକତା ଓ କଟକ ମଧ୍ୟରେ ରେଲ ଖଣ୍ଡ ଗତାୟାତ କରିବାରୁ କେନ୍ଦ୍ରାପଡ଼ା ନାଉର ବ୍ୟବସାୟ ବହୁତ ଊଣା ପଡ଼ିଥିଲା ।

ସ୍କୁଲରେ ପଢ଼ିବା ବାଳକ ଏବଂ ବାଳିକାଙ୍କ ସଂଖ୍ୟା ଗତ ବର୍ଷ ୯୪,୮୨୫ ଓ ୬୦୯୮ ଏବଂ ବର୍ତ୍ତିତ ବର୍ଷର ସଂଖ୍ୟା ଯଥାକ୍ରମେ ୧,୦୫,୫୨୦ ଓ ୭,୨୭୫ ଥିଲା । ସ୍କୁଲରେ ପଢ଼ିବା ଲାୟକ ବୟସର ବାଳକଙ୍କ ସଂଖ୍ୟା ପ୍ରାୟ ୨,୮୫,୦୦୦ । ସୁତରାଂ ଶତକଡ଼ା ନ ୩୭ ଣ ପାଠ ପଢ଼ୁଥିଲେ । ଯାହା ହେଉ ଶିକ୍ଷାର ବିସ୍ତାର କ୍ରମେ ହେଉଅଛି । ମାତ୍ର ସ୍ୱଦେଶ ଭାଷା ଶିକ୍ଷାଠାରୁ ଇଂରାଜୀ ଶିକ୍ଷାପ୍ରତି ଲୋକଙ୍କର ଅଧିକ ମନୋଯୋଗ ହୋଇଅଛି, କାରଣ ପୂର୍ବ ବର୍ଷ ତୁଳନାରେ ଲୋୟର ସ୍କୁଲ ସଂଖ୍ୟା ତୁଳନା ଊଣା ହୋଇ ଛାତ୍ର ସଂଖ୍ୟା ପ୍ରାୟ ସମାନ ରହିଥିଲା ଅଥଚ ମଧ୍ୟ ଇଂରାଜୀ ଶିକ୍ଷାର ସ୍କୁଲ ୩୭ ଠାରୁ ୪୫ କୁ ଏବଂ ଛାତ୍ର ୨୪୯୦ ଠାରୁ ୨୯୦୮ କୁ ବଢ଼ିଥିଲା । ମୂସଲମାନଙ୍କ ଶିକ୍ଷାରେ କିଛି ଉନ୍ନତି ଘଟି ନ ଥିଲା ଏବଂ ସ୍ତ୍ରୀ ଶିକ୍ଷା ଅଗ୍ରସର ହେବାର ଜଣା ପଡ଼େ ନାହିଁ । କଟକ ଟ୍ରେନିଂ କଲେଜ, ମେଡିକେଲ ସ୍କୁଲ ଏବଂ ସର୍ଭେ ସ୍କୁଲମାନଙ୍କର କିଛି ଉନ୍ନତି ହୋଇଥିଲା । ମାତ୍ର ଅଲ୍ଲପୁର ଶିଳ୍ପବିଦ୍ୟାଳୟ ପଛ ପୂଷ୍ଠା ଦେଇଥିଲା ।

ସାଧାରଣ ଚିକିତ୍ସାଳୟ ସଂଖ୍ୟା ଦଶୋଟି ବୃଦ୍ଧି ହୋଇ ୩୩ ହୋଇଥିଲା ଏବଂ ରୋଗୀ ସଂଖ୍ୟା ୧,୪୦,୩୨୧ ସ୍ଥଳେ ୧,୪୧,୨୦୦ ହୋଇଥିଲା, କଟକର ଜେନେରଲ ହାସପାତାଲ ସର୍ବାପେକ୍ଷା ଶ୍ରେଷ୍ଠ ଚିକିତ୍ସାଳୟ ମାତ୍ର ଅର୍ଥାଭାବରୁ ଏହାର କାର୍ଯ୍ୟ ଚଳିବାର ବାଧା ଘଟିଅଛି । ଢେଙ୍କାନାଳର ମହାରାଣୀ ଏହି ବର୍ଷ ଦୁଇ ହଜାର ଟଙ୍କା ଏ ଚିକିତ୍ସାଳୟକୁ ଦାନ କରିଥିଲେ । ଭରସା କରୁଅଛୁ ଅନ୍ୟାନ୍ୟମାନେ ଏ ଦୃଷ୍ଟାନ୍ତର ପଶ୍ଚାଦ୍‌ଗାମୀ ହେବେ ।

ଜମିଦାରମାନଙ୍କର ଆଚରଣ ସମ୍ବନ୍ଧରେ ଲେଖାଅଛି ଯେ ନୂତନ ବନ୍ଦୋବସ୍ତରେ ଅନେକ ବିବାଦ ମୀମାଂସା ହୋଇ ଯାଇଅଛି । ବିଦେଶୀୟ ଜମିଦାରମାନଙ୍କର ଜମିଦାରୀର କାର୍ଯ୍ୟ ନିର୍ବାହ ସମ୍ବନ୍ଧରେ କମିଶନର ସାହେବ ଏଥର ମଧ୍ୟ ପ୍ରତିକୂଳମତ ପ୍ରକାଶ କରିଅଛନ୍ତି । ଯେଉଁ ଜମିଦାର ନାଏବ ଉପରେ ସବୁ ଭାର ଦେଇ ନିଶ୍ଚିନ୍ତ ହୋଇ ଘରେ ବସିଅଛନ୍ତି ତାହାଙ୍କର ଜାଣିବାର ଉଚିତ ଯେ ସେ ଆପଣାର ସୁଖ୍ୟାତି ମଧ୍ୟ ନାଏବ ହାତରେ ଅର୍ପଣ କରିଅଛନ୍ତି ।

ଟ୍ରାନ୍ସଭାଲଯୁଦ୍ଧ ।

ତା ୨୩ ରଖ ତାରସମ୍ବାଦ । ବର୍ଲିନ ନଗରରେ ଜନରବ ଉଠିଅଛି ଯେ ଜେନରଲ ବୁଲର ପରାସ୍ତ ହୋଇଅଛନ୍ତି । ଯୁଦ୍ଧ ଅଫିସ ଜନରବକୁ ଅବିଶ୍ୱାସ କରୁଅଛନ୍ତି ।

ବୁରଗୋଳା ଲେଡିସ୍ମିଥରେ ଜେନରଲ ହ୍ୱାଇଟର ଓ ଜେନେରଲ ବୁଲର ଉଭୟଙ୍କ ଗୁପ୍ତ ବୃଷ୍ଟି କରୁଅଛି । କିନ୍ତୁ କେହି ମରିଥିବାର ଜଣାଯାଇ ନାହିଁ ।

ତା ୨୨ ରଖରେ ବୁର ସମ୍ବାଦ ଦେଇଅଛନ୍ତି ବୁର ସେନାପତି ପ୍ରିଟୋରିୟସଙ୍କ ଅଧୀନରେ ବୁର ଓ ୬୦୦୦ ବ୍ରିଟିସ ସୈନ୍ୟ ସହିତ ଘୋରତର ଯୁଦ୍ଧ ଚାଲିଅଛି ।

ସ୍ପିୟୁନକୋପଠାରେ ଭାରି ଯୁଦ୍ଧ ଲାଗିଅଛି । ଜେନରଲ ଜଣ୍ଡି ଓ ଜେନେରଲ ବୋଥା ଅଧୀନରେ ବୁର ସୈନ୍ୟମାନେ ଲେଡିସ୍ମିଥକୁ ପ୍ରେରିତ ହୋଇଅଛନ୍ତି ।

ତା ୨୪ ରଖ ତାରସମ୍ବାଦ । ଜେନେରଲ ଓ୍ୱାରେନ ସ୍ପିୟୁନକୋପ ଆକ୍ରମଣ କରିବେ । ନେଟାଲ ଓ ଗ୍ରିଂକ୍ଲୋଟ ରେଲଓ୍ୱେର ପୋଲସବୁର ତଳେ ବାରୁଦ ଅବସ୍ଥାପିତ କରି ହୋଇଅଛି ଇଂରେଜ ସୈନ୍ୟର ପ୍ରତ୍ୟାବର୍ତ୍ତନ ଆବଶ୍ୟକ ହେଲେ ସେହିସବୁ ପୋଲ ଉଡ଼ାଇ ଦେବାର କଳ୍ପନା କରାହୋଇଅଛି ।

ଲଣ୍ଡନଠାରୁ ଡେଲିମେଲ ତାରବାର୍ତ୍ତା ଦେଇଅଛନ୍ତି ଯେ ବୁରମାନେ ପର୍ତ୍ତୁଗାଲ ଦେଶ ପାର ହୋଇ ରୋଡେସିଆ ଗମନ କରିବାପାଇଁ ସନ୍ଧି ଭଙ୍ଗ କରୁଅଛନ୍ତି ତେଣୁ ପର୍ତ୍ତୁଗାଲ ଲୋରେଞ୍ଜୋମାର୍କେଠାରୁ ଯୁଦ୍ଧଦ୍ରବ୍ୟ ଓ ଲଣ୍ଡନ-

Digitized by srujanika@gmail.com

ଠାରୁ ସୈନ୍ୟ ପ୍ରେରଣ କରୁଅଛନ୍ତି । କେମ୍ବର୍ଲି-ଠାରୁ ଆକ୍ରମଣ ହେବାରୁ ଶତ୍ରୁପକ୍ଷରୁ ଉତ୍ତାନର ଅଗ୍ନି ବର୍ଷଣ ହୋଇଅଛି ଏବଂ ଜଣାଗଲା ଶତ୍ରୁମାନେ କେମ୍ବଲି ପରିତ୍ୟାଗ କରି ଯାଉଛନ୍ତି ।

ତା ୨୫ ରଣ ତାରସମ୍ବାଦ । ଜେନେରଲ ଓ୍ୱାରେନଙ୍କ ସୈନ୍ୟଦଳ ସ୍ପିଅନକୋପ ଅଧିକାର କରିଅଛନ୍ତି । ଲେଡିସ୍ମିଥକୁ ଯିବାର ବାଟ ପରିଷ୍କାର ହୋଇଅଛି । ଲେଡିସ୍ମିଥର ଉଦ୍ଧାର ନିଶ୍ଚୟ ହୋଇଅଛି ।

ତା ୨୨ ରଣ ତାରସମ୍ବାଦ । ମଡ୍ଡାରନଦୀ ଠାରେ ହାଇଲେଣ୍ଡ ବ୍ରିଗେଡଙ୍କର ସେନାପତି ପଦରେ ଜେନେରଲ ମାକ୍‌ଡୋନେଲ୍ଡ ନିଯୁକ୍ତ ହୋଇଅଛନ୍ତି ।

ରେନ୍ସବର୍ଗରୁ ତା ୨୩ ରଣରେ ତାରସମ୍ବାଦ ଆସିଅଛି ଯେ ଜେନରଲ ଫ୍ରେଞ୍ଚ କୋଲେସ୍‌ବର୍ଗ-ଠାରେ ବୁଅରଙ୍କ ଚତୁଃପାର୍ଶ୍ୱରେ ସୈନ୍ୟମାନଙ୍କୁ ଏକତ୍ରିତ କରାଉଅଛନ୍ତି । ଶତ୍ରୁସୈନ୍ୟ ସାତ ସହସ୍ର ସମବେତ ହୋଇଅଛନ୍ତି ।

ଲେଡିସ୍ମିଥ ଓ ଫୋର୍ଟଜିଟର ଉଭୟ ମଧ୍ୟ ସ୍ଥଳରେ ଛ ଗୋଟି ବୁଅରଶିବିର ଅଛି ।

ବୁଅରମାନେ ଗତ ତା ୬ ରଣରେ ଲେଡିସ୍ମିଥରୁ ଯେଉଁ ୨ ସ୍ଥାନରେ ଆକ୍ରମଣ କରିଥିଲେ ସେସବୁ ସ୍ଥାନ ଦୃଢ଼ କରାଯାଇଅଛି ।

ଲେଡିସ୍ମିଥ ବର୍ତ୍ତମାନ ଅଗମ୍ୟ ହୋଇଅଛି ।

ତା ୨୧ ରଣରେ ଯେଉଁ ସ୍ଥାନସବୁ ଅଧିକାର କରିଥିଲେ ସେଠାରେ ଜେନେରଲ ଓ୍ୱାରେନଙ୍କ ସୈନ୍ୟଦଳ ବୁଅରଙ୍କ ଶବ ଦେଖିବାକୁ ପାଇଥିଲେ ।

ଜେନେରଲ ବୁଲର ତାରଯୋଗେ ଜଣାଇଛନ୍ତି ଯେ ଜେନେରଲ ଓ୍ୱାରେନଙ୍କ ସେନାଦଳ ସ୍ପିଅନ୍‌କୋପ ପରିତ୍ୟାଗ କରିଅଛନ୍ତି ।

ଜେନେରଲ ବୁଲର ସମ୍ବାଦ ଦେଇଅଛନ୍ତି ଯେ ତା ୨୫ ରଣ ଯୁଦ୍ଧରେ ଜ ୭ ଣ କର୍ମଚାରୀ ହତ, ଜ ୧୨ ଣ ଆହତ, ଜ ୧୮ ଣ ସୈନ୍ୟ ହତ, ଜ ୧୪୬ ଣ ଆହତ ଓ ଜ ୩୧ ଣ ଅପ୍ରାପ୍ତ ।

ତା ୨୭ ରଣ ତାରସମ୍ବାଦ । ଡେଲିନ୍ୟୁସ୍ କହନ୍ତି ଯେ ଯୁଦ୍ଧ ନିମନ୍ତେ ଆଉ ୨ ହ ମୁଦ୍ରା ଅତିଶୀଘ୍ର ଆବଶ୍ୟକ ହେବ ।

କାଶ୍ମୀର ମହାରାଜା ବା ପାଞ୍ଚ ସୈନ୍ୟମାନଙ୍କୁ ଏକତ୍ରିତ କରିବାର ଗବର୍ଣ୍ଣମେଣ୍ଟ ଯୁକ୍ତିସିଦ୍ଧ ବିବେଚନା କରୁଅଛନ୍ତି ଓ ୮ ମ ଡିଭିଜନକୁ ଏକତ୍ରିତ କରିବାର ଅପ୍ରୋଜନ ଲାଗିଅଛି ।

୭ ମ ଡିଭିଜନର ଏକଭାଗ କେପଟାଉନରେ ପହଞ୍ଚିଅଛନ୍ତି ।

ସ୍ପିୟନ୍‌କୋପ ପରିତ୍ୟାଗ କରିବାର ଜେନେରଲ ଓ୍ୱାରେନ ଆବଶ୍ୟକ ଜ୍ଞାନ କରିଥିଲେ । ଶତ୍ରୁପକ୍ଷର ଗୋଲନ୍ଦାଜଙ୍କଠାରୁ ବହୁ ସମୟରେ ଭୟଙ୍କର ଗୋଳାବୃଷ୍ଟି ହେବାରୁ ଓ ଖାଦ୍ୟ ଜଳର ଅଭାବରେ କାତର ହେବାରୁ ସ୍ପିୟନ୍‌କୋପ ପରିତ୍ୟାଗ କରିବାର ଆବଶ୍ୟକ ହେଲା । କଲେନ୍‌ସୋ ଓ ଲେଡିସ୍ମିଥ ମଧ୍ୟସ୍ଥଳରେ ବୁଅରମାନଙ୍କ ସୈନ୍ୟଦଳ ଅଧିକ ବଳରେ ଅଛନ୍ତି ।

ତା ୨୭ ରଣ ତାର ସମ୍ବାଦ । ଟ୍ରାନ୍ସଭାଲର ବିଶ୍ୱସ୍ତ ସୂତ୍ରରେ ଉତ୍ତମ ସମ୍ବାଦ ପାଇଅଛନ୍ତି ଯେ ମେଫ୍‌କିଙ୍ଗ ତା ୨୩ ରେ ଉଦ୍ଧାର ହୋଇଅଛି ।

ସ୍ପିଅନ୍‌କୋପରେ ଯେଉଁ ମୃତ୍ୟୁ ସଂଖ୍ୟା ହୋଇଥିବାର ପୂର୍ବରୁ ପ୍ରକାଶ କରାଯାଇଅଛି ତଦପେକ୍ଷା ଅନେକ ବେଶୀ ହୋଇଅଛି ।

ତା ୨୮ ରଣ ତାର ସମ୍ବାଦ । ଲର୍ଡରବର୍ଟସ ସମ୍ବାଦ ଦେଇଅଛନ୍ତି ଯେ ଜେନରଲ ଫ୍ରେଞ୍ଚ ତା ୨୫ ରଣ ଦିବସ ଶତ୍ରୁର ଅବସ୍ଥାନ ପରିଦର୍ଶନ କରି ଦେଖିଅଛନ୍ତି ଯେ ପିଯୁର୍ଟିଫଣ୍ଟେନଠାରେ ଅନେକ ଶତ୍ରୁ ଦୃଢ଼ଭାବରେ ଅବସ୍ଥାନ କରୁଅଛନ୍ତି, ଅବସ୍ଥା ପୂର୍ବବତ ଅଛି । ଉଭୟଙ୍କ ଯୁଦ୍ଧ ଚାଲିଅଛି । ସାର ରେଡଭର୍ଷ ବୁଲର ତା ୨୫ ରଣ ସକାଳରେ ସାର ଚାର୍ଲସ ଓ୍ୱାରେନଙ୍କ ତାମ୍ବୁରେ ଉପସ୍ଥିତ ହୋଇ ବିଚାର କଲେ କି ସ୍ପିୟନସ୍କୋପକୁ ୨ୟ ଥର ଆକ୍ରମଣ କରିବା ବୃଥା ଜାଣି ସ୍ୱଦଳ ଟୁଗେଲା ଦକ୍ଷିଣକୁ ସୈନ୍ୟମାନଙ୍କ ଫେରାଇ ଆଣିଥିଲେ । ଜେନେରଲ ବୁଲର ତା ୨୭ ରଣରେ ଲେଖିଅଛନ୍ତି ଯେ ଜେନେରେଲ ଓ୍ୱାରେନ ତା ୨୦ ରଣ ଦିବସ ଶତ୍ରୁମାନଙ୍କ ତଡ଼ି ଦେଇଥିଲେ ଶତ୍ରୁମାନେ ସେମାନଙ୍କ ଅତି ସନ୍ନିକଟରେ ରହିଥିଲେ । କିନ୍ତୁ ଅବସ୍ଥିତ ଭୂଭାଗ ଥିଲା ମାତ୍ର ଅଗ୍ରସର ହେବା ନିମନ୍ତେ ସୁପଥ ନ ଥିଲା । ବାଟସବୁ ଦୁର୍ଗମ ଓ ଜଳ ଅଭାବ ବଡ଼ କଷ୍ଟ ବୋଧ ହୋଇଥିଲା ।

ତା ୨୩ ରଣ ଦିବସ ସ୍ପିଅନ୍‌କୋପ ଆକ୍ରମଣ କରିବା ନିମନ୍ତେ ଆଦେଶ ପ୍ରଦାନ କରିଥିଲେ । ଉତ୍ତର ଦିଗରେ ପଥ ସୁଗମ୍ୟ ଥିଲା ! ଜେନେରଲ ଓ୍ୱାରେନ ତା ୨୪ ରଣ ରାତ୍ରରେ ସ୍ପିଅନ୍‌କୋପ ଅଧିକାର କରିଥିଲେ ମାତ୍ର ଏହାକୁ ଅଧିକାର କରି ରଖିବା କଷ୍ଟକର ଦେଖାଯାଇଥିଲା କାରଣ ଏହାର ଅସୁବିଧା ବଡ଼ ଓ ଜଳର ଅଭାବ । ଗୋଳା ବୃଷ୍ଟି ହେଉଥିଲେ ସୁଦ୍ଧା ସମସ୍ତ ଦିନ ପର୍ଯ୍ୟନ୍ତ ରକ୍ଷାକରା ହୋଇଥିଲା ଓ କେତେକ ସୈନ୍ୟଦଳ ସ୍ପିଅନ୍‌କୋପର ଉପରିଭାଗ ପର୍ଯ୍ୟନ୍ତ ପହଞ୍ଚି ଥିଲେ । କର୍ଣ୍ଣେଲ ଉଡ଼୍‌ଗେଟ ସେମାନଙ୍କର ସେନାପତି ଥିଲେ ସେ ଆହତ ହେବାରେ ତାଙ୍କ ସ୍ଥାନରେ ନିଯୁକ୍ତ କର୍ଣ୍ଣେଲ ତା ୨୪ ଓ ୨୫ ରଣ ରାତ୍ରରେ ମୀମାଂସା କଲେ ଯେ ଏ ସ୍ଥାନ ପରିତ୍ୟାଗ କରିବା ଶ୍ରେୟ ଓ ସକାଳ ପୂର୍ବରୁ ସେଠାରୁ ଚାଲି ଯାଇଥିଲେ । ସକାଳ ୫ ଟା ସମୟରେ ଜେନେରଲ ବୁଲର ଜେନେରଲ ଓ୍ୱାରେନଙ୍କ ତାମ୍ବୁରେ ପହଞ୍ଚି ସ୍ପିଅନ୍‌କୋପ ୨ୟ ଥର ଆକ୍ରମଣ କରିବା ବୃଥା ପରାମର୍ଶ ଦେଇ ସୈନ୍ୟମାନଙ୍କୁ ଟୁଗେଲାର ଦକ୍ଷିଣକୁ ଫେରି ଯିବାର ଆଦେଶ ଦେଲେ । ଜେନେରଲ ଓ୍ୱାରେନଙ୍କ ସୈନ୍ୟଦଳ ତା ୨୭ ରଣ ଦିବସ ଟୁଗେଲା ନଦୀର ଦକ୍ଷିଣରେ ଉପସ୍ଥିତ ହୋଇଥିଲେ । କୌଣସି ସେନା ଘଡ଼ା ଦ୍ରବ୍ୟର କ୍ଷତି ହୋଇ ନାହିଁ ।

ସ୍ପିଅନ୍‌କୋପ ଅଧିକାର ସମ୍ବନ୍ଧରେ ବୁଅରମାନଙ୍କର ଇତିହାସ ଏହି ଯେ ବ୍ରିଟିଶମାନଙ୍କ ଲଡ଼ାଇଟି ତୋପ ଅକର୍ମଣ୍ୟ ହୋଇଥିଲା । ବ୍ରିଟିଶଙ୍କ ମଧ୍ୟରୁ ଜ ୧୫୦୦ ଣ ହତ ହୋଇଥିଲେ ଓ ବୁଅର ପକ୍ଷରେ ମଧ୍ୟ ଅନେକ ବହୁମୂଲ୍ୟ ଜୀବନ ନଷ୍ଟ ହୋଇଥିଲା ।

ତା ୨୯ ରଣ ତାର ସମ୍ବାଦ । ଲେଡିସ୍ମିଥ ରକ୍ଷା କରିବା ନିମନ୍ତେ ଅତି ଚେଷ୍ଟା କରିବ ବିଷୟ ବ ତା ଲର୍ଡ ରବର୍ଟଙ୍କ ନିକଟରୁ ଟାଇମସ୍ ପତ୍ରିକା ଉତ୍ତର ପ୍ରାର୍ଥନା କରିଅଛନ୍ତି । ଉକ୍ତ ପତ୍ରିକା ଅନ୍ତର ୫୦୦୦୦ ସୈନ୍ୟ ପଠାଇବା ନିମନ୍ତେ ଓ ୫୦୦୦୦ ସୈନ୍ୟ ପ୍ରସ୍ତୁତ କରି ରଖିବା ନିମନ୍ତେ ପରାମର୍ଶ ଦେଇଅଛନ୍ତି ।

ସାପ୍ତାହିକ ସମ୍ବାଦ ।

କଲିକତା-ଗେଜେଟ ।

ନିମ୍ନଲିଖିତ ଡେପୁଟି ମାଜିଷ୍ଟ୍ରେଟମାନେ ପଦୋନ୍ନତି ପ୍ରାପ୍ତ ବା ବଦଳି ଓ ନିଯୁକ୍ତ ହୋଇଅଛନ୍ତି ।

ବାବୁ ଯୋଗେନ୍ଦ୍ରନାଥ ଦାସ — ୬ଷ୍ଠ ଶ୍ରେଣୀରେ ବାହାଲ ।
" ଶ୍ରୀ ଗୋପାଳ ଚକ୍ରବର୍ତ୍ତୀ
" ଶ୍ରୀରାମଚନ୍ଦ୍ର ଘୋଷ
" ଶ୍ରୀ ହରିଚନ୍ଦ୍ର ଦତ୍ତ } ୫ମ " "
ମିଃ ଜେ, ଇ ଗ୍ରେଗ ପେଡ଼ର
ବାବୁ ଧରଣୀଧର ଦାସ } ୪ ର୍ଥ ଶ୍ରେଣୀରେ ପଦୋନ୍ନତ
ମୌଲବି ସୟଦ୍ ଅବଦୁଲ ସଲେକ ୭ମ ଶ୍ରେଣୀରେ ବାହାଲ
ବାବୁ ନାରାୟଣ ଚନ୍ଦ୍ର ଜାମୁଦ
" ଶଶୀଭୂଷଣ ଦତ୍ତ
" ଦେବେନ୍ଦ୍ରନାଥ } " ପଦୋନ୍ନତ

Split by PDF Splitter
Digitized by srujanika@gmail.com

ବାବୁ ନିଧିବଲ୍ଲଭ କୈବର୍ତ୍ତ ନିମନ୍ତେ ପଦୋନ୍ନତ

ବାବୁ ମାଧବଲାଲ " ଗୋପାଳଚନ୍ଦ୍ର ଘୋଷ " ହରକୃଷ୍ଣ ଦେ ଗଦାଧର ସରକାର	୮ ମ ଶ୍ରେଣୀରେ ନିଯୁକ୍ତ

ସୁବର୍ଣ୍ଣପୁର ଏସିଷ୍ଟାଣ୍ଟ ହିଉଲ ସର୍ଜନ କପ୍ତାନ ଅଭ, ଏସ, ମାଡେକସ କାଲେକ୍ଟର ସହକାରୀ ସର୍ଜନ ପଦରେ ନିଯୁକ୍ତ ହେଲେ ମାତ୍ର ସେମାନଙ୍କ ପର୍ଯ୍ୟନ୍ତ ସାଧାରଣ କାର୍ଯ୍ୟ କରୁଥିବେ।

ଦେଶୀୟ ସବଆସିଷ୍ଟାଣ୍ଟ ସର୍ଜନ ମଃ ଏ ମଧୁସୂଦନ ବୋଷଙ୍କର ସ୍ଥାୟୀପଦରେ ଦେଓଘର ଛାଉଣିର ହାସପାତାଳ ଭାର ଦତ୍ତ ହୋଇଅଛନ୍ତି।

ପୋଲିସ ବିଭାଗର ଇନସ୍ପେକ୍ଟର ଜେନେରଲ ସାହେବ ଏ ଜିଲ୍ଲା ପରିଦର୍ଶନାର୍ଥେ ଆଗମନ କରିଅଛନ୍ତି।

ବାଙ୍କ କଲେଜ୍‌ର ମହାଜନ ବାବୁ ଅଭିମନ୍ୟୁ ମହାପାତ୍ର ୧୦ ତାରିଖଠାରୁ ତେଷଣି ଦେଇ ବଡ଼ାଦିନ ଛୁଟିରେ ରହିଅଛନ୍ତି, ସେଠା ଜେଲା ବୋର୍ଡ ବାବୁ ଶ୍ୟାମାଚରଣ ମିଶ୍ର ମହାଶୟଙ୍କ କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି।

ଶୁଣାଯାଏ ମିଃ ଦାସ ଓଡ଼ିଶା ବିଭାଗର କମିଶନର ପଦରେ ନିଯୁକ୍ତ ହୋଇ ଆସୁଅଛନ୍ତି।

ଏମାନଙ୍କର ସ୍ମରଣ ଶକ୍ତି ଅତ୍ୟନ୍ତ ଅନେକ ଅଞ୍ଚଳ ହରପତ ଉଜାଡ଼ ଓଡ଼ିଆ ବହୁତ ଶୀତ ମଧ୍ୟ ଥାଏ। ସେମାନେ ଜଣକୁ ଅଣ୍ଟା । ସେ ସାତଦିନ ସ୍ଥଳରେ ଦାନା ଦିଆଯାଇ ଉଲ୍ଲ ଉଲଗ୍ନ ରାଜୁଛନ୍ତି।

ଏଠାରେ ଗୋଟିଏ ଶୋପଣ୍ଡି ଜାଲୁକାଠାରେ ବସି ନିଦ୍ରା ଯିବାର ସମ୍ଭବ ହୋଇଥିବା ଗୋଟିଏ ଧର ଦାଲୁ ଆଣିଲେ ତାହାର ପ୍ରଶଂସା କରୁ । ସେହି ଦିନରୁ ଜଣା- ଇବୁ ସନ୍ତୋଷ ଅନୁଚିତ।

ଜାଲୁକାରରେ ଆଜି ଗୋଟିଏ ସ୍କୁଲର ଓ ସ୍କୁଲ୍‌ର ନାମଦାଦ ହୋଇଥିବ । ସ୍କୁଲ ଗୁଡ଼ିକ ସ୍କୁଲ୍‌ରୁ ପରସ୍ତ ହୋଇଦେବ।

ଜଣେ ମୁସଲମାନ ଅଶିକ୍ଷିତ ସ୍କୁଲ ଇନସ୍ପେକ୍ଟର ବଦଳରେ ସ୍କୁଲମାନ ପରିଦର୍ଶନ କରୁଅଛନ୍ତି।

ବଜାରରେ ବର୍ତ୍ତମାନ ଲୁଗା ବଜାରରେ ବଡ଼ ଟଙ୍କା ଉଠା ହୋଇଅଛି । ବସ୍ତ୍ର ଦରର ଏଥିର କାରଣ ବୋଲି ଅନୁମାନ ହୁଏ।

ବଜାରର ଶେଷ ଦିନ ମାନ୍ଦ୍ରାଜ ପଦାତିକ ସୈନ୍ୟ ଗଡ଼ ଉଦ- ବାର ଅଭ୍ୟାସର ଗମନ କଲେ ଦେଶୀୟମାନଙ୍କୁ ଏକବାର ମାନ୍ଦ୍ରାଜ ପଦାତିକ ସୈନ୍ୟ ବଜାରକୁ ଆଗମନ କରିବେ ମାତ୍ର ଏପର୍ଯ୍ୟନ୍ତ ଦେଖି ନାହାନ୍ତି।

ଟୋକିଓ ଇଉଲିଡ଼ଭିଲ୍ଲାରେ ଏକ ଜାହାଜ ପ୍ରାକୃତ ଭୂକମ୍ପର ସ୍ଥଳରେ ବିଷୟ କରୁଅଛନ୍ତି । ତାଙ୍କ ନିକଟରେ ଅନେକ ଲୋକ ଉପସ୍ଥିତ ହେଉଅଛନ୍ତି।

ପୋଲଦଣ୍ଡ ବନ୍ଧୁଙ୍କ ଗୋଟିଏ ଓଡ଼ିଆ ପିଲା ସୈନ୍ୟ ହୋଇ ସ୍କୁଲର ପଶ୍ଚିମ ବେଲଗାମ ସଙ୍ଗେ ଭଦ୍ର ସୁଲକଣ୍ଠମଧ୍ୟରେ ଠିକ ପର୍ଯ୍ୟନ୍ତ ହୋଇଅଛି । ତାହାଙ୍କ କଥା ଶୁଣିଲେ ଓ ରୂପ ଦେଖିଲେ ଓଡ଼ିଆ ବୋଲି ଜଣାଯାଉ ନାହିଁ । ସମସ୍ତ ଲୋକେ ଚମତ୍କୃତ ଅଟନ୍ତି।

ଏହି ଲୋକ ମୁଖାମଣ୍ଡ ପୁରୁଷର ପ୍ରବେଶ ହାତିଗୋଲବସ୍ତ ନାଟକ ଭଳିରେ ଜଣକୁ ଭାସ ଦେଇଯାଉଅଛି।

ବୃନ୍ଦାବନ ସଦସ୍ୟଙ୍କ ମୃତ୍ୟୁ ଘଟିବା ମାସରେ ଅଧିକାରୀମାନେ ତଦନ୍ତ ସୂଚନା ହୋଇଅଛନ୍ତି।

ବୁଝିକ ଟେଣ୍ଡର୍‌ମ୍ପିନ ମାତ୍ର ନିଯୁକ୍ତ ତାଙ୍କ ବଦଳୁ ପ୍ରେମ ହୋଇବସ ତାହା ଧନପତି ଅଧ୍ୟାପକମାନେ ବନ୍ଦ ପାଇଅଛନ୍ତି । ପଣ୍ଡିତ ଓ ଭଣ୍ଡାର ଶ୍ରେଣୀବଦ୍ଧ କଲେ।

ରେଲ୍‌ୱେ ଷ୍ଟେସନ ଜାଜପୁର ରୋଡଠାରୁ ଯାଜପୁର ପର୍ଯ୍ୟନ୍ତ ରେଲ ଖୋଲା ନ ଯାଇ ଟ୍ରାମଗାଡ଼ି ଚଳାଇବା ସ୍ଥିର ହୋଇଅଛି।

ଦେଉଳଗିରି ମଠରେ ଗୋଟାଏ ଲୋକ ଅଜଗର ସାପର କାମୁଡ଼ାରେ ମୃତ ହୋଇଅଛି।

ଗୋଉଧାଅଞ୍ଚଳରୁ କେତେଗୁଡ଼ାଏ ଲୋକ ସିଲହଟ୍ ଯାଉ- ଅଛନ୍ତି।

କାଶୀପୁରର ଜଣେ ବ୍ରାହ୍ମଣ ଅଲୌକିକ ଅବସ୍ଥାରେ ହୋମ କରୁଥିବାରୁ ଏକଘରିଆ ହୋଇଅଛନ୍ତି।

ଶୁଣାଯାଏ ଡେଙ୍କାନାଳ ଗଡ଼ରେ ଏକ ସାହେବଙ୍କର ଗୋଟିଏ ପୋଷା ବିଲୁଆକୁ ବାଘ ନେଇଯାଇଅଛି । ସେହି ସ୍ଥଳ ସବ ଜଙ୍ଗଲରେ ବାଘର ପଦ ଚିହ୍ନ ଦେଖାଯାଇଥିଲା । ଅଞ୍ଚ- ଳର ପିଲାମାନଙ୍କର ଭୟ ହୋଇଅଛି । ପିଲାଙ୍କୁ ସାବଧାନରେ ରଖାଇବା କର୍ତ୍ତବ୍ୟ।

କଲିକତାରେ ଗୋଟିଏ ପଣ୍ଡ ଗଛରୁ ପକ୍ଷୀ ଧରା ପାଇଅଛି । ତାହାର ଉପରେ ଗୋଟାଏ ଲତା ପଡ଼ିଯାଇ ମୁଣ୍ଡଅଙ୍ଗୁଳ ଲମ୍ବା ଜାତ ହୋଇଅଛି ସେ ଗଛର ଚଳିଶି ସାଲିର ଅଛି।

ଚଣ୍ଡିଗଡ଼ପ୍ରଦେଶର ବୃଷ୍ଟିର ସୈନ୍ୟର ଲୟ ସବ ଅଂଶରେ କାଳୀପୂଜା ଅତି ସମାରୋହ ପୂର୍ବକ କରିବା ନିମନ୍ତେ କଲିକତା ପ୍ରେସିଡେନ୍ସି କଲେଜର ସଂସ୍କୃତ ଅଧ୍ୟାପକ ମହାମହୋପାଧ୍ୟାୟ ହର ପ୍ରସାଦଶାସ୍ତ୍ରୀ ଅନେକ ଦୈବିକ ପ୍ରଧାନ ଲୋକଙ୍କ ସହିତ ଅନ୍ଵେଷଣ କରୁଅଛନ୍ତି।

ତା ୨୮ ଜାନୁଆରି ରୋପ ଇଂରେଜ ସୈନ୍ୟ ଦଳ ୨୦ ଛନ୍ତି। ଏଥିର ଗୋଟି ଠିକଣାରେ ସ ୮୦୪୦ ଜ ପର୍ଯ୍ୟନ୍ତ ଯିବ। ଭୂରମାନଙ୍କ ଲୋକ ସ ୬୬୦୦ ଜ ପର୍ଯ୍ୟନ୍ତ ଯାଇଥିଲ।

କର୍ଣ୍ଣେଲ କାଲେଜପାଟେଲଙ୍କ ଅନୁଷ୍ଠାନର ଏକ ଗଳ୍ପ ରଚନା ହୋଇଅଛି । ମେଫକିଂଠାରେ ସେ ଦୁର୍ଗରକ୍ଷ କାର୍ଯ୍ୟରେ କିମ୍ବା ଥିଲେ ବଳୁ ଦୁର୍ଗରକ୍ଷା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନାହିଁ ଇତମଧ୍ୟରେ ଭୂଇସୈନିକମାନଙ୍କ ସୂଚନାର୍ଥେ ଉପସ୍ଥିତ। ପାତେଲ ଅତି ଅଳ୍ପସଂଖ୍ୟ ପାଇଲେ ମାତ୍ର କାର୍ଯ୍ୟ ଶେଷ କରି ଦୁର୍ଗରକ୍ଷା କରିବାରେ ସମର୍ଥ ହେବେ ମାତ୍ର ସମୟ କାହିଁ ପାଇଛନ୍ତି ?

ଏକ ଉପାୟ ଉଦ୍ଭାବନ କଲେ । ଏକ ଗୋଟିକ ପୁରୁଷ ଦେଇ ପଠାଇବା ସେହି ଦୁର୍ଗ ମଧ୍ୟରୁ ବହିର୍ଗତ ହୋଇ ଶତ୍ରୁ ଅଭିମୁଖେ ଗମନ କଲା । ଭୂରଙ୍କ ସେନାପତି ତାହାକୁ ଦେଖିଲେ। ସେ ସଭାର ପତାକା ଦେଖି ଆହ୍ଲାଦରେ ମଗ୍ନ ହେଲେ । ମନେକଲେ ମେଫକିଂ ହସ୍ତଗତ ହେଲା । ଭୂରଙ୍କ ସୈନ୍ୟ ଯୁଦ୍ଧ ଇଚ୍ଛା ପରିତ୍ୟାଗ କଲେ । ଇଂରେଜ ସୈନିକ ପୁରୁଷ ଜଣ୍ଡିଙ୍କ ନିକଟରେ ଉପସ୍ଥିତ ହୋଇ ତାଙ୍କର ପ୍ରଭୁ କର୍ଣ୍ଣେଲ ପାଟେଲଙ୍କ ପତ୍ର ପ୍ରଦାନ କଲେ । ସେହି ପତ୍ର ପାଠ କରି ଅବାକ୍ । ପତ୍ରରେ ଲେଖାଅଛି "କର୍ଣ୍ଣେଲ କେଡେନ- ପାଟେଲ ଏଠାରୁ ଅଭିବାଦନ କରୁଅଛି ଓ ସେନାପତିଙ୍କି ଜଣାଉଅଛି ଯେ ସେ ଯଦି ସହରକୁ ଅଧିକ ଗୋଲା ଫିଙ୍ଗି କରନ୍ତି ତେବେ ସୁଦ୍ଧ ଘୋଷଣା ହେବ ବୋଲି ସେ ଜ୍ଞାନ କରିବେ ।" ଏହି ଅବସରରେ ମାଟିକାର୍ଯ୍ୟ ସମାପ୍ତ ପାଇଥିଲା।

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ- ମାନେ ଦାୟୀ ନୋହୁଁ।

ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ବରାବରେଷୁ

ମହାଶୟ !

କାୟସ୍ଥ କନଫରେନ୍ସରେ ବାବୁ ସୀତାନାଥ ରାୟଙ୍କର ଯୋଗଦାନ, ବିଷୟରେ ଆମ୍ଭର ପତ୍ର ଆପଣ ପ୍ରକାଶ କରିଥିବାରୁ ଆପଣଙ୍କୁ ଧନ୍ୟବାଦ ଦେଇ ଉତ୍କଳର ଅଧିକ ଲୋକଙ୍କର ବଂଶଗୁ ଜନ୍ମେ ଲେଖୁଅଛୁ ଅନୁଗ୍ରହ ପୂର୍ବକ ଆପଣଙ୍କ ବହୁମୂଲ୍ୟ ପତ୍ରିକାରେ ସ୍ଥାନ ଦାନ କରିବା ହେବେ।

କାୟସ୍ଥ କନଫରେନ୍ସ ବ୍ୟତୀତ ଉତ୍ତର-ପଶ୍ଚି- ମାଞ୍ଚଳରେ ଚାରି ଶ୍ରେଣୀ କାୟସ୍ଥମାନଙ୍କର ସ୍ଥାନୀୟ ଓ ପ୍ରଦେଶୀୟ ସଭାମାନ ନାନାସ୍ଥାନରେ ଓ ଏ- ସବୁଉପରେ ଏକ ସଦରସଭା ସମସ୍ତ ଭାରତବର୍ଷ ସକାଶେ ଲକ୍ଷ୍ନୌ ନଗରରେ ସ୍ଥାପିତ ଅଛି। ବାବୁ ହରଗୋବିନ୍ଦ ଦୟାଳ "ଏମ ଏ" ଓକିଲ ସରକାର ଉକ୍ତ ସଦର ସଭାର ସେକ୍ରେଟେରୀ ଓ କନଫରେନ୍ସର ସ୍ଥାପନକର୍ତ୍ତା ଅଟନ୍ତି। ତାଙ୍କର ଉତ୍କଳୀୟ କରଣ ପ୍ରଭୃତିଙ୍କ ବିଶେଷ ସହାନୁ- ଭୂତି ଓ ମଙ୍ଗଳକାମନା ଦେଖାଯାଏ। ଗତ ଜ୍ୟେଷ୍ଠ ମାସରେ ସୀତାନାଥବାବୁ ହରିଦ୍ୱାର ତୀର୍ଥ ପର୍ଯ୍ୟ- ଟନରେ ଯାଇ ବାଁସବରେଲିଠାରେ ଉକ୍ତ ସଭାର ଜଣେ ମେମ୍ବର ସଙ୍ଗେ ଆଳାପ କରି କନଫରେନ୍ସ ଦେଖିବାର ଇଚ୍ଛା ପ୍ରକାଶ କରିଥିଲେ। ପ୍ରଶଂସିତ ସେକ୍ରେଟେରୀ ଏହା ଅବଗତ ହେଲା ମାତ୍ରେ ସୀତା- ନାଥ ବାବୁଙ୍କୁ ମେମ୍ବର ନିଯୁକ୍ତ କରି କନଫରେନ୍- ସକୁ ଆମନ୍ତ୍ରଣ କଲେ। ମାତ୍ର ସେ କେବଳ ମେମ୍ବର ସ୍ୱରୂପେ ନ ଯାଇ ଏଠା ଶ୍ରୀବାସ୍ତବ ସମା- ଜର ଯୋଗଦାନ ଦର୍ଶାଇବା ଉଦ୍ଦେଶ୍ୟରେ ତହିଁର ପ୍ରତିନିଧି ସ୍ୱରୂପ ଉପସ୍ଥିତ ହେଲେ ଓ ସଭାରେ ଅଳ୍ପ ପଶ୍ଚିମା କରଣ ଦେଖି ଉତ୍କଳରେ ଅସଂଖ୍ୟ କରଣ ଅମ୍ବଷ୍ଠ (ଗ୍ଲାସଅମ୍ବଷ୍ଠ) ଥିବାର ଜଣାଇଲେ। ଏଥିରେ ସେକ୍ରେଟେରୀ ମହୋଦୟ ବଡ଼ ଆନନ୍ଦିତ ହେଲେ ଓ ଉତ୍କଳୀୟ କରଣ ମଧ୍ୟ ଚନ୍ଦ୍ରଗୁପ୍ତବଂଶୀୟ କାୟସ୍ଥ ଶ୍ରେଣୀଭୁକ୍ତ ସୁତରାଂ ଏକଭାଇ ଥିବା ବିବେଚନାରେ ଏମାନଙ୍କ ସହିତ ସ୍ୱଜାତୀୟ ଉନ୍ନତିସାଧନ କରିବାର ବହୁତ ଉତ୍କ- ଳୀୟ କାୟସ୍ଥ ଅର୍ଥାତ୍ କରଣ ଶ୍ରୀବାସ୍ତବ ଓ ଘମ୍ବଷ୍ଠମାନଙ୍କର ଗୋଟିଏ ସ୍ଥାନ କଟକରେ ସ୍ଥାପନ କରି ଲକ୍ଷ୍ନୌ ସଦର ସଭାର ମେଳରେ କାର୍ଯ୍ୟ କରିବାର ଉପଦେଶ ଦେଲେ ଏବଂ ଏହା ହେଲେ କଟକରେ କୌଣସି ସମୟେ କାୟସ୍ଥ କନଫରେନ୍ସ ସଭା ହେବାର କହିଲେ ଏ କାର୍ଯ୍ୟ ସମାଧା ସକାଶେ ସେ ସୀତାନାଥ ବାବୁଙ୍କୁ ଓଡ଼ିଶା ପାଇଁ ଏଜେଣ୍ଟ ଓ ଆମ୍ଭଙ୍କୁ ଶ୍ରୀବାସ୍ତବ ସମାଜର ସଭାପତି ସ୍ୱରୂପ ନିଯୁକ୍ତ କଲେ। ଉକ୍ତ ସଦର ସଭାରୁ କାୟସ୍ଥ କନଫରେନ୍ସ ଗେଜେଟ ନାମକ ସାପ୍ତାହିକ ପତ୍ରିକା ପ୍ରକାଶ ହୁଏ ଏ ପତ୍ରିକା ଓ ନିୟମାବଳୀ ଇତ୍ୟାଦି କାଗଜପତ୍ରମାନ ୧୦।୧୫ ଖଣ୍ଡ ଲେଖାଏ କରଣ ସକାଶେ ସେ ପଠାଇ ଅଛନ୍ତି ମାତ୍ର ଏ ସମସ୍ତ ହିନ୍ଦି ଭାଷାରେ ଥିବାରୁ ଗୋଲ ବନ୍ଧନ ହୋଇଅଛି।

Digitized by srujanika@gmail.com

Split by PDF Splitter

ପଶ୍ଚିମ କାୟସ୍ଥ ସମ୍ମିଳନୀରେ ଯେ କାର୍ଯ୍ୟମାନ ହେଉଅଛି ତହିଁର ବିବରଣୀ ନିମ୍ନେ ଦେଉଅଛୁଁ ଯଥା ।—

୧ । ବିବାହ ବ୍ୟୟ ଲାଘବ କରିବା ଓ ଦାନ ଯୌତୁକର ମୂଲ୍ୟ ନ ହୋଇ କନ୍ୟାକର୍ତ୍ତାର ଇଚ୍ଛା ଓ ଶକ୍ତି ଉପରେ ନିର୍ଭର କରିବ ।

୨ । ବାଲ୍ୟ ବିବାହ ରହିତ କରିବା ।

୩ । ଇଂରେଜୀ ଓ ଦେଶୀୟ ଭାଷାଶିକ୍ଷାରେ ଉନ୍ନତି କରିବା ।

୪ । ସ୍ୱ ଧର୍ମ ଓ ସ୍ୱଜାତିରେ ରହିବା ସକାଶେ ଶାସ୍ତ୍ର ପୁରାଣାଦି ହୃଦୟଙ୍ଗମ କରିବା ଭଳି ସଂସ୍କୃତ ଶିକ୍ଷାର ପ୍ରଚଳନ ।

୫ । ବଙ୍ଗଦେଶରେ ସିବିଲ ସର୍ଭିସ ଅର୍ଥାତ ହାକିମୀ ପରୀକ୍ଷା ଓ ଡାକ୍ତରୀ ଓ ଇଞ୍ଜିନିୟରିଂ (ବାହାର ମାନଙ୍କ) ପରୀକ୍ଷାର୍ଥୀମାନଙ୍କୁ ସାହାଯ୍ୟ ପ୍ରଦାନ ଓ ଅନାଥ ବାଳକମାନଙ୍କୁ ଶିକ୍ଷାଦାନ । ଏ ପାଣ୍ଠିର ନାମ (Kayest National Fund) ହେଲ ଓ ଅନ୍ୟ ବ୍ୟବସାୟ ଶିକ୍ଷାର୍ଥୀମାନେ ମଧ୍ୟ ଏଥିରୁ ସାହାଯ୍ୟ ପାଇବେ ।

୬ । କେବଳ ଚାକିରି ଉପରେ ନିର୍ଭର ନ କରି ବାଣିଜ୍ୟ ବ୍ୟବସାୟରେ ପ୍ରବୃତ୍ତ କରିବାର ଚେଷ୍ଟା କରିବା ।

୭ । ଇଂରେଜଙ୍କ ପରି ଯୌଥ ବ୍ୟବସାୟ-କମ୍ପାନୀ, କୋଠି ସ୍ଥାପନ କରିବା ।

୮ । ମାଦକ ସେବନର ଦମନ କରିବା ।

୯ । ଅହିତକର ଓ ଦୂଷଣୀୟ ସାମାଜିକ ରୀତିମାନ ସଂଶୋଧନ କରିବା ।

୧୦ । କାୟସ୍ଥ ପରିବାର ପେନସନ ପାଣ୍ଠି ସ୍ଥାପନ-ଏଥିର ଟଙ୍କା ଦାତାମାନଙ୍କ ମୃତ୍ୟୁ ଉତ୍ତରେ ସେମାନଙ୍କ ପରିବାର ମାସିକ ପେନସନ ପାଉଥିବେ ।

୧୧ । ବିବାହ ପାଣ୍ଠି ସ୍ଥାପନ- ଦୁଃସ୍ଥ ବ୍ୟକ୍ତିଙ୍କ ପୁଅ କନ୍ୟା ବିବାହରେ ଏପରିକି ଅନ୍ୟପକ୍ଷରୁ ଟଙ୍କା ନ ନେଇ ଏ ପାଣ୍ଠିରୁ ସାହାଯ୍ୟ ନେବେ ।

ଯେସ୍ଥଳେ ସଭାର ଉଦ୍ଦେଶ୍ୟ ଓ କାର୍ଯ୍ୟମାନ ଏପରି ମହତ ଓ ହିତକର ଅଟଇ ସେସ୍ଥଳେ ଉତ୍କଳୀୟ କରଣ, ଅମ୍ବଷ୍ଠ ଓ ଶ୍ରୀବାସ୍ତବ ସମସ୍ତଙ୍କର ଏ ବିଷୟରେ ମନୋଯୋଗୀ ଓ ସହିବାକୁ ହେବା ଆବଶ୍ୟକ ଅମ୍ଭେ ଭରସା କରୁଁ ଯେ ପ୍ରସ୍ତାବିତ ସଭା ସ୍ଥାପନ ପକ୍ଷରେ ସମସ୍ତେ ଅଗ୍ରସର ହେବେ ଅମ୍ଭ ଲେଖିବାର ଅଧିକ ।—

ମାହାଙ୍ଗା } ବଶମ୍ବଦ
୨୮।୧।୦୦ } ଶ୍ରୀ ଜଗନ୍ମୋହନ ଲାଲ

ମୂଲ୍ୟ ପ୍ରାପ୍ତି ।

ଶ୍ରୀ ବାବୁ ବ୍ରଜବାସୀ ପଟ୍ଟନାୟକ ସର୍ଭେ	ହେଡିଙ୍ଗଲ	୫ ୩୧
,, ହରିଶ ସାହୁ	ଦେମାଲିଆ	୫ ୧୫
,, ଜଗନ୍ନାଥ ସାହୁ	ନନ୍ଦକିଶୋର	୫ ୩୧

ବିଜ୍ଞାପନ ।

ବାଲେଶ୍ୱର ନଗରସ୍ଥ ଶ୍ରୀ ରାମଚନ୍ଦ୍ର ସ୍କୁଲରେ ମୋ ୮ ଟି ବୃତ୍ତି ଖାଲି ଅଛି ।

(୧) ସାହିତ୍ୟ ଉପାଧି ଶ୍ରେଣୀ, ମାସିକ
ଟ ୩ ୧ ଙ୍କା, ହିଃ ମୋ ୨ ଟି

(୨) ଦ୍ୱିତୀୟ ସାହିତ୍ୟ ଶ୍ରେଣୀ, ମାସିକ
ଟ ୨॥ ଙ୍କା ହିଃ ମୋ ୨ ଟି

(୩) ପ୍ରଥମ ସାହିତ୍ୟ ଶ୍ରେଣୀ, ମାସିକ
ଟ ୨ ୧ ଙ୍କା ହିଃ ମୋ ୨ ଟି

(୪) ବୈଦ୍ୟକ ଶ୍ରେଣୀ, ମାସିକ
ଟ ୨ ୧ ଙ୍କା ହିଃ ମୋ ୨ ଟି

ଦ୍ୱିତୀୟ ସାହିତ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ର ପ୍ରଥମ ବୃତ୍ତିର, ପ୍ରଥମ ସାହିତ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ର ଦ୍ୱିତୀୟ ବୃତ୍ତିର, ବ୍ୟାକରଣରେ ଉତ୍ତୀର୍ଣ୍ଣ ଛାତ୍ର ତୃତୀୟ ବୃତ୍ତିର, ପ୍ରଥମ ବା ଦ୍ୱିତୀୟ ସାହିତ୍ୟରେ ଉତ୍ତୀର୍ଣ୍ଣ ଛାତ୍ର ଚତୁର୍ଥ ବୃତ୍ତିର ଅଧିକାରୀ ହୋଇ ପାରିବେ । ଉକ୍ତ ବିଷୟମାନଙ୍କରେ ପ୍ରଥମ ବିଭାଗରେ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କର ଆବେଦନ ସମଧିକ ଆଦରଣୀୟ ହେବ । ପରୀକ୍ଷାରେ ପ୍ରାପ୍ତ ପ୍ରଶଂସା ପତ୍ରର ଅନୁଲିପି ସହିତ ଆଗାମୀ ଫେବୃୟାରୀ ତା ୨୮ ରଖ ମଧ୍ୟରେ ଅମ୍ଭ ନିକଟକୁ ଆବେଦନ ପତ୍ର ପଠାଇବେ । ମଫସଲ ଛାତ୍ରମାନେ ହୋଷ୍ଟେଲ ଗୃହରେ ରହି ପାରିବେ । ଇତି ।

ବାଲେଶ୍ୱର } ଶ୍ରୀ ତ୍ରୈଲୋକ୍ୟନାଥ ଘୋଷ ।
ବାଲେଶ୍ୱର ସଂସ୍କୃତ ସମିତିର
୩୧।୧।୯୦୦ } ସମ୍ପାଦକ

For sale! For sale!!

One storied Pucca building with a Bungalow on a piece of khasmahal land measuring about 24 Goonts belonging to late Babu Nogendra Nath Chatterjee at Mohidas Bazar, Town Cuttack. Enquire of Biswanath Sinha, Pleader, Cuttack.

NOTICE.

A meeting of the Directors of the Co-operative Store will be held in the Cuttack Printing Company's Hall on Monday the 5th February 1900 at 3 P. M.

The accounts will be laid before the Directors.

My object in starting this store was to convince the people that business can be carried on this joint Stock principle and I am glad I shall be able to show there has been profit not withstanding the fact that I was not able to attend to the business myself and had to leave most matters to servants who are not expected to be honest. I am sorry I cannot undertake to do the whole thing as I have done hitherto but I am willing to give any help to the extent my time permits.

My object in mentioning these facts in this notice is to give time to the shareholders and Directors to think and decide who wil undertake the work of Secretary and Treasurer. I hope some good soul will come forward as it will be a matter of great regret if the thing is allowed to drop.

Cuttack } M. S. DAS.
30—1—1900 }

ବିଜ୍ଞାପନ ।

ଆସନ୍ତା ଫିବୃୟାରୀ ମାସ ତା ୫ ରଖ ସୋମବାର ଅପରାହ୍ନ ୩ ଘଣ୍ଟା ସମୟରେ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ହଲ ଗୃହରେ ଯୌଥଭଣ୍ଡାରର ଡାଇରେକ୍ଟରମାନଙ୍କର ଏକ ସଭା ହେବ ।

ଡାଇରେକ୍ଟରମାନଙ୍କ ନିକଟରେ ହିସାବ ଉପସ୍ଥିତ କରାଯିବ ।

ଏକ୍ଷେତ୍ରରେ ଯୌଥ ଭାବରେ ବ୍ୟବସାୟ ଚଳପାରେ ଏହା ଲୋକଙ୍କର ବିଶ୍ୱାସ ଜନ୍ମାଇବା ଅଭିପ୍ରାୟରେ ଅମ୍ଭେ ଏହି ଭଣ୍ଡାର ଆରମ୍ଭ କରିଥିଲୁଁ ଓ ଅମ୍ଭେ ଆହ୍ଲାଦର ସହିତ ଜଣାଉଅଛୁଁ ଯଦ୍ୟପି ଅମ୍ଭେ ଏହି କାରବାରକୁ

Digitized by srujanika@gmail.com

Split by PDF Splitter

ନକେ ଦେଖିପାଇ ନାହୁଁ କେବଳ ଶୁଦ୍ର-ମାନଙ୍କଦ୍ୱାରା ଚଳାଇଥିଲୁଁ ଯେଉଁ ଶୁଦ୍ରମାନଙ୍କୁ -ଣ କଦାପି ସତ୍ୟ ହେବାର ଆଶା କରି ଯାଇ ନ ପାରେ, ତଥାପି କାରବାରରେ ଲାଭ ହୋଇ ଉଛି । ଅମ୍ଭର ଦୁଃଖ ହେଉଅଛି ଯେ ଆମ୍ଭେ ଯେପରି ସମ୍ପ୍ରଦାୟ କାର୍ଯ୍ୟ ଚଳାଇ ଆସୁଥିଲୁଁ ସେ-ପରି ଆଉ ସମ୍ପ୍ରଦାୟ କାର୍ଯ୍ୟ କରିବାକୁ ସକ୍ଷମ ହେଉ ନାହୁଁ କେନ୍ତୁ ଆମ୍ଭର ଅବକାଶାନୁଯାୟୀ ଆମ୍ଭେ ଯଥାସାଧ୍ୟ ସାହାଯ୍ୟ ପ୍ରଦାନ କରିବାକୁ ପ୍ରସ୍ତୁତ ଅଛୁ ।

ବିଜ୍ଞାପନରେ ଉପରୋକ୍ତ ହାଲମାନ ନିର୍ଦ୍ଦେଶ କରିବାର କାରଣ ଏହି ଯେ ସମ୍ପାଦକ ଓ ଶେଆର୍ କାର୍ଯ୍ୟ ଚଳାଇବା ଭାର କାହା ଉପରେ ଅର୍ପିତ କରାଯିବ ଏହା ସ୍ଥିର କରି ଠିକ୍ କରିବାକୁ ଅଂଶୀଦାର ଓ ଡାଇରେକ୍ଟରମାନେ ସମର୍ଥ ପାଇବେ । ଆମ୍ଭେ ଆଶା କରୁଁ କେହି ସାଧୁବ୍ୟକ୍ତି ଏହି କାର୍ଯ୍ୟ ନିମନ୍ତେ ଅଗ୍ରସର ହେବେ ନତୁବା ଏହି କାରବାର ଏହିଠାରେ ଶେଷ ହେଲେ ଅବଶ୍ୟ ଅତ୍ୟନ୍ତ ଦୁଃଖର ବିଷୟ ହେବ ।

କଟକ
ତା ୩୦ ରିଖ ଜାନୁୟାରି ସନ ୧୯୦୦ ମସିହା } ଶ୍ରୀ ମଧୁସୂଦନ ଦାସ

WANTED.

A second Clerk on Rs 30 a month. None need apply who has not passed the Entrance Examination and has some experience of office work. Applications will be received upto 15th February next by the undersigned.

Manager's office, Dhenkanal, The 29th January 1900. } M. Yusuf, *for Manager*

ବିଜ୍ଞାପନ ।

ଅନୁସନ୍ଧାନ

ଓ ଟ ୫ ଙ୍କା ପୁରସ୍କାର ।

। ଜି । କଟକ । ଥା । ଡାଳିଯୋଡାନ୍ତର୍ଗତ ମୌ । ତାରପୁର ନିବାସୀ ବନମାଳୀ ପଧାନ ।ଅମ୍ଭ ବାଙ୍କଧାନ ହକାଶେ ଜାଜାନା ମୌଜା ନିବାସୀ ନାରାୟଣ ସଡଙ୍ଗୀ ଷ୍ଟାମ୍ପଭେଣ୍ଡରଙ୍କଠାରୁ ତା ୨।-୭।୯୯ ରେ ଖରିଦ କରିଥିବା ନ ୩୨୦ ନମ୍ବ -ଣ୍ଡ ଟଙ୍କାକିମ୍ବା ଅଲେଖା ଷ୍ଟାମ୍ପ ହେବାର -ନ କରି ତା ୩।୨।୯୯ ରେ ଅମ୍ଭଙ୍କୁ ଦେଇ ଥିଲା ଆମ୍ଭେ ସେ ଷ୍ଟାମ୍ପକୁ ଅନ୍ୟାନ୍ୟ କେତେକ ଦସ୍ତାବିଜ କାଗଜ ସହିତରେ ରଖି ତାରପୁର ମୁକାମରୁ ଗତ ଜାନୁୟାରି ମାସ ତା ୨୭ ରିଖ ଗାଡିରେ ଘରକୁ ଆସୁଥିବା ସମୟେ ସେ ସମସ୍ତ ଦସ୍ତାବିଜମାନ ରାସ୍ତାରେ କେଉଁଠାରେ ହଜି ଯାଇଅଛି ମାତ୍ର ପାଇଥିବା ବ୍ୟକ୍ତି ଉକ୍ତ ଦସ୍ତାବିଜ-ମାନ ଆମ୍ଭକୁ ଦେଲେ ଆମ୍ଭେ ତାହାକୁ ୫ ଟଙ୍କା ପୁରସ୍କାର ଦେବୁଁ ଆଉ ମଧ୍ୟ ଉକ୍ତ ଷ୍ଟାମ୍ପ ଉପରୁ ଆମ୍ଭେ ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଉଅଛୁଁ କି ଉକ୍ତ ଷ୍ଟାମ୍ପ ବନମାଳୀ ପଧାନ ଆମ୍ଭ ବ୍ୟତୀତ ତାହାଙ୍କଠାରୁ କର୍ଜମାନ କରିନ କରି ନାହିଁ ଯଦି କେହି ମହାଜନ ନିକଟରେ ଏହାର କରଜ ଦେଇ ଥାଏ ତେବେ ଆଜ ତାରିଖରୁ ଏକମାସ ମଧ୍ୟରେ ସେ ଆମ୍ଭଙ୍କୁ ଜଣାଇଲେ ଆମ୍ଭେ ଏହି ଦେଣ ଟଙ୍କ ସହିତେ ଆଦାୟ କରି ଦେଇ ତାହାର ଲେଖିଦିଆ ଦସ୍ତାବିଜ ଓୟାପସ ନେବୁଁ । ଏକ ମାସ ପରେ କେହି ପାଉଣାଦାର ମହାଜନ ବାହାରିଲେ ସେ କୃତ୍ରିମ ମହାଜନ ଥିବାର ପ୍ରକାଶ ହେବ ଓ ଆଦାଲତରେ ଏହି ବିଜ୍ଞାପନ ଷ୍ଟାମ୍ପ ନକେ ହୋଇଥିବା ପରି ଗ୍ରାହ୍ୟ ହେବ । ଇତି । ପ୍ରକାଶ ଥାଉକି ଉପରୋକ୍ତ ଷ୍ଟାମ୍ପର ସମସ୍ତ ବିବରଣ ଅମ୍ଭ କୋର୍ଟରେ ଅବଗତ ହେଲୁଁ ।

ଶାଳଙ୍ଗା
ତା ୩।୨।୧୯୦୦
ଶୁକ୍ରବାର } ଶ୍ରୀ ଚୌଧୁରି ବନଦହାର ସାନୁଗୋ
ମହାଜନ
ଶାଳଙ୍ଗା । ପ୍ର । କୋଦୁଅ ତନ୍ତ୍ର
। ଜି । କଟକ

ଅଳଙ୍କାରସାର ।

କାମଣ୍ଡାର ସୁଯୋଗ୍ୟ ରାଜକୁମାର ଶ୍ରୀଯୁକ୍ତ ସଚ୍ଚିଦାନନ୍ଦଦେବ ମହୋଦୟ ପ୍ରଣୀତ "ଅଳଙ୍କାର-ସାର" ନାମକ ପୁସ୍ତକ ଭାଷା ବିଷୟକ ଜ୍ଞାନ ବୃଦ୍ଧି ସକାଶେ ପ୍ରତ୍ୟେକ ଭାଷାନୁରାଗୀ ବ୍ୟକ୍ତିଙ୍କର ଅବଶ୍ୟ ପାଠ କରିବା ଉଚିତ । ପୁସ୍ତକ ସରଳ-ଭାଷାରେ ଉଦାହରଣ ସହିତ ରଚିତ ହୋଇ-ଥିବାରୁ ପାଠକମାନେ ଅପରର ସାହାଯ୍ୟ ବ୍ୟତିରେକେ ବର୍ଣ୍ଣିତ ବିଷୟ ସହଜରେ ହୃଦୟ-ଙ୍ଗମ କରି ପାରିବେ । ପୁସ୍ତକଖଣ୍ଡି ଅତ୍ୟାଦେୟ ହୋଇଥିବା କଥା ଉତ୍କଳଭାଷା ପାରଦର୍ଶୀ ପଣ୍ଡିତ-ମାନେ ମୁକ୍ତକଣ୍ଠରେ ସ୍ୱୀକାର କରି ପ୍ରଣେତାଙ୍କୁ ଧନ୍ୟବାଦ ପ୍ରଦାନ କରିଅଛନ୍ତି । ଏହି ପୁସ୍ତକ କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକଦୋକାନରେ ଏବଂ କାମଣ୍ଡା ଛାପାଖାନାରେ ଅଶାଗତ ସୁଲଭ ମୂଲ୍ୟ ଦୁଇଅଣାରେ ବିକ୍ରୟ କରାଯାଉଅଛି । ଡାକମାସୁଲ ଏକଅଣା ମାତ୍ର ।

ଶ୍ରୀଯୁକ୍ତ ଟର୍ଣ୍ଣର ସାହେବଙ୍କ

ଓଡିଆ

ଟୀଚର୍ସ ମ୍ୟାନୁଏଲ

ଡେପୁଟିଦାସ୍ ଇନ୍‌ସ୍ପେକ୍ଟର ଉଦ୍ଧାରଲରୁ ଏହି ବହି ଷଣ୍ଡ୍ରେ ଲେଖାଏ କିଣିବାପାଇଁ କଟ-କର ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବ ଟେକ୍ସ ଆଦାୟ କାରୀ ସବୁ ମେମ୍ବରଙ୍କ ପ୍ରତି ଆଦେଶ କରି ପରୁ-ଆନା ବାହାର କରୁଅଛନ୍ତି ।

ଏଥିପାଇଁ ପଇସାକିମ୍ବା ପୋଷ୍ଟକାର୍ଡ ଖର୍ଚ୍ଚ ସୁଦ୍ଧା ଲେଖିବାକୁ ପଡିବ ନାହିଁ । ମାଜିଷ୍ଟ୍ରେଟ ସାହେବଙ୍କ ଚାଲିକା ଅନୁସାରେ ଆମ୍ଭର ମନୁଷ୍ୟ ଯାଇ ବହି ଦେଇ ପଇସା ନେଇ ଆସିବ । ଦାମ ପଠାଇବାର ଖର୍ଚ୍ଚ ସୁଦ୍ଧା ପଡିବ ନାହିଁ । କେବେ ବହି ନେବା ସଙ୍ଗେ ସଙ୍ଗେ ଦାମ ଦେବାକୁ ପଡିବ । ମେମ୍ବରମାନଙ୍କୁ ଅନୁରୋଧ ଯେ ଆମ୍ଭ ମନୁଷ୍ୟ ପହଞ୍ଚିଲା ମାତ୍ରକେ ବହି ନେଇ ଦାମ ଦେଇ ବିଦାୟ କରିଦେବେ ।

କଟକ ଓ ବାଲେଶ୍ୱରର ହାକିମମାନଙ୍କ ବ୍ୟବହାର ପାଇଁ ଗବର୍ଣ୍ଣମେଣ୍ଟ ଏହି ବହି କିଣି-ଅଛନ୍ତି ।

ପଞ୍ଚାୟତମାନଙ୍କ ପାଇଁ ବାଲେଶ୍ୱର ମାଜିଷ୍ଟ୍ରେଟ ୨୫୦ ଓ ପୁରୀ ମାଜିଷ୍ଟ୍ରେଟ ୧୭୦୦ ଖଣ୍ଡ ନେଇ-ଅଛନ୍ତି ।

ମଲାଟ ବନାଇ ବହିର ଦାମ ଟ ୧ ୯
କାଗଜ ବନାଇ ବହିର ଦାମ ଟ ୦ ୳୵
ଟ ୦ ୳୵ (ଦଶଅଣିଆ) ବହି ମଫସଲ ପଠାଯାଉଅଛି । ଯେଉଁମାନେ ଟଙ୍କାକିମ୍ବା ବହି ମୁହିକେଶ୍ୱମାନେ ଦୋକାନରୁ ଖରିଦ କରିବେ

କଟକ } ଶ୍ରୀ ଗୋପାଳବଲ୍ଲଭ ଦାସ
ଓଡିଶା କମିଶନରଙ୍କ ପର୍ସନାଲ
ଅସିଷ୍ଟାଣ୍ଟ ।

ପ୍ରୟୋଜନୀୟ ପୁସ୍ତକ ।

ପାରିବାରିକ ଚିକିତ୍ସା ଦୁଇଅଣା, ଜ୍ୱର ଚିକିତ୍ସା ଛଅଅଣା, ଗୋ ଚିକିତ୍ସା ୧ ମ ଭାଗ ଏକଅଣା, ୨ ୟ ଭାଗ ଦୁଇଅଣା, ବସନ୍ତ ଚିକିତ୍ସା ଏକଅଣା, କଲେରା ଚିକିତ୍ସା ଛଅପଇସା ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ଯେଉଁମାନେ ସାମାନ୍ୟ ଲେଖାପଢା କରିପାରନ୍ତି, ସେମାନେ ସହଜପ୍ରାପ୍ୟ ଚେର, ମୂଳ, ମସଲାଦ୍ୱାରା ଉପରୋକ୍ତ ରୋଗମାନ ଦମନ କରିପାରିବେ । ପଣ୍ଡିଆମାନଙ୍କର ସପ୍ତମ ସଂସ୍କରଣ ଏକଅଣାରେ ମିଳିବ । ସମଶ୍ରେଣୀର ପୁସ୍ତକ ମଧ୍ୟରେ ଏହା ସର୍ବୋତ୍କୃଷ୍ଟ ହେବରୁ ସ୍କୁଲ ପାଠ୍ୟ ହୋଇଅଛି ।

Digitized by srujanika@gmail.com

Split by PDF Splitter

ବିଜ୍ଞାପନ ।

ଉଦ୍‌ଯୋଗି ସମିତିର ଭଣ୍ଡାର
କଟକ

କ୍ରେତା ଓ ବିକ୍ରେତାର ସ୍ୱାର୍ଥ ଯହିଁରେ ବ୍ୟାଘାତ ନ ହୁଏ, ଅର୍ଥାତ୍ କ୍ରେତାର ଲାଭରେ ବିକ୍ରେତାର ଲାଭ ଏବଂ ବିକ୍ରେତାର ଲାଭରେ କ୍ରେତାର ଲାଭ ହୋଇପାରେ, ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ ଭଣ୍ଡାର ସ୍ଥାପିତ ହୋଇଅଛି । ପ୍ରବଞ୍ଚନା, କ୍ରୟ ସମୟରେ ଅକାରଣ ବାକ୍‌ବିତଣ୍ଡା ପ୍ରଭୃତିଠାରୁ କ୍ରେତାମାନଙ୍କୁ ରକ୍ଷାକରିବା ନିମନ୍ତେ ବିଶେଷ ଉପାୟ କରା ହୋଇଅଛି । ଦୋକାନରେ ରଖା ଯାଇଥିବା ଦ୍ରବ୍ୟାଦିର ମୂଲ୍ୟର ତାଲିକ କ୍ରେତାମାନେ ଦେଖିପାରନ୍ତି । ସେହି ନିର୍ଦ୍ଦିଷ୍ଟ ମୂଲ୍ୟର ହ୍ରାସ ବୃଦ୍ଧି କରିବାର କ୍ଷମତା କର୍ତ୍ତୃପକ୍ଷ ଛଡ଼ା ଆଉ କାହାର ନାହିଁ । କର୍ତ୍ତୃପକ୍ଷ ମଧ୍ୟ ବିଶେଷ ବିବେଚନାର ସହିତ ଯେତେଦୂର ସମ୍ଭବ ମୂଲ୍ୟ ସୁଲଭ କରିଥାନ୍ତି । ସମୁଦାୟ ଦ୍ରବ୍ୟର ତାଲିକା ଦେବା ସମ୍ଭବ ନୁହେଁ । ପ୍ରଧାନଂ କେତେକ ଦ୍ରବ୍ୟର ନାମ ପ୍ରକାଶ କରାଯାଉଅଛି ।

ଦେଶୀ ତନ୍ତର, ତନ୍ତକୋଣା, ଫରାସଡ଼ାଙ୍ଗା, ଧାକା ଓ ଶାନ୍ତିପୁରର ଧୂତି ଚଦର ଓ ଶାଢ଼ି; ଭିନ୍ନଂ ସ୍ଥାନର ତସର, ଗରଦ, ବାପ୍ତା; ନାନା ରକମର ପଶମି ଲୁଗା; ବୋମ୍ବାଇ, ମାନ୍ଦ୍ରାଜ, ନାଗପୁର, ଅହମଦାବାଦ ଓ କାନପୁର ପ୍ରଭୃତିର କଳର ତିଆରି ଚଦର ଲଂକ୍ଲଥ ଛିଟ ମୋଜା ଉଓଲିଆ ଗାଉନ ଓ ଗାମୁଛା ପ୍ରଭୃତି; ସର୍ବପ୍ରକାର ବାଦାମି ଓ ସାଦା କାଗଜ, ଚିଠିର କାଗଜ, ଲେଫାଫା, ଦୁଆତ, କାଳି, କଲମ, ପେନସିଲ, ଇରେଜର, ବ୍ରୁସ, କଇଁଚ, କ୍ଲିପେନ, ନିବ ପ୍ରଭୃତି, ସର୍ବପ୍ରକାର ଡ୍ରଇଙ୍ଗ ଦ୍ରବ୍ୟାଦି । ସର୍ବପ୍ରକାର ସାବୁନ, ବିବିଧ ସୁଗନ୍ଧତୈଳ ଓ ସୁଗନ୍ଧପାଣି; ବାର୍ଲି, ଆରାରୁଟ, ଶାଗୁ ପ୍ରଭୃତି ରୋଗୀମାନଙ୍କର ବଳବର୍ଦ୍ଧକ ପଥ୍ୟ; କଟକର ବିଖ୍ୟାତ ଶିଙ୍ଗର ଛଡ଼, ପାନିଆ ଓ ଖେଳଣା, ଏବଂ ରୂପାର ଉତ୍କୃଷ୍ଟ ଫୁଲ, ଅତର-ଦାନ, ଗୋଲାପ-ପାଶ, ରେକାବି, ନାନାବିଧ ଅଳଙ୍କାର । ଏହାଛଡ଼ା ଅନ୍ୟ ଦ୍ରବ୍ୟ ନେବାକୁ ଇଚ୍ଛାକଲେ ମୂଲ୍ୟର କେତେକାଂଶ ଜମା ଦେଲେ ସୁଲଭମୂଲ୍ୟରେ ଆଣି ଦିଆଯାଏ । କଟକ ଦେଓ୍ୱାନୀ ଅଦାଲତର ସମ୍ମୁଖରେ ଭଣ୍ଡାର ସ୍ଥାପିତ ।

ନୂତନ ଆମଦାନୀ
ନାନାବିଧ ଶୀତବସ୍ତ୍ର ।

ବନାରସ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନା ସ୍ଥାନର ରାଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ରାୟଗଡ଼, ସରେଇକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ସାଢ଼ୀ, ଧୋତି ଜୋଡ଼ି, ପେଗା, ବଂଶାପ, ବାପ୍ତା ସଙ୍ଗୀ ଦୋପଟ୍ଟା ମଣ୍ଡଳ, ଶିରରେ ବାନ୍ଧିବାର ଫେଟା, ରୁମାଲ, ସାଲ ଏବଂ ନାନାପ୍ରକାର ରହିଦ ଖଚିତ ଅଙ୍ଗୁସ୍ତି ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆରି କରିଦେଉଁ । ବରାତ ଦେବାବେଳେ ଆନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦୀ ବା ଇଂରାଜୀରେ ଲେଖିଲେ ନିଶ୍ଚୟରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରନ୍ତ ନିଆଯାଏ ।

ଶ୍ରୀ ପାନ୍ନାଲାଲ ଭୋଲାନାଥ
କୁଞ୍ଜଗଳି ଫାଟକ ବନାରସ ସିଟି

ଉଚ୍ଚପ୍ରାଇମେରୀ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗଭର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟେରୀ ।

ନୂତନ ପୁସ୍ତକ ।
ସଚିତ୍ର
ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି ତହିଁର ମୂଲ୍ୟ ଏକସାଙ୍ଗରେ ଟ ୧୬୷/ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

୧ ଆଦ୍ୟ ପର୍ବ	ଟ ୨୲
୨ ମଧ୍ୟ ପର୍ବ	ଟ ୨୲
୩ ସଭା ପର୍ବ	ଟ ୨୲
୪ ବନ ପର୍ବ	ଟ ୨।
୫ ବିରାଟ ପର୍ବ	ଟ ୧।
୬ ଉଦ୍‌ଯୋଗ ପର୍ବ	ଟ ୧।
୭ ଭୀଷ୍ମ ପର୍ବ	ଟ ୧।
୮ ଦ୍ରୋଣ ପର୍ବ	ଟ ୧୲
୯ କର୍ଣ୍ଣ ପର୍ବ	ଟ ୦।/
୧୦ ଶଲ୍ୟ ପର୍ବ	ଟ ୦ ୷/
୧୧ ଗଦା ପର୍ବ	ଟ ୦।
୧୨ ଡାଙ୍ଗିକୋ ବା ଐଷିକ ପର୍ବ	ଟ ୦।/
୧୩।୧୪ ନାରୀ ଓ ଶାନ୍ତି ପର୍ବ	ଟ ୦ ୷/
୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ	ଟ ୦୲
୧୭ ମୂଷଳୀ ପର୍ବ	ଟ ୦।/
୧୮ ସ୍ୱର୍ଗାରୋହଣ ପର୍ବ	ଟ ୦।
ସଟୀକ ଚୈତନ୍ୟ ଚରିତାମୃତ	ଟ ୨୲
ସଟୀକ ଅମରକୋଷ ଅଭିଧାନ ପଦ୍ୟାନୁବାଦ	ଟ ୧।
କାନ୍ତିହାରସ ଅଭିନ	ଟ ୦।/
ବଡ଼ ଷଡ଼ିଂହାସନ	ଟ ୦୲
ଶିବତତ୍ତ୍ୱସାର ବା ଶୈବଜୀବନ	ଟ ୦ ୷/

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

ଧାଡ଼ିପ୍ରତି	ଟ ୦ ୷/
ଅର୍ଦ୍ଧସ୍ତମ୍ଭକୁ	ଟ ୨ ୮
ପୂର୍ଣ୍ଣ ଏକ ସ୍ତମ୍ଭକୁ	ଟ ୩ ୮

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ଦର ଟ ୦ ୫ ଣାରୁ ଊଣା ହେବ ନାହିଁ

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର [illegible] କମ୍ପାନୀ "ଲିମିଟେଡ୍"ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com